R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୯୨
ତିଥି : ନବମୀ
୧୭ ଏପ୍ରିଲ ୨୦୨୪, ବୁଧବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur | Jeypore

Vol. - XXVI, No. 192
17 April 2024, Wednesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

ଏନ୍‌କାଉଣ୍ଟରରେ ୨୯ ନକ୍ସଲ ନିପାତ

ରାୟପୁର, ୧୬।୪ : ଛତିଶଗଡ଼ର କାଙ୍କେର ଜିଲ୍ଲାରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୧୮ ଜଣ ନକ୍ସଲ ନିହତ ହୋଇଛନ୍ତି । ଏମାନଙ୍କ ମଧ୍ୟରେ ମାଓବାଦୀ ସଂଗଠନର କିଛି ଟପ ଲିଡର ରହିଛନ୍ତି । ନକ୍ସଲ ସଂଗଠନର ଟପ୍ ନେତା ଶଙ୍କର ରାଓର ମୃତଦେହକୁ ପୁଲିସ୍ ଚିହ୍ନଟ କରିଛି । ତା' ମୁଣ୍ଡ ଉପରେ ୨୫ ଲକ୍ଷ ଟଙ୍କାର ପୁରସ୍କାର ରହିଥିଲା । ଏକାଧିକ ହିଂସା ଓ ଆକ୍ରମଣ ଘଟଣାରେ ଶଙ୍କର ରାଓ ସାମିଲ ଥିଲା ।

ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ, ୩ ଯବାନ ଆହତ

ସେହିପରି ନକ୍ସଲଙ୍କ ସହ ଲଢେଇ କରିବା ବେଳେ ୩ ଜଣ ସୁରକ୍ଷାକର୍ମୀ ଆହତ ହୋଇଛନ୍ତି । ସେମାନଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ମଙ୍ଗଳବାର କାଙ୍କେର ସ୍ଥିତ ଛୋଟେବେଡିୟା ପୁଲିସ୍ ଷ୍ଟେସନ ନିକଟସ୍ଥ ମାଦ ଅଞ୍ଚଳରେ ଥିବା ଗୋଟିଏ ଜଙ୍ଗଲରେ କିଛି ନକ୍ସଲ ଲୁଚି ରହିଥିବା ଖବର ମିଳିଥିଲା । ଏହାପରେ ଡିଆରଜି ଯବାନ ଓ ପୁଲିସ୍ ପକ୍ଷରୁ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା । ଦିନ ୧.୩୦ରୁ ଅପରେସନ ଆରମ୍ଭ କରାଯାଇଥିଲା । ତେବେ ଜଙ୍ଗଲ ଭିତରେ ସୁରକ୍ଷାକର୍ମୀଙ୍କୁ ଦେଖିବା ମାତ୍ରେ ନକ୍ସଲମାନେ ଗୁଳି ଚଳାଇବା ଆରମ୍ଭ କରିଥିଲେ । ଏହାର ଜବାବ ମଧ୍ୟ ସୁରକ୍ଷାକର୍ମୀମାନେ ଦେଇଥିଲେ । ଦୀର୍ଘ ସମୟ ଧରି ଚାଲିଥିବା ଏହି ଗୁଳି ବିନିମୟରେ ଏଯାଏ ୧୮ ଜଣ ନକ୍ସଲଙ୍କ ମୃତ୍ୟୁ ଘଟିଛି । ସେମାନଙ୍କ ମୃତଦେହକୁ ମଧ୍ୟ ଘଟଣାସ୍ଥଳରୁ ଜବତ କରାଯାଇଛି । ଏମାନଙ୍କ ମଧ୍ୟରେ ଶଙ୍କର ରାଓ ରହିଛି । ସେହିପରି ଘଟଣାସ୍ଥଳରୁ ଅନେକ ଅସ୍ତ୍ରଶସ୍ତ୍ର ମିଳିଛି । ଏହା ମଧ୍ୟରେ ୪ଟି ଏକେ ୪୭ ରହିଛି । ଏବେ ଏନକାଉଣ୍ଟର ଚାଲିଛି ଓ ଅଧିକ ସଂଖ୍ୟକ ଫୋର୍ସ ଘଟଣାସ୍ଥଳକୁ ଯାଇଛନ୍ତି । ତେଣୁ ଆଗକୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇ ପାରେ ବୋଲି ସ୍ଥାନୀୟ ଏସପି କଲ୍ୟାଣ ଇଲ୍ଲି ସେଲ। ସୂଚନା ଦେଇଛନ୍ତି । କାଙ୍କେର ଜିଲ୍ଲାରେ ଆସନ୍ତା ୨୬ ତାରିଖରେ ଲୋକମାନେ ଲୋକସଭା ନିର୍ବାଚନ ପାଇଁ ଭୋଟ ଦେବେ । ଏହାପୂର୍ବରୁ ଆଜି ସୁରକ୍ଷାକର୍ମୀମାନେ ନକ୍ସଲ ଦମନ ଅଭିଯାନକୁ ତୀବ୍ର କରିଛନ୍ତି ।

ଆତ୍ମସମର୍ପଣ କଲେ ୨୬

ମାଲକାନଗିରି, ୧୬।୪ (ସବ୍ୟୁ) : ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ରାଜ୍ୟ ଅନ୍ତର୍ଗତ ଦନ୍ତେୱାଡା ପୋଲିସ ନିକଟରେ ୨୬ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀମାନେ କିସ୍ତରାମ, ଭୈରମଗଡ, ମାଲାଙ୍ଗେର ଏବଂ କଟେକଲ୍ୟାନ ଅଞ୍ଚଳର ମାଓ କମିଟିରେ ସକ୍ରିୟ ସଦସ୍ୟମାନେ ଥିବା ଜଣାପଡିଛି ।

ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ଦନ୍ତେୱାଡା ପୋଲିସ କାର୍ଯ୍ୟାଳୟରେ ଏହି ମାଓବାଦୀ ମାନେ ଆତ୍ମସମର୍ପଣ କରିଛନ୍ତି । ଏହି ସମସ୍ତ ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ଦୀର୍ଘ ବର୍ଷ ଧରି ମାଓ ସଙ୍ଗଠନରେ କାର୍ଯ୍ୟ କରୁଥିବା ବେଳେ ଅନେକ ହିଂସାକାଣ୍ଡ ରେ ସଂପୃକ୍ତ ଥିଲେ । ତେବେ ମାଓ ସଙ୍ଗଠନ ଧିରେ ଧିରେ ନିଜର ସ୍ଥିତି ହରାଇବା ସହ ଦୁର୍ବଳ ହୋଇ ପଥ ଭ୍ରଷ୍ଟ ହୋଇଥିବାରୁ ଏମାନେ ସାଧାରଣ ଜୀବନ ଯାପନ ପାଇଁ ନିଷ୍ପତ୍ତି ନେଇ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି । ଆତ୍ମସମର୍ପଣ କାରୀ ମାଓବାଦୀଙ୍କ ମଧ୍ୟରେ ଜଣେ ୧ଲକ୍ଷ ଇନାମୀ କ୍ୟାଡ଼ର ମାଓବାଦୀ ଥିବାବେଳେ ଅନ୍ୟ ମାନେ ମାଓ ସଦସ୍ୟ ଭାବେ କାର୍ଯ୍ୟ କରୁଥିବା ଜଣାପଡିଛି ।ଆତ୍ମସମର୍ପଣ ପରେ ସରକାରୀ ନୀତି ଅନୁଯାୟୀ ସମସ୍ତଙ୍କୁ ଥଇଥାନ କରାଯିବ ବୋଲି ଦନ୍ତେୱାଡା ଏସପି ଗୌରବ ରାୟ ପ୍ରକାଶ କରିଛନ୍ତି । ତେବେ ମାଓବାଦୀଙ୍କ (୯ ପୃଷ୍ଠାରେ)

ଆଇଏଏସ୍ ପରୀକ୍ଷା ଫଳ ପ୍ରକାଶ

ଆଦିତ୍ୟ ଶ୍ରୀବାସ୍ତବ ଟପ୍ପର

ଓଡ଼ିଶାର ଅନିମେଶ ଦ୍ୱିତୀୟ

ନୂଆଦିଲ୍ଲୀ, ୧୬।୪ : ସର୍ବଭାରତୀୟ ପ୍ରଶାସନିକ ସେବା ୨୦୨୩ ପରୀକ୍ଷା ଫଳ ପ୍ରକାଶ ପାଇଛି । ଆଦିତ୍ୟ ଶ୍ରୀବାସ୍ତବ ଟପ୍ପର ହୋଇଥିବା ବେଳେ ଦ୍ୱିତୀୟ ସ୍ଥାନରେ ଅଛନ୍ତି ଓଡିଆ ପୁଅ ଅନିମେଶ ପ୍ରଧାନ ଏବଂ ତୃତୀୟ ସ୍ଥାନରେ ଡୋନୁରୁ ଅନନ୍ୟା ରେଡ୍ଡୀ । ୟୁପିଏସସି ପ୍ରତିବର୍ଷ ତିନୋଟି ପର୍ଯ୍ୟାୟରେ ସିଭିଲ ସର୍ଭିସେସ୍ ପରୀକ୍ଷା କରାଇଥାଏ ।ଏଥିରେ ଭାରତୀୟ ପ୍ରଶାସନିକ ସେବା, ଭାରତୀୟ ବୈଦେଶିକ ସେବା ଏବଂ ଭାରତୀୟ ପୁଲିସ ସେବାର ଅଧିକାରୀ ଚୟନ କରାଯାଇଥାଏ । ଏଥିପାଇଁ ତିନିଟି ପର୍ଯ୍ୟାୟ ପ୍ରାଥମିକ, ମୁଖ୍ୟ ଏବଂ ସାକ୍ଷାତକାର ପରୀକ୍ଷା ହୋଇଥାଏ ।୨୦୨୩ ବର୍ଷ ପାଇଁ ହୋଇଥିବା ପରୀକ୍ଷାରେ ମୋଟ ୧,୦୧୬ ଜଣ ପ୍ରାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ଓଡ଼ିଶାରୁ ପ୍ରଜ୍ଞାନନ୍ଦନ ଗିରି ୨୪ ରାଙ୍କ ପାଇଥିବା ବେଳେ ୩୬ ନଂ ରାଙ୍କରେ ଅଛନ୍ତି ଆୟୁଷି ପ୍ରଧାନ । ସେହିପରି ଜୟଶ୍ରୀ ପ୍ରଧାନ (୯ ପୃଷ୍ଠାରେ)

ବାରବାଟୀ ସଡକ ଦୁର୍ଘଟଣା

ଆହତଙ୍କୁ ଭେଟିଲେ ୫-ଟି ଅଧ୍ୟକ୍ଷ

ଭୁବନେଶ୍ୱର, ୧୬।୪ (ସବ୍ୟୁ) : ଗତକାଲି ରାତି ରେ ଯାଜପୁର ଜିଲ୍ଲା ବାରବାଟୀ ପାଖରେ ଦୁର୍ଘଟଣାଗ୍ରସ୍ତ ବସର ଆହତମାନଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ବୁଝିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଆଜି ବଡି ଭୋରରୁ ୫ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଏସସିବି ମେଡିକାଲ୍ କଲେଜକୁ ଯାଇଥିଲେ ।

ଶ୍ରୀ ପାଣ୍ଡିଆନ ଚିକିତ୍ସିତ ହେଉଥିବା ଆହତମାନଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିବା ସହ ଚିକିତ୍ସା ସମ୍ପର୍କରେ ଡାକ୍ତରମାନଙ୍କ ସହ ଆଲୋଚନା କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ପାଇଁ ପ୍ରତ୍ୟେକ ଜୀବନ ମୂଲ୍ୟବାନ । ସମସ୍ତଙ୍କୁ ଉପଯୁକ୍ତ (୯ ପୃଷ୍ଠାରେ)

ଆଜିଠୁ ତିନିଦିନ ଭୟଙ୍କର ତାତି

ତତଲା କଡ଼େଇରେ ସାରା ଓଡ଼ିଶା

ଭୁବନେଶ୍ୱର, ୧୬।୪ (ସବ୍ୟୁ) : ତତଲା କଡ଼େଇରେ ଭାଜି ହେଲା ଓଡ଼ିଶା । ସକାଳ ୮ଟାରୁ ପାଦର ଉପରମୁହାଁ ହେଉଛି । ପୂର୍ବାହ୍ନ ୧୦ଟା ହେଲେ ଘରୁ ବାହାରି ହେଉନି । ରାସ୍ତା ଘାଟ ପୂରା ଶୁନସାନ ହୋଇଯାଉଛି । ସତେଯେମିତି ଅଘୋଷିତ କର୍ଫ୍ୟୁ ଲାଗିଛି । ରାଜ୍ୟରେ ଚଳିତ ସିଜିନରେ ସର୍ବାଧିକ ତାପମାତ୍ରା ରେକର୍ଡ କରାଯାଇଛି । ମଙ୍ଗଳବାର ବାରିପଦାରେ ସର୍ବୋଚ୍ଚ ତାପମାତ୍ରା ୪୩.୬ ଡିଗ୍ରୀ ଛୁଇଁଛି । ରାଜ୍ୟର ଅନେକ ସ୍ଥାନରେ ତାପମାତ୍ରା ୪୦ ଡ଼ିଗ୍ରୀ ରେକର୍ଡ ହେବା ସହ ଆସନ୍ତାକାଲି(ବୁଧବାର)ଠାରୁ ୨୦ ତାରିଖ ମଧ୍ୟରେ କିଛି ଜିଲ୍ଲାରେ ୪୩ରୁ ୪୫ ଡ଼ିଗ୍ରୀ ଯାଏଁ ତାପମାତ୍ରା ରେକର୍ଡ ହେବାର ସମ୍ଭାବନା ରହିଛି । ଏହି ପାଣିପାଗ ସ୍ଥିତିକୁ ଲାକ୍ଷ୍ୟ କରି ପାଣିପାଗ କେନ୍ଦ୍ର ତରଫରୁ ଆଗାମୀ ୫ ଦିନ ଯାଏଁ ଗ୍ରୀଷ୍ମ ପ୍ରବାହ ପାଇଁ ଚେତାବନୀ ଜାରି କରାଯାଇଛି ।

ପାଣିପାଗ ବିଭାଗର କହିବାନୁସାରେ, ମଙ୍ଗଳବାର ୨୯ ସହରରେ ଦିନ ତାପମାତ୍ରା ୪୦ ଡ଼ିଗ୍ରୀ କିମ୍ବା ଅଧିକ ରେକର୍ଡ ହୋଇଛି । ୧୮ଟି ସହରରେ ୪୧ ଡିଗ୍ରୀ କିମ୍ବା ଅଧିକ ଦିନ ତାପମାତ୍ରା ରେକର୍ଡ କରାଯାଇଛି । ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ କିଛି ଦିନ ଭିତରେ ଏଥର ତାପମାତ୍ରା ୪୫ ଡିଗ୍ରୀ ପହଞ୍ଚି ପାରେ । ବାରିପଦାରେ ମଙ୍ଗଳବାର ୫.୫ ଡିଗ୍ରି ଅଧିକ ତାପମାତ୍ରା ରେକର୍ଡ କରାଯାଇଛି । ନୂଆପଡ଼ା ଓ ପାରଳାଖେମୁଣ୍ଡିରେ ସର୍ବୋଚ୍ଚ ତାପମାତ୍ରା ୪୨.୨ ଡିଗ୍ରୀ ଥିବାବେଳେ ତାଳଚେର, ବୌଦ୍ଧରେ ୪୨ ଡିଗ୍ରୀ ପାରା ଛୁଇଁଛି । ଭୁବନେଶ୍ୱରରେ (୯ ପୃଷ୍ଠାରେ)

୪୦° ଉପରେ ୨୯ ସହର ପାରଦ
୧୮ ସହରରେ ୪୧° ତାପମାତ୍ରା
ବାରିପଦା ୪୩.୬° ସହ ସବୁଠୁ ଉତ୍ତପ୍ତ
ଉପକୂଳରେ ଗୁଳୁଗୁଳି କରୁଛି କଲବଲ
ସନ୍ଧ୍ୟା ୫ଟା ଯାଏ ବୋହୁଛି ଝାଞ୍ଜି

ହାଇୱାକୁ ପିଟିଲା ବସ୍

ଡ୍ରାଇଭର ମୃତ, ୮ ଆହତ

ଅନୁଗୋଳ, ୧୬।୪ (ସବ୍ୟୁ) : ଅନୁଗୋଳ ଜିଲ୍ଲା ଜରପଡା ଠାରେ ଆଜି ବଡି ଭୋର ସମୟରେ ଏକ ଟ୍ରକ ପଛରେ ଏକ ଘରୋଇ ନାଇଟ କୋଚ ବସ ଧକ୍କା ଦେବା ଫଳରେ ବସ୍ ଚାଳକଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ୮ ଜଣ ଗୁରୁତର ଆହତ ହୋଇଛନ୍ତି । ସମସ୍ତଙ୍କୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ।

ସୂଚନା ମୁତାବକ 'ଡଲଫିନ' ନାମକ ଏକ ଘରୋଇ ବସ ରାଇପୁର କୋରବା ରୁ ପୁରୀ ଅଭିମୁଖେ ଯାଉଥିବା ବେଳେ ଅନୁଗୋଳ ଜରପଡା ଠାରେ ଏକ ବାଲି ବୋଝେଇ ଟ୍ରକ୍ ପଛରେ ଧକ୍କା ଦେଇଥିଲା । ଫଳରେ ଟ୍ରକ୍ ଟି ରାସ୍ତାରେ ଓଲଟି ପଡ଼ିଥିବା ବେଳେ ଘଟଣାସ୍ଥଳରେ ବସ୍ ଡ୍ରାଇଭର ତାରାପ୍ରସାଦ ଦାସଙ୍କର ମୃତ୍ୟୁ ଘଟିଥିଲା । ବସ୍ କଣ୍ଡକ୍ଟର ସୌମ୍ୟ ସ୍ୱରୂପ ନାଥ, ବସରେ ବସିଥିବା ଯାତ୍ରୀ ସତ୍ୟ, ଯାଜପୁରର ରଞ୍ଜନ ନାୟକ , ଦିଲ୍ଲୀର ବରୁଣ ସିଂ, ଯାଜପୁର କଲଣ ଗ୍ରାମର ପ୍ରକାଶ ଚନ୍ଦ୍ର ଖୁଣ୍ଟିଆ, କଟକରୁ ବୃଦ୍ଧ ନାରାୟଣ ଆଚାର୍ଯ୍ୟ, ତାଙ୍କ ଝିଅ (୯ ପୃଷ୍ଠାରେ)

ଅଶୋକାଷ୍ଟମୀରେ ଶ୍ରୀ ଲିଙ୍ଗରାଜଙ୍କ ରୁକୁଣା ରଥ ଟାଣୁଛନ୍ତି ହଜାର ହଜାର ଶ୍ରଦ୍ଧାଳୁ

ବିଜେପିର ଆଉ ଏକ ପ୍ରାର୍ଥୀ ତାଲିକା ଘୋଷଣା

ରାଉରକେଲାରୁ ଦିଲ୍ଲୀପ, ରଣପୁରରୁ ସୁରମା

ଭୁବନେଶ୍ୱର, ୧୬।୪ (ସବ୍ୟୁ) : ବିଧାନସଭା ନିର୍ବାଚନ ପାଇଁ ବିଜେପି ଆଜି ଆଉ ୨୧ ଜଣ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି । ପ୍ରଥମ ପର୍ଯ୍ୟାୟରେ ଦଳ ୧୧୨ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଥିବା ବେଳେ ସେଥିରୁ ଦୁଇଟିରେ ପ୍ରାର୍ଥୀଙ୍କୁ ବଦଳାଇଛି । ରଣପୁର ଓ ପଟ୍ଟାଙ୍ଗୀରେ ଦଳ ପ୍ରାର୍ଥୀ ବଦଳାଇଛି । ରଣପୁରରୁ ଦଳ ପ୍ରଥମେ ତାପସ ମାର୍ଥାଙ୍କୁ ପ୍ରାର୍ଥୀ କରିଥିଲା । ତେବେ ଆଜି ପ୍ରକାଶ ପାଇଥିବା ତାଲିକାରେ ତାଙ୍କ ବଦଳରେ ସୁରମା ପାଢୀଙ୍କୁ ପ୍ରାର୍ଥୀ କରାଯାଇଛି । ସେହିପରି ପଟ୍ଟାଙ୍ଗୀରେ ଚୈତନ୍ୟ ହନ୍ତାଳଙ୍କ ସ୍ଥାନରେ ଚୈତନ୍ୟ ନନ୍ଦବାଲିଙ୍କୁ ପ୍ରାର୍ଥୀ କରିଛି ଦଳ । ୨୦୧୯ରେ ନିର୍ବାଚନ ଲଢି ନଥିବା ପୂର୍ବତନ ମନ୍ତ୍ରୀ ଦିଲ୍ଲୀପ ରାୟ ଏଥର ନିର୍ବାଚନ ଲଢିବେ । ତାଙ୍କୁ ଦଳ ରାଉରକେଲାରୁ ପ୍ରାର୍ଥୀ କରିଛି । ଏହି ଆସନରୁ ଦିଲ୍ଲୀପ ରାୟ ତିନି ଥର ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି । ୧୯୮୫ ଓ ୧୯୯୦ରେ ଜନତା ଦଳ ଟିକେଟରେ ସେ ବିଜୟୀ ହୋଇଥିଲେ । ୨୦୧୪ରେ ସେ ଏହି ଆସନରୁ ବିଜେପି ଟିକେଟରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ନିକଟରେ ବିଜେଡି ଛାଡ଼ି ବିଜେପିରେ ଯୋଗ ଦେଇଥିବା କୈଳାଶ ଚନ୍ଦ୍ର କୁଲେସିକାଙ୍କୁ ପ୍ରାର୍ଥୀ କରାଯାଇଛି । (୯ ପୃଷ୍ଠାରେ)

ଇଭିଏମକୁ ହଟାଇ ହେବନି : ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୬।୪ : ନିର୍ବାଚନରେ ଇଭିଏମ୍ ପରିବର୍ତ୍ତେ ବାଲାଟ୍ ପେପର ବ୍ୟବହାରକୁ ନେଇ ଚାଲିଥିବା ଆଲୋଚନା ମଧ୍ୟରେ ସୁପ୍ରିମକୋର୍ଟ ମଙ୍ଗଳବାର କହିଛନ୍ତି ଯେ ବାଲାଟ୍ ପେପରକୁ ଫେରିବାର ଅନେକ ଅସୁବିଧା ରହିଛି । ସୁପ୍ରିମକୋର୍ଟରେ ଜଷ୍ଟିସ ସଞ୍ଜୀବ ଖାନ୍ନା ଇଭିଏମ ହଟାଇବା ପାଇଁ ଆବେଦନ ସପକ୍ଷରେ ଯୁକ୍ତି କରୁଥିବା ପ୍ରଶାନ୍ତ ଭୂଷଣଙ୍କୁ ପଚାରିଥିଲେ, ଏବେ ଆପଣ କ'ଣ ଚାହୁଁଛନ୍ତି ? ପ୍ରଶାନ୍ତ ଭୂଷଣ କହିଥିଲେ ଯେ ବାଲଟ୍ ପେପରକୁ ପ୍ରତ୍ୟାବର୍ତ୍ତନ । ଦ୍ୱିତୀୟଟି ହେଉଛି ବର୍ତ୍ତମାନ ଶତ ପ୍ରତିଶତ ଭିଭିପିଏଟି ସ୍ଲିପ ସହ ମେଳ କରାଇବା । କୋର୍ଟ କହିଛନ୍ତି ଯେ ଦେଶରେ ୯୮ କୋଟି ପଂଜୀକୃତ ଭୋଟର ଅଛନ୍ତି । ତାମଧ୍ୟରୁ ପ୍ରାୟ ୬୦ କୋଟି ଭୋଟ ଦିଅନ୍ତି । ଆପଣ ଚାହୁଁଛନ୍ତି ୬୦ କୋଟି ଭୋଟ୍ ଗଣତି ହେଉ । ପ୍ରଶାନ୍ତ ଭୂଷଣ କହିଛନ୍ତି ଯେ ମତଦାନ ବାଲାଟ୍ ମାଧ୍ୟମରେ କରାଯାଇପାରିବ କିମ୍ବା ଭିଭିପିଏଟିରେ ସ୍ଲିପ୍ ଭୋଟରମାନଙ୍କୁ ଦିଆଯାଉ । ଜଷ୍ଟିସ ସଞ୍ଜୀବ ଖାନ୍ନା କହିଛନ୍ତି ଯେ ସାଧାରଣତଃ ମଣିଷର ହସ୍ତକ୍ଷେପ ସମସ୍ୟା ସୃଷ୍ଟି କରିଥାଏ । ଯେତେବେଳେ ମଣିଷର ହସ୍ତକ୍ଷେପ ହୁଏ କିମ୍ବା ସଫ୍ଟୱେୟାର କିମ୍ବା ମେସିନରେ ଅନଧିକୃତ ପରିବର୍ତ୍ତନ ହୁଏ ସେତେବେଳେ ଏହି ସମସ୍ୟା ଉପୁଜିଥାଏ । ଏହାକୁ ରୋକିବା ପାଇଁ ଯଦି ଆପଣଙ୍କର କୌଣସି ପରାମର୍ଶ ଅଛି, ତେବେ ଆପଣ ଏହାକୁ ଆମକୁ ଦେଇପାରିବେ ।

ବେଆଇନ ବନ୍ଧୁକ କାରଖାନା ଠାବ : ୨୨ ଦେଶୀ ବନ୍ଧୁକ ଜବତ, ୩ ଗିରଫ

ସମ୍ବଲପୁର, ୧୬।୪ (ସବ୍ୟୁ) : ବେଆଇନ ଦେଶୀ ବନ୍ଧୁକ କାରଖାନା ଠାବ ହୋଇଛି । ଏହି କାରଖାନା ପ୍ରାୟ ୨ବର୍ଷ ହେବ ଚାଲୁଥିଲା । ବନ୍ୟଜନ୍ତୁ ଶିକାର ଉଦ୍ଦେଶ୍ୟରେ ବନ୍ଧୁକ ତିଆରି କରାଯାଉଥିଲା । ମାତ୍ର ୧୦ରୁ ୧୫ହଜାର ଟଙ୍କାରେ ବିକ୍ରି କରାଯାଉଥିଲା । ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଜମନକିରା ପୋଲିସ ଚଢଉ କରିଛି । ଚଢଉ ବେଳେ ୨୨ଟି ଦେଶୀ ବନ୍ଧୁକ ଜବତ ହୋଇଛି । ଏଥିସହ ବନ୍ଧୁକ ତିଆରି ପାଇଁ ଆବଶ୍ୟକ ସାମଗ୍ରୀ ମଧ୍ୟ ଜବତ ହୋଇଛି । ଏନେଇ ଜମନକିରା ଥାନାରେ ୭୭/୨୪ରେ ଏକ ମାମଲା ରୁଜୁ କରାଯାଇ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ।

ମଙ୍ଗଳବାର ଜିଲ୍ଲା ପୋଲିସ କାର୍ଯ୍ୟାଳୟ ଠାରେ ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ । ସେ ଆହୁରି କହିଥିଲେ ଯେ, ଦେଶୀ ବନ୍ଧୁକ କାରବାର ବେଳେ ସମ୍ବଲପୁର ପୋଲିସ ଚିରଗୋନିଖୋଲ ଗ୍ରାମର ଗଣେଶ ସିଂ(୩୯) ଓ ଅରୁଣ ଭୋଇ(୨୨)ଙ୍କୁ ପୋଲିସ ୨ଟି ବନ୍ଧୁକ ସହ ଗିରଫ (୯ ପୃଷ୍ଠାରେ)

ଇତିହାସ

୧୯୪୬– ସିରିଆ ଫ୍ରାନ୍ସ ଠାରୁ ସ୍ୱାଧୀନତା ମିଳିବାର ଘୋଷଣା କରିଥିଲା ।

୧୯୪୭– ଶ୍ରୀଲଙ୍କାର ଖେଳାଳି ମୁଥୟା ମୁରଲୀଧରନଙ୍କର ଜନ୍ମ ।

୧୯୭୧– ଲିବିୟା ଓ ସିରିଆ ଓ ମିଶ୍ର ଦେଶ ମିଶି ୟୁନାଇଟେଡ୍ ଆରବ ଷ୍ଟେଟ ନିର୍ମାଣ କରିବା ପାଇଁ ସଙ୍ଘ ଗଠନ କରିଥିଲେ ।

୧୯୭୫– ଭାରତରେ ଦ୍ୱିତୀୟ ରାଷ୍ଟ୍ରପତି ଏସ୍ ରାଧାକ୍ରିଷ୍ଣନଙ୍କ ନିଧନ ।

୧୯୮୨– କାନାଡାର ସମ୍ବିଧାନ ଘୋଷଣା କରାଯାଇଥିଲା ।

୧୯୮୨– ଆମେରିକାର ନେବାଦ ପରୀକ୍ଷଣ ସ୍ଥଳରେ ପରମାଣୁ ପରୀକ୍ଷଣ ।

ସୋସିଆଲ କୋଟ୍ସ

ଅନେକ ଥର ରିଜେକ୍ଟ ହେବା ପରେ ଲାଗିଲା ଜୀବନ ବଞ୍ଚିବାର ଲକ୍ଷ ସରିଯାଇଛି । ଏହି ସମୟରେ ଅନେକ ବର୍ଷ ଧରି ମୁଁ ଡିପ୍ରେସନ୍‌କୁ ଚାଲିଯାଇଥିଲି । ହେଲେ ବିଗ୍‌ବସ୍‌ରେ କାମ ମିଳିବା ପରେ ସବୁ ଠିକ୍ ହୋଇଥିଲା ।

ବିଜୟ ବିକ୍ରମ, ଭଏସ୍ ଆର୍ଟିଷ୍ଟ

ଆନିମଲ ଫିଲ୍ମ କାରଣରୁ ମୋ ଫିଲ୍ମ ଚିଠାକୁ ଥିଏଟର ମିଳି ନଥିଲା । ହେଲେ ମୋ କାମ ଉପରେ ମୋର ଭରସା ଥିଲା । ଲୋକଙ୍କୁ ଭଲ କଣ୍ଟେଣ୍ଟ ଦରକାର ।

ସିଦ୍ଧାର୍ଥ, ଅଭିନେତା



ଆମ ପରିବାର ବର୍ତ୍ତମାନ ଚିନ୍ତାରେ ରହିଛି । ଏଭଳି ଘଟଣା ଆମକୁ ଖୁବ ଦୁଃଖ ଦେଇଛି । ତେବେ କୌଣସି ବ୍ୟକ୍ତି ଆମ ପରିବାର ପକ୍ଷରୁ ଷ୍ଟେଟମେଣ୍ଟ ଦିଅନ୍ତୁ ନାହିଁ । ଆମେ ବର୍ତ୍ତମାନ କିଛି କହିବା ସ୍ଥିତିରେ ନାହୁଁ ।

ଅରବାଜ ଖାନ, ଅଭିନେତା ।

ରାମନବମୀ

କଳିଯୁଗରେ ଏକମାତ୍ର ରାମନାମ ଗୁଣଗାନ ହିଁ ପ୍ରାଣୀ ଜଗତକୁ ଉଦ୍ଧାର କରିବାରେ ସହାୟକ ହେଉଛି ଏବଂ ଆଗକୁ ମଧ ହେଉଥିବ । ସନ୍ଥଙ୍କ ବାଣୀ ଅନୁସାରେ, ପ୍ରଭୁ ଶ୍ରୀରାମଙ୍କ ଭକ୍ତିରେ କପଟ, ଦେଖାଣିଆ ପୂଜାର୍ଚ୍ଚନାର କୌଣସି ମାନେ ନାହିଁ । ସେ ଆନ୍ତରିକ ଭକ୍ତିର ପ୍ରଭୁ । ଗୋସ୍ୱାମୀ ତୁଳସୀଦାସ କହିଛନ୍ତି, କେବଳ ପ୍ରେମ ଓ ଭକ୍ତିରେ ପ୍ରଭୁ ଶ୍ରୀରାମ ପ୍ରାପ୍ତ ହୋଇଥାଆନ୍ତି । ରାମନବମୀ ହିନ୍ଦୁଙ୍କର ଏକ ସାଂସ୍କୃତିକ ପର୍ବ । ଏହି ପର୍ବ ମର୍ଯ୍ୟାଦାପୁରୁଷତ୍ତୋମ ଭଗବାନ ରାମଙ୍କ ଜନ୍ମଦିନ ରୂପରେ ପ୍ରତିବର୍ଷ ଚୈତ୍ର ଶୁକ୍ଳପକ୍ଷ ନବମୀରେ ପାଳନ କରାଯାଏ । ଭଗବାନ ରାମ ଅଯୋଧ୍ୟାରେ ଆଜିର ଦିନରେ ରାଜା ଦଶରଥ ଓ ଦେବୀ କୌଶଲ୍ୟାଙ୍କ ପୁତ୍ର ଭାବେ ଜନ୍ମ ଗ୍ରହଣ କରିଥିଲେ । ଏଥିସହ ଦଶରଥଙ୍କର ଆଉ ଦୁଇ ରାଣୀ ଥିଲେ ଯଥା କୈକେୟୀ ଓ ସୁମିତ୍ରା, ତାଙ୍କ ପୁତ୍ର ଭାବେ ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନ ମଧ ରାମଙ୍କ ଭାଇ ରୂପେ ଜନ୍ମ ଗ୍ରହଣ କରିଥିଲେ । ରାଜକୁମାର ଶ୍ରୀରାମ ତଥା ଅନ୍ୟ ତିନି ଭାଇଙ୍କ ଶିକ୍ଷା–ଦୀକ୍ଷାର ପ୍ରବନ୍ଧ ବଶିଷ୍ଠ ମୁନିଙ୍କ ଆଶ୍ରମରେ ହୋଇଥିଲା। ସେ ଦଶରଥଙ୍କର ପୂଜ୍ୟ ଗୁରୁ ଥିଲେ। ଏହାଛଡ଼ା କିଛି ବିଶେଷ ଶାସ୍ତ୍ରର ଜ୍ଞାନ ଋଷି ବିଶ୍ୱାମିତ୍ରଙ୍କଠୁ ମଧ ପ୍ରାପ୍ତ ହୋଇଥିଲା। ବିଶ୍ୱାମିତ୍ରଙ୍କ ସହ ଭାଇ ଲକ୍ଷ୍ମଣଙ୍କ ଓ ପ୍ରଭୁ ରାମ ଜନକ ରାଜଧାନୀ ମିଥିଳା ଭ୍ରମଣ କରି ଧନୁଷଯଜ୍ଞରେ ଭାଗ ନେଇଥିଲେ। ଯେଉଁଠାରେ ଭଗବାନ ଶଙ୍କରଙ୍କ ପ୍ରଦନ୍ନ ଦିବ୍ୟ ଧନୁ ରହିଥିଲା । ତାକୁ ଯିଏ ଭାଙ୍ଗିବ ସେ ଜନକଙ୍କ କନ୍ୟା ସୀତାଙ୍କୁ ବିବାହ କରିବେ ବୋଲି ଏକ ବଡ଼ ସୋୟମ୍ବର ଡକାଯାଇଥିଲା । ଏହି ସଭାରେ ଅନେ ରାଜ୍ୟର ଶାସକମାନେ ଭାଗ ନେଇଥିଲେ । କିନ୍ତୁ କେହି ସେହି ଧନୁ ଭାଙ୍ଗିବାରେ ସଫଳ ହୋଇନଥିଲେ । ପ୍ରଭୁ ରାମ କିନ୍ତୁ ଏହି କାମକୁ ଅତି ସହଜରେ ସମ୍ପନ୍ନ କରିଥିଲେ ଯାହାପୂର୍ବକ ରାଜା ଜନକ ମା'ସୀତାଙ୍କ ବିବାହ ପ୍ରଭୁ ରାମଙ୍କ ସହ ସମ୍ପନ୍ନ କରାଇଥିଲେ। ସେଠାରେ ଏକସଙ୍ଗେ ଜନକଙ୍କ ଚାରି ଝିଅଙ୍କ ବିବାହ ରାମ ଓ ତାଙ୍କ ଭାଇଙ୍କ ସହ ସମ୍ପନ୍ନ ହୋଇଥିଲା । ତେବେ କିଛିଦିନ ପରେ ପିତୃସତ୍ୟ ପାଳିବା ପାଇଁ ପ୍ରଭୁ ରାମ, ମା'ସୀତା ଓ ଲକ୍ଷ୍ମଣ ବନବାସ ଗମନ କରିଥିଲେ । ବନବାସ ସରିବା ପରେ ଅଯୋଧ୍ୟାରେ ରାମଚନ୍ଦ୍ରଙ୍କର ଶାସନ ଚାଲିଥିଲା, ଏହି ରାମରାଜ୍ୟ ସମସ୍ତଙ୍କର ଆଦର୍ଶ ଥିଲା। ରାମ ନବମୀକୁ ରାମଙ୍କ ଜନ୍ମଦିନ ମାନି ହିନ୍ଦୁଧର୍ମାବଲମ୍ବୀମାନେ ଏହି ବ୍ରତ ପାଳନ କରିଥାନ୍ତି। ଏହିଦିନ ମନ୍ଦିରରେ ପୂଜାର ଆୟୋଜନ ହୋଇଥାଏ । ବିଭିନ୍ନ ରାମ ମନ୍ଦିରରେ ଖୁବ ଆଡମ୍ବର ପୂର୍ଣ୍ଣ ଭାବେ ରାମ ନବମୀ ପାଳନ ହୋଇଥାଏ । ବିଭିନ୍ନ ସ୍ଥାନରେ ରାମଲିଳାର ଆୟୋଜନ ମଧ କରାଯାଇଥାଏ । ଯେଉଁଠାରେ ରାମଙ୍କର ଜୀବନୀକୁ ଲୋକଙ୍କ ପାଖରେ ନାଟକ ଆକାରରେ ପ୍ରସ୍ତୁତ କରାଯାଇଥାଏ ।

ଗୋପୀନାଥ ଦାଶ

ମୋ : ୮୮୯୫୨୯୬୧୬୭

ବିଲ୍‌ଗେଟ୍ସଙ୍କ ସଚେତନତା

ମାଇକ୍ରୋସଫ୍ଟ ପ୍ରତିଷ୍ଠାତା ବିଲ୍‌ଗେଟ୍ସଙ୍କର ଏକ ଫଟୋ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଫଟୋଟିରେ ନିଜେ ବିଲ୍‌ଗେଟ୍ସ ଏକ ପାଥ ହୋଲ୍‌କୁ ମଡର୍ଣ୍ଣ ଆସଫାଲ୍ଟରେ ଭରୁଥିବାର ଦେଖିବାକୁ ମିଳିଛି । ଏହି ସାମଗ୍ରୀ ଏକ ସ୍ୱତନ୍ତ୍ର ପ୍ରକ୍ରିୟାରେ ପ୍ରସ୍ତୁତ କରାଯାଇଛି । ଏହାକୁ ଏଭଳି କାର୍ବନରୁ ପ୍ରସ୍ତୁତ କରାଯାଇଛି, ଯାହା କ୍ଲିନ୍ ହାଇଡ୍ରୋଜେନ୍ ତିଆରି କରିବା ସମୟରେ ନ୍ୟାଚୁରାଲ ଗ୍ୟାସକୁ ଡି କାର୍ବୋନାଇଜ୍ କରିଥାଏ । ବିଲ୍‌ଗେଟ୍ସ ଅନେକ ସମୟରୁ ମଡର୍ଣ୍ଣ ହାଇଡ୍ରୋଜେନ୍‌ରେ ଇନ୍‌ଭେଷ୍ଟର ଭାବେ କାର୍ଯ୍ୟ କରୁଛନ୍ତି । ସେ ଗ୍ରୀନ ହାଉସ୍ ଗ୍ୟାସ୍ ଏମିସନକୁ କମାଇବା ପାଇଁ ଏହି ପାଥ ହୋଲ୍‌କୁ ମଡର୍ଣ୍ଣ ଆସଫାଲ୍ଟରେ ଭରିଥିବା ନିଜ ସୋସିଆଲ ମିଡିଆରେ ଉଲ୍ଲେଖ କରିଛନ୍ତି । ଆଗକୁ ଏହ ମଡର୍ଣ୍ଣ ଆସଫାଲ୍ଟରେ ରାସ୍ତା ନିର୍ମାଣ କରାଯିବ, ଯାହା ଫଳରେ ଗ୍ରୀନ ହାଉସ ଗ୍ୟାସ୍ ଏମିସନ କମିବ ।

ମାଇଣ୍ଡଫୁଲ୍ ବ୍ରେକ୍‌ଫାଷ୍ଟ

ମାଇଣ୍ଡଫୁଲ୍ ବ୍ରେକ୍‌ଫାଷ୍ଟ କହିଲେ ଏକ ହେଲ୍ଦି ବ୍ରେକ୍‌ଫାଷ୍ଟକୁ ବୁଝାଏ ଯେଉଁଥିରେ ସମସ୍ତ ପ୍ରକାରର ପୋଷଣ ଭରପୂର ହୋଇ ରହିଥାଏ । ଏହି ଖାଦ୍ୟରେ ଜିଙ୍କ୍ ମ୍ୟାଗ୍ନେସିୟମ ଠାରୁ ଆରମ୍ଭ କରି ଭିଟାମିନ୍‌ର ପରିମାଣ ଅଧିକ ରହିବ । ପ୍ରତିଦିନ ସକାଳୁ ମାଇଣ୍ଡଫୁଲ୍ ବ୍ରେକ୍‌ଫାଷ୍ଟର ବିଶେଷ ଆବଶ୍ୟକତା ରହିଛି । ସବୁବେଳେ ସକାଳୁ ଜଳଖିଆରେ ପେଟ ଭରି ଖାଇବାକୁ ଚେଷ୍ଟା କରନ୍ତୁ । ବିଭିନ୍ନ ହେଲଦି ଘର ଖାଇବା ଏଥିରେ ସାମିଲ କରନ୍ତୁ, ଯେପରି ଆପଣଙ୍କୁ ସମସ୍ତ ପ୍ରକାରର ପୋଷଣା ମିଳି ପାରିବ । ସକାଳର ମାଇଣ୍ଡଫୁଲ୍ ବ୍ରେକ୍‌ଫାଷ୍ଟ ଆପଣଙ୍କୁ ଦିନ ସାରା ଏର୍ନଜେଟିକ୍ ରଖିବାରେ ସାହାଯ୍ୟ କରିଥାଏ । ଏହା ଆମର ଉଭୟ ଶାରିରୀକ ଓ ମାନସିକ ସ୍ୱାସ୍ଥ୍ୟ ପାଇଁ ଜରୁରୀ ହୋଇଥାଏ । ସୁସ୍ଥ ରହିବା ପାଇଁ ଏହା ସବୁଠାରୁ ଭଲ ଉପାୟ ହୋଇଥାଏ, ତେଣୁ ସବୁବେଳେ ବାଲାନ୍ସଡ୍ ବ୍ରେକ୍‌ଫାଷ୍ଟ ଖାଇବା ପାଇଁ ଚେଷ୍ଟା କରନ୍ତୁ । ଏହା ଆମର ରୋଗପ୍ରତିରୋଧକ ଶକ୍ତି ବଢାଇବାରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାଏ ।

ହାଃ ହାଃ

୧୨ ବର୍ଷ ପରେ ପିଣ୍ଟୁ ଜେଲ୍‌ରୁ ବାହାରିଲା ଓ ଖୁବ୍ କ୍ଳାନ୍ତ ଅନୁଭବ କରି ଘରେ ପହଞ୍ଚିବା ପରେ ସ୍ତ୍ରୀ ମାନସୀ କହିଲା– କୁଆଡେ ବୁଲୁଥିଲ ?

ପିଣ୍ଟୁ– କୁଆଡ଼େ କାହିଁକି ବୁଲିବି ?

ମାନସୀ– ଆଉ ଏତେ ଡେରି କାହିଁକି ହେଲା । ଜେଲ୍‌ରୁ ତ ଦୁଇଘଣ୍ଟା ପୂର୍ବରୁ ବାହାରିଯାଇଥିଲ !

ସ୍ତ୍ରୀ ମାନସୀ କଥା ଶୁଣି ପିଣ୍ଟୁ ପୁଣି ଜେଲ୍‌କୁ ପଳାଇଲା ।

ସବୁଠାରୁ ପତଳା ବିଲ୍ଡିଂ

ଫ୍ରାନ୍ସର ଏକ ବିଲ୍ଡିଂ ବର୍ତ୍ତମାନ ଇଣ୍ଟରନେଟ୍‌ରେ ଚର୍ଚ୍ଚାର ବିଷୟ ପାଲଟିଛି । ଏହି ବିଲ୍ଡିଂଟି ବିଶ୍ୱର ସବୁଠାରୁ ପତଳା ବିଲ୍ଡିଂ ଭାବେ ରେକର୍ଡ କରିଛି । ଏହି ଷ୍ଟ୍ରକଚରକୁ ପ୍ରସିଦ୍ଧ ଆର୍ଟିଷ୍ଟ ଏର୍‌ୱିନ୍ ୱ୍ରୁମ୍ ନିର୍ମାଣ କରିଛନ୍ତି । ଘରଟିର ଲମ୍ବା ୧୮ ମିଟର ଥିଲାବେଳେ ଓସାର ୧.୩୦ ମିଟର ରହିଛି । ଆର୍ଟିଷ୍ଟ ଜଣଙ୍କ ନିଜ ବାପାମା' ରହୁଥିବା ଘରର ରେପ୍ଲିକା ଭାବେ ଏହି ବିଲ୍ଡିଂକୁ ନିର୍ମାଣ କରିଛନ୍ତି । ଏଥିରେ ଥିବା ସମସ୍ତ ଆସବାବ ପତ୍ରକୁ ସ୍ୱତନ୍ତ୍ରଭାବେ ନିର୍ମାଣ କରାଯାଇଛି ଯେପରି ଏହା ସେହି ଛୋଟ ବିଲ୍ଡିଂରେ ଫିଟ୍ ହୋଇ ପାରିବ । ଏହି ଆର୍ଟିଷ୍ଟଙ୍କର ଆଗରୁ ମଧ ଅନେକ ଆର୍ଟ ରହିଛି, ଯାହାକୁ ଲୋକ ବେଶ୍ ପସନ୍ଦ କରିଛନ୍ତି । ସେ ସବୁବେଳେ ୟୁନିକ୍ ଜିନିଷ ପ୍ରସ୍ତୁତ କରି ଚର୍ଚ୍ଚାକୁ ଆସିଥାଆନ୍ତି ।

ଜେମ୍‌ଷ୍ଟୋନ ଜୁଏଲାରୀ

ବର୍ତ୍ତମାନ ଲୋକମାନେ ଜେମ୍ ଷ୍ଟୋନକୁ କେବଳ ମୁଦିରେ ପିନ୍ଧା ଯାଉନାହିଁ । ଏହାକୁ ବିଭିନ୍ନ ପ୍ରକାରର ଜୁଏଲାରୀ କରି ପିନ୍ଧା ଯାଉଛି । ଯାହାର କ୍ରେଜ ବର୍ତ୍ତମାନ ଯୁବପିଢିଙ୍କ ଭିତରେ ଦେଖିବାକୁ ମିଳୁଛି । ଆସନ୍ତୁ ଜାଣିବା ସେହିଭଳି କିଛି ଜୁଏଲାରୀ ବିଷୟରେ ।

ନେକ୍‌ଲେସ୍– ଆପଣ ନିଜର ଜାତକ ଅନୁସାରେ ଜେମ୍‌ଷ୍ଟୋନ୍‌କୁ ନେକଲେସ୍ ଫିଟ୍ କରିପାରିବେ । ଆଜିକାଲି ସେଥିପାଇଁ କଷ୍ଟମ ନେକ୍‌ଲେସ୍ ସେଟ୍ ମିଳି ଯାଉଛି । ସେହିଭଳି ବିଭିନ୍ନ ଜେମ୍‌ଷ୍ଟୋନ୍‌କୁ ମିଶାଇ ମଧ ନେକ୍‌ଲେସ୍ ସେଟ୍ ପ୍ରସ୍ତୁତ କରାଯାଉଛି, ଯାହାକୁ ସେମିତି ଖାଲିରେ ବିନା ଜାତକ ଦେଖାରେ ପିନ୍ଧି ପାରିବେ । ଏଗୁଡିକର ଷ୍ଟାଇଲ୍ ହଟକେ ହୋଇଥିବାରୁ ଏଗୁଡିକୁ ଲୋକ ବେଶ୍ ପସନ୍ଦ କରୁଛନ୍ତି ।

ବ୍ରେସଲେଟ୍– ନେକଲେସ୍ ଭଳି ବ୍ରେସଲେଟ୍‌ରେ ମଧ ବର୍ତ୍ତମାନ ଜେମ୍ ଷ୍ଟୋନ ବ୍ୟବହାର କରାଯାଉଛି । ଏଗୁଡିକ ବେଶ୍ ସୁନ୍ଦର ଓ ବଜେଟ୍ ଫ୍ରେଣ୍ଡଲି ରହୁଛି, ଯେଉଁ କାରଣରୁ ଏହା ପ୍ରତି ଲୋକଙ୍କର ଆଗ୍ରହ ବଢୁଛି । ଏହି ବ୍ରେସଲେଟ ଗୁଡିକ ବିଭିନ୍ନ ରଙ୍ଗର ମିଳୁଛି । ଆପଣ ଏହାକୁ ନିଜ ପସନ୍ଦର କିମ୍ବା ଆପଣଙ୍କ ପାଇଁ ଉପଯୁକ୍ତ ଥିବା ଜେମ୍ ଷ୍ଟୋନକୁ ବ୍ୟବହାର କରି ନିର୍ମାଣ କରିପାରିବେ ।

ମୁଦି– ଜେମ୍‌ଷ୍ଟୋନ ପାଇଁ ଜୁଏଲାରୀ ଭାବେ ମୁଦିକୁ କାହିଁ କେଉଁ କାଳରୁ ବ୍ୟବହାର କରାଯାଇ ଆସୁଛି । ତେଣୁ ନିଜ ରାଶିକୁ ସୁହାଉଥିବା ଭଳି ଜେମ୍‌ଷ୍ଟୋନକୁ ଆପଣ ମୁଦିରେ ଲଗାଇ ପିନ୍ଧି ପାରିବେ । ଯାହା ହାତକୁ ବେଶ୍ ସୁନ୍ଦର ଲାଗିଥାଏ । ଏହା ଜେମ୍‌ଷ୍ଟୋନର ସବୁଠାରୁ କମନ ଜୁଏଲାରୀ ଭାବେ ଗଣାଯାଇଥାଏ ।

ଏକାଠି କରିବେ ଡ୍ୟାନ୍ସ

ବର୍ତ୍ତମାନ ଭୁଲଭୁଲେୟାଁ–୩କୁ ନେଇ ଅନେକ ଚର୍ଚ୍ଚା ଜାରି ରହିଛି । ଏଥିରେ କାର୍ତ୍ତିକ ଆରିୟନଙ୍କ ସହିତ ତୃପ୍ତି ଡିମରୀ ଲିଡ୍ ରୋଲରେ ନଜର ଆସିବେ । ତେବେ ଏହି ଫିଲ୍ମର ଆଉ ଏକ ଆକର୍ଷଣ ସାଜିଛନ୍ତି ବିଦ୍ୟା ବାଲାନ । ପ୍ରଥମ ଭାଗରେ ମଞ୍ଜୁଲିକା ଚରିତ୍ରରେ ନଜର ଆସିଥିବା ବିଦ୍ୟା ତୃତୀୟ ଭାଗରେ ମଧ ମଞ୍ଜୁଲିକା ଚରିତ୍ରରେ ନଜର ଆସିବେ ବୋଲି ଚର୍ଚ୍ଚା ହେଉଛି । ବର୍ତ୍ତମାନ ଆଉ ଏକ ଖବରକୁ ନେଇ ଫିଲ୍ମଟି ଚର୍ଚ୍ଚାକୁ ଆସିଛି । ଫିଲ୍ମରେ ମାଧୁରୀ ଦିକ୍ଷିତଙ୍କୁ ମଧ ଦେଖିବାକୁ ମିଳିବ । ଏଥିରେ ମାଧୁରୀ ଓ ବିଦ୍ୟା ବାଲାନ୍‌ଙ୍କ ମଧରେ ଡ୍ୟାନ୍ସ ଫେସ୍‌ଅପ ଦେଖିବାକୁ ମିଳିବ ବୋଲି ସୂଚନା ରହିଛି । ଫିଲ୍ମର ଫେମସ ସଙ୍ଗ 'ଆମି ଜେ ତୋମାର'ରେ ଉଭୟଙ୍କ ଡ୍ୟାନ୍ସ ଦେଖିବାକୁ ମିଳିବ । ବର୍ତ୍ତମାନ ମେକର୍ସମାନେ କେବଳ ଏହି ଗୀତ ଉପରେ ସମସ୍ତ ଧ୍ୟାନ ଦେଉଥିବା ଜଣାପଡିଛି । ଗୀତଟି ଫିଲ୍ମର ପ୍ରମୁଖ ଆକର୍ଷଣ ହେବ ବୋଲି ମେକର୍ସଙ୍କ ପକ୍ଷରୁ କୁହାଯାଇଛି । ଗୀତଟିର ସୁଟିଂ ଆରମାସରେ ଆରମ୍ଭ ହେବ ବୋଲି ଜଣା ପଡିଛି । ସେହିଭଳି ନିକଟରେ କାର୍ତ୍ତିକ ଆରିୟନଙ୍କୁ ଏହି ଫିଲ୍ମ ପାଇଁ ସୁଟିଂ କରୁଥିବାର ଦେଖିବାକୁ ମିଳିଥିଲା ।

ସମ୍ବଲପୁର ସାଂସଦ ତଥା ଦେବଗଡ ରାଜା ନୀତେଶ ଗଙ୍ଗଦେବଙ୍କ ପତ୍ନୀ ଅରୁନ୍ଧତୀ ଦେବୀ ମଙ୍ଗଳବାର ବିଜେଡିରେ ଯୋଗ ଦେଇଛନ୍ତି । ତାଙ୍କ ସହ ତାଙ୍କ ପୁତ୍ର ନମନ ଗଙ୍ଗଦେବ ମଧ୍ୟ ବିଜେଡିରେ ଯୋଗ ଦେଇଛନ୍ତି । ନବୀନ ନିବାସ ଠାରେ ସେମାନେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ବିଧିବଦ୍ଧ ଭାବେ ବିଜେଡିରେ ସାମିଲ ହୋଇଛନ୍ତି । ଏହି ସମୟରେ ସାଂସଦ ମାନସ ମଙ୍ଗରାଜ ଉପସ୍ଥିତ ଥିଲେ ।

କଣାସରେ ସଞ୍ଜୟ ଦାସବର୍ମାଙ୍କ କର୍ମୀ ସମ୍ମିଳନୀ

କଣାସ,(ସବ୍ୟୁ) :ସତ୍ୟବାଦୀ ନିର୍ବାଚନ ମଣ୍ଡଳୀ କଣାସ ବ୍ଲକ୍ ଗଡ଼ ବଡ଼ପୁଟ ପଞ୍ଚାୟତ ବାବା ଗତିଶ୍ୱର ଦେବ ମନ୍ଦିର ପ୍ରାଙ୍ଗଣ ଓ ଗଡ଼ଖାରଦ ପଞ୍ଚାୟତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପଞ୍ଚାୟତ ସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଥିରେ ସାଂସଦ ପ୍ରାର୍ଥୀ ଅରୂପ ପଟ୍ଟନାୟକ ଉପସ୍ଥିତ ଥିଲେ ।ବିଜେଡି ବିଧାୟକ ପ୍ରାର୍ଥୀ ସଞ୍ଜୟ କୁମାର ଦାସବର୍ମା କହିଥିଲେ ସତ୍ୟବାଦୀ ଓ କଣାସର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମତେ ଓ ସାଂସଦ ପ୍ରାର୍ଥୀ ଅରୂପ ପଟ୍ଟନାୟକଙ୍କୁ ଦାୟିତ୍ୱ ଦେଇଛନ୍ତି ଯାହାକୁ ନେଇ ଆମେ ସମସ୍ତେ ସେହି ବିକାଶ ଧାରାକୁ ଆଗେଇ ନେବା ଓ ଷଷ୍ଠଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ୱାଡ ଓ ପଞ୍ଚାୟତ ସ୍ତରରେ ସଂଗଠନକୁ ସୁଦୃଢ଼ କରିବା ।ବିଗତ ଦିନରେ କଣାସ ସତ୍ୟବାଦୀ ଅନେକ ବିକାଶ ହୋଇଛି ।ଆଗାମୀ ଦିନରେ ମଧ୍ୟ ବିକାଶର କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତକରାଯିବ ।ଏହି କାର୍ଯ୍ୟକ୍ରମରେ କଣାସ ବ୍ଲକ୍ ଅଧ୍ୟକ୍ଷା ପ୍ରଭାତୀ ରାଉତ,ଜିଲ୍ଲାପରିଷଦ ସଭ୍ୟ ଭୀମସେନ ପାଇକରାୟ,ପ୍ରଣତି ଜେନା ,ସରପଞ୍ଚ ମହେଶ୍ୱର ସେଠୀ,ବନମାଳୀ ରାଉତ,ବରିଷ୍ଠ ନେତା ସୁଶିଲ କାନ୍ତ ରାଉତ,ପ୍ରସନ୍ନ କୁମାର ପଟ୍ଟନାୟକ,ବସନ୍ତ ଜେନା,ବଳରାମ ପଲେଇ ଓ ସ୍ଥାନୀୟ ନେତୃ ମଣ୍ଡଳୀ ଏବଂ ଶତାଧିକ ମହିଳା ପୁରୁଷ ଉପସ୍ଥିତ ଥିଲେ ।ବିଧାୟକ ପ୍ରାର୍ଥୀ ସଞ୍ଜୟ ଦାସବର୍ମା ଓଡ଼ିଆ ନବ ବର୍ଷରେ ଦିବ୍ୟସିଂହପୁର ଗ୍ରାମରେ ଶ୍ରୀରାମଚରିତ ମାନସ,ନବାହ୍ନ ପରାୟଣ ଓ ପ୍ରବଚନ ଉତ୍ସବରେ ଯୋଗଦେଇଥିବା ବେଳେ କଣାସ ପଞ୍ଚାୟତ ସହନା ଗ୍ରାମର ମହାବୀରଙ୍କ ଅଷ୍ଟପ୍ରହର ନାମ ଯଜ୍ଞ ଉତ୍ସବରେ ଯୋଗ ଦେଇଥିଲେ ।

ନିର୍ବାଚନ ରାଲିରେ ଶିଶୁଙ୍କୁ ସାମିଲ କରୁଛି ବିଜେପି
ସିଇଓଙ୍କ ନିକଟରେ ଫେରାଦ ହେଲା ବିଜେଡି

ଭୁବନେଶ୍ୱର(ସବ୍ୟୁ): ଚିକିଟି ବିଧାନସଭା ନିର୍ବାଚନ ମଣ୍ଡଳୀର ପାତିସୁନାପୁର ଗାଁରେ ମନୋରଞ୍ଜନ ଦ୍ୟାନସାମନ୍ତରାୟ ଏବଂ ତାଙ୍କ ପତ୍ନୀ ମୀନା ଦ୍ୟାନସାମନ୍ତରାୟ ନିର୍ବାଚନ ରାଲି କରିବା ସହ ଶିଶୁମାନଙ୍କୁ ସାମିଲ କରିଥିଲେ ବୋଲି ବିଜେଡି ଅଭିଯୋଗ କରିଛି । ବିଜେପି ପ୍ରାର୍ଥୀଙ୍କ ବିରୋଧରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ଫେରାଦ ହୋଇଛି ବିଜେଡି ।

ଏହାସହ ଶିଶୁମାନଙ୍କ ହାତରେ ଦଳୀୟ ପତାକା ଧରାଇ ସେମାନଙ୍କ ସହ ନିଜେ ପ୍ରାର୍ଥୀ ନାଚିଥିଲେ । ବର୍ତ୍ତମାନ ରାଜ୍ୟରେ ୪୦ ଡିଗ୍ରୀ ଖରା ଜାରି ରହିଥିବା ବେଳେ ନିର୍ବାଚନ ରାଲିରେ ପିଲାମାନଙ୍କୁ ସାମିଲ କରିଛନ୍ତି ନିଜେ ବିଜେପି ବିଧାୟକ ପ୍ରାର୍ଥୀ । ସେହିଭଳି ପୂର୍ବରୁ କେନ୍ଦ୍ରାପଡାରେ ମଧ୍ୟ ବିଜେପି ଲୋକସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ମଧ୍ୟ ପ୍ରଚାର ରାଲିରେ ଛୋଟ ଛୁଆମାନଙ୍କୁ ସାମିଲ କରିଥିଲେ । ଏହାର ପ୍ରମାଣ ବିଜେଡି ପକ୍ଷରୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି ।

ଏସମ୍ପର୍କରେ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦଳ ଦାବି କରିଛି । ଏହି ପ୍ରତିନିଧି ଦଳରେ ସାଂସଦ ସସ୍ମିତ ପାତ୍ର, ସୁଲତା ଦେଓ, ମୁଖପାତ୍ର ଲେଲିନ୍ ମହାନ୍ତି, ସ୍ୱୟଂପ୍ରକାଶ ମହାପାତ୍ର, ଇପ୍ସିତା ସାହୁ, ମଧୁସ୍ମିତା ନାୟକ, ପ୍ରିୟବ୍ରତ ମାଝୀ, ଓମପ୍ରକାଶ ସାହୁ, ତୁମ୍ବନାଥ ପଣ୍ଡା ପ୍ରମୁଖ ସିଇଓଙ୍କୁ ଭେଟି ଫେରାଦ ହୋଇଛନ୍ତି ।

ବିଏସକେୱାଇକୁ ନେଇ ରାଜନୀତି କରୁଛନ୍ତି ଧର୍ମେନ୍ଦ୍ର : ବିଜେଡି
ଗରିବ ଲୋକଙ୍କ ମାଗଣା ଚିକିତ୍ସା ବନ୍ଦ ପାଇଁ ଷଡଯନ୍ତ୍ର

ଭୁବନେଶ୍ୱର (ସବ୍ୟୁ): ବିଏସ୍‌କେୱାଇ ସ୍ୱାସ୍ଥ୍ୟ କାର୍ଡ ଓଡ଼ିଶାବାସୀଙ୍କୁ ସଶକ୍ତ କରିଛି ଏବଂ ଆତ୍ମବିଶ୍ୱାସ ଓ ଗ୍ୟାରେଣ୍ଟି ଦେଇଛି । ରୋଗରେ ପୀଡିତ ହେଲେ ସେମାନଙ୍କ ପାଖରେ ଏହି ସ୍ୱାସ୍ଥ୍ୟ ନିଶ୍ଚିତତା କିମ୍ବା ଗ୍ୟାରେଣ୍ଟି ଅଛି । ସେମାନେ ସରକାରୀ ଡାକ୍ତରଖାନାରେ ମାଗଣାରେ ଚିକିତ୍ସା ସୁବିଧା ପାଉଛନ୍ତି । ଏଥି ସହିତ ବିଏସକେୱାଇରେ ମହିଳାଙ୍କ ପାଇଁ ୧୦ ଲକ୍ଷ ଟଙ୍କା ଏବଂ ପୁରୁଷଙ୍କ ପାଇଁ ୫ ଲକ୍ଷ ଟଙ୍କା ରହିଛି । ହେଲେ ଗରିବ ଲୋକଙ୍କୁ ମିଳୁଥିବା ଏହି ସ୍ୱାସ୍ଥସେବା ବ୍ୟବସ୍ଥାକୁ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜନୀତି କରୁଥିବା ବିଜେଡିର ରାଷ୍ଟ୍ରୀୟ ମୁଖପାତ୍ର ତଥା ସାଂସଦ ଡକ୍ଟର ସସ୍ମିତ ପାତ୍ର କହିଛନ୍ତି ।

ଡକ୍ଟର ପାତ୍ର କହିଛନ୍ତି ଯେ, ସରକାରୀ ଡାକ୍ତରଖାନାରେ କୌଣସି ସୀମା ନଥାଇ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି । ବିଏସକେୱାଇ ପାଇଁ ଓଡ଼ିଶାରେ ୬୫୨ଟି ଡାକ୍ତରଖାନା ଏବଂ ୧୬ଟି ରାଜ୍ୟରେ ୧୬୪ଟି ପ୍ରମୁଖ ଡାକ୍ତରଖାନା ତାଲିକାଭୁକ୍ତ ହୋଇଛନ୍ତି ।

ବର୍ଷକରେ ଓଡିଶାବାସୀଙ୍କର ୩୦୦୦ କୋଟି ଟଙ୍କା ସଞ୍ଚୟ
ଓଡିଶା ବାହାରେ ମିଳୁଛି ବିଏସକେୱାଇ ସୁବିଧା

ଏହି ସଂଖ୍ୟା ବୃଦ୍ଧି ପାଉଛି । ଗତ ବର୍ଷକ ମଧ୍ୟରେ ଓଡ଼ିଶାରେ ୩୬ ଲକ୍ଷରୁ ଅଧିକ ରୋଗୀ ଚିକିତ୍ସିତ ହୋଇଛନ୍ତି । ବିଏସକେୱାଇ ଯୋଗୁଁ ଓଡ଼ିଶା ଲୋକଙ୍କର ଗୋଟିଏ ବର୍ଷରେ ୩୦୦୦ କୋଟିରୁ ଅଧିକ ଟଙ୍କା ସଞ୍ଚୟ ହୋଇପାରିଛି । ଯାହାକୁ ସେମାନେ ନିଜର ସାମାଜିକ-ଅର୍ଥନୈତିକ ବିକାଶ ପାଇଁ ବ୍ୟବହାର କରିପାରିବେ ।

ଗତ ଏକ ବର୍ଷ ମଧ୍ୟରେ ବିଏସକେୱାଇ ମାଧ୍ୟମରେ ଦେଶର ବିଭିନ୍ନ ରାଜ୍ୟରେ ପ୍ରାୟ ଦେଢ଼ ଲକ୍ଷ ଲୋକଙ୍କୁ ଓଡ଼ିଶା ବାହାରେ ଚିକିତ୍ସା କରାଯାଇଛି । ବିଏସକେୱାଇ କାରଣରୁ ସେମାନେ ପ୍ରାୟ ୩୮୫ କୋଟି ଟଙ୍କା ସଞ୍ଚୟ କରିପାରିଛନ୍ତି । କିନ୍ତୁ ଓଡ଼ିଶା ବିଜେପି ବିଧାୟକ ଏବଂ ବିଶେଷ କରି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଏହି କାର୍ଯ୍ୟକ୍ରମକୁ ବନ୍ଦ କରିବା ପାଇଁ ଷଡ଼ଯନ୍ତ୍ର କରୁଛନ୍ତି । ଯଦି ଓଡ଼ିଶାବାସୀ ବିଏସକେୱାଇ ସ୍ୱାସ୍ଥ କାର୍ଡରୁ ଉପକୃତ ହେଉଛନ୍ତି, ତେବେ ଶ୍ରୀ ପ୍ରଧାନଙ୍କୁ କାହିଁକି କଷ୍ଟ ହେଉଛି ବୋଲି ଡକ୍ଟର ପାତ୍ର ପ୍ରଶ୍ନ କରିଛନ୍ତି ।

ଓଡ଼ିଶାରେ ପ୍ରାୟ ୩୬ ଲକ୍ଷ ରୋଗୀ ଚିକିତ୍ସିତ ହେଉଥିବା ବେଳେ ଓଡ଼ିଶା ବାହାରୁ ଦେଢ଼ ଲକ୍ଷ ରୋଗୀ ଚିକିତ୍ସିତ ହୋଇଛନ୍ତି । ଶ୍ରୀ ପ୍ରଧାନ କ'ଣ ଚାହୁଁଛନ୍ତି କି? ଏହି ଲକ୍ଷ ଲକ୍ଷ ଓଡିଆମାନେ ବିଏସକେୱାଇ ସ୍ୱାସ୍ଥ୍ୟ କାର୍ଡ ଜରିଆରେ ଯେଉଁ ଚିକିତ୍ସା ସୁବିଧା ପାଉଛନ୍ତି ତାହା ନପାଆନ୍ତୁ ବୋଲି? ଯଦି ଶ୍ରୀ ପ୍ରଧାନ ଭାବୁଛନ୍ତି ଯେ ବିଏସକେୱାଇ ଏକ ଖରାପ କାର୍ଯ୍ୟକ୍ରମ, ତେବେ ତାଙ୍କ ଦଳର ଇସ୍ତାହାରର ଏକ ନମ୍ବରରେ କୁହନ୍ତୁ ଯେ ସେମାନେ ବିଏସକେୱାଇ ସ୍ୱାସ୍ଥ୍ୟ କାର୍ଡକୁ ବନ୍ଦ କରିଦେବେ ବୋଲି ଡକ୍ଟର ପାତ୍ର କହିଛନ୍ତି ।

ଯାଜପୁର ବସ୍ ଦୁର୍ଘଟଣାରେ ଆହତମାନଙ୍କୁ ଭେଟିଲେ ନଗର କଂଗ୍ରେସ୍‌ର ପ୍ରତିନିଧି ମଣ୍ଡଳୀ

କଟକ (ସବ୍ୟୁ): କଟକ ବଡ ମେଡିକାଲରେ ଚିକିତ୍ସାଧୀନ ଯାଜପୁର ବସ ଦୁର୍ଘଟଣାର ଆହତମାନଙ୍କ ସ୍ଥିତି ଜାଣିବା ପାଇଁ ଆଜି ସକାଳୁ ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମଙ୍କ ନିର୍ଦ୍ଦେଶ କ୍ରମେ କଟକ ନଗର କଂଗ୍ରେସ ପୂର୍ବତନ ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଆହତମାନଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହିତ ସମ୍ପର୍କୀୟଙ୍କୁ ସମବେଦନା ଜଣାଇଥିଲେ ଏବଂ ମୃତକଙ୍କ ଅମର ଆତ୍ମାର ସଦଗତି ଏବଂ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ । ଏଥିରେ କର୍ପୋରେଟର ସନ୍ତୋଷ କୁମାର ଭୋଳ, ଲିଜାରାଣୀ ରାଉତ, କେ କାମେଶ୍ୱର ରାଓ, ସ୍ୱର୍ଣ୍ଣପ୍ରଭା ପସାୟତ, ଚାରୁଲତା ସାହୁ, ଅମ୍ରିତା ଦାସ, ଶରତ ଚନ୍ଦ୍ର ଶେଠୀ, ଆର୍ଯ୍ୟବୀର ଲେଙ୍କା, ସନ୍ତୋଷ ପାତ୍ର, ଶୋଜୁ ସ୍ୱାଇଁ, ରଶ୍ମୀ ରଞ୍ଜନ ମିଶ୍ର, ଶୟଦ ରମଜାନ ଅଲ୍ଲୀ, ଅଙ୍ଗୁରୀ ବେଗମ,ସତ୍ୟଶ୍ରୀ ବେହେରା,ପୂର୍ଣ୍ଣିମା ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

ଅନନ୍ତବିହାର ୱେଲଫେୟାର ସୋସାଇଟି ପକ୍ଷରୁ ଓଡ଼ିଆ ନବବର୍ଷ ପାଳନ

ଭୁବନେଶ୍ୱର (ସବ୍ୟୁ): ପବିତ୍ର ମହା ବିଷୁବ ସଂକ୍ରାନ୍ତି ତଥା ହନୁମାନ ଜୟନ୍ତୀ ଉପଲକ୍ଷେ ପୋଖରୀପୁଟ ସ୍ଥିତ ଅନନ୍ତବିହାର ୱେଲଫେୟାର ସୋସାଇଟି ଓ ଯୋଗକମିଟି ଦ୍ୱାରା ସ୍ଥାନୀୟ ଅନନ୍ତବିହାର ବିଡିଏ ପାର୍କରେ ଓଡ଼ିଆ ନବ ବର୍ଷ ପାଳନ କରାଯାଇଛି । ଏହି ଅବସରରେ ପୋଖରୀପୁଟର କଳା ସାଧନା ଆର୍ଟ ଆଣ୍ଡ କଲଚରର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ଭିତ୍ତିକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସୁରତାଲ ପରିବେଷିତ ହୋଇଥିଲା । ଏହି ସାଂସ୍କୃତିକ ସନ୍ଧ୍ୟାରେ ଅତିଥି ଭାବେ ସାଧନା ର ଅଧକ୍ଷ ସୁଧାଂଶୁ ବିଶ୍ୱାଳ,ଅନନ୍ତବିହାର ୱେଲଫେୟାର ସୋସାଇଟି ର ସଭାପତି ଅମଳେନ୍ଦୁ ଶତପଥି, ଉପ ସଭାପତି ଦିଲ୍ଲୀପ କୁମାର ସାହୁ , ସମ୍ପାଦକ ଦିଗମ୍ବର ସାହୁ, କୋଷାଧକ୍ଷ ହର୍ଷବର୍ଦ୍ଧନ ସର ଯୋଗ ଦେଇ ଓଡିଶା ମାଟିର ଜୟଗାନ କରିବା ସହିତ ଓଡ଼ିଆ ନବ ବର୍ଷ ପାଳନ ପ୍ରତିଟି ଓଡ଼ିଆଙ୍କ ମନରେ ମାତୃଭୂମି ଓ ମାତୃଭାଷା ପ୍ରୀତି ଜାଗ୍ରତ ହେବ ବୋଲି ମତ ରଖିଥିଲେ । ରଙ୍ଗାରଙ୍ଗ କାର୍ଯ୍ୟକ୍ରମଟିରେ ସାଧନା ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ମନଛୁଆଁ ସଙ୍ଗୀତ ଓ ନୃତ୍ୟ ସହିତ ପୋଖରୀପୁଟ ଯୋଗକମିଟି ର କର୍ମକର୍ତ୍ତା ମାନଙ୍କ ଦ୍ୱାରା ବିଭିନ୍ନ ଯୋଗ ର ଝଲକ ମଞ୍ଚରେ ପରିବେଷିତ ହୋଇଥିଲା । ଏହି ସାଂସ୍କୃତିକ ସନ୍ଧ୍ୟାର ଶେଷ ଭାଗରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଯୁବ ସମାଜସେବୀ ହୃଦୟ ବଲ୍ଲଵ ସାମନ୍ତରାୟ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମଟିକୁ ଯୁବ ଗୀତିକାର କୁମାର ଲିଟନ ପରିଚାଳନା କରିଥିଲେ ଓ ସ୍ଥାନୀୟ ବହୁତ କଳାପ୍ରେମୀ ଦର୍ଶକ ମାନେ ଏହାକୁ ଉପଭୋଗ କରିଥିଲେ । ଶେଷରେ ଯୋଗ କମିଟି ଓ ୱେଲଫେୟାର ସୋସାଇଟି ଦ୍ୱାରା ମହା ବିଷୁବ ସଂକ୍ରାନ୍ତି ଉପଲକ୍ଷେ ସୁସ୍ୱାଦୁ ପଣା ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମ ଟିକୁ ସାଧନା ଆର୍ଟ ଆଣ୍ଡ କଲଚର ପରିବାରର କର୍ମକର୍ତ୍ତା ଶୁଭେନ୍ଦୁ ବିଶ୍ୱାଳ, ସରୋଜ ମିଶ୍ର, ସସ୍ମିତା ପଟ୍ଟନାୟକ , କାଦମ୍ବିନୀ ବିଶ୍ୱାଳ, ଶାଳିନୀ ବିଶ୍ୱାଳ, ମନସ୍ୱିନୀ ମିଶ୍ର, ତନୁଶ୍ରୀ ନାୟକ,ସୁଲୋଚନା ଜେନା, ଲକ୍ଷ୍ମୀପ୍ରିୟା ସେଠୀ ଓ ମୋନାଲିଶା ରଥ ପରିଚାଳନା କରିଥିଲେ ।

ବିଜେଡିରେ ମିଶିଲେ ବିଜେପିର ଶତାଧିକ କର୍ମୀ

କୁଆଁପାଳ(ସବ୍ୟୁ):ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳର ନବାଗତ ବିଧାୟକ ପ୍ରାର୍ଥୀ ଅଙ୍କିତ ପ୍ରତାପ ଜେନାଙ୍କ ପ୍ରତି ଜନ ସମର୍ଥନ ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଆଜି ଅଳିଯୋଡା ସ୍ଥିତ ବିଧାୟକଙ୍କ ବାସଭବନରେ ଓଷଙ୍ଗ ପଞ୍ଚାୟତ ବିଜେପି ସଭାପତି ସ୍ମୃତି ରଞ୍ଜନ ପାତ୍ରଙ୍କ ସମେତ ଶତାଧିକ କର୍ମୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଓ ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ବିକାଶ ମୂଳକ କାର୍ଯ୍ୟ ଓ ଦୃଢ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟକରି ଆନୁଷ୍ଠାନିକ ଭାବେ ବିଜେଡିରେ ଯୋଗ ଦେଇଥିବା ଦେଖାଯାଇଛି। ବିଧାୟକ ଶ୍ରୀ ଜେନା ଓଷଙ୍ଗ ପଞ୍ଚାୟତ ସମେତ ମାହାଙ୍ଗା ନିର୍ବାଚନ ମଣ୍ଡଳିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ଧାରାରେ ଶୀର୍ଷ ସ୍ଥାନରେ ପହଞ୍ଚାଇବା ପାଇଁ ସମସ୍ତେ ଏକାଠି ହୋଇ କାମକରିବା ପାଇଁ କର୍ମୀ ମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ମିଶ୍ରଣ ପର୍ବରେ ବ୍ଲକ ଅଧକ୍ଷା ଦୀପା ମଲ୍ଲୀକ,ଉପାଧକ୍ଷ ସତ୍ୟନାରାୟଣ ମହାନ୍ତି,ବ୍ଲକ ମିଡିଆସେଲ କାର୍ଯ୍ୟକର୍ତ୍ତା ଅମୀୟ ନାୟକ,ଜିଲ୍ଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ,ତାପସ ବିଶ୍ୱାଳ,ରବିନ୍ଦ୍ର ମହାନ୍ତି,ବିଜୟ ମହାନ୍ତିଙ୍କ ସମେତ ପଞ୍ଚାୟତର ଜନପ୍ରତିନିଧି ଉପସ୍ଥିତ ଥିଲେ।

ସମ୍ବଲପୁର ବାର୍ ଆସୋସିଏସନ ସଦସ୍ୟଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ଲୋକସଭା ପ୍ରାର୍ଥୀ ଭାବରେ ଆଜି ସମ୍ବଲପୁର ବାର୍ ଆସୋସିଏସନର ସଦସ୍ୟ ମାନଙ୍କୁ ଭେଟିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ଲୋକଙ୍କ ଆଶୀର୍ବାଦ ଲୋଡିଛନ୍ତି । ସମ୍ବଲପୁର ବାର୍ ଆସୋସିଏସନର ଅନେକ ବରିଷ୍ଠ, ଅନୁଭବୀ ତଥା ପୁରୁଣା ଓକିଲ ବନ୍ଧୁ ମାନଙ୍କୁ ଭେଟି ଖୁସି ପ୍ରକଟ କରିଥିଲେ କେନ୍ଦ୍ରମନ୍ତ୍ରୀ । ସେ କହିଥିଲେ ଜିଲ୍ଲାର ସାମୂହିକ ବିକାଶ, ଲୋକ ଆକାଂକ୍ଷା ଏବଂ ନ୍ୟାୟପାଳିକା ବ୍ୟବସ୍ଥାର ଉନ୍ନତି ଦିଗରେ ସମସ୍ତଙ୍କ ଉପାଦେୟ ପରାମର୍ଶ ନେଲି । ଶ୍ରୀ ପ୍ରଧାନ କହିଥିଲେ ଯେ ସମ୍ବଲପୁର ଆମ ସଂସ୍କୃତି ଓ ସଭ୍ୟତାର ଅନନ୍ୟ କେନ୍ଦ୍ର । ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଅନେକ ଗୁଡିଏ ବିକାଶମୂଳକ କାମ ହେଉଅଛି । ସମ୍ବଲପୁରକୁ ଦେଶର ଅଗ୍ରଣୀ ଅଞ୍ଚଳ ଭାବେ ଗଢି ତୋଳିବା ପାଇଁ ଯୁବବର୍ଗଙ୍କୁ ରୋଜଗାର ସହ ଯୋଡିବାକୁ ହେବ । ସ୍ଥାନୀୟ ଅର୍ଥନୀତିକୁ ମଜଭୂତ୍ କରିବା ପାଇଁ ବାର୍ ଆସୋସିଏସନଙ୍କ ସହ ସାମୂହିକ ଦାୟିତ୍ୱ ନେବାକୁ ହେବ । ଏହି ଦିନ ଶ୍ରୀ ପ୍ରଧାନ ଓଡ଼ିଶାର ହୋମ୍ ମେଣ୍ଟେନାନ୍ସ ସର୍ଭିସ୍ ହୋମଭେରୀର କର୍ମଚାରୀଙ୍କ ସହ ସାକ୍ଷାତ୍ ଆଲୋଚନା କରିଥିଲେ । ଏହାବ୍ୟତିତ ଶ୍ରୀ ପ୍ରଧାନ ସମ୍ବଲପୁର ହାଇକୋର୍ଟ ପରିସରରେ ଥିବା କାଳିନ୍ଦୀ ଭାଇଙ୍କ ଦୋକାନରୁ କାର୍ଯ୍ୟକର୍ତ୍ତାଙ୍କ ଗହଣରେ ପକୁଡି ଖାଇଥିଲେ । ସମ୍ବଲପୁରରେ ଦ ଆର୍ଟ୍ ଅଫ୍ ଲିଭିଂ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ବିକଶିତ ଭାରତରେ ଓଡ଼ିଶା ଓ ସମ୍ବଲପୁର ଉପରେ ଚର୍ଚ୍ଚା କରିଥିଲେ କେନ୍ଦ୍ରମନ୍ତ୍ରୀ । ସେହିପରି ଏକ କାର୍ଯ୍ୟକର୍ତ୍ତା ବୈଠକରେ ଯୋଗଦେବା ସହ ଶ୍ରୀ ପ୍ରଧାନ ଗୁଜୁରାଟୀ ସମାଜର ଚୈତ୍ର ନବରାତ୍ରିର ଅଷ୍ଟମୀ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବା ସହ ମା' ଓମିଆ ମାତାଙ୍କ ଦର୍ଶନ କରିଥିଲେ ।



ସମ୍ ଫୁଲନଖରା କ୍ୟାମ୍ପସ୍‌ରେ ଜଟିଳ ରୋଗୀଙ୍କର ସଫଳ ଚିକିତ୍ସା

ଭୁବନେଶ୍ୱର (ସବ୍ୟୁ): ଜୀବାଣୁ ସଂକ୍ରମଣ ଯୋଗୁଁ କିଡ୍‌ନୀରେ ପ୍ରବାହ ସହ ସେପ୍‌ଟିକ୍ ସକ୍ ଭଳି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଯାହାକୁ ଡାକ୍ତରୀ ଭାଷାରେ ପାଇଲୋନେଫ୍ରାଇଟିସ୍

ବୋଲି କୁହାଯାଇଥାଏ ସେଭଳି ଜଟିଳ ରୋଗରେ ପୀଡ଼ିତ ଥିବା ଜଣେ ରୋଗୀଙ୍କର ସଫଳ ଚିକିତ୍ସା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଫୁଲନଖରା କ୍ୟାମ୍ପସ ଠାରେ ହୋଇଯାଇଛି। ୪୨ ବର୍ଷୀୟ ଏହି ପୁରୁଷ ରୋଗୀ ଗତ ଏପ୍ରିଲ ୩ ତାରିଖ ଦିନ ଜ୍ୱର, ଶ୍ୱାସ ପ୍ରଶ୍ୱାସରେ ସମସ୍ୟା ନେଇ ହସ୍ପିଟାଲ୍‌କୁ ଆସିଥିଲେ। ତାଙ୍କୁ ତୁରନ୍ତ ହସ୍ପିଟାଲ୍‌ର କ୍ରିଟିକାଲ୍ କେୟାର ମେଡିସିନ୍ ବିଶେଷଜ୍ଞ ଡାକ୍ତର ଗୌରୀଶଙ୍କର ରାୟଙ୍କର ଅଧିନରେ ଭର୍ତ୍ତି କରାଯାଇ ଆଇସିୟୁରେ ରଖାଯାଇଥିଲା। ନିଶ୍ୱାସ ନେବାରେ ସମସ୍ୟା ହେବାରୁ ହସ୍ପିଟାଲ୍‌ରେ ଭର୍ତ୍ତି ହେବାର ପରଦିନ ତାଙ୍କୁ ଭେଂଟିଲେଟରରେ ରଖାଯିବା ସହ ୪ ଥର ଡାଏଲିସିସ୍ ମଧ୍ୟ କରାଯାଇଥିଲା। ସେହିପରି ୟୁରେଟେରେସ୍କୋପିକ୍ ଲିଥୋଟ୍ରିପ୍ସି (ୟୁଆର୍‌ଏସ୍‌ଏଲ୍) ପ୍ରକ୍ରିୟା ଦ୍ୱାରା ତାଙ୍କର କିଡ୍‌ନୀ ଷ୍ଟୋନ୍ ବାହାର କରାଯାଇଥିଲା। ନେଫ୍ରୋଲୋଜିଷ୍ଟ ଓ ରେଡିଓଲୋଜିଷ୍ଟ ମାନଙ୍କୁ ନେଇ ଗଠିତ ଏକ ଡାକ୍ତରୀ ଟିମ୍ ସମ୍ପୃକ୍ତ ରୋଗୀଙ୍କର ଚିକିତ୍ସା କରିଥିଲେ। ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିବାରୁ ଏପ୍ରିଲ୍ ୬ ତାରିଖ ଦିନ ତାଙ୍କୁ ଭେଂଟିଲେଟରରୁ କଢ଼ାଯିବା ସହ ପରବର୍ତ୍ତୀ ସମୟରେ ହସ୍ପିଟାଲ୍‌ରୁ ଡିସ୍ଚାର୍ଜ ମଧ୍ୟ କରାଯାଇଛି। ରୋଗୀ ଜଣଙ୍କ ଏବେ ସଂପୂର୍ଣ୍ଣ ସୁସ୍ଥ ଅଛନ୍ତି ଏବଂ ଦୈନନ୍ଦିନ କାର୍ଯ୍ୟ ମଧ୍ୟ କରୁଛନ୍ତି । ରୋଗୀଙ୍କ ପରିବାରବର୍ଗ ନିଜର ଖୁସି ବ୍ୟକ୍ତ କରିବା ସହ ଏହି ସଫଳ ଚିକିତ୍ସା ପାଇଁ ହସ୍ପିଟାଲ୍‌ର ଡାକ୍ତର, ନର୍ସ ଓ ପାରାମେଡିକ୍ସଙ୍କୁ ଧନ୍ୟବାଦ ଦେଇଛନ୍ତି ।

ପଣ୍ଡା ରେସିଡେନ୍ସିରୁ ୧୫ ଲକ୍ଷର ଗହଣା, ଟଙ୍କା ଲୁଟ୍

ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀ ଉପକଣ୍ଠ ବାଲିଅନ୍ତା ଥାନା ଅଞ୍ଚଳରେ ଥିବା ପଣ୍ଡା ରେସିଡେନ୍ସିରୁ ୧୫ଲକ୍ଷ ଟଙ୍କାର ଗହଣା ଏବଂ ନଗଦ ଦେଢ଼ଲକ୍ଷ ଟଙ୍କା ଲୁଟେରାମାନେ ଲୁଟି ନେଇଛନ୍ତି । ପୋଲିସ ପହଞ୍ଚି ସିସି କ୍ୟାମେରା ଫୁଟେଜ ସଂଗ୍ରହ କରିବା ସହ ଛାନ୍‌ଭିନ୍ ଆରମ୍ଭ କରିଛି ।

ଚଳିତବର୍ଷ ୧୪ ତାରିଖ ଦିନ ପାହାଳ ମେଟ୍ରୋ ସାଟ୍‌ଲାଇଟ୍ ସିଟି ଆପାର୍ଟମେଣ୍ଟରୁ ଲୁଟ୍ ହୋଇଥିବାବେଳେ ୧୫ ତାରିଖ ରାତିରେ ବାଲିଅନ୍ତା ଆପାର୍ଟମେଣ୍ଟରୁ ଲୁଟ୍ ହେବା ଘଟଣା ଲୁଟେରାମାନେ ପୋଲିସକୁ ଚ୍ୟାଲେଞ୍ଜ ଦେଲାଭଳି ମନେହେଉଛି । ଗତ ମାସକ ମଧ୍ୟରେ ସହରରେ ଥିବା ଆପାର୍ଟମେଣ୍ଟରୁ ୨୦ଟି ଲୁଟ୍ ଘଟଣା ଘଟିଲାଣି । ବନ୍ଦ ପଡ଼ିଥିବା ଘରକୁ ରେକି କରିବା ପରେ ଲୁଟେରାମାନେ ତାଲା କାଟି ଲୁଟ୍‌ପାଟ୍ କରୁଛନ୍ତି । ପଣ୍ଡା ରେସିଡେନ୍ସିରେ ରହୁଥିବା ବିଷ୍ଣୁ ପ୍ରସାଦ ମିଶ୍ରଙ୍କ ଘରେ ତାଲା ପଡ଼ିଥିବାରୁ ଲୁଟେରାମାନେ ରେକି କରି ଲୁଟିବାରେ ସଫଳ ହେଲେ । ପୋଲିସ ସିସି କ୍ୟାମେରା ଫୁଟେଜକୁ ଆଧାର କରି ତଦନ୍ତ ଆରମ୍ଭ କରିଛି ।

ଯାଜପୁର ଜିଲ୍ଲା ବାରବାଟୀ ଠାରେ ବସ୍ ଦୁର୍ଘଟଣାରେ ଆହତଙ୍କୁ କଟକ ଏସ୍‌ସିବି ମେଡିକାଲରେ ଭେଟୁଛନ୍ତି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ

ବିଜେଡ଼ିରେ ଲାଞ୍ଜିଗଡ଼ ଓ ନର୍ଲା ନିର୍ବାଚନମଣ୍ଡଳୀର ଶତାଧିକ ବିଜେପି ଓ କଂଗ୍ରେସ ନେତା

ଭୁବନେଶ୍ୱର (ସବ୍ୟୁ): କଳାହାଣ୍ଡି ଜିଲ୍ଲା ଅନ୍ତର୍ଗତ ଲାଞ୍ଜିଗଡ଼ ଓ ନର୍ଲା ନିର୍ବାଚନମଣ୍ଡଳୀର ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ ମଙ୍ଗଳବାର ଶଙ୍ଖଭବନ ଠାରେ ଧର୍ମଶାଳା ବିଧାୟକ ତଥା କଳାହାଣ୍ଡି ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରଣବବଳବନ୍ତରାୟ ଓ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ସମସ୍ତ ବିଜେପି ଓ କଂଗ୍ରେସ କର୍ମୀଙ୍କୁ ଶ୍ରୀ ବଳବନ୍ତରାୟ ଓ ଡକ୍ଟର ପାତ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ଆଜି ବିଜେପିଓ କଂଗ୍ରେସ କର୍ମୀଙ୍କ ଯୋଗଦାନ ଫଳରେ ବିଶେଷ କରି ଲାଞ୍ଜିଗଡ଼ ଓ ନର୍ଲା ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଶ୍ରୀ ବଳବନ୍ତରାୟ ଓ ଡକ୍ଟର ପାତ୍ର କହିଥିଲେ । ଏହି ଅବସରରେ ବିଜେଡ଼ିରେ ସାମିଲ ହୋଇଥିବା ସମସ୍ତ ବିଜେପି ଓ କଂଗ୍ରେସ ନେତା ମାନେ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛଶାସନ, ନିର୍ମଳଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲୁ । ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଆମକୁ ଯାହା ଦାୟିତ୍ୱ ଦେବେତାକୁ ସୁଚାରୁରୂପେ ତୁଲାଇବୁ । ଦଳରେ ଆମକୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃ ବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ ।

ଏହି ମିଶ୍ରଣ ପର୍ବରେ ବିଜେପିର ବରିଷ୍ଠ ନେତା ଚାଞ୍ଚେର ମାଝୀ, ହରିହର କୁମାର, ରାଜେନ୍ଦ୍ର ମାଳୀ, ଜିଲ୍ଲାକଂଗ୍ରେସ କମିଟି ସାଧାରଣ ସମ୍ପାଦକ ତ୍ରିଲୋଚନ ପାଣିଗ୍ରାହୀ, ରାଜ୍ୟ କଂଗ୍ରେସ ସାଧାରଣ ସମ୍ପାଦକ ପରମାନନ୍ଦ ମାଝୀ, ଆଦିବାସୀ ସଂଘ ଉପସଭାପତି ଧନସିଂ ମାଝୀ, ସାଧାରଣ ସମ୍ପାଦକ ଦାଶରଥୀ ମାଝୀ, ଆଦିବାସୀ ସଂଘ ସଦସ୍ୟ ଗୌର ଚନ୍ଦ୍ର ମାଝୀ, ଯୋଗେନ୍ଦ୍ର ମାଝୀଙ୍କ ସହ ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

ଜାଗୁଳାଇଙ୍କ ପୀଠରେ ବାସନ୍ତୀକ ଦୁର୍ଗାପୂଜା, ସିଦ୍ଧିଦାତ୍ରୀ ବେଶରେ ଦର୍ଶନ ଦେଲେ ମା'

ଜଟଣୀ,(ସବ୍ୟୁ): ଜଟଣୀ କୁଦିଆରୀସ୍ଥିତ ମାଆ ଜାଗୁଳାଇଙ୍କ ପୀଠରେ ଚାଲିଥିବା ବାସନ୍ତୀକ ଦୁର୍ଗାପୂଜା ଓ ନବରାତ୍ର ମହୋତ୍ସବର ଆଜି ନବମୀ ତିଥିରେ ମାଆ ସିଦ୍ଧିଦାତ୍ରୀ ବେଶରେ ଦର୍ଶନ ଦେଇଥିଲେ । ସକାଳୁ ମାଆଙ୍କର ସାଲା ମଣ୍ଡନ ପୂଜା ପରେ ମାଆ ଆଜି ଏକ ସ୍ୱତନ୍ତ୍ର ପାଲିଙ୍କି ଯୋଗେ ନଗର ପରିକ୍ରମା କରି ଭଉଣୀ ଗଡ଼ ବଘେଇଙ୍କ ପାଖରେ ପହଂଚିଥିଲେ । ସେଠାରେ ବଘେଇ କମିଟି ତରଫରୁ ଦ୍ବିପ୍ରହରେ ଭୋଗ ସହ ସାଥୀରେ ଯାଇଥିବା ଶହ ଶହ ଯାତ୍ରୀମାନଙ୍କୁ ପ୍ରସାଦ ସେବରେ ଅପ୍ୟାୟିତ କରିଥିଲେ । ସଂଧ୍ୟରେ ମାଆ ନିଜ ଆସ୍ଥାନକୁ ଫେରିଲା ପରେ ମାଙ୍କୁ ମହାସ୍ନାନ କରାଯାଇ ସିଦ୍ଧିଦାତ୍ରୀ ବେଶରେ ସଜ୍ଜିତ କରାଯାଇ ବିଭିନ୍ନ ପୂଜାନୀତି ସଂପନ୍ନ କରାଯାଇଥିଲା। ଗୁପ୍ତପୂଜା ପରେ ଆଳତି ସହିତ ଦ୍ୱାର ଖୋଲାଯାଇ ମା ଦର୍ଶନ ଦେଇଥିଲେ । ମା ଆଜି

ଚତୁର୍ଭୁଜା,ପଦ୍ମାସନା, ଶଙ୍ଖଚକ୍ର ଗଦା ପଦ୍ମ ଧାରଣ ପୂର୍ବକ ଦର୍ଶନ ଦେଇଥିଲେ । ଆଜି ୯ ଜଣ କୁମାରୀ କନ୍ୟାଙ୍କୁ ମାଆଙ୍କର ନଅଗୋଟି ସ୍ୱରୂପରେ ସଜ୍ଜା ଯାଇ ଯଜ୍ଞ ମଣ୍ଡପ ଉପରେ ପୂଜା ପାଇଥିଲେ । ଷୋଡ଼ଶ ଉପଚାର ପୂଜା ମହା ସପ୍ତସତି ସଂପୂର୍ଣ୍ଣ ଚଣ୍ଡୀ ଆରତି ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଚାଲିଥିଲା । ଆସନ୍ତାକାଲି ବୁଧବାର ବିଶ୍ରାମ ଦିବସ ଓ ଗୁରୁବାରସଂଧ୍ୟାରେ ପୂର୍ଣ୍ଣାହୂତି ସହିତ ପ୍ରସାଦ ସେବନ ହେବ ବୋଲି ମୁଖ୍ୟ ପୂଜକ ମନୋରଂଜନ ପଣ୍ଡା କହିଥିଲେ । ଏହି କାର୍ଯ୍ୟକ୍ରମକୁ ସଭାପତି ରାଧାମୋହନ ପଟ୍ଟନାୟକ, ଅଶୋକ ଦାଶ, ଭାଗୀରଥୀ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ସାହାଣୀ, ଆଡଭୋକେଟ୍ ସୁରେଶ ଚନ୍ଦ୍ର ମିଶ୍ର, ଚନ୍ଦ୍ରଶେଖର ପଣ୍ଡା, ମୀରାଦଳାଇ, ରାନୁ ମଙ୍ଗରାଜ, ପ୍ରମିଳା ସାହାଣୀ,ନିତ୍ୟ ସେବକ ଚଟୁକର ପ୍ରମୁଖ ପରିଚାଳନା କରିଥିଲେ ବୋଲି ସଂପାଦକ ଏଲ୍‌ଡି ମହାନ୍ତି ସୂଚନା ଦେଇଛନ୍ତି ।

୨୧ରେ ଜାନକୀବଲ୍ଲଭଙ୍କ ନବମ ଶ୍ରାଦ୍ଧବାର୍ଷିକୀ

ସନ୍ଧ୍ୟାରାଣୀ ମଲ୍ଲିକ, ସୁଦର୍ଶନ ପଟ୍ଟନାୟକ, ବିରୁପାକ୍ଷ ତ୍ରିପାଠୀ ପାଇବେ 'ଜାନକୀବଲ୍ଲଭ ସ୍ମାରକୀ ସମ୍ମାନ'

କଟକ (ସବ୍ୟୁ): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆସାମର ପୂର୍ବତନ ରାଜ୍ୟପାଳ ଜନନେତା ଜାନକୀବଲ୍ଲଭ ପଟ୍ଟନାୟକଙ୍କ ସ୍ମୃତିରେ ଗଠିତ ଜାନକୀବଲ୍ଲଭ ସ୍ମାରକୀ

ପ୍ରତିଷ୍ଠାନ ପକ୍ଷରୁ ଚଳିତ ବର୍ଷର 'ଜାନକୀବଲ୍ଲଭ ସ୍ମାରକୀ ସମ୍ମାନ' ଘୋଷଣା କରାଯାଇଛି । ସମାଜସେବା, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ସୁଖ୍ୟାତ ୩ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ । ସେହିକ୍ରମରେ କସ୍ତୁରବା ଗାନ୍ଧୀ ରାଷ୍ଟ୍ରୀୟ ସ୍ମାରକ ଟ୍ରଷ୍ଟର ଓଡ଼ିଶା ମୁଖ୍ୟ ସୁଶ୍ରୀ ସନ୍ଧ୍ୟାରାଣୀ ମଲ୍ଲିକଙ୍କୁ ଜାନକୀବଲ୍ଲଭ ସେବା ସମ୍ମାନ, ସୁଲେଖକ ପ୍ରଫେସର ଡାକ୍ତର ସୁଦର୍ଶନ ପଟ୍ଟନାୟକଙ୍କୁ ଜାନକୀବଲ୍ଲଭ ସାହିତ୍ୟ ସମ୍ମାନ ଓ ଦୈନିକ ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସଂପାଦକ ବିରୁପାକ୍ଷ ତ୍ରିପାଠୀଙ୍କୁ ଜାନକୀବଲ୍ଲଭ ସାମ୍ବାଦିକ ସମ୍ମାନ ପ୍ରଦାନ ପାଇଁ ମନୋନୀତ କରାଯାଇଛି । ଆସନ୍ତା ୨୧ ତାରିଖ ରବିବାର ସନ୍ଧ୍ୟା ସାଢ଼େ ୬ଟା ସମୟରେ କଟକ ବିଜୁ ପଟ୍ଟନାୟକ ଛକସ୍ଥିତ ସାରଳା ଭବନରେ ଜାନକୀବଲ୍ଲଭଙ୍କ ନବମ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ପ୍ରତିଷ୍ଠାନର ସାଧାରଣ ସଂପାଦକ ଡକ୍ଟର ଗୋବିନ୍ଦ ଭୂୟାଁ ସୂଚନା ପ୍ରଦାନ କରିଛନ୍ତି । ପ୍ରଫେସର ବୈଷ୍ଣବ ଚରଣ ସାମଲଙ୍କ ପୌରୋହିତ୍ୟରେ ଚଳିତ ବର୍ଷର ଶ୍ରାଦ୍ଧ ସଭାରେ ମୁଖ୍ୟ ଅତିଥି ଭାବରେ ଯୋଗଦେବେ ଓଡ଼ିଶା ହାଇକୋର୍ଟର ମାନ୍ୟବର ପ୍ରାକ୍ତନ ବିଚାରପତି ବୀରକିଶୋର ମିଶ୍ର ଓ ଜାନକୀବଲ୍ଲଭ ସ୍ମାରକୀ ବକ୍ତୃତା ସୁଖ୍ୟାତ କବି ଓ ଚିନ୍ତକ ହର ପ୍ରସାଦ ଦାସ ପ୍ରଦାନ କରିବେ ବୋଲି ଡକ୍ଟର ଭୂୟାଁଙ୍କ ସୂତ୍ରରୁ ପ୍ରକାଶ ।

ଭି-ଗାର୍ଡ ପକ୍ଷରୁ ଆରିଜୋର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ) : ଭାରତର ଅଗ୍ରଣୀ ଇଲେକ୍ଟ୍ରିକାଲ୍, ଇଲେକ୍ଟ୍ରୋନିକ୍ସ ଏବଂ ହୋମ୍ ଆପ୍ଲାଏନ୍ସ କମ୍ପାନି ଭି-ଗାର୍ଡ ପକ୍ଷରୁ 'ଆରିଜୋ ୱାୟର୍ସ'ର ଶୁଭାରମ୍ଭ କରାଯାଇଛି, ଯାହାକି ଇଲେକ୍ଟ୍ରିକାଲ୍ ୱାୟରିଂ ଟେକ୍ନୋଲୋଜି କ୍ଷେତ୍ରରେ ଏକ ଅଭିନବ ଉଦ୍ଭାବନା ଉନ୍ନତ ଇ-ବିମ୍ ଟେକ୍ନୋଲୋଜି ଏବଂ ଶୂନ୍ୟ-ହାଲୋଜେନ୍ ଲୋ-ସ୍ମୋକ୍ ଗୁଣ ଦ୍ୱାରା ପରିଚାଳିତ, ଆରିଜୋ ୱାୟର୍ସ ବୈଦ୍ୟୁତିକ ନିରାପତ୍ତା ଏବଂ ସ୍ଥାୟୀତ୍ୱ ମାନଦଣ୍ଡରେ ଏକ ନୂତନ ଯୁଗର ଆରମ୍ଭ କରିଛି । ବଜାରରେ ସୁରକ୍ଷିତ ଓ ପରିବେଶ ଅନୁକୂଳ ସମାଧାନର ଚାହିଦା ବଢ଼ିବାରେ ଲାଗିଛି। ଆରିଜୋ ୱାୟର୍ସ ଏହାର ଅତ୍ୟାଧୁନିକ ଇ-ବିମ୍ ପ୍ରୋସେସିଂ କୌଶଳ ସହିତ ଏହି ଚାହିଦାକୁ ପୂରଣ କରିବାକୁ ପ୍ରତିଶ୍ରୁତି ଦେଉଛି, ଯାହାର ଶକ୍ତି ଧାରଣ କ୍ଷମତା ପାରମ୍ପରିକ ଏଫଆର ପିଭିସି ତାର ତୁଳନାରେ ୭୫% ଅଧିକ ରହିଛି । ଏହି ଅତ୍ୟାଧୁନିକ ଜ୍ଞାନକୌଶଳ ଆରିଜୋ ୱାୟର୍ସର ଉଭୟ ବୈଦ୍ୟୁତିକ ଏବଂ ଶାରୀରିକ ଶକ୍ତିକୁ ବଢ଼ାଇଥାଏ, ଯାହା ଏହାକୁ ୯୦ ଡିଗ୍ରୀ ସେଲସିୟସ ନିର'ର ଅପରେସନ ପାଇଁ ଉପଯୁକ୍ତ କରିଥାଏ ।

ପ୍ରଦେଶ କଂଗ୍ରେସର ନିର୍ବାଚନ ପ୍ରଚାର କମିଟି ବୈଠକ

ଭୁବନେଶ୍ୱର (ସବ୍ୟୁ): ପୂର୍ବତନ ମନ୍ତ୍ରୀ ଭକ୍ତ ଚରଣ ଦାସ ରାଜ୍ୟ କଂଗ୍ରେସ ପ୍ରଚାର କମିଟିର ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କଲାପରେ ମଙ୍ଗଳବାର ରାଜ୍ୟ ପ୍ରଚାର କମିଟିର ପ୍ରଥମ ବୈଠକ କଂଗ୍ରେସ ଭବନରେ ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ଦାସଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ଆସନ୍ତା ଲୋକସଭା ଓ ବିଧାନସଭା କ୍ଷେତ୍ରମାନଙ୍କରେ କିପରି ପ୍ରଭାବୀ ଢ଼ଙ୍ଗରେ ପ୍ରଚାର କରାଯିବ ତାହାର ରଣକୌଶଳ ସ୍ଥିର କରାଯାଇଥିଲା । ଜାତୀୟ କଂଗ୍ରେସର ୫ଟି ନ୍ୟାୟ ଓ ୨୫ଟି ଗ୍ୟାରେଣ୍ଟି ଏବଂ ରାଜ୍ୟ କଂଗ୍ରେସର ୯ଟି ଗ୍ୟାରେଣ୍ଟି କିପରି ସାଧାରଣ ମତଦାତାଙ୍କ ନିକଟରେ ପହଞ୍ଚିବ ତା' ଉପରେ ବିଷଦ ଭାବେ ଚର୍ଚ୍ଚା ହୋଇଥିଲା। ଶ୍ରୀକ୍ଷେତ୍ର ଧାମରୁ ରାଜ୍ୟର ବରିଷ୍ଠ ନେତୃବୃନ୍ଦଙ୍କ ଉପସ୍ଥିତିରେ ପ୍ରଚାର ଆରମ୍ଭ କରାଯିବ। ଏହି ପ୍ରଚାର ଅଭିଯାନ ୧୪୭ ଟି ବିଧାନସଭା ଓ ୨୧ ଟି ଲୋକସଭା କ୍ଷେତ୍ରରେ ପହଞ୍ଚିବ । ୨୮ ତାରିଖରେ ମଧୁବାବୁଙ୍କ ଜନ୍ମସ୍ଥାନରେ ପ୍ରସ୍ତାବିତ ଜନସଭାରେ କଂଗ୍ରେସ ପୂର୍ବତନ ଅଧ୍ୟକ୍ଷ ତଥା ସାଂସଦ ରାହୁଲ ଗାନ୍ଧୀଜୀ ସମ୍ବୋଧନ କରିବେ । ବୁଥ୍ ସ୍ତରରେ ଓଡ଼ିଶା କଂଗ୍ରେସ ୯ଟି ଗ୍ୟାରେଣ୍ଟିକୁ ଘରେ ଘରେ

ପହଂଚାଇବା ପାଇଁ ରଣକୌଶଳ ପ୍ରସ୍ତୁତ କରାଯାଇଥିଲା। ଏହି ବୈଠକରେ ପ୍ରଚାର କମିଟିର ଉପାଧ୍ୟକ୍ଷ ନବଜ୍ୟୋତି ପଟ୍ଟନାୟକ, ପ୍ରଚାର କମିଟି ଆବାହକ ସୁଧାଂଶୁ ଶେଖର ଦେଓ, ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷ ଅମୀୟ ପାଣ୍ଡବ, ସଂଖ୍ୟାଲଘୁ ସେଲ୍ ଅଧ୍ୟକ୍ଷ ଜିଆଉଲ୍ ହକ୍, ଇସ୍ତାହାର କମିଟି ଅଧ୍ୟକ୍ଷ ପଂଚାନନ କାନୁନ୍‌ଗୋ, ଅନୁସୂଚିତ ଜାତି ଅଧ୍ୟକ୍ଷ ବାଙ୍କନିଧି ବେହେରା, ସେବାଦଳ ଅଧ୍ୟକ୍ଷ ଆର୍ଯ୍ୟ ଜ୍ଞାନେନ୍ଦ୍ର, ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ପୂର୍ବତନ ସାଂସଦ ନକୁଳ ନାଏକ, କଟକ ଜିଲ୍ଲା କଂଗ୍ରେସ ସଭାପତି ମାନସ ଚୌଧୁରୀ, ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ୍ ଦାସ, ରଶିକ୍ ପଟ୍ଟନାୟକ, ବିଧାୟକ ଦାଶରଥି ଗମାଙ୍ଗୋ, ଅବଦୁଲ୍ କାଲାମ୍, ଏଆଇସିସି ପର୍ଯ୍ୟବେକ୍ଷକ ହର୍ଷବର୍ଦ୍ଧନ, ହମିଦ୍ ହୁସେନ୍, ଜାକବ୍ ପ୍ରଧାନ, ସସ୍ମିତା ବେହେରା, ପୃଥ୍ୱିବଲ୍ଲଭ ପଟ୍ଟନାୟକ, ପଦ୍ମାକର ଗୁରୁ, ରଂଜିତା ରାଉତ, ବନ୍ଦିତା ପରିଡ଼ା, ବିଷ୍ଣୁଚରଣ ବାରିକ, ଜିତେନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

ଦୁଇ ବେପାରୀ ଗିରଫ, ଦୁଇ କେଜି ଗଞ୍ଜେଇ ଜବତ

ଭୁବନେଶ୍ୱର, (ସବ୍ୟୁ) : ତମାଣ୍ଡୋ ଥାନା ପୋଲିସ ଦୁଇଜଣ ବେପାରୀଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୨.୫ କେଜି ଗଞ୍ଜେଇ ଜବତ କରିଛି । ଗଞ୍ଜେଇ କାରବାରରେ ବ୍ୟବହାର କରୁଥିବା ବୁଲେଟ ମଧ୍ୟ ଜବତ କରାଯାଇଛି ।

ପୋଲିସ ଖବର ପାଇଥିଲା କଳିଙ୍ଗ ବିହାର କେ.୫ରେ ଥିବା ଷ୍ଟେଟବ୍ୟାଙ୍କ ନିକଟରେ ଦୁଇଜଣ ଗଞ୍ଜେଇ କାରବାର କରୁଛନ୍ତି । ଖବର ଆଧାରରେ ପୋଲିସ ସେଠାରେ ଚଢ଼ାଉ କରି ଦୁଇଜଣଙ୍କୁ କାବୁ କରିବା ସହ ତାଙ୍କ ନିକଟରୁ ଗଞ୍ଜେଇ ଓ ବୁଲେଟ ଜବତ କରିଥିଲା । ଗିରଫ ଦୁଇଜଣ ହେଲେ ବିପ୍ର ସ୍ୱାଇଁ (୬୫), ରତିକେଶନ ପ୍ରଧାନ (୨୪) । ଗତ ୩ ମାସ ହେବ ଦୁଇଜଣ କ୍ରମାଗତ ଭାବେ ଗଞ୍ଜେଇ କାରବାର କରୁଥିବା ଜେରାବେଳେ ପୋଲିସକୁ କହିଛନ୍ତି । ଗିରଫ ଦୁଇଜଣଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ ହାଜତ ପଠାଇ ଦିଆଯାଇଛି ।

ଆଇଏଏସ୍ ପରୀକ୍ଷାରେ କୃତକାର୍ଯ୍ୟ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲେ କେନ୍ଦ୍ରମନ୍ତ୍ରୀ

ଅନିମେଶ ଦ୍ୱିତୀୟ ସ୍ଥାନ ଅଧିକାର କରି ତାଳଚେର ତଥା ଓଡ଼ିଶାକୁ ଗର୍ବିତ କରିଛନ୍ତି

ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୟୁପିଏସସି ଦ୍ୱାରା ପରିଚାଳିତ ସର୍ବଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ୨୦୨୩ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ 'ଏକ୍ସ'ରେ ଅଭିନନ୍ଦନ ଜଣାଇଛନ୍ତି । ଶ୍ରୀ ପ୍ରଧାନ ଟ୍ୱିଟ୍‌ରରେ ଉଲ୍ଲେଖ କରିଛନ୍ତି ଯେ ଆଇଏଏସ- ୨୦୨୩ ପରୀକ୍ଷାରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଆଦିତ୍ୟ ଶ୍ରୀବାସ୍ତବ, ତାଳଚେରର ଅନିମେଶ ପ୍ରଧାନଙ୍କ ସମେତ ସଫଳତା ପାଇଥିବା ସମସ୍ତ ପରୀକ୍ଷାର୍ଥୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ । ଓଡ଼ିଶାର ସୁଯୋଗ୍ୟ ସନ୍ତାନ ଅନିମେଶ ଆମ ତାଳଚେର ତଥା ଓଡ଼ିଶାକୁ ଗର୍ବିତ କରିଛନ୍ତି । ପରିଶ୍ରମ, ଏକାଗ୍ରତା ଓ ସ୍ମାର୍ଟୱାର୍କ ଦ୍ୱାରା ସେମାନେ ଏହି କୃତି ହାସଲ କରିଛନ୍ତି । ନିଜକୁ ଜନସେବାରେ ସାମିଲ କରି 'ବିକଶିତ ଭାରତ' ଗଠନ କରିବା ଦିଗରେ ସୁଚାରୁରୂପେ ଦାୟିତ୍ୱ ନିର୍ବାହ କରିବା ପାଇଁ ଶ୍ରୀ ପ୍ରଧାନ କୃତି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି ।

ଭୋଗରାଇରେ ନିର୍ବାଚନୀ ବିଗୁଲ ବଜାଇଲା କଂଗ୍ରେସ

ଭୋଗରାଇ,(ସବ୍ୟୁ) :ବାଲେଶ୍ୱରଜିଲା ଭୋଗରାଇ ନିର୍ବାଚନ ମଣ୍ଡଳୀରେ ବିଜେଡି ଓ ଭାଜପା ଦଳୀୟ ପ୍ରାର୍ଥୀ ଘୋଷିତ ହୋଇନଥିବାବେଳେ ପ୍ରଥମେ ଅଖିଳ ଭାରତ କଂଗ୍ରସ କମିଟି ଓ ପ୍ରଦେଶ କଂଗ୍ରେସ କମିଟି ସହମତିରେ କଂଗ୍ରେସ ପକ୍ଷରୁ ସାରସ୍ୱତ ସାଧକ ସତ୍ୟଶିବ ଦାସଙ୍କୁ ପୁଣି ଥରେ ବିଧାନସଭା ପ୍ରାର୍ଥୀ ଭାବେ ଘୋଷଣା କରିଥିବାରୁ ଦଳର ବରିଷ୍ଠ, ବଳିଷ୍ଠ ଓ କନିଷ୍ଠ ନେତା ଓ କର୍ମୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି ।ଏଥି ନିମନ୍ତେ ସୋମବାର ଅପରାହ୍ନ ରେ ଭୋଗରାଇ ଜଳେଶ୍ୱରପୁର ସ୍ଥିତ କଂଗ୍ରେସ ଭବନ ଠାରେ କଂଗ୍ରେସ ପ୍ରାର୍ଥୀଙ୍କୁ ଦଳ ପକ୍ଷରୁ ଉଚ୍ଛସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି ।ଭୋଗରାଇ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ନାୟକଙ୍କ ପୌରହିତ୍ୟରେ ଏକ ନିର୍ବାଚନୀ ରଣକୌଶଳ ସ୍ଥିର କରି ଆସନ୍ତା ଶନିବାର କମର୍ଦ୍ଦା ଓ ଚନ୍ଦନେଶ୍ୱର ରେ ପ୍ରଥମ ଆଗୁଆ ନିର୍ବାଚନୀ ସଭା କରାଯିବାର ଘୋଷଣା କରିଛନ୍ତି। କଂଗ୍ରେସ ସମର୍ଥିତ ବିଧାନସଭାପ୍ରାର୍ଥୀ ସତ୍ୟଶିବ ଦାସ ଓଡ଼ିଆ ନବବର୍ଷ ରେ ଭୋଗରାଇ ନିର୍ବାଚନ ମଣ୍ଡଳୀରେ ଏହି ସମ୍ବର୍ଦ୍ଧିତ ଚିନ୍ତନ ବୈଠକରେ ଅଖିଳ ଭାରତ କଂଗ୍ରେସ ଓ ପ୍ରଦେଶ କଂଗ୍ରେସ ର ସଭାପତିଙ୍କୁ କୃତଜ୍ଞତା ଜଣାଇବା ସହିତ ଭୋଗରାଇରେ ଅନ୍ୟାୟ ଓ ଦୁର୍ନୀତି ବିରୋଧରେ ସତ୍ୟର ଜୟ ପାଇଁ ଭୋଗରାଇ ବାସୀଙ୍କୁ ନିବେଦନ କରିଥିଲେ ।

୧.୧୧ କୋଟି ଠକେଇ, ବିବିଏମ୍ ଛାତ୍ର ଗିରଫ

ଭୁବନେଶ୍ୱର, (ସବ୍ୟୁ) : ୧.୧୧ କୋଟି ଟଙ୍କା ଠକି ନେଇଥିବା ବିବିଏମ୍ ଛାତ୍ରକୁ ଗିରଫ କରିଛି କମିଶନରେଟ ପୋଲିସର ସ୍ପେଶାଲ କ୍ରାଇମ୍ ୟୁନିଟ । ବିବିଏମ୍ ଛାତ୍ର ଆତ୍ମଜ୍ୟୋତି ନାୟକ (୨୧) ଚିନ୍ତାମଣିଶ୍ୱର ଏତଲାକାରୀ ମହିଳାଙ୍କ ସମେତ ୧୦ ଜଣଙ୍କଠାରୁ ଟଙ୍କା ଠକି ଫେରାର ହୋଇଯିବା ପରେ ଏୟାରପୋର୍ଟ ଥାନାରେ ଏତଲା ହୋଇଥିଲା ।

ଏତଲାକୁ ଆଧାର କରି ପୋଲିସ ଆତ୍ମଜ୍ୟୋତିକୁ ଗରିଫ କରିବା ସହ ଠକେଇ ରହସ୍ୟ ଉନ୍ମୋଚନ କରିଛି । ଆଉ ତିନିଦିନ ହାଜତ ଜେରା ପାଇଁ ପୋଲିସ ଅଦାଲତଙ୍କ ଅନୁମତି ମାଗିଥିବା କହିଛି । ଟଙ୍କା ବିନିଯୋଗ କରିଥିବା ୧୦ ଜଣଙ୍କୁ ୧୫% ସୁଧ ଦେବାକୁ ପ୍ରତିଶ୍ରୁତି ଦେଇଥିଲା ଆତ୍ମଜ୍ୟୋତି । ବିନିଯୋଗକାରୀଙ୍କୁ ମାତ୍ର ୧୨ଲକ୍ଷ ଟଙ୍କା ଫେରାଇବା ପରେ ଆତ୍ମଜ୍ୟୋତି ଆଉ ଟଙ୍କା ଦେଇ ନଥିଲା । ବିନିଯୋଗକାରୀମାନେ ମୂଳ ଟଙ୍କା ଫେରାଇବାକୁ ଜିଦ୍ ଧରିବାରୁ ସେ ସେମାନଙ୍କୁ ଚେକ୍ ଦେଇଥିଲା । ଚେକ୍ ନେଇ ବ୍ୟାଙ୍କରେ ଲଗାଇବା ପରେ ତାହା ବାଉନ୍ସ ହେଲା । ବାଉନ୍ସ ହେବାପରେ ଆତ୍ମଜ୍ୟୋତିକୁ ସେମାନେ ଖୋଜିବାରୁ ସେ କେଉଁଆଡ଼େ ଆତ୍ମଗୋପନ କରିଥିଲା ।

ଆତ୍ମଜ୍ୟୋତି ଭୁବନେଶ୍ୱରର ଏକ ପ୍ରତିଷ୍ଠିତ ମ୍ୟାନେଜମେଣ୍ଟ ଇନିଷ୍ଟିଚ୍ୟୁଟ୍‌ର ବିବିଏମ୍ ଶେଷବର୍ଷ ଛାତ୍ର ହୋଇଥିବାରୁ ଟଙ୍କା କାରବାର ସମ୍ପର୍କରେ ତା'ର ଭଲ ଧାରଣା ଥିଲା । ସେ ବିନିଯୋଗକାରୀଙ୍କ ଟଙ୍କାକୁ ସେୟାର ଟ୍ରେଡିଂରେ ଲଗାଇ ନିଜେ ଲାଭବାନ ହୋଇଥିଲା । ବାରମ୍ବାର ୧୦ ଜଣ ନିଜ ଘର ପଳାଶପଲ୍ଲୀକୁ ଯିବାରୁ ସେ ଆତ୍ମଗୋପନ କରିବାକୁ ବାଧ୍ୟ ହୋଇଥିଲା । ଏତେଗୁଡ଼ିଏ ଟଙ୍କା କେଉଁଆଡ଼େ କ'ଣ ଖର୍ଚ୍ଚ କରିଛି କିମ୍ବା ବିନିଯୋଗ କରିଛି ତାହା ପୋଲିସ ସ୍ପଷ୍ଟ ହୋଇପାରି ନାହିଁ । କେବଳ ୧୦ ଜଣଙ୍କୁ ଠକିଛି ନା ଆଉ କେତେଜଣଙ୍କୁ ଠକିଛି ହାଜତ ଜେରା କଲେ ସ୍ପଷ୍ଟ ଜଣାପଡ଼ିବ ବୋଲି ପୋଲିସ କହିଛି । ଆତ୍ମଜ୍ୟୋତିକୁ ମଙ୍ଗଳବାର କୋର୍ଟ ଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ ହାଜତ ପଠାଇ ଦିଆଯାଇଛି ।

କାମାକ୍ଷାନଗର ସହର ର ୭ ଓ ୮ ନମ୍ବର ୱାର୍ଡ ରେ

ନିର୍ବାଚନ ପ୍ରଚାର କଲେ ପ୍ରଫୁଲ୍ଲ ମଲ୍ଲିକ

କାମାକ୍ଷାନଗର,(ସବ୍ୟୁ) : କାମାକ୍ଷାନଗର ନିର୍ବାଚନମଣ୍ଡଳୀ ରେ ଆସନ୍ତା ସାଧାରଣ ନିର୍ବାଚନ ପାଇଁ ପ୍ରଚାର କରିଛି ବିଜୁ ଜନତା ଦଳ । ଦଳର ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ ନେତା ପ୍ରଫୁଲ୍ଲ ମଲ୍ଲିକ କାମାକ୍ଷାନଗର ଏନଏସି ଅନ୍ତର୍ଗତ ୭ ଓ ୮ନମ୍ବର ୱାଡର ମୁଣ୍ଡିଦେଉଳି ରେ ପ୍ରଚାର କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଜନକଲ୍ୟାଣ କାରୀ ଯୋଜନା ଓ କାମାକ୍ଷାନଗର ଏନଏସି ହୋଇଥିବା ବିକାଶ କାର୍ଯ୍ୟକୁ ଆଧାର କରି ବିଜେଡି ଲୋକ ଙ୍କ ପାଖକୁ ଯାଉଛି । ଯେଉଁଥିପାଇଁ ବିଜୁ ଜନତା ଦଳ ପ୍ରତି ଜନସମର୍ଥନ ଦେଖିବାକୁ ମିଳିଛି । ଆଜି ସ୍ଥାନୀୟ ପ୍ରାର୍ଥୀ ପ୍ରଫୁଲ୍ଲ ମଲ୍ଲିକ ଏନଏସିର ମୁଣ୍ଡିଦେଉଳି ସାହିର କଲ୍ୟାଣମଣ୍ଡପ ଠାରେ ଏକ ନିର୍ବାଚନ ସଭା କରିବା ସହ ଘରକୁ ଘର ବୁଲି ଭୋଟ ଭିକ୍ଷା କରିଛନ୍ତି । ଏହି ଅବସରରେ କାମାକ୍ଷାନଗର ଏନଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡା, ସମସ୍ତ କାଉନସିଲର, ବିଜୁ ଜନତା ଦଳ ନଗର ସଭାପତି ଆଦିତ୍ୟ ପ୍ରସାଦ ଆଚାର୍ଯ୍ୟ, ନଗର ସଭାନେତ୍ରୀ ରଞ୍ଜିତା ବେହେରା ଉପସ୍ଥିତ ରହି ଢେଙ୍କାନାଳ ସାଂସଦ ପ୍ରାର୍ଥୀ ଡ଼ ଅବିନାଶ ସାମଲ ଓ କାମାକ୍ଷାନଗର ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ମଲ୍ଲିକ ଙ୍କୁ ବିପୁଳ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ଜନସାଧାରଣ ଙ୍କୁ ନିବେଦନ କରିଛନ୍ତି । ଏହି ସଭା ରେ ୭ ଓ ୮ ନମ୍ବର ୱାର୍ଡ ର ଶତାଧିକ ପୁରୁଷ ଓ ମହିଳା ବାସିନ୍ଦା ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀ ଙ୍କୁ ଷଷ୍ଠଥର ଓ ପ୍ରଫୁଲ୍ଲ ମଲ୍ଲିକ ଙ୍କୁ ପଞ୍ଚମ ଥର ପାଇଁ ବିଧାୟକ ଭାବେ ବିଜୟୀ କରିବା ପାଇଁ ଶପଥ ଗ୍ରହଣ କରିଥିଲେ ।

ସମାଜସେବୀ ବୁଲା ପରିଡାଙ୍କ ପରଲୋକ

ଖୋର୍ଦ୍ଧା (ସବ୍ୟୁ): ଖୋର୍ଦ୍ଧା ପୌରାଂଚଳ ର ଜଣେ ଜଣାଶୁଣା ସମାଜସେବୀ ଜଗବନ୍ଧୁ ପରିଡା (ବୁଲା) ଙ୍କ ର ମଙ୍ଗଳବାର ପୂର୍ବାହ୍ନରେ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲ ରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଛି । ମୃତ୍ୟୁବେଳକୁ ତାଙ୍କୁ ୭୧ବର୍ଷ ବୟସ ହୋଇଥିଲା । ସେ ଜଣେ ମେଳାପୀ ଓ ବନ୍ଧୁବତ୍ସଳ, ପରୋପକାରୀ ମଣିଷ ଥିଲେ । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ଜେମାଦେଇ ସ୍ଥିତ ବାସଭବନଠାରେ ମରଶରୀର ପହଁଚିବାରେ ସ୍ଥାନୀୟ ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର, ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ପୌରଉପାଧ୍ୟକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତି, ପୌରାଧ୍ୟକ୍ଷ ପ୍ରତିନିଧି ସୁବ୍ରତ ମହାନ୍ତି (ଟିକିଲା), ମିଶ୍ର ମହିଳା ଜନତାଦଳ ରାଜ୍ୟ ବରିଷ୍ଠ ଉପସଭାପତି ବାସନ୍ତୀ ମହାପାତ୍ର,

କାଉନ୍ସିଲର କମଲ ପ୍ରଧାନ, ବବିନା ପ୍ରଧାନ, ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ଲଳିତ ମୋହନ ମହାପାତ୍ର, ଜିଲ୍ଲା ଉପ-ସଭାପତି ଇକବାଲ ଅହମ୍ମଦ, ଓଡିଶା ମୋ ପରିବାର ଜିଲ୍ଲା ସଂଯୋଜକ ଦିଲିପ କୁମାର ହୋତାଙ୍କ ସମେତ ଶିକ୍ଷାବିତ, ଆଇନଜିବୀ, ସ୍ଥାନୀୟ ଅଂଚଳର ବହୁ ମହିଳା ଓ ମୁରବୀ ଶ୍ରେଣୀୟ ବ୍ୟକ୍ତି ପ୍ରମୁଖ ଭେଟି ତାଙ୍କର ଶେଷ ଦର୍ଶନ କରିଥିଲେ । ସ୍ଥାନୀୟ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିବାବେଳେ ବଡ଼ପୁଅ ତଥା କାଉନ୍ସିଲର ଦିଲିପ ପରିଡା ମୁଖାଗ୍ନି ଦେଇଥିଲେ । ପ୍ରକାଶ ଥାଉକି, ସ୍ୱର୍ଗତ ପରିଡା ବହୁ ସମୟରେ ଲୋକଙ୍କୁ ସାହାର୍ଯ୍ୟ ସହଯୋଗ କରିଆସୁଥିଲେ । ଏପରିକି ଆର୍ଥିକ ଦୁର୍ବଳ ଥିବା ପରିବାର ଝିଅଙ୍କର ବିବାହ କରାଇଥିଲେ । ୧୬ନଂ ଜାତୀୟ ରାଜପଥର ଶିଳ୍ପାଂଚଳ ଥାନା ନିକଟରେ ଖୋର୍ଦ୍ଧାର ପ୍ରଥମ ସାଇ ମନ୍ଦିର ନିର୍ମାଣ କରିଥିଲେ।

ଶ୍ରୀରାମ ନବମୀ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ : ବଡ଼ ଧରଣର ବୈଠକ

ବାରିପଦା, (ସବ୍ୟୁ) : ଶ୍ରୀରାମ ନବମୀ ମହୋତ୍ସବକୁ ଧୁମଧାମରେ ପାଳନ କରିବା ଦୃଷ୍ଟିରୁ ଏଠାରେ ଗତ କିଛିଦିନ ଧରି ଚାଲିଥିବା ପ୍ରସ୍ତୁତି ଏବେ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ସହରର ବିଭିନ୍ନ ଭାଗ ସମ୍ପ୍ରତି ଗୈରିକ ପତାକାଯୁକ୍ତ ହେବା ସହ ରାମଙ୍କ ପ୍ରତି ସମର୍ପିତ ସଙ୍ଗୀତ ଗୁଡ଼ିକରେ ମୁଖରିତ ହୋଇଉଠୁଛି । ତେବେ ଶ୍ରୀରାମ ନବମୀ ଅବସରରେ ଏପ୍ରିଲ ୧୭ତାରିଖ ବୁଧବାର ଅପରାହ୍ନରେ ଏଠାରେ ବାହାରିବାକୁ ଥିବା ବିଶାଳ ବର୍ଣ୍ଣାଢ୍ୟ ରାମ ନବମୀ ଶୋଭାଯାତ୍ରା ଉପରେ ଏବେ ସମସ୍ତଙ୍କର ନଜର ରହିଛି ଏବଂ ଆୟୋଜକଙ୍କ ପକ୍ଷରୁ ମଧ ଏଥିନେଇ ସବୁପ୍ରକାର ପ୍ରସ୍ତୁତିକୁ ଚୂଡ଼ାନ୍ତ ରୂପ ଦିଆଯାଇଛି ।

ଏ ଦୃଷ୍ଟିରୁ ଇତିମଧ୍ୟରେ ସ୍ଥାନୀୟ ଗୁରୁଜୀ ଗାର୍ଡେନରେ ଶ୍ରୀରାମ ନବମୀ ମହୋତ୍ସବ ସମିତି ପକ୍ଷରୁ ଏକ ବଡ଼ ଧରଣର ବୈଠକ ଅନୁଷ୍ଠିତ ହୋଇଯାଇଛି । ସମିତି ସଂଯୋଜକ କବି ବିଷ୍ଣୁ ଶତପଥୀଙ୍କ ଆବାହକତ୍ୱରେ ଆୟୋଜିତ ଏହି ସମାବେଶରେ ବିଶ୍ୱ ହିନ୍ଦୁ ପରିଷଦର ଦିବାକର ତ୍ରିପାଠୀ, ରାମେନ୍ଦ୍ର ମହାପାତ୍ର, ପ୍ରଶାନ୍ତ ଆଚାର୍ଯ୍ୟ, ମୟୂରଭଞ୍ଜ ସାହିତ୍ୟ ପରିଷଦର ମନୋଜ ଦଳବେହେରା, ଚିନ୍ମୟ ମିଶନର ଅଜିତ ବେହେରା, ବ୍ରାହ୍ମଣ ମହାସଭାର ଅଚ୍ୟୁତ ପ୍ରସାଦ ମହାପାତ୍ର ଓ ଦୋଳଗୋବିନ୍ଦ ଦାଶ, ଡ୍ରାଇଭର ସଂଘର ବିନୋଦ ଲୋହାର, ଆଇନଜୀବୀ ସୁଜାତା ମିଶ୍ର ଓ ଲିଙ୍ଗରାଜ ମିଶ୍ର, ଶିକ୍ଷାବିତ ସରୋଜ ଖୁଣ୍ଟିଆ ଓ ଅଶ୍ୱିନୀ କୁମାର ପାତ୍ର, କାଉନ୍‌ସିଲର ଲକ୍ଷ୍ମୀଧର ହାବୋଡା ଓ ରାଜ ଗୁପ୍ତା, ତୁଳସୀ ଚଉରା ସରସ୍ୱତୀ ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ସୁଧୀର କୁମାର ମହାନ୍ତ, ଆରଏସଏସର ନିର୍ମଳ ଜେନା ଓ ତୁଷାରକାନ୍ତ ମହାନ୍ତ, ଆଦିତ୍ୟ ବାହିନୀର ରଘୁନାଥ ମହାନ୍ତ, ବିଦ୍ୟାର୍ଥୀ ପରିଷଦର କ୍ଷୀରୋଦ ଚନ୍ଦ୍ର ପଣ୍ଡା, ମାରୱାଡ଼ି ସମାଜର ମଞ୍ଜୁ ଖଣ୍ଡେଲୱାଲ, ନାରୀ ନେତ୍ରୀ ଶୋଭାବତୀ ଓତା, ପାୟଲ ରାୟ, ସସ୍ମିତା ପୃଷ୍ଟି ଓ ସସ୍ମିତା ବେହେରା ଏବଂ ବିଶ୍ୱଜିତ ରଣା, ସରୋଜ ପ୍ରହରାଜ, ଅଜିତ ଦଳେଇ, କୃଷ୍ଣା ରାମ, ମାନସ ସାହୁ, ତାପସ ପାଢ଼ୀ, ଦିବ୍ୟରଞ୍ଜନ ବିଶ୍ୱାଳ, ରବୀନ୍ଦ୍ର ସିଂହ, କଳ୍ପତରୁ ରାୟବାବୁ, ଚିନ୍ମୟ କୁମାର ବୋଡ଼େ, ରଞ୍ଜନ ନାୟକ, ଗୋବିନ୍ଦ ମନ୍ତ୍ରୀ, ଆଶୁତୋଷ ସାହୁ, ବିଭୁତି ଦାସ, ଗୌରହରି ପାତ୍ର, ସତ୍ୟନାଥ ପରିଡ଼ା, ସୌମ୍ୟ ସୌରଭ ମିଶ୍ର, ଅମିତ ନାୟକ, ଅଭିନବ ଭଞ୍ଜଦେଓ, ନନିଗୋପାଳ ଦାସ, ଅବିନାଶ ମୁଖୀ ଓ ରାଜବିର ବିନ୍ଧାଣି ପ୍ରମୁଖ ବଜରଙ୍ଗ ଦଳ ତଥା ମହୋତ୍ସବ ସମିତି କର୍ମକର୍ତ୍ତା ମାନେ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ରାମ ନବମୀ ଶୋଭାଯାତ୍ରା ବେଳେ ଉତ୍ସାହ, ଉଦ୍ଦୀପନା ଭିତରେ ବି ଶାନ୍ତି, ଶୃଙ୍ଖଳା ବଜାୟ ରଖିବାକୁ ବୈଠକରେ ସଂକଳ୍ପ ନିଆଯାଇଥିଲା । ସମାବେଶରେ ସହରର ବିଭିନ୍ନ ବର୍ଗର ୩୦୦ରୁ ଊର୍ଦ୍ଧ୍ୱ ସଂଖ୍ୟକ ବ୍ୟକ୍ତି ଯୋଗ ଦେଇଥିଲେ ।

ଗୋପାଳପୁର ନିର୍ବାଚନମଣ୍ଡଳୀରେ ବିଜେଡିର ବିଶାଳ ଶୋଭାଯାତ୍ରା

ରଙ୍ଗେଇଲୁଣ୍ଡା, (ସବ୍ୟୁ): ନିର୍ବାଚନ ମାତ୍ର ଆଉ କିଛି ଦିନ ବାକି ଥିବା ବେଳେ ଆଜି ବିଜେଡିର ଏକ ବିଶାଳ ଶୋଭାଯାତ୍ରା ସକାଳ ଆଠ ଘଣ୍ଟା ସମୟରେ ଗୌଞ୍ଜୁ ଶିବ ମନ୍ଦିରରୁ ଆରମ୍ଭ ହୋଇ ଫୁଲଟା, ହଳଦିଆ ପଦର, କନିସି, ଚିକରଡ଼ା, ମନ୍ତ୍ରୀଡ଼ି, ଶାସନ ପଦର, ବିଶ୍ୱନାଥ ପୁର, ମେଣ୍ଡାରାଜପୁର, ଚଟି ଛକ ଏବଂ ଶେଷରେ ଚାନ୍ଦପୁରରେ ସମାପ୍ତ ହୋଇଥିଲା । ଆଜି ଉକ୍ତ ନିର୍ବାଚନ ପ୍ରଚାରରେ ହଜାର, ହଜାର ସଂଖ୍ୟାରେ ଯୁବକ, ଛାତ୍ର, ମହିଳା ଟାଣ ଖରା ପ୍ରକୋପକୁ ଖାତିର ନକରି ଯେପରି ଭାବେ ସ୍ୱତଃ ପ୍ରବୃତ ଭାବେ ଜଡିତ ହେଲେ, ତାହା ଆଜି ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତା ଯେ କେତେ ଆଜି ନିର୍ବାଚନ ମଣ୍ଡଳୀ ବାସି ଅବଗତ ହୋଇଛନ୍ତି ।

ଏତେ ସଂଖ୍ୟାର କର୍ମୀଙ୍କୁ ଦେଖି ବିଧାୟକ ପ୍ରାର୍ଥୀ ବିକ୍ରମ କୁମାର ପଣ୍ଡା ଏବଂ ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସି ପାତ୍ର ଅଭିଭୂତ ହୋଇଯାଇଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟନାୟକଙ୍କୁ ଗୋପାଳପୁର ନିର୍ବାଚନ ମଣ୍ଡଳୀ ବାସି ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଦେଖିବାକୁ ଚାହୁଁଛନ୍ତି ବୋଲି ଆଜିର ଉକ୍ତ ଜନ ସମାବେଶରୁ ପ୍ରମାଣିତ ହୋଇଗଲା ବୋଲି ବିଧାୟକ ପ୍ରାର୍ଥୀ ବିକ୍ରମ ପଣ୍ଡା କହିଥିଲେ ।

ଆଜିର ବିଶାଳ ପ୍ରଚାର କାର୍ଯ୍ୟକ୍ରମ ରେ ବ୍ଲକ ସଭାପତି ଅଜିତ କୁମାର ଦାସ, ବ୍ଲକ ଅଧକ୍ଷା ଚିନି ଉଷାରାଣି, ଉପାଧ୍ୟକ୍ଷା, ଅନିତା ମହାକୁଡ,୫୪ ନମ୍ବର ଜିଲ୍ଲା ପରିଷଦ ଦୀପକ ସାମନ୍ତ, ଗଞ୍ଜାମ ଜିଲ୍ଲା ସାଧାରଣ ସମ୍ପାଦକ ରାମହରି ପାତ୍ର, ବରିଷ୍ଠ ନେତା ପ୍ରତାପ ଚନ୍ଦ୍ର କୋଠିଆ, କାର୍ଯ୍ୟକାରୀ ସଭାପତି ଦିଲେଶ୍ୱର ରେଡି, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ରାଜେଶ୍ୱରୀ ଦୋରା, ଯୁବ ନେତା ସୁବାଶିଷ ସାହୁ, ଡେପୁଟି ମେୟର ବିବେକ ରେଡି, ଜିତେନ୍ଦ୍ର ରାଉଳ, ମୁନା ନାୟକ, ଅଜିତ ରାଉଳଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ ।

ବାଲୁକା ଶିଳ୍ପୀ ସତ୍ୟନାରାୟଣ ମହାରଣାଙ୍କ କାଠରେ ନିର୍ମିତ ରାମଲାଲାଙ୍କ ପ୍ରତିମୂର୍ତ୍ତି

ବ୍ରହ୍ମପୁର, (ସବ୍ୟୁ): ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣାଙ୍କ ପକ୍ଷରୁ ରାମନବମୀ ଅବସରରେ କାଠରେ ରାମ ଲାଲାଙ୍କ ପ୍ରତିମୂର୍ତ୍ତୀ ନିର୍ମାଣ କରିଛନ୍ତି । ଛୋଟ ହେଲା ସୁଦ୍ଧା ଅତି ଆକର୍ଷଣ ହେଇଛି। ଦେଖିବାକୁ ଅବିକଳ ଅଯୋଧ୍ୟା ରାମ ଲାଲାଙ୍କ ପରି । ସତ୍ୟଙ୍କୁ ଏହି କଳା କୃତି ପାଇଁ ୪ଦିନ ସମୟ ଲାଗିଥିଲା । ଏହି ମୂର୍ତ୍ତିର ଉଚ୍ଚତା ୫.୫ ଇଞ୍ଚ ସାଢ଼େ ପାଞ୍ଚ ଇଞ୍ଚି ଓ ଓସାର ୪ ଇଞ୍ଚ ରହିଛି। ଦଶ ଅବତାର ଓ ହନୁମାନ, ଗରୁଡ଼ ଓମ୍, ସ୍ୱସ୍ତିକ, ଶଙ୍ଖ, ଚକ୍ର ଶୋଭା ପାଉଛି । ଏହି କଳା କୃତିରେ ଛୋଟ ହେଲେ ସୁଦ୍ଧା ଅତି ସୁକ୍ଷ୍ମ କାରୁକାର୍ଯ୍ୟରେ ଭରପୁର ରହିଛି । ଅତି ଆକର୍ଷଣ ଲାଗୁଛି। ସତ୍ୟଙ୍କ ଏହି କଳା କୃତିଟି ତାଙ୍କ ସବୁ କଳାକୃତିରୁ ଅନନ୍ୟ ବୋଲି ସେ କହିଛନ୍ତି ।

ମୟୂରଭଞ୍ଜ ପାଇଁ ବିଜେପିର ପ୍ରାର୍ଥୀ ଘୋଷଣା

ବାଙ୍ଗିରିପୋଷିରୁ ସଞ୍ଜଲୀ, ସାରସକଣାରୁ ଭାଦବ, ରାଇରଙ୍ଗପୁରରୁ ଜୋଲେନ୍ ଓ କରଞ୍ଜିଆରୁ ପଦ୍ମଚରଣ

ବାରିପଦା, (ସବ୍ୟୁ) : ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବାବେଳେ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ମୟୂରଭଞ୍ଜର ରାଜନୈତିକ ବାତାବରଣ ମଧ ଉଷ୍ମ ହେବାରେ ଲାଗିଛି । ମଙ୍ଗଳବାର ବିଜେପି ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାର ବାକି ଥିବା ୪ଟି ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି । ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ପାଇଁ ସଞ୍ଜଲୀ ମୁର୍ମୁ, କରଞ୍ଜିଆ ପାଇଁ ପଦ୍ମଚରଣ ହାଇବ୍ରୁ, ରାଇରଙ୍ଗପୁର ପାଇଁ ଜୋଲେନ ବରଦା ଓ ସାରସକଣା ନିର୍ବାଚନ ମଣ୍ଡଳୀ ପାଇଁ ଭାଦବ ହାଁସଦାଃଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରିଛି । ସାରସକଣାରେ ବିଧାୟକ ଡାଃ ବୁଦାନ ମୁର୍ମୁଙ୍କ ବଦଳରେ ନିକଟରେ ବିଜୁ ଜନତାଦଳ ଛାଡି ବିଜେପିରେ ଯୋଗଦେଇଥିବା ପୂର୍ବତନ ବିଧାୟକ ଭାଦବ ହାଁସଦାଃଙ୍କୁ ଟିକେଟ୍ ଦେଇ ଦଳ ତାଙ୍କୁ ଭରସା କରିଛି । ଅପରପକ୍ଷରେ କରଞ୍ଜିଆରେ ପଦ୍ମଚରଣ ହାଇବ୍ରୁଙ୍କ ଉପରେ ପୁଣି ଦଳ ଭରସା କରିଥିବାବେଳେ ରାଇରଙ୍ଗପୁର ଓ ବାଙ୍ଗିରିପୋଷିରେ ନୂଆ ଯୁବ ଚେହେରାଙ୍କୁ ଦଳ ସୁଯୋଗ ଦେଇଛି । ପୂର୍ବରୁ ବାରିପଦା ପାଇଁ ପ୍ରକାଶ ସୋରେନ୍, ମୋରଡା ପାଇଁ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର, ବଡସାହି ପାଇଁ ସନାତନ ବିଜୁଳି, ଯଶିପୁର ପାଇଁ ଗଣେଶ ରାମସିଂ ଖୁଣ୍ଟିଆ ଓ ଉଦଳା ପାଇଁ ଭାସ୍କର ମଢେଇଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରିଛି । ସେହିପରି ମୟୂରଭଞ୍ଜ ଲୋକସଭା ଆସନ ପାଇଁ ପୂର୍ବରୁ ନବଚରଣ ମାଝୀଙ୍କୁ ବିଜେପି ପ୍ରାର୍ଥୀ ଭାବେ ଘୋଷଣା କରିଛି । ମୟୂରଭଞ୍ଜ ପାଇଁ ବିଜେପି ତାର ସମସ୍ତ ପ୍ରାର୍ଥୀ ଘୋଷଣା କରିଥିବାବେଳେ ବିଜେଡି ବର୍ତ୍ତମାନ ସୁଦ୍ଧା ବାଙ୍ଗିରିପୋଷି, ସାରସକଣା ଓ କରଞ୍ଜିଆ ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥୀ ଘୋଷଣା କରିପାରିନାହିଁ । ବିଜେଡିର ସମସ୍ତ ପ୍ରାର୍ଥୀ ଘୋଷଣା ପରେ ମୟୂରଭଞ୍ଜରେ ଲଢେଇର ଚିତ୍ର ସ୍ପଷ୍ଟ ହେବ । ଆଗକୁ ମୟୂରଭଞ୍ଜରେ ବିଜେପି ଓ ବିଜେଡି ମଧରେ କଡା ଟକ୍କର ହେବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି ।

କାର୍ ଧକ୍କାରେ ଯୁବକ ଆହତ

ବୁଗୁଡା, (ସବ୍ୟୁ): ବୁଗୁଡା ଥାନା ଅନ୍ତର୍ଗତ ବି.କରଡ଼ାବାଡ଼ି ଗାଁ ଛକରେ କାର୍ ଧକ୍କାରେ ଜନୈକ ବାଇକ୍ ଚାଳକ ଆହତ ହୋଇଥିବା ଜଣାଯାଇଛି । ଆହତ ଜଣକ ହେଲେ ଜଗନ୍ନାଥ ପ୍ରସାଦ ଥାନା ଅନ୍ତର୍ଗତ ମେଣ୍ଟପଲ୍ଲୀ ଗ୍ରାମର ମହନ୍ତ ନାୟକ । ଘଟଣାରୁ ପ୍ରକାଶ ଯେ , ଆଜି ପୂର୍ବାହ୍ନରେ ମହନ୍ତ ପାଣିକେଶର ଗାଁକୁ ବନ୍ଧୁ ଘରକୁ ଆସି ଫେରୁଥିବା ବେଳେ କରଡ଼ାବାଡ଼ି ଗାଁ ଛକରେ ବାଇକ୍ ଉପରେ ବସିରହିଥିଲେ । ଏ ସମୟରେ ପଛପଟୁ ଏକ କାର ଦ୍ରୁତଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା । ଆହତ ଅବସ୍ଥାରେ ତାଙ୍କୁ ଦୁର୍ଘଟଣା ସ୍ଥଳରୁ ଉଦ୍ଧାର କରାଯାଇ ବୁଗୁଡା ମେଡିକାଲକୁ ଅଣାଯାଇଥିଲା। ତାଙ୍କର ଡାହାଣ ପାଦରେ ଏବଂ ଅଣ୍ଟାରେ ଆଘାତ ଲାଗିଥିଲା । ପ୍ରାଥମିକ ଚିକିତ୍ସା ପରେ ତାଙ୍କର ଅବସ୍ଥା ସ୍ଥିର ରହିଥିବା ବେଳେ ଖବର ପାଇ ପୋଲିସ ପହଞ୍ଚି କାରଟିକୁ ଜବତ କରି ଥାନାକୁ ଆଣିଥିବା ଜଣାଯାଇଛି ।

ବାଇକ୍ ଧକ୍କାରେ ବାଳକ ଗୁରୁତର

ବୁଗୁଡା, (ସବ୍ୟୁ): ସ୍ଥାନୀୟ କଲେଜ ରୋଡର ଗ୍ଲାସ୍ ଫ୍ୟାକ୍ଟ୍ରି ସମ୍ମୁଖରେ ଏକ ବାଇକ ଧକ୍କାରେ ଜଣେ ବାଳକ ଆହତ ହୋଇ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର ହୋଇଥିବା ଜଣାଯାଇଛି । ଆହତ ଜଣକ ହେଲେ ଆଦିତ୍ୟ ନାୟକ(୫) । ଘଟଣାରୁ ପ୍ରକାଶ ଯେ, ଆଜି ପୂର୍ବାହ୍ନରେ ସ୍ଥାନୀୟ ପିପୁଲ୍ସ କଲେଜର ଜନୈକ କର୍ମଚାରୀ ବାଇକ୍ ଯୋଗେ କଲେଜକୁ ଯାଉଥିଲେ । ଏହି ସମୟରେ ବାଳକ ଜଣକ ରାସ୍ତା ପାର ହେଉଥିଲା ବେଳେ ବାଇକ୍ ସହ ଧକ୍କା ହୋଇ ଆହତ ହୋଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ବୁଗୁଡା ମେଡିକାଲକୁ ଅଣାଯାଇଥିଲା। ଦୁର୍ଘଟଣାରେ ସେ ଖଣ୍ଡିଆ ଖାବରା ହୋଇଥିଲା ବେଳେ ମୁଣ୍ଡରେ ଆଘାତ ଲାଗିଥିଲା ଏବଂ ଡାହାଣ ହାତଟି ଭାଙ୍ଗି ଯାଇଥିଲା। ତାଙ୍କର ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା ।

ପାଗଳା କୁକୁର କାମୁଡ଼ାରେ ୪ ଆହତ

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ବ୍ଲକ ଅନ୍ତରପଡା ଅଞ୍ଚଳରେ ପାଗଳା କୁକୁର ଆତଙ୍କ ଖେଳିଯାଇଥିବା ବେଳେ ବିଭିନ୍ନ ଗ୍ରାମରେ ପାଗଳା କୁକୁର କାମୁଡ଼ାରେ ଚାରି ଜଣ ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିବା ଜଣାଯାଇଛି। ଆହତମାନେ ହେଲେ ଅନ୍ତରପଡା ଗ୍ରାମର ମହରଗ ଜେନା ଓ ଜିତେନ୍ଦ୍ର ଗୌଡ , ବକ୍ସିପଲ୍ଲୀ ଗାଁର କାର୍ତ୍ତିକ ପାତ୍ର ଓ କଞ୍ଚୁରୁ ଗ୍ରାମର ମହେଶ୍ୱର ନାୟକ। ପ୍ରକାଶ ଯେ , ସନ୍ଧ୍ୟାରେ ମହରଗ ଗାଧୋଇବାକୁ ପୋଖରୀକୁ ଯାଉଥିବା ବେଳେ ପାଗଳା କୁକୁରଟି ହଠାତ୍ ତାଙ୍କର ଡାହାଣ ଗୋଡ ପେଣ୍ଡାକୁ କାମୁଡ଼ି ଧରିଥିଲା ।

ସେ କୁକୁରଟିର ମୁଣ୍ଡକୁ ଟାଣିବା ବେଳେ ପୁଣି ତାଙ୍କର ଡାହାଣ ହାତକୁ କାମୁଡି ଥିଲା। ସେହିପରି କାର୍ତ୍ତିକ ଓ ଜିତେନ୍ଦ୍ର ଘର ଆଗରେ ଠିଆ ହୋଇଥିବା ବେଳେ କୁକୁର କାମୁଡ଼ିଥିବା ବେଳେ ମହେଶ୍ୱର ଘରକୁ ଫେରୁଥିବା ସମୟରେ ରାସ୍ତାରେ ତାଙ୍କୁ କାମୁଡି ଥିଲା । ଫଳରେ ଅନ୍ତରପଡା ଗାଁ ଆଖପାଖ ଅଞ୍ଚଳରେ ପାଗଳା କୁକୁର ଆତଙ୍କ ଖେଳିଯାଇଥିବା ଜଣାଯାଇଛି ।

ପୋଖରୀରେ ବୁଡି ୨ ନାବାଳିକା ମୃତ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ବଡସାହି ଥାନା ଅଧୀନ ପ୍ରତାପପୁର ଗ୍ରାମରେ ଗାଧୋଉଥିବା ବେଳେ ୨ଜଣ ନାବାଳିକାଙ୍କର ସଲିଳ ସମାଧି ଘଟିଛି। ଗ୍ରାମର ଜନୈକ ମାଛ ଚାଷ ପୋଖରୀରେ ଗାଧୋଇବା ସମୟରେ ବୁଡି ଯାଇଥିଲେ। ନିକଟରେ ଲୋକେ ତାଙ୍କୁ ଉଦ୍ଧାର କରି ବାରିପଦା ପିଆରଏମ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଛନ୍ତି। ମୃତ ନାବାଳିକା ଦୁଇ ଜଣ ହେଉଛନ୍ତି ସୁରେଖା ନାୟକ (୧୫) ଓ ଲିଲି ନାୟକ(୧୭)। ଏମାନେ ସମ୍ପର୍କରେ ଦୁଇ ଭଉଣୀ ବୋଲି ଜଣାପଡିଛି ।

କ୍ୟାନ୍ସର ପୀଡ଼ିତଙ୍କ ଲାଗି ନାରାୟଣୀ ସାଜିଲେ ରକ୍ତଦାତ୍ରୀ

ବ୍ରହ୍ମପୁର, (ସବ୍ୟୁ): ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସକାଶେ ରାଜ୍ୟ ଏବଂ ଦେଶର ପ୍ରତିଟି ରକ୍ତଭଣ୍ଡାରରେ ଦେଖାଯାଇଛି ଉତ୍କଟ ରକ୍ତାଭାବ ସମସ୍ୟା। ଏହି ବିକଟ ସ୍ଥିତିରେ ଗୋଳାବନ୍ଧ ଅଞ୍ଚଳର କ୍ୟାନ୍ସର ପୀଡ଼ିତ ବାପି ସାହୁଙ୍କ ଜରୁରୀକାଳୀନ ସ୍ଥିତିରେ ରକ୍ତର ଆବଶ୍ୟକତା ପଡିଥିଲା। ରକ୍ତ ପୁଣି ସାଧାରଣ ନୁହେଁ ବିରଳ ରକ୍ତବର୍ଗ ଅ ନେଗେଟିଭ, ଯାହା ବୋଝ ଉପରେ ନଳିତା ବିଡା ସଦୃଶ୍ୟ ଥିଲା। ତିନିଦିନ ଧରି ରକ୍ତ ଲାଗି ଚାରିଆଡୁ ସାହାର୍ଯ୍ୟ ମାଗି ମାଗି ହତାଶ ହେଲା ପରେ ପୀଡିତଙ୍କ ପରିବାର, ସମସ୍ତଙ୍କ ବିପଦରେ ଠିଆ ହୋଇପାରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିପଦର ବନ୍ଧୁ ଓଡିଶା ର ସଦସ୍ୟ ଚିନ୍ମୟ ଦଳାଇ ଭାଇ ଙ୍କ ସହିତ ଯୋଗାଯୋଗ କରିଥିଲେ। ଖବର ପାଇବା ମାତ୍ରେ ବିପଦର ବନ୍ଧୁ ଓଡିଶାର ସମସ୍ତ ସଦସ୍ୟ ପିଡୀତାଙ୍କ ପାଇଁ ରକ୍ତ ଯୋଗାଡ଼ କରିବା ଆଶ୍ୱାସନା ଦେଇ ସମସ୍ତ ପ୍ରକାର ଚେଷ୍ଟାରେ ଲାଗି ପାଡିଥିଲେ। ଯେଉଁ ସମୟରେ ସମାଜରେ ଅନେକ ପୁରୁଷ ମଧ ରକ୍ତଦାନ ଲାଗି ସଂଙ୍କୋଚ ପ୍ରକାଶ କରନ୍ତି । ସେହି ସମୟରେ ନାରୀ ନୁହେଁ ନାରାୟଣୀ ସାଜି ଆସିଥିଲେ ବିପଦର ବନ୍ଧୁ ଓଡ଼ିଶାର ସଦସ୍ୟା ତଥା ବେଲଗୁଣ୍ଠା ବ୍ଲକ ମନ୍ଦାର ଗ୍ରାମର ଭକ୍ତବନ୍ଧୁ ଡାକୁଆଙ୍କ ସୁକନ୍ୟା ସୁଶ୍ରୀ ମାମି ଡାକୁଆ। ଏହି ବିକଟ ସମସ୍ୟା ବିଷୟରେ ଖବର ପାଇ ମାମି ସାଙ୍ଗେ ସାଙ୍ଗେ ବେଲଗୁଣ୍ଠାରୁ ବ୍ରହ୍ମପୁର ଅଭିମୁଖେ ଦୀର୍ଘ ୮୦ କିମି ଯାତ୍ରା କରି ରକ୍ତଦାନ ପୂର୍ବକ ବାପିଙ୍କ ଜୀବନ ରକ୍ଷାର କାରଣ ସାଜିଥିଲେ। ମାମିଙ୍କ ଏହି ସେବା ମନୋଭାବ ଏବଂ ମାନବିକତାର ରକ୍ଷା ଲାଗି ତାଙ୍କର ଅତୁଳନୀୟ ଅବଦାନକୁ ପୀଡିତଙ୍କ ପରିବାରର ଆର୍ଶୀବାଦ ଓ କୃତଜ୍ଞତା ସହ ମାମିଙ୍କ ପରି ଝିଅ ପ୍ରତି ଘରେ ଜନ୍ମ ନିଅନ୍ତୁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ପୀଡିତଙ୍କ ପରିବାର ଯୋଗାଯୋଗର ସୂତ୍ରଧର ବିପଦର ବନ୍ଧୁ ଓଡିଶା ଅନୁଷ୍ଠାନକୁ ମଧ ଅଜସ୍ର କୃତଜ୍ଞତା ଜଣାଇଛନ୍ତି ।

ବିଜେଡି ପକ୍ଷରୁ ବ୍ରହ୍ମପୁର ବିଧାନସଭା କାର୍ଯ୍ୟାଳୟ ଉଦ୍‌ଘାଟିତ

ବ୍ରହ୍ମପୁର, (ସବ୍ୟୁ): ସ୍ଥାନୀୟ ଭାବା ନଗର ଠାରେ ବ୍ରହ୍ମପୁର ବିଧାନସଭା ପ୍ରାର୍ଥୀଙ୍କ ପକ୍ଷରୁ ଏକ କାର୍ଯ୍ୟାଳୟ ଉଦଘାଟିତ ହୋଇଯାଇଛି। ବ୍ରହ୍ମପୁର ବିଧାୟକ ପ୍ରାର୍ଥୀ ଡ଼ା ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ମେୟର ସଂଘମିତ୍ରା ଦଳେଇ, କାଜୁ ନିଗମ ଅଧକ୍ଷ ସୁବାସ ମହାରଣା, ମିଶନ ଶକ୍ତି ଉପଦେଷ୍ଟା ଲୋପାମୁଦ୍ରା ବକ୍ସିପାତ୍ର, ପୂର୍ବତନ ମେୟର କେ ମାଧବୀ, ଅର୍ବାନ ବ୍ୟାଙ୍କ ସଭାପତି ଆର ମୁରଲୀ ମୋହନ, ମହାନଗର ସଭାପତି ବିଜୟ ସାମଲ, ମହିଳା ସଭାନେତ୍ରୀ ସୋନାଲି ଗନ୍ତାୟତ, ଜୋନ ମହିଳା ସଭାନେତ୍ରୀ ମମତା ବିଷୋୟୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ। ଏହାପରେ ଉକ୍ତ କାର୍ଯ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ୧୭ ତାରିଖ ବୁଧବାର ଦିନ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଙ୍କ ୨୭ ତମ ଶ୍ରାଦ୍ଧ ବାର୍ଷିକୀ ରହିଥିବା ବେଳେ ବ୍ରହ୍ମପୁର ର ସମସ୍ତ ଦଳୀୟ କର୍ମୀ ଓ ନେତୃବୃନ୍ଦଙ୍କୁ ନେଇ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସକାଳ ୭ ଟା ସମୟରେ ସମସ୍ତେ ସ୍ଥାନୀୟ ବିଜୁ ପଟ୍ଟନାୟକ ପାର୍କ ପରିସରରେ ଉପସ୍ଥିତ ରହି ବିଜୁ ବାବୁଙ୍କ ପାଇଁ ତିଳ ତର୍ପଣ କରିବା ସହ ବିଜୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବେ। ଏହାପରେ ସମସ୍ତେ ଆସ୍କାରୋଡ ଓ ଦେଶୀ ବେହେରା ସାହି ଠାରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରାଯିବ । ଏହାପରେ ବିଭିନ୍ନ ଅନାଥ ଆଶ୍ରମରେ ଫଳ ବଣ୍ଟନ କରାଯିବ। ଏହା ସହ ଅପରାହ୍ନ ସମୟରେ ୫ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ନେଇ ଏକ ସାଧାରଣ ସଭା ଅନୁଷ୍ଠିତ ହେବ ବୋଲି ନିଷ୍ପତି ନିଆଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ଭୀମସେନ ଦଳେଇ, ଜିଲ୍ଲା ଯୁବ ସଭାପତି ଭବାନୀ କାନ୍ତ ସାହୁ, ମହାନଗର ଯୁବ ସଭାପତି ଅଜିତ୍ ପଣ୍ଡା, କର୍ପୋରେଟର ସଂଜିତ ପାଣିଗ୍ରାହୀ, ପୂର୍ବତନ ଉପ ନଗରପାଳ ନିରଞ୍ଜନ ଜେନା, ଜିଲ୍ଲା ସମ୍ପାଦକ ମନୋଜ ପଟ୍ଟନାୟକ, ମୁକୁନ୍ଦ ଗୌଡ଼, ତିରୁପତି ପାତ୍ର, ଅନିଲ ସାହୁ, ଫାଇଜ ଖାନଙ୍କ ସମେତ ସମସ୍ତ କର୍ପୋରେଟର ଏବଂ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ ।

ମା ଚାମୁଣ୍ଡା କାଠି ଉଦ୍‌ଯାପିତ, ରାମାୟଣ ନାଟକ ପାଲଟିଲା ଜନସମୁଦ୍ର

ରମ୍ଭା, (ସବ୍ୟୁ): ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ଓଡ଼ିଆ ସାହିରେ ଅବସ୍ଥିତ ମା ଚାମୁଣ୍ଡା ମନ୍ଦିରର ଚାମୁଣ୍ଡା କାଠି ପଣା ସଂକ୍ରାନ୍ତି ଅବସରରେ ଆଧାତ୍ମିକ ପରିବେଶ ସହିତ ରାମାୟଣ ନାଟକ ପରିବେଷଣ କରାଯାଇ ସ୍ଥାନୀୟ ଅଂଚଳ ଏକ ଜନ ସମୁଦ୍ରରେ ପରିଣତ ହୋଇଥିଲା ।

କାର୍ଯ୍ୟକ୍ରମରେ ଛତ୍ରପୁର ଭା.ଜା.ପା ର ସମ୍ଭାବ୍ୟ ତଥା ଆଶାୟୀ ପ୍ରାର୍ଥୀ ଯୁବନେତା ବନମାଳୀ ସେଠିଙ୍କ ସହ ସମର୍ଥକୁ ଧରି ସହର ପରିକ୍ରମା ସହ ରାମାୟଣ ନାଟକ ମଞ୍ଚସ୍ଥ ପେଣ୍ଡାଲରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ରିବନ କାଟିବା ସହ ଉପସ୍ଥିତ କଳାକାର, ସ୍ୱେଚ୍ଛାସେବୀ ଯୁବସଂଘ, ଦଳ ମତ ନିର୍ବିଶେଷରେ ଉପସ୍ଥିତ ଜନସାଧାରଣଙ୍କୁ ଅଭିଭାଷଣ ମାଧ୍ୟମରେ ଐତିହାସିକ ରମ୍ଭା ସହର, ଶିକ୍ଷା ସ୍ୱାସ୍ଥ୍ୟର ଉନ୍ନତି, ବିଷୁବ ସଂକ୍ରାନ୍ତି ଓ ହିନ୍ଦୁ ମାନଙ୍କର ନୁଆଁ ବର୍ଷ ପାଳନ, ସାହିରେ ସ୍ଥାପିତ ମା ଚାମୁଣ୍ଡା ଙ୍କ ଚୈତ୍ର ମାସ ପର୍ବ ଓ କିମ୍ବଦନ୍ତୀ ବହୁତ ପୁରୁଣା ଓ ଆଲୋଚନାର ବିଷୟବସ୍ତୁ ବୋଲି ଉଲ୍ଲେଖ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଏନଏସି ଅଧକ୍ଷା ମାନସୀ ସ୍ୱାଇଁ, ଅଧକ୍ଷା ପ୍ରତିନିଧି କାହ୍ନା ସ୍ୱାଇଁ, ରମ୍ଭା ମଣ୍ଡଳ ସଭାପତି ସିମାଞ୍ଚଳ ବାଡ଼ତୀୟ । ତଦନୁଯାୟୀ ଅନ୍ୟ ମଣ୍ଡଳ ମଧରେ ଧ୍ରୁବ ଚରଣ ପଲାଇ(ହୁମା), ସନ୍ତୋଷ ନାହାକ (ସନ୍ତୋଷପୁର), ସଂଜିତ ରାଉଳ (ଛତ୍ରପୁର), କାନ୍ତାରୀ ଦଳାଇ (ଗଞ୍ଜାମ), ୧୪ ନଂ ଜିଲ୍ଲା ପରିଷଦ ଜୋନ ପ୍ରତିନିଧି ସନ୍ତୋଷ ମହାପାତ୍ର, ଯୁବ ମୋର୍ଚ୍ଚା ନେତା ରଘୁନାଥ ରେଡି,ଦିଲ୍ଲୀପ ତରାଇ(ଯୁବ ନେତା),ପୂର୍ବତନ ମଣ୍ଡଳ ସଭାପତି ଗଞ୍ଜାମ ଏନଏସିର ସୁଦାମ ଜେନା, ସୁରେନ୍ଦ୍ର ତରାଇ ପ୍ରମୁଖ ମଞ୍ଚାସିନ ହୋଇ ଉପରୋକ୍ତ କାର୍ଯ୍ୟକ୍ରମକୁ ବଞ୍ଚାଇ ରଖି ପାଳନରେ ବିଳମ୍ବ ନକରି ଆଧାତ୍ମିକ ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲୁ ରଖିଥିବାରୁ ସହର ଉତ୍ସବ ମୁଖର ହୋଇ ଉଠିଥିଲା । ଶ୍ଳୋକ ଉଚ୍ଚାରଣ ଓ ଅତିଥି ପରିଚୟ ଜଗନ୍ନାଥ ଦାସ ଦେଇଥିଲେ । ରାମାୟଣ ନାଟକକୁ ମା ଚାମୁଣ୍ଡା ଯୁବ ନାଟ୍ୟ ସଂଘ ଗଡ଼ ହୁମାର ରାମଚନ୍ଦ୍ର ପ୍ରଧାନ (ନିର୍ଦ୍ଦେଶକ), ଡମ୍ବରୁ ଧର ପରିଡା (ଅଧିକାରୀ), ଲିକୁ ସାହୁ (ମ୍ୟାନେଜର), ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲୁ ରହିଥିଲା ।

ଉପରୋକ୍ତ କାର୍ଯ୍ୟକ୍ରମକୁ ମା ଚାମୁଣ୍ଡା ପରିଚାଳନା କମିଟିର ରାଜୁ ପରିଡା (ସଭାପତି), ଟି. ଅସିତ ସୁବୁଦ୍ଧି (ସମ୍ପାଦକ), ସୁଦର୍ଶନ ସେନାପତି (ସହ – ସମ୍ପାଦକ /କୋଷାଧକ୍ଷ), ବିକାଶ ସ୍ୱାଇଁ, ରବି, କାହ୍ନା, ଜଗା, ସନ୍ତୋଷ, ବିକ୍ରମ, ମୁନା, କାହ୍ନୁ, ଜଗନ୍ନାଥ, ସୁଧୀର, ଲୋକନାଥ, ବାବୁ, ଚନ୍ଦନ, ରଞ୍ଜନ, ଗଣେଶ, ରାହୁଳ, ଶିବ, ଦିଲ୍ଲୀପ ନାୟକ ଶତାଧିକ ଶାନ୍ତି ଯୁବ କମିଟି ସର୍ବଜନୀନ କାର୍ଯ୍ୟକ୍ରମକୁ ପରିଚାଳନା ସହଯୋଗ କରିଥିଲେ ।

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନୀଳକଣ୍ଠନଗର ମାତୃଭାରତୀ ଗଠନ

ବ୍ରହ୍ମପୁର, (ସବ୍ୟୁ): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନୀଳକଣ୍ଠନଗର ପରିସର ମଧ୍ୟରେ ଅଭିଭାବିକା ତଥା ସମାଜର କିଛି ବିଶିଷ୍ଟ ମହିଳାଙ୍କୁ ନେଇ ମାତୃ ଭାରତୀ ଗଠନ କରାଯାଇଛି । ଏହି ମାତୃଭାରତୀର କିଛି ବିଶିଷ୍ଟ ଦାୟିତ୍ୱ ବଣ୍ଟନ କରାଯାଇଛି ।

ଏଥିରେ ନିର୍ଦ୍ଦେଶିକା ଭାବେ ପ୍ରଣତି ସାମଲ ମନୋନିତ ହୋଇଥିବା ବେଳେ ଇଂ.ମମତା ପାଣିଗ୍ରାହୀ ଅଧକ୍ଷା ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଉପାଧକ୍ଷା ଭାବେ ରଶ୍ମି ପାଣି, ମନ୍ତ୍ରୀ ଗିତା ତ୍ରିପାଠୀ, ଉପମନ୍ତ୍ରୀ ସ୍ମିତା କୁମାରୀ ପାଣି, ସସ୍ମିତା ସାବତ, ଆର୍ଥିକ ପ୍ରମୂଖ ମିନତୀ ଲେଙ୍କା, ମମିତା ପାଢ଼ୀ, ପ୍ରଚାର ପ୍ରସାର ପ୍ରମୁଖ ସୁଜାତା ମହାରଣା, ସେବା ପ୍ରମୁଖ ଛବି ରାଣୀ ପଣ୍ଡା, ମଧୁ ସ୍ମିତା ମହାପାତ୍ର, ସ୍ୱଚ୍ଛତା ପ୍ରମୁଖ ଭାରତୀ ନାୟକ, ସୁକନ୍ୟା ସାହୁ, ରଶ୍ମିତା ଦାସ, ସନ୍ଧ୍ୟା ରାଣୀ ନାୟକ, ଲୀଳା ପାଣୀଗ୍ରାହୀ, ସାଜସଜ୍ଜା ପ୍ରମୁଖ ରିତା ମହାରଣା, ସୁଜାତା କୁମାରୀ ପାଢ଼ୀ, ସୁଜାତା ଗୌଡ, ଶ୍ରୀମତୀ ରିତା ସାହୁ, ରୁବି ପାଣିଗ୍ରାହୀ, ସମ୍ପର୍କ ପ୍ରମୁଖ ସସ୍ମିତା ଦଳାଇ, ବାଳିକା ଶିକ୍ଷା ରଶ୍ମିତା ପଣ୍ଡା, ଶ୍ରୀମତୀ କଳ୍ପନା ରାଣୀ ମହାନ୍ତି, ରାଜେଶ୍ୱରୀ ସ୍ୱାଇଁ, ନିବେଦିତା ପଟ୍ଟନାୟକ, ପ୍ରଣତୀ ରଥ, କାର୍ଯ୍ୟକ୍ରମ ବିଭାଗ ଦେବସ୍ମିତା ବିଷୋଇ, ପ୍ରୀୟଙ୍କା ମାଝି ଓ ବବିତା ରଥ ପ୍ରମୁଖଙ୍କୁ ନେଇ ମାତୃଭାରତୀ କାର୍ଯ୍ୟକରିବା ପାଇଁ ସ୍ଥିର କରାଯାଇଛି । ଏଥିରେ ସଂଯୋଜକ କାର୍ଯ୍ୟଭାର ତୁଲାଇବେ ଅଧକ୍ଷ ଏସ୍.ମୋହନ ରାଓ । ଏହି କାର୍ଯ୍ୟକ୍ରମରେ ମଞ୍ଚାସୀନ ହୋଇଥିଲେ ପରିଚାଳନା ସମିତୀର ଯୁଗ୍ମ ସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧକ୍ଷ ସୋମନାଥ ନନ୍ଦ, ଶୈକ୍ଷିକ ପ୍ରଶାସକ ଶ୍ରୀମାନ୍ ଉମାଧବ ମହାନ୍ତି, ଶିଶୁ ମନ୍ଦିର ପ୍ରଧାନାଚାର୍ଯ୍ୟ ସୁରେଶ କୁମାର ଆଚାର୍ଯ୍ୟ, ବିଦ୍ୟା ମନ୍ଦିର ଅଧକ୍ଷ ଏସ୍. ମୋହନ ରାଓ, ଉପଦେଷ୍ଟା ନରସିହଂ ଚୌଧୁରୀ, ମମତା ପାଣିଗ୍ରାହୀ, ସଦସ୍ୟା ପ୍ରଣତି ସାମଲ ପ୍ରମୁଖ ଯୋଗ ଦେଇଥିଲେ ।

ଉକ୍ତ କାର୍ଯ୍ୟକ୍ରମରେ ପ୍ରିୟଦର୍ଶିନୀ ସାହୁ ପରିଚୟ ପ୍ରଦାନ କରିଥିବା ବେଳେ ପୂର୍ଣ୍ଣିମା ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ । ଶୈକ୍ଷିକ ପ୍ରଶାସକ ଶ୍ରୀମାନ୍ ଉମାଧବ ମହାନ୍ତି ମାତୃଭାରତୀର ଉଦ୍ଦେଶ୍ୟଜ୍ଞାପନ ଏବଂ ଅଧକ୍ଷ ମୋହନ ରାଓ ଆନୁଷ୍ଠାନିକ ଭାବେ ସମସ୍ତ କାର୍ଯ୍ୟକର୍ତ୍ତ୍ରୀଙ୍କର ଚୟନ କରି ଦାୟିତ୍ୱ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର କନ୍ୟାଭାରତୀ ଓ ବାଳିକା ଶିକ୍ଷା ପ୍ରମୁଖ ପ୍ରଭୃତି ବରିଷ୍ଠ ଆଚର୍ଯ୍ୟ ଆଚାର୍ଯ୍ୟା ସହଯୋଗ କରିଥିଲେ ।

ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ

ସମ୍ବଲପୁର, (ସବ୍ୟୁ) : ସମ୍ବଲପୁର ଜିଲ୍ଲା ବିଜେପି ମଙ୍ଗଳବାର ଅତିରିକ୍ତ ଜିଲ୍ଲାପାଳ ଅଜାମ୍ବର ମହାନ୍ତିଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ବିଜେଡି ଦଳ ଗତ ୧୩ତାରିଖରେ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଛି । ସ୍ୱଚ୍ଛ ଓ ଅବାଧ ନିର୍ବାଚନ ପାଇଁ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି । ପ୍ରଦତ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ରେଢାଖୋଲ ବିଧାୟକ ରୋହିତ ପୁଜାରୀଙ୍କୁ ଗତ ୧୩ ତାରିଖରେ ସମଲେଶ୍ୱରୀ ମନ୍ଦିରରେ ସ୍ୱାଗତ କରାଯାଇଥିଲା । ଏଭଳି ସ୍ଥଳେ ମନ୍ଦିର ପାଚେରୀରେ ଦଳୀୟ ପତାକା ଲଗାଯାଇଥିଲା । କେବଳ ସେତିକି ନୁହେଁ ମନ୍ଦିର ସମ୍ମୁଖ ଚଟାଣରେ ଦଳୀୟ ଚିହ୍ନ ଶଙ୍ଖ ସହ ନେତାଙ୍କ ନାମ ମଧ୍ୟ ଲେଖାଯାଇଥିଲା । ଏହା ଧାରା ୩ ଅନୁଯାୟୀ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରୁଥିବା ଅଭିଯୋଗ ହୋଇଛି । ଦାବିପତ୍ର ପ୍ରଦାନ ସମୟରେ ବରିଷ୍ଠ ବିଜେପି ନେତା ଦାମୋଦର କର ଓ ମିଲନ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।

କଳାହାଣ୍ଡି ଜିଲ୍ଲାସ୍ତରୀୟ ରବି ଧାନ ସଂଗ୍ରହ କମିଟି ବୈଠକ

ଭବାନୀପାଟଣା, (ସବ୍ୟୁ) : କଳାହାଣ୍ଡି ଜିଲ୍ଲାରେ ରବି ଧାନ ସଂଗ୍ରହ ନିମନ୍ତେ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଜିଲ୍ଲାପାଳ ପି. ଅନେ୍ୱଷା ରେଡ୍ଡୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଚଳିତ ବର୍ଷ ଜିଲ୍ଲାରେ ମେ ମାସ ୨୦ ତାରିଖ ରୁ ବିଭିନ୍ନ ବ୍ଲକର ମଣ୍ଡି ରୁ ଧାନ କ୍ରୟ ନିମନ୍ତେ ପ୍ରଶାସନିକ ପଦକ୍ଷେପ ଉପରେ ବିଶେଷ ଆଲୋଚନା ହୋଇଥିଲା । ବୈଠକରେ ପ୍ରଥମେ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ପବିତ୍ର ସାହୁ ସମସ୍ତଙ୍କୁ ସ୍ୱାଗତ କରି ଏଜେଣ୍ଡା ଅନୁଯାୟୀ ସଭା କାର୍ଯ୍ୟକୁ ଆଗେଇଥିଲେ । ଜିଲ୍ଲାପାଳ ଚାଷୀମାନଙ୍କ ସୁବିଧା ପାଇଁ ମଣ୍ଡିରେ ପର୍ଯ୍ୟାପ୍ତ ସୁବିଧା ଯଥା ପିଇବା ପାଣି ବ୍ୟବସ୍ଥା, ପ୍ରତ୍ୟେକ ଦିନ ଖୋଲିବା, ବିଜୁଳି, ତାର୍ପୋଲିନ, ଆଶ୍ରୟ ସ୍ଥଳ, ଓଜନ ମେସିନ୍ ଓ ଅନ୍ୟାନ୍ୟ ପଦକ୍ଷେପ ଉପରେ ଗୁରୁତ୍ୱ ଦେବାକୁ ଡି ଆର୍ ସି ଏସ ଏବଂ ଆର୍ ଏମ ସି କତୃପକ୍ଷ ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସିଏସଓଙ୍କ ସୁଚନା ଅନୁସାରେ ଗତ ଖରିଫ ୨୦୨୩-୨୪ ରେ ୧୧.୪.୨୦୨୪ ସୁଦ୍ଧା ଧାନ ସଂଗ୍ରହ ଲକ୍ଷ୍ୟ ୫୪୦୮୮୩ .୪୦ ମେଟ୍ରିକ୍ ଟନ୍ ଥିବାବେଳେ ୫୧୦୩୮୪.୧୪ ମେଟ୍ରିକ୍ ଟନ୍ ସଂଗ୍ରହ ହୋଇଥଲା । ବର୍ତ୍ତମାନ ୫୯୩୬୧ ହେକ୍ଟର ଜମିରେ ରବି ଧାନ କରାଯାଇଛି ଏବଂ ଧାନ ସଂଗ୍ରହ ୩୦ ଲକ୍ଷ ମେଟ୍ରିକ ଟନ୍ ରୁ ଉର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଉଛି । ସାଧାରଣ ଧାନ ଏଫ୍ ଏ କ୍ୟୁ ମାନର ଏମ ଏସ ପି ମୂଲ୍ୟ କ୍ୱିଣ୍ଟାଲ ପ୍ରତି ୨୧୮୩/- ଟଙ୍କା ରହିଛି । ଗତ ଖରିଫ ଋତୁ ରେ ୬୭ ଟି ଉଷୁନା ମିଲର ଏବଂ ୧୬ ଟି ଅରୁଆ ମିଲର ଧାନ ସଂଗ୍ରହଣ ରେ ଭାଗ ନେଇଥିଲେ, ବର୍ତ୍ତମାନ ୬୭ ଟି ଉଷୁନା ମିଲର ରବି ଧାନ ସଂଗ୍ରହଣରେ ଭାଗ ନେବେ । ରବି ଧାନ ପାଇଁ ଜିଲ୍ଲାରେ ଉଭୟ ଭବାନୀପାଟଣା ଓ ଧର୍ମଗଡ ଉପଖଣ୍ଡରେ ୭୨ ଟି ପାକ୍ସ,୬୨ ଟି ପି ପି ସି ଏବଂ ୨୩ ଟି ଡ଼ବ୍ଲୁ ଏସ ଏଚ ଜି ଏଭଳି ମୋଟ୍ ୧୫୭ ଟି ଧାନ ସଂଗ୍ରହ କେନ୍ଦ୍ର ମାଧ୍ୟମରେ ଚାଷୀଙ୍କ ଠାରୁ ଧାନ ସଂଗ୍ରହ ହେବ । ୨୦୨୩-୨୪ ରବି ପାଇଁ ବର୍ତ୍ତମାନ ପର୍ଯ୍ୟନ୍ତ ୫୨୫୯୭ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି । ବୈଧ ଟୋକେନ୍ ଥିବା ଚାଷୀ ସକାଳ ୭.୦୦ ଘ୍ ରୁ ୧୨.୦୦ ଘ ମଧ୍ୟରେ ମଣ୍ଡିକୁ ଯାଇ ଧାନ ବିକ୍ରୟ କରିପାରିବେ । ମିଲର ମାନେ ମଣ୍ଡି ରୁ ଧାନ ଉଠାଇ ଟ୍ରକ୍ ଦ୍ୱାରା ପରିବହନ ରେ ରୁଟ୍ ଦ୍ୱାରା କ୍ଷତିଗ୍ରସ୍ତ,ବିଲ ଉଠାଣ ଓ ବିଭିନ୍ନ ଫର୍ମ ପୂରଣ ରେ ଅବ୍ୟବସ୍ଥା କୁ ସଭାରେ ଉପସ୍ଥାପନ କରି ଏହାର ସମାଧାନ ପାଇଁ ଜିଲ୍ଲାପାଳ ଙ୍କୁ ଅନୁରୋଧ କଲେ । ଇନ୍ଦ୍ରାବତୀ ପ୍ରକଳ୍ପ ରବି ଋତୁ ଧାନ ଅମଳ ପାଇଁ ଆସନ୍ତା ମେ ମାସ ପ୍ରଥମ ସପ୍ତାହରୁ କେନାଲ ଜଳସେଚନକୁ ବନ୍ଦ କରିବ ବୋଲି ପ୍ରକଳ୍ପ କର୍ତ୍ତୃପକ୍ଷ ସଭାରେ କହିଥିଲେ । ସଭାରେ ଉପ ଜିଲ୍ଲାପାଳ ଭବାନୀପାଟଣା ବିଶ୍ୱଜିତ ଦାସ, ଡି ଆର୍ ସି ଏସ ପ୍ରମୋଦ ସାହୁ, ସି ଡି ଏ ଓ ବିଶ୍ୱେଶର ସାହୁ, ଡି ଆଇ ପି ଆର୍ ଓ ମନୋଜ ବେହେରା, ସଂପୃକ୍ତ ଜିଲ୍ଲା ବିଭାଗୀୟ ଅଧିକାରୀ, ମିଲର ସଭାପତି ନଳିନୀ ପାଟଯୋଷି, ମିଲର ମହେଶ ବଂଶଲ, ଚାଷୀ ପ୍ରତିନିଧି ଦୀପ୍ତି ରଞ୍ଜନ ପ୍ରହରାଜ, ପ୍ରଶାନ୍ତ ପାଟଯୋଶୀ, ଏ ଏ ଓ, ବି ଏ ଓ,ଉପ ବିଭାଗୀୟ ଅଧିକାରୀ,ବିଭିନ୍ନ ବ୍ଲକରୁ ଚାଷୀ ପ୍ରତିନିଧି, ଆର୍ ଏମ ସି,ପାକ୍ସ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

ଆମ୍ବଗାଁରେ ଜୋନସ୍ତରୀୟ ତୈଳିକ ସମାଜ ଗଠିତ

ବିଜୟ ସଭାପତି, ପ୍ରଭାତ ସମ୍ପାଦକ

କନ୍ଧମାଳ, (ସବ୍ୟୁ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଜୋନରେ ଉପକୂଳ ତୈଳିକ ସମାଜର ଘଣ୍ଟାପଡ଼ା, କୋଡ଼ି ବାହାଲ , ଆମ୍ବଗାଁ ଓ ଉମା ଗ୍ରାମରୁ ମୋଟ ୨୧ଟି ପରିବାରକୁ ନେଇ ଆମ୍ବଗାଁସ୍ଥିତ କଲ୍ୟାଣ ମଣ୍ଡପରେ ଏକ ସଭା ଆୟୋଜନ କରାଯାଇଥିଲା। ବୈଠକରେ ବୟୋଜ୍ୟେଷ୍ଠ ସଦସ୍ୟ ନିରଞ୍ଜନ ପୁଷ୍ଟିଙ୍କ ସଭାପତିତ୍ୱରେ ଉକ୍ତ ଅଞ୍ଚଳରେ ଥିବା ଉପକୂଳ ତୈଳିକ ଜାତିର ଏକତା, ଭାଇଚାରା, ସଂସ୍କୃତି ଆଦି ବିଭିନ୍ନ ପାରମ୍ପାରିକ ସମସ୍ୟାର ସମାଧାନ ପାଇଁ ଏକ ଜାତି ଭିତ୍ତିକ ସମାଜର ଆବଶ୍ୟକତାକୁ ଉପଲବ୍ଧ କରି ସର୍ବସମ୍ମତିକ୍ରମେ ଏକ ସମାଜ ଗଠନ କରାଗଲା ଏବଂ ସର୍ବସମ୍ମତି କ୍ରମେ ସଭାପତି ଭାବେ ବିଜୟ କୁମାର ସାହୁ, ଉପସଭାପତି ଭାବେ ନିରଞ୍ଜନ ପୃଷ୍ଟି, ସଂପାଦକ/କୋଷାଧ୍ୟକ୍ଷ ଭାବେ ପ୍ରଭାତ କୁମାର ସାହୁଙ୍କୁ ମନୋନୀତ କରାଗଲା। ସେହିପରି ଯୁବ ମଞ୍ଚର ସଭାପତି ଭାବେ ରାଜକିଶୋର ସାହୁ ଏବଂ ମାତୃମଞ୍ଚର ସଭାନେତ୍ରୀ ଭାବେ ପ୍ରିୟଙ୍କା ସାହୁଙ୍କୁ ମନୋନୀତ କରାଗଲା। ଆଗାମୀ ଦିନରେ ସମାଜ ପାଇଁ ମନୋନୀତ ସଦସ୍ୟ ସମାଜର ସମସ୍ତ କାର୍ଯ୍ୟ କରିବା ନିମନ୍ତେ ସୁପାରିଶ କରାଯାଇଛି। ସଦସ୍ୟ ଶରତ କୁମାର ସାହୁ ଧନ୍ୟବାଦ ଦେଇଥିବା ସ୍ଥଳେ ଉପସ୍ଥିତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରେଳମଣ୍ଡଳ ପକ୍ଷରୁ ବ୍ୟବସ୍ଥା

ସମ୍ବଲପୁର, (ସବ୍ୟୁ) : ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ଅନ୍ତର୍ଗତ ସମସ୍ତ ରେଳଷ୍ଟେସନ ଓ ଟ୍ରେନ୍‌ଗୁଡ଼ିକରେ ଯାତ୍ରୀମାନଙ୍କ ସୁବିଧା ପାଇଁ ବ୍ୟବସ୍ଥା କରାଯାଇଛି। ଷ୍ଟେସନ ଓ ଟ୍ରେନ୍ ଗୁଡିକରେ ସ୍ୱଚ୍ଛ ତଥା ଥଣ୍ଡା ପାନୀୟ ଜଳର ଉପଲବ୍ଧତା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି । ଏ ନେଇ ଅଧିକାରୀମାନେ ସମୀକ୍ଷା କରିବା ସହ ପାନୀୟ ଜଳ ଯୋଗାଣାକୁ ସୁନିଶ୍ଚିତ କରିବା ପାଇଁ ରେଳ ମନ୍ତ୍ରଣାଳୟର ନିର୍ଦ୍ଦେଶ ଅନୁସାରେ ଗାଇଡ଼ ଲାଇନ୍ ଜାରି କରିଛନ୍ତି। ସମସ୍ତ ୱାଟରକୁଲର ଗୁଡ଼ିକୁ କାର୍ଯ୍ୟକ୍ଷମ କରି ଯାତ୍ରୀମାନଙ୍କୁ ସୁବିଧା ପ୍ରଦାନ, ସମ୍ବେଦନଶୀଳ ରେଳଷ୍ଟେସନ ଗୁଡିକରେ ଜଳ ଯୋଗାଣ ପାଇଁ ଆବଶ୍ୟକ ଅନୁସାରେ ୱାଟର ଟ୍ୟାଙ୍କର ବ୍ୟବସ୍ଥା, ପାନୀୟ ଜଳର ଉପଲବ୍ଧତା ସମ୍ପର୍କରେ ପ୍ଲାର୍ଟଫର୍ମ ଗୁଡିକରେ ନିୟମିତ ଯାଞ୍ଚ ପାଇଁ ପଦକ୍ଷେପ ନିଆଯାଇଛି। ବେସରକାରୀ ଓ ସାମାଜିକ ସଂଗଠନଗୁଡିକ ସହଯୋଗ ମଧ୍ୟ ନିଆଯାଉଛି । ବିଶେଷ କରି ପାନୀୟ ଜଳ ବିତରଣ ପାଇଁ ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ସ୍କାଉଟ୍ସ୍ ଏବଂ ଗାଇଡ୍ସ ଏବଂ ଅନ୍ୟ ସ୍ୱେଚ୍ଛାସେବୀମାନଙ୍କ ସହାୟତା ନେବା ତଥା ଜଳର ଅଭାବ ହେଲେ ସେଠାକାର ପୌରସଂସ୍ଥା ଓ ରାଜ୍ୟ ସରକାରଙ୍କ ସହାୟତାରେ ବିକଳ୍ପ ବ୍ୟବସ୍ଥା, ଜରୁରୀ ସ୍ଥିତି ଉପୁଜିଲେ ପାନୀୟ ଜଳ ସମସ୍ୟାର ପ୍ରତିକାର ପାଇଁ ଜରୁରୀକାଳୀନ ବ୍ୟବସ୍ଥା ପାଇଁ କର୍ତ୍ତୃପକ୍ଷ ପରାମର୍ଶ ଦେଇଛନ୍ତି। ସମସ୍ତ ଯାତ୍ରୀଙ୍କ ପାଇଁ ଆରାମଦାୟକ ତଥା ସୁବିଧାଜନକ ଯାତ୍ରାକୁ ସୁନିଶ୍ଚିତ କରିବା ସକାଶେ ମନ୍ତ୍ରଣାଳୟ ପ୍ରତିବଦ୍ଧ ବୋଲି ରେଳ ଡିଭିଜନ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରେ ସୂଚିତ କରାଯାଇଛି ।

ତାଳପଦରରେ ଷୋଳପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା

ସିନାପାଲି, (ସବ୍ୟୁ): ସିନାପାଲି ବ୍ଲକ ଅନ୍ତର୍ଗତ ଭରୁଆମୁଣ୍ଡା ପଞ୍ଚାୟତ ତାଳପଦର ଠାରେ ଷୋଳପ୍ରହର ନାମଯଜ୍ଞ ପାଇଁ ସମାରୋହରେ କଳସଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରାମର ଶତାଧିକ ମହିଳା କଳସ ଶୋଭା ଯାତ୍ରାରେ ବାହାରି ନିକଟସ୍ଥ ପୋଖରୀରୁ ପବିତ୍ର ଜଳ ସଂଗ୍ରହ କରି ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ। ପରେ ପାରମ୍ପରିକ ରୀତିରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ନାମଯଜ୍ଞରେ କର୍ତ୍ତା ଭାବରେ ମହେନ୍ଦ୍ର ମାଝୀ ଓ ପତ୍ନୀ ତୁଲେ ମାଝୀ ଦାଇତ୍ୱ ନିର୍ବାହ କରୁଥିବା ବେଳେ ପୂଜକ ଭାବରେ ପଣ୍ଡିତ ଅଖିଳ ପୁରୋହିତ ଓ ସାଥି ଦାଇତ୍ୱ ନିର୍ବାହ କରୁଛନ୍ତି। ନାମଯଜ୍ଞ କମିଟିର ସଭାପତି ଭାବରେ ତୁଲେଶ୍ୱର ମାଝି, ସମ୍ପାଦକ ଚଉବନ ମାଝୀ, କୋଷାଧ୍ୟକ୍ଷ ବାଳମୁକୁନ୍ଦ ମାଝୀ ଙ୍କ ସମେତ ପୁରୁନ ମାଝୀ, ତ୍ରିନାଥ ମାଝୀ,ଭରତ ମାଝୀ, କୃଷ୍ଣଚନ୍ଦ୍ର ମାଝୀ,ଚନ୍ଦ୍ରମଣି ମାଝୀ, ମାଧବ ମାଝୀ, ଚିନ୍ତାମଣି ମାଝୀ, ଗଦାଧର ମାଝୀ ପ୍ରମୁଖ ଓ ଗ୍ରାମବାସୀ ଉପସ୍ଥିତ ରହି ଯଜ୍ଞ ପରିଚାଳନାରେ ସହଯୋଗ କରୁଛନ୍ତି। ଦୂରଦୂରାନ୍ତରୁ ବହୁ ସଂକୀର୍ତ୍ତନ ମଣ୍ଡଳୀ ଏଥିରେ ସାମିଲ ହୋଇଥିବା ବେଳେ ଆସନ୍ତା ଶୁକ୍ରବାର ଦିନ ଉଦଯାପିତ ହେବ ବୋଲି କମିଟି ତରଫରୁ ଜଣାପଡିଛି ।

ମା’ ମୋଟ୍ରାଣିଙ୍କ ଚୈତ୍ର ଯାତ୍ରା

କୋକସରା, (ସବ୍ୟୁ) : ଚୈତ୍ର ଶୁକ୍ଳ ପକ୍ଷରେ କେଉଁଠି ନବ ଦିନ ଧରି ତ କେଉଁଠି ଜନ ବସତି ଆକାର ଅନୁଯାୟୀ ଦୁଇ ଦିନ ବା ଗୋଟିଏ ଦିନରେ ପାଳନ କରି ଦେୀ କୃପା ଲାଭ କରାଯାଏ । ସେଥି ମଧ୍ୟରୁ କୋକସରା ବ୍ଲକର ମୋଟେର ଗ୍ରାମର ଚୈତ୍ର ଯାତ୍ରା ବେଶ ନିଆରା । ମାନସିକ ପୂରଣ ପାଇଁ ଦୂରଦୂରାନ୍ତରୁ ବହୁ ଭକ୍ତ ’ମା ମୋଟ୍ରାଣିଙ୍କ’ ଦେବୀଙ୍କ ନିକଟକୁ ଆସିଥାନ୍ତି । ଦୁଇ ଦିନ ଧରି ହେବାକୁ ଥିବା ଚୈତ୍ର ପର୍ବ ଗତକାଲି ଶୁଭ ମହୁରତରେ ପୁଝାରୀ ଘରୁ ମା ମୋଟ୍ରାଣିଙ୍କ ସମେତ ଚାରି ଗୋଟି ଦେବୀଙ୍କ କାଳିଶି ବାହାରି ପ୍ରଥମେ ଗାଁର ଗୌନ୍ତିଆ, କୁମ୍ଭାର, ଗଣ୍ଡା ଘର ଦେଇ ନଗର ପରିକ୍ରମାରେ ବାହାରିଥିଲେ । ଶ୍ରଦ୍ଧାଳୁ ଗ୍ରାମବାସୀ ଦେବୀଙ୍କ ପୂଜାର୍ଚ୍ଚନା ପାଇଁ ଦୁଆର ମୁହଁରେ ଲିପାପୋଛା କରି ଝୋଟି ଦେଇ ପ୍ରାକ୍ ପ୍ରସ୍ତୁତି ସାରିଥିବା ଦେଖିବାକୁ ମିଳିଥିଲା । ଶ୍ରଦ୍ଧାଳୁ ନଡ଼ିଆ ମୁଆଁ ଭୋଗ ରାଗ ଦେବୀ ମାନଙ୍କୁ ପୂଜାର୍ଚ୍ଚନା କରିଛନ୍ତି । ସ୍ଥାନେ ସ୍ଥାନେ ବୋଦା ବଳି ଦେଇ ମା’ଙ୍କ ଆଶିଷ ଲାଭ କରିଛନ୍ତି । ସନ୍ଧ୍ୟା ନଇଁଯିବା ପରେ ଗ୍ରାମ ମଧ୍ୟସ୍ଥ ଦୁର୍ଗା ମଣ୍ଡପରେ ରାତ୍ର କାଳୀନ ରହଣି କରାଯାଇଥିବା ବେଳେ ସେଠାରେ ଶହ ଶହ ଶ୍ରଦ୍ଧାଳୁଙ୍କ ବେଶ ଭିଡ଼ ଜମି ଉତ୍ସବ ମୁଖର ହୋଇଥିଲା । ପୁଣି ସକାଳୁ ମା’ଙ୍କ ବିଶେଷ ପୂଜାବିଧି ସମାପନ ପରେ ଗ୍ରାମ ପରିକ୍ରମାରେ ବାହାରିଥିଲେ । ପରିଶେଷରେ ମନ୍ଦିରରରେ କାଳିଶି ମାନଙ୍କ ଠାରୁ ଘଟ ଅବତରଣ ପର୍ବ ଆରମ୍ଭ ହୋଇଥିଲା । ଘଟ ଅବତରଣ ପର୍ବ ଦେବୀଙ୍କ ନାଚ ବେଶ ଅଲୌକିକ ଓ ଅଦଭୁତ ହୋଇଥଲା । ଏହି ବିରଳ ମୁହୂର୍ତ୍ତ ଦେଖିବାକୁ ଗ୍ରାମ ତଥା ଆଖପାଖ ଅଞ୍ଚଳର ଲୋକେ ପ୍ରବଳ ଭିଡ଼ ଜମାଇଥିଲେ । ମା’ ମୋଟ୍ରାଣିଙ୍କୁ ସ୍ମରଣ କରି ଯୁଆଡ଼େ ଗଲେ ମା ଆମର ଅବଶ୍ୟ ରକ୍ଷା କରନ୍ତି, ବୋଲି ଜନୈକ ଶ୍ରଦ୍ଧାଳୁ ଧୃଢ଼ତାର ଶହ ପ୍ରକାଶ କହିଛନ୍ତି । ଘଟ ଅବତରଣ ପର୍ବ କାର୍ଯ୍ୟକ୍ରମ ପରେ ପରେ ମନ୍ଦିର ରେ ମଧ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଭୋଗ ରାଗ, ବୋଦା ବଳି ଦେଇ ମା’ଙ୍କୁ ପୂଜାର୍ଚ୍ଚନା କରିଥିବା ଦେଖିବାକୁ ମିଳିଥିଲା ।

ରାଜନୈତିକ କାର୍ଯ୍ୟରେ ସମ୍ପୃକ୍ତି ଅଭିଯୋଗ, ଶିକ୍ଷକଙ୍କୁ ବଦଳି

ବୌଦ୍ଧ, (ସବ୍ୟୁ) : ବୌଦ୍ଧ ଜିଲ୍ଲା କଣ୍ଟାମାଳ ନିର୍ବାଚନ ମଣ୍ଡଳୀର ନୁଆପାଲି ଆଦିବାସୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଗୋବର୍ଦ୍ଧନ ପ୍ରଧାନ ରାଜନୈତିକ କାର୍ଯ୍ୟରେ ସଂପୃକ୍ତି ଅଭିଯୋଗ ନେଇ ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦେରା କୁଜୁର ଗତ ୧୩ ତାରିଖ ଦିନ ବଦଳି କରିଥିବା ଜଣାପଡିଛି । ଜିଲ୍ଲାପାଳ ତଥା ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ପତ୍ର ସଂଖ୍ୟା ୧୦୭୧ତା ୧୩.୪.୨୦୨୪ ଅନୁଯାୟୀ ଜିଲ୍ଲା ଶିକ୍ଷା ଅଧିକାରୀ ଶିକ୍ଷକ ଶ୍ରୀପ୍ରଧାନଙ୍କୁ ନୁଆପାଲି ଆଦିବାସୀ ଉଚ୍ଚ ବିଦ୍ୟାଳୟରୁ ବୌଦ୍ଧ ବିଧାନସଭା ମଣ୍ଡଳୀ କେଲାକଟା ପଞ୍ଚାୟତର ମୁଥୁରାଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟକୁ ବଦଳି କରିଛନ୍ତି । ପ୍ରକାଶ ଥାଉକି ଗତ ୧୦ ତାରିଖରେ ବୌଦ୍ଧ ବ୍ଲକ ଦହ୍ୟାସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ଜଣେ ସହକାରୀ ଶିକ୍ଷୟିତ୍ରୀ ରାଜନିତିକ ରାଲିରେ ଯୋଗଦେବା ନେଇ ଜିଲ୍ଲାପାଳଗତ ୧୩ ତାରିଖରେ ମଧ୍ୟ ନିଲମ୍ବିତ କରିଥିଲେ । ଜିଲ୍ଲାରେ ଦୁଇ ଦୁଇ ଜଣ ଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ଶିକ୍ଷକମହଲରେ କୋକୁଆ ଭୟ ଖେଳିଯାଇଛି ।

ଆମ୍ବେଦକରଙ୍କ ଜୟନ୍ତୀ ପାଳିତ

ସଇଁତଳା, (ସବ୍ୟୁ): ସଇଁତଳା ବ୍ଲକ କୁଇକେଡ଼ା ପଞ୍ଚାୟତ ରେଙ୍ଗାଲି ଉଚ୍ଚ ବିଦ୍ୟାଳୟ ପରିସରରେ ବାବା ସାହେବ ଆମ୍ବେଦକଙ୍କ ୧୩୩ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ରେଙ୍ଗାଲି ଯୁବ ସଂଘ ସଭାପତି ସାମୁଏଲ ନନ୍ଦଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଶିକ୍ଷକ ଦୁର୍ଗା ମାଝୀ ଓ ଲୋକନାଥ ସୁନା ଅତିଥି ଭାବେ ଯୋଗ ଦେଇଥିବା ବେଳେ ପୂର୍ବତନ ସମିତି ସଭ୍ୟ ବାରୁ ମହାନନ୍ଦ, ଯୁବ ସଂଘ ର ଉପ ସଭାପତି ଜଗଦିଶ ମହାନନ୍ଦ,ସହ ସଂପାଦକ ବଡ଼ ମହାନନ୍ଦ, ବିଜୟ କୁମ୍ଭାର, ଟୁନା ନାଗ, କ୍ଷୀର ମହାନନ୍ଦ, ବିଶ୍ୱ ମହାନନ୍ଦ, କେଶବ ସୁନା ଓ ଦୁର୍ବାସା କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେଛ ସେହି ପରି ଆମ୍ବେଦକର ପଡିଆ ଫପସି ଠାରେ ସରପଞ୍ଚ ମନିଷ ସୁନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଯୁରାବନ୍ଦ ସରପଞ୍ଚ କରିଶ୍ମା ନନ୍ଦ, ସମିତି ଅମ୍ରିତା ଦୀପ, ରାଜେନ୍ଦ୍ର ସୁନା ଓ ସମୁଏଲ ନନ୍ଦ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।

ମତଦାତାଙ୍କୁ ଜିଲ୍ଲା ପ୍ରଶାସନର ସଚେତନତା



ବଲାଙ୍ଗିର, (ସବ୍ୟୁ) : ଭାରତୀୟ ନିର୍ବାଚନ ଆୟୁକ୍ତ ଙ୍କ ଘୋଷଣା ଅନୁସାରେ ଆସନ୍ତା ମଇ ୨୦ ତାରିଖରେ ବଲାଙ୍ଗିର ଜିଲ୍ଲାରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ । ଏ ନେଇ ଜିଲ୍ଲାର ସମସ୍ତ ଭୋଟର କିପରି ନିର୍ବାଚନରେ ଭାଗ ନେବେ ତଥା ବୁଥକୁ ଆସି ମତ ଦାନ ସାବ୍ୟସ୍ତ କରିବେ ସେ ଦିଗରେ ସଚେତନତା ପାଇଁ ବଲାଙ୍ଗିର ଜିଲ୍ଲା ପ୍ରଶାସନ ଅଭିନବ ଢଙ୍ଗରେ ସଚେତନ କରାଉଛି । ଏହି ପରିପେକ୍ଷୀରେ ମାଟିର ପାତ୍ରରେ ନିର୍ଣ୍ଣିତ ଭୋଟ ଦେବାସହ ୨୦ ମଇ ମତଦାନ କେନ୍ଦ୍ର କୁ ଆସିବାକୁ କୁହାଯାଉଛି । ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଶ୍ରୀ ଗୌରଓ୍ୱ ଶିଓ୍ୱାଜି ଇସାଲଓ୍ୱାରଙ୍କ ନିର୍ଦ୍ଦେଶାନୁକ୍ରମେ ଏହି କାର୍ଯ୍ୟକ୍ରମ କରାଯାଉଛି । ଏହି କାର୍ଯ୍ୟକ୍ରମ ଦ୍ୱାରା ନିର୍ବାଚନରେ ସମସ୍ତ ମତଦାତା ସାମିଲ ହୋଇ ଅବାଧ , ନିରପେକ୍ଷ , ସ୍ୱଚ୍ଛ ଭାବେ ମତ ଦାନ କରିବାକୁ ପ୍ରଶାସନର ପ୍ରଶାସନର ଲକ୍ଷ ରହିଥିବା ବେଳେ ନିଜର ମୂଲ୍ୟବାନ ଭୋଟ ଦେବାକୁ ଆସିବାକୁ ଗୁହାରି କରା ଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ପ୍ରଭାତ କୁମାର ମହାପାତ୍ର, ଓର୍ମାସ ସିଏଇଓ କମଳେନ୍ଦୁ ପାଲ , ମିଶନ ଶକ୍ତି ଜିଲ୍ଲା ପ୍ରକଳ୍ପ ସଂଯୋଜିକା ସୁମନ ଦ୍ୱିବେଦୀ ଓ ଜିଲ୍ଲା ପରିଷଦ ଅଫିସର କର୍ମଚାରୀ ପ୍ରମୁଖ ଉପାସ୍ତିତ ଥିଲେ ।

ମଧୁ ମାଧବ ତୀର୍ଥରେ ଶ୍ରୀରାମ ନବମୀ ମହୋତ୍ସବ ପାଇଁ ଅଧିବାସ

କୋକସରା, (ସବ୍ୟୁ): କଳାହାଣ୍ଡି ଜିଲ୍ଲାର ଅନ୍ୟତମ ପର୍ଯ୍ୟଟନ ସ୍ଥଳୀ ଗୁଡ଼ହାଣ୍ଡି ଡୋକରୀଚଞ୍ଚରାରେ ଥିବା ମଧୁ ମାଧବ ତୀର୍ଥରେ ଶ୍ରୀରାମ ନବମୀ ମହୋତ୍ସବ ୫୩ ବର୍ଷରେ ପହଞ୍ଚିଥିବା ବେଳେ ଆଜି ଠାରୁ ୨୪ ତାରିଖ ପର୍ଯ୍ୟନ୍ତ ୯ ଦିନ ଧରି ମହାସମାରୋହରେ ଅନୁଷ୍ଠିତ ହେବ । ମଙ୍ଗଳବାର ଅପରାହ୍ନରେ ଅଧିବାସ ସହ ମହୋତ୍ସବ ଆରମ୍ଭ ହୋଇଛି। ବୁଧବାର ସକାଳ ଠାରୁ ଶ୍ରୀରାମ ନବମୀ ଉତ୍ସ ପାଳନ ସହ ଶ୍ରୀରାମଙ୍କ ପୂଜାର୍ଚ୍ଚନା ରୀତିନୀତି ଅନୁସାରେ ଅନୁଷ୍ଠିତ ହେବ। ଅଧିବାସ ଅବସରରେ ଗୁଡହାଣ୍ଡି ଉନ୍ନୟନ କମିଟି ପକ୍ଷରୁ ଚଳିତ ବର୍ଷ ପୁଜାକର୍ତ୍ତା ଭାବେ ଗୋପାଲ ଅଗ୍ରୱାଲ ଓ ରାନୀଦେବୀ ଅଗ୍ରୱାଲ ସପତ୍ନୀକ ରହିଛନ୍ତି। ମୁଖ୍ୟ ପୂଜକ ଦିଲୀପ କୁମାର ଯୋଷୀ, ପ୍ରତାପ କିଶୋର ପଣ୍ଡା, ରାଜେନ୍ଦ୍ର ଦାସ, ଶୁକଚନ ପୁଝାରୀ ପ୍ରମୁଖ ପୂଜାକାର୍ଯ୍ୟ ତୁଲାଉଛନ୍ତି। ଆଜି ଅପରାହ୍ନରେ ମଧୁ ମାଧବ ତୀର୍ଥରେ ଥିବା ପୂଣ୍ୟକୁଣ୍ଡରୁ ପବିତ୍ର ଜଳ ଆଣି ମନ୍ଦିରରେ ସ୍ଥାପନ କରାଯାଇଛି। ଉନ୍ନୟନ କମିଟିର ସଭାପତି ଭଦ୍ରେଶ୍ୱର ପାତ୍ର, ଉପ ସଭାପତି ଘନଶ୍ୟାମ ନାଏକ, ସମ୍ପାଦକ ସୁଧୀର ପାତ୍ର, କାର୍ଯ୍ୟକାରୀ ସମ୍ପାଦକ ନିଳାମ୍ବର ନାଏକ, କୋଷାଧ୍ୟକ୍ଷ ସୁରେଶ ଅଗ୍ରୱାଲ, କାର୍ଯ୍ୟକାରୀ କୋଷାଧ୍ୟକ୍ଷ ଆଦିତ୍ୟ ପଣ୍ଡା, ସଦସ୍ୟ ଦୁଷ୍ମନ୍ତ ପାଟଯୋଷୀ, ଅଇରୀ ନାଶନ ଚିନ୍ଦା, ଅର୍ଜୁନ ଅଗ୍ରୱାଲ, ଅଜିତ ପଟ୍ଟନାୟକ, ଅନି ମାଝୀ, ନରେନ୍ଦ୍ର ନାଏକଙ୍କ ସହ ସମସ୍ତ ସଦସ୍ୟ ଓ ଅନେକ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ବୁଧବାର ଶ୍ରୀରାମ ନବମୀ ପୂଜା, ରାମ ଚରିତ ମାନସ ପଠନ, ପୂଣ୍ୟକୁଣ୍ଡ ସ୍ନାନ କାର୍ଯ୍ୟକ୍ରମ ରହିଥିବା ନେଇ କମିଟି ପକ୍ଷରୁ ସୂଚନା ମିଳିଛି।

ଭୋଟର ସଚେତନତା ଏଲଇଡି ଗାଡି ଶୁଭାରମ୍ଭ

କୋରାପୁଟ, (ସବ୍ୟୁ) : ଆସନ୍ତା ମେ ମାସ ୧୩ ତାରିଖ ଦିନ କୋରାପୁଟ ଜିଲ୍ଲାରେ ମତଦାନ କରାଯିବ । ଜିଲ୍ଲାରେ ମତଦାନ ହାର ବୃଦ୍ଧି କରିବା ଉଦ୍ଦେଶ୍ୟରେ ଭୋଟରମାନଙ୍କୁ ସଚେତନ କରିବା ପାଇଁ ଦୁଇଟି ଏଲଇଡି ଗାଡ଼ିର ଆଜି ଶୁଭାରମ୍ଭ କରାଯାଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ଦୁଇଟି ଗାଡିର ଶୁଭାରମ୍ଭ କରିଥିଲେ । ଯେଉଁ ମତଦାନ କେନ୍ଦ୍ରରେ ଭୋଟହାର କମ ରହିଥିଲା ତାହା ଚିହ୍ନଟ କରାଯାଇଛି । ଉକ୍ତ କେନ୍ଦ୍ରରେ ରହିଥିବା ଗ୍ରାମକୁ ଯାଇ ଭୋଟରମାନଙ୍କୁ ସଚେତନ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି । ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଦୁଇଟି ଗାଡ଼ି ଭ୍ରମଣ କରି ଭୋଟର ମାନଙ୍କୁ ସଚେତନ କରାଯିବ । ଦୁଇଟି ଗାଡ଼ି କୋରାପୁଟ ଓ ଜୟପୁର ଉପଖଣ୍ଡକୁ ଯିବ । ମତଦାନ କେନ୍ଦ୍ରକୁ ଆସି ମେ ମାସ ୧୩ ତାରିଖ ଦିନ ନିଜର ବହୁମୂଲ୍ୟ ମତଦାନକୁ ସାବ୍ୟସ୍ତ କରିବାକୁ ଭୋଟର ମାନଙ୍କୁ ବିଭିନ୍ନ ଉପାୟରେ ସଚେତନ କରାଯାଉଛି । ଜାତୀୟ ସ୍ତରରେ କୋରାପୁଟ ଜିଲ୍ଲାର ଭୋଟହାର ପ୍ରତିଶତ ନିଶ୍ଚିତ ଭାବେ ଭଲ ରହିବ ବୋଲି ଜିଲ୍ଲାପାଳ ଆଶା ରଖିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଲସ୍ମଜିତ ରାଉତ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦେବାଶିଷ ପଟ୍ଟନାୟକ, କୋରାପୁଟ ଉପଜିଲ୍ଲାପାଳ ବେଣୁଧର ଶବର, କୋରାପୁଟ ବିଡିଓ ଦେବାଶିଷ ଗୌଡ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ସୀସା,ଜିଲ୍ଲା ପରିଷଦ ଅଧିକାରୀ ହିମାଂଶୁ ଶତପଥି ପ୍ରମୁଖ ଉପସ୍ଥିତ ଥିଲେ । ଗାଡିରେ ଲଗାଯାଇଥିବା ଦସ୍ତଖତ ବୋର୍ଡରେ ଜିଲ୍ଲାପାଳଙ୍କ ସହ ଅନ୍ୟାନ୍ୟ ଅଧିକାରୀ ଦସ୍ତଖତ କରିଥିଲେ ।

କନ୍ଧମାଳ ନିର୍ବାଚନ ମଣ୍ଡଳୀ

ନିର୍ବାଚନ ପୂର୍ବରୁ ମଇଦାନ ଛାଡିବେ କି ମନୋଜ ଆଚାର୍ଯ୍ୟ !

ବୌଦ୍ଧ, (ସବ୍ୟୁ) : ବୌଦ୍ଧଜିଲ୍ଲାରେ ରାଜନୈତିକ ଉଷ୍ମତ ବୃଦ୍ଧି ପାଉଥିବା ବେଳେ ଜିଲ୍ଲାର ଦୁଇ ନିର୍ବାଚନ ମଣ୍ଡଳି ବୌଦ୍ଧ ଓ କଣ୍ଟାମାଳ ନିର୍ବାଚନ ମଣ୍ଡଳି ପାଇଁ ତିନି ପ୍ରମୁଖ ରାଜନୈତିକ ଦଳ ବିଜେଡି, ବିଜେପି ଓ କଂଗ୍ରେସ ସେମାନଙ୍କ ପ୍ରାର୍ଥୀ ଘୋଷଣା କରିସାରିଛନ୍ତି । ବିଜେଡିରୁ କଣ୍ଟାମାଳ ନିର୍ବାଚନ ମଣ୍ଡଳି ପାଇଁ ମହିଧର ରଣା ଟିକେଟ ପାଇଥିବା ବେଳେ ବିଜେପି କହ୍ନାଇଁ ଚରଣ ଡାଙ୍ଗ ଓ କଂଗ୍ରେସ ମନୋଜ ଆଚାର୍ଯ୍ୟଙ୍କ ନାମ ଘୋଷଣା କରାଯାଇଛି । ବର୍ତ୍ତମାନ ନିର୍ବାଚନ ମଣ୍ଡଳିରେ ବିଜେଡି ଓ ବିଜେପି ସେମାନଙ୍କର ପ୍ରଚାର ଆରମ୍ଭ କରିଦେଇଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ କଂଗ୍ରେସ ପ୍ରାର୍ଥୀଙ୍କ ନିର୍ବାଚନ ପ୍ରଚାର ଆରମ୍ଭ ହୋଇନାହିଁ । ଦଳିୟ ପ୍ରାର୍ଥୀ ଘୋଷଣା ପରେ ଶ୍ରୀ ଆଚାର୍ଯ୍ୟ ବର୍ତ୍ତମାନ ନିର୍ବାଚନ ନ ଲଢିବାକୁ ଯୋଜନା ଚଳାଇଥିବା ଦଳିୟ ମହଲରେ ଆଲୋଚନା ହେଉଛି । ନିର୍ବାଚନ ଯୁଦ୍ଧ ପୂର୍ବରୁ ମୌଦାନ ଛାଡି ପ୍ରାର୍ଥୀ ପଳାଉଥିବା ଆଲୋଚନା ହେଉଛି । କଣ୍ଟାମାଳ ନିର୍ବାଚନ ମଣ୍ଡଳିରୁ ଯଦି ନିର୍ବାଚନ ନ ଲଢିବେ ତାହା ହେଲେ ଦଳର ପରବର୍ତି ପ୍ରାର୍ଥୀ କିଏ ହେବ ତାହାକୁ ନେଇ ଦଳିୟ ମହଲରେ ଅଙ୍କକଷା ଆରମ୍ଭ ହୋଇଗଲାଣି । ଏ କ୍ଷେତ୍ରରେ ଜିଲ୍ଲା ଯୁବ କଂଗ୍ରେସ ସଭାପତି ମହେଶ୍ୱର ପ୍ରଧାନ, ପୂର୍ବତନ ପ୍ରାର୍ଥୀ ପ୍ରଶାନ୍ତ ସାହୁ ଓ ସରୋଜ ପ୍ରଧାନଙ୍କ ନାମ ଚର୍ଚ୍ଚା ହେଉଛି । କଂଗ୍ରେସ ମନୋଜ ଆଚାର୍ଯ୍ୟଙ୍କୁ ୨୦୧୯ ସାଧାରଣ ନିର୍ବାଚନରେ କନ୍ଧମାଳ ସାଂସଦ ପ୍ରାର୍ଥୀ କରାଇଥିଲା । ହେଲେ ସେ ସଂସଦୀୟ କ୍ଷେତ୍ରରେ ତୃତୀୟ ସ୍ଥାନରେ ରହିଥିଲେ । ହେଲେଚଳିତ ନିର୍ବାଚନରେ କଣ୍ଟାମାଳ ନିର୍ବାଚନ ମଣ୍ଡଳିରୁ କଂଗ୍ରେସ ପ୍ରାର୍ଥୀ ଭାବରେ ମନୋଜ ଆଚାର୍ଯ୍ୟଙ୍କ ନାମଘୋଷଣା ହେବା ଆଗରୁ ତାଙ୍କୁ ବିରୋଧ ଆରମ୍ଭ ହୋଇସାରିଥିଲା । ମନୋଜ ଆଚାର୍ଯ୍ୟଙ୍କ ଘର କନ୍ଧମାଳ ଜିଲ୍ଲା ବାଲିଗୁଡା ଅଂଚଳରେ ହୋଇଥିବାରୁ ବାହାର ଜିଲ୍ଲାର ପ୍ରାର୍ଥୀଙ୍କୁ ଏଠାରେ ଦଳ ନେତା ଓ କର୍ମୀ ବିରୋଧ କରିଥିଲେ । ତାହା ସତ୍ତ୍ୱେ ଦଳ ତାଙ୍କ ନାମ ଘୋଷଣା କରିବା ପରେ ଦଳରେ ବିରୋଧାଭାଷ ଦେଖା ଦେଇଥିଲା । କଣ୍ଟାମାଳ ନିର୍ବାଚନ ମଣ୍ଡଳିରେ ବହୁ ପୁରୁଖା ଓ ଯୁବନେତା ରହିଥିବା ବେଳେ ସେମାନଙ୍କୁ ଦଳ ଅଣଦେଖା କରି ବାହାର ନିର୍ବାଚନମଣ୍ଡଳିରୁ ଆମଦାନୀ କରାଯାଇ ଦଳ ଏଠାରେ ପ୍ରାର୍ଥୀ କରିଥିବାରୁ ଦଳିୟ ମହଲରେ ଅସନ୍ତୋଷ ଦେଖାଦେଇଥିଲା । ମନୋଜ ଆଚାର୍ଯ୍ୟଙ୍କ ପ୍ରାର୍ଥିତ୍ୱକୁ ନେଇ ବହୁ ନେତା ଖୁଲମ ଖୁଲା ଦଳର ରାଜ୍ୟସ୍ତରୀୟ ନେତାଙ୍କ କାର୍ଯ୍ୟକଳାପକୁନେଇ ଆଙ୍ଗୁଳି ଉଠାଉଛନ୍ତି । ଦଳରେ ଦୀର୍ଘ ଦିନ ହେବ ରହି ଦଳିୟ କାର୍ଯ୍ୟ କରୁଥିବା ବେଳେ ବାହାର ଜିଲ୍ଲାରୁପ୍ରାର୍ଥୀ ଦେବାକୁ ନେଇ ସ୍ଥାନିୟ ନେତାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଦଳରେ ପ୍ରାର୍ଥୀ ଘୋଷଣା ହେବା କ୍ଷଣୀ ଯେଭଳି ଭାବରେ ବିରୋଧର ସ୍ୱର ଶୁଭିଥିଲା ତେଣୁ ସେ ନିର୍ବାଚନ ନ ଲଢିବାକୁ ଯୋଜନା କରିଥିବା ନେଇ ରାଜନୈତିକ ବିଶେଷଜ୍ଞ ମାନେ ମତ ପୋଷଣ କରୁଛନ୍ତି । ଏନେଇ କଂଗ୍ରେସ ପ୍ରାର୍ଥୀ ମନୋଜ ଆଚାର୍ଯ୍ୟଙ୍କୁ ମୋବାଇଲରେ ଯୋଗାଯୋଗ କରିଥିଲେ ମଧ ସେ ଫୋନ ଉଠାଇ ନଥିଲେ ।

ଶ୍ରୀମଦ୍ ଭାଗବତ ସପ୍ତାହ ଉଦ୍‌ଯାପିତ

ସମ୍ବଲପୁର, (ସବ୍ୟୁ) : ସ୍ଥାନୀୟ ଦୁର୍ଗାପାଲି ସ୍ଥିତ ଦୟାମଣିବୃଦ୍ଧାଶ୍ରମ ଠାରେ ଗତ ୮ ତାରିଖରୁ ଚାଲିଥିବା ଶ୍ରୀମଦଭାଗବତ ସପ୍ତାହ ଜ୍ଞାନଯଜ୍ଞ ଆଜି ହୋମଯଜ୍ଞ, ସାମୂହିକ ଗୋପାଳସହସ୍ରନାମ ପାଠ, କୀର୍ତ୍ତନ ଓ ସାଧୁ ସେବା ସହ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ବୃନ୍ଦାବନ ନିବାସୀ ବାବା ହରେକୃଷ୍ଣ ଦାସମହାରାଜ ୭ ଦିନ ବ୍ୟାପୀ ଶ୍ରୀମଦ୍ ଭାଗବତ କଥାମୃତ ପରିବେଷଣ କରିଥିଲେ । ତାଙ୍କୁ ହରିଚରଣ ଦାସ, କୃଷ୍ଣ ଦାସ ଓ ରାଜକିଶୋରମହାପାତ୍ର ପ୍ରମୁଖ ସଙ୍ଗୀତ ଓ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। ପଣ୍ଡିତ ବଳରାମ ଶାସ୍ତ୍ରୀ ପୂଜାର୍ଚ୍ଚନା କରିଥିବା ବେଳେ ପଣ୍ଡିତ ଶୁଭେନ୍ଦ୍ର ମିଶ୍ର ଭାଗବତର ମୂଳପାଠ ଓ ପଙ୍କଜ ବିଭିନ୍ନ ଝାଙ୍କିପ୍ରଦର୍ଶନ କରିଥିଲେ । ଏହାଛଡା କଣ୍ଟାବାଞ୍ଜିର ମହନ୍ତ ଅଦ୍ୱୈତ ଦାସ ଏଥିରେ ଯୋଗ ଦେଇ ହରିକଥାର ମହାତ୍ମ୍ୟ ଉପରେ ପ୍ରବଚନ ଦେଇଥିଲେ । ପୂର୍ବତନ ରାଜ୍ୟ ସଭା ସାଂସଦ ସୁଶ୍ରୀ ପ୍ରମିଳା ବହିଦାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଜ୍ଞାନଯଜ୍ଞରେ ସସ୍ମିତ କୁମାର ପଣ୍ଡା ଓ ତାଙ୍କ ଧର୍ମପତ୍ନୀ ରଶ୍ମିତା, ଅମୀୟ ପାଣି ଓଅମିତା, ଅଖିଳ ରଞ୍ଜନ ପଟ୍ଟନାୟକ ଓ ସୁନନ୍ଦା, ରବି ପଟ୍ଟନାୟକ ଓପୂଜା, ମନୋଜ କୁମାର ମିଶ୍ର ଓ ମମତା, ଜୟଶଙ୍କର ପଟ୍ଟନାୟକ ଓସଲୀଳା ଓ ନୀଳମଣି ଦାସୀ (ନେତ୍ରମଣୀ) କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ବୃଦ୍ଧାଶ୍ରମର ଉପସଭାପତି ବରିଷ୍ଠ ସାମ୍ବାଦିକ ହେମନ୍ତକୁମାର ମହାପାତ୍ରଙ୍କ ଅଧକ୍ଷତାରେ ଗତକାଲି ଆୟୋଜିତଉଦ୍‌ଯାପନୀ ଉତ୍ସବରେ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବଂଶୀଧର ମାଝୀ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। କବୟିତ୍ରୀ ଶ୍ରୀମତୀ ତପସ୍ୱିନୀ ନେପାକ ଭାଗବତ ସପ୍ତାହ ଆୟୋଜନ ସମ୍ପର୍କରେ ସ୍ୱରଚିତ କବିତା ପାଠ କରିଥିବା ବେଳେ ବୃଦ୍ଧାଶ୍ରମର ଦୁଇ ଜଣ ଅନ୍ତେବାସିନୀ କାର୍ଯ୍ୟକ୍ରମରେ ତାଙ୍କର ଅନୁଭୂତି ବର୍ଣ୍ଣନା କରିଥିଲେ । କାର୍ଯ୍ୟକ୍ରମ ଆୟୋଜନରେ ଭୋଲାରାମ ଟିବ୍ରେୱାଲ, ଇଂ ଶ୍ରୀକାନ୍ତ ପାଣିଗ୍ରାହୀ, ମହେନ୍ଦ୍ର ଦଳପତ, ରାଜେନ୍ଦ୍ର ମହାପାତ୍ର, ପ୍ରବୀର ବହିଦାର, ସୂର୍ଯ୍ୟ ପଣ୍ଡା, ସ୍ନିଗ୍ଧାଶ୍ରୀ ବହିଦାର, ଜ୍ୟୋତ୍ସ୍ନା ବହିଦାର, ଅଶୋକ ପଟ୍ଟନାୟକ ଓ ପାର୍ଥସାରଥୀ ଦାନୀ ପ୍ରମୁଖ ସହଯୋଗ କରିଥିଲେ।

ମା’ ଦକ୍ଷିଣ କାଳୀ ମନ୍ଦିରରେ ଚୈତ୍ରପର୍ବ ପାଳିତ

ସିନାପାଲି, (ସବ୍ୟୁ): ସିନାପାଲି ଅନ୍ତର୍ଗତ ଭରୁଆମୁଣ୍ଡା ସ୍ଥିତ ମାଁ ଦକ୍ଷିଣ କାଳୀ ମନ୍ଦିରରେ ପାରମ୍ପରିକ ଚୈତ୍ରପର୍ବ ସମାରୋହରେ ପାଳିତ ହୋଇଯାଇଛି। ମନ୍ଦିର ପୂଜକ ହରିଶ୍ଚନ୍ଦ୍ର ମାଝୀ ପାରମ୍ପରିକ ରୀତିରେ ପୂଜା କାର୍ଯ୍ୟ ଆରମ୍ଭ କରିଥିବା ବେଳେ ମାନସିକ ଧାରୀ ତଥା ଶ୍ରଦ୍ଧାଳୁମାନେ ଦୂରଦୂରାନ୍ତରୁ ବହୁ ସଂଖ୍ୟକ ଉପସ୍ଥିତ ହୋଇ ବଳି ପକାଇଥିଲେ। ଅଞ୍ଚଳର ଶତାଧିକ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ପୂଜା କାର୍ଯ୍ୟ ପରିଚାଳନାରେ ସ୍ଥାନୀୟ ସରପଞ୍ଚ ବିରଞ୍ଚି ଜଗତଙ୍କ ସମେତ ହେରାମ୍ବ ବାଗ, ସୋଦନ ପଟେଲ, ନିରଞ୍ଜନ ବାଗ, ମଦନ ପଟେଲ, ଗଜେନ୍ଦ୍ର ହଂସ, ନନ୍ଦଲାଲ ବାଗ, ସଦାନନ୍ଦ ଜଗତ, କମଳ ମାଝୀ, ଅମରସିଂ ବାଗ ପ୍ରମୁଖ ସହଯୋଗ କରିଥିଲେ।

ବଡ଼ମାଳରେ ନିଯୁକ୍ତିରେ ଅନିୟମିତତା

ଠିକାଦାର ଲାଞ୍ଚ ମାଗିବା ଅଡିଓ ଭାଇରାଲ

ବଲାଙ୍ଗିର, (ସବ୍ୟୁ): ବଲାଙ୍ଗୀର ଜିଲା ସଇଁତଲା ବ୍ଲକ କେନ୍ଦ୍ର ସରକାରଙ୍କ ଅଧିନସ୍ଥ ଗୋଲବାରୁ କାରଖାନାରେ ନିଯୁକ୍ତି ପ୍ରଦାନରେ ବ୍ୟାପକ ଅନିୟମିତତା ଦେଖାଦେଇଛି। ପ୍ରଚୁର ପରିମାଣରେ ଟଙ୍କା ପଇସା କାରବାର କରି ଯୋଗ୍ୟ ପ୍ରାର୍ଥି କୁ ବାଦଦେଇ ଅଯୋଗ୍ୟ ପ୍ରାର୍ଥିଙ୍କୁ କାରଖାନାରେ ବେନିୟମ ଭେବେ ନିଯୁକ୍ତି ଦିଆଯାଇଥିବା ନେଇ ବିସ୍ଥାପିତ କମିଟି ପକ୍ଷ ରୁ ସଇଁତଲା ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଛି। ସୂଚନାଯୋଗ୍ୟଯେ ଗତ ଜୁଲାଇ ମାସରେ କାରଖାନା ପକ୍ଷ ରୁ ଏମଟିଏସ ପଦବି ପାଇଁ ଟେଣ୍ଡେର ପାଇଁ ଆହ୍ୱାନ କରାଯାଇଥିଲା। ଟେଣ୍ଡେର ପ୍ରକ୍ରିୟା ପରେ ଏହି ପଦବି କୁ ପୂରଣ କରିବା ପାଇଁ ସଇଁତଲା ସ୍ଥିତ ବେଲଗାଁ ର ରାମ ଗୋପାଲ (କୁନା) ନାଏକ ନାମକ ଜଣେ ଘୋରୋଇ ଠିକାଦାର କୁ କାରଖାନା ପକ୍ଷରୁ ନିୟୋଜିତ କରାଯାଇଥିଲା। ଯେତେବେଳେ ସ୍ଥାନୀୟ ଅଞ୍ଚଳର ବେକାର ଯୁବକ ଯୁବତୀ ମାନେ ଏମଟିଏସ ପଦୀ ପାଇଁ ଆବେଦନ କରିଥିଲେ ସେତେବେଳେ ସମ୍ପୃକ୍ତ ଠିକାଦାର ଶ୍ରୀ ନାଏକ ପ୍ରତ୍ୟେକ ପ୍ରାର୍ଥିଠୁ ଚାକିରି ବାବଦକୁ ବେଆଇନ ଭାବେ ଏକଲକ୍ଷ ଟଙ୍କା ଦାବି କରିଥିଲେ। ପରେ ବେକାର ଯୁବକ ଯୁବତୀ ପଇସା ନଦେଇଥିବା ରୁ ତାଙ୍କୁ ନିଯୁକ୍ତିରୁ ବଞ୍ଚିତ କରାଯାଇଥିଲା। ଏନେଇ ବିସ୍ଥାପିତ କମିଟି କାରଖାନାର ମହାପ୍ରବନ୍ଧକଙ୍କ ଠାରେ ଅଭିଯୋଗ କରିଥିଲେ । ହେଲେ ବଡ଼ମାଲ କର୍ତୃପକ୍ଷ କୌଣସି ପଦକ୍ଷେପ ନେଇନଥିବା ବେଳେ ଆଜି ବିସ୍ଥାପିତ କମିଟି ସଭାପତି ସାମୁଏଲ ନନ୍ଦ ଓ ଗଣ୍ଡପତ୍ରାପାଲି ସରପଞ୍ଚ ମନୀଷ ସୁନାଙ୍କ ନେତୃତ୍ୱରେ କମିଟ ର ବହୁ ସଦସ୍ୟ ସମ୍ପୃକ୍ତ ଠିକାଦାର ବିରେଧରେ ସଇଁତଲା ଥାନାରେ ଅଭିଯୋଗ କରିଛନ୍ତି। ସଂପୃକ୍ତ ଠିକାଦାର କିପରି ଭାବେ ଚାକିରୀ ବାବଦ କୁ ଲାଞ୍ଚ ମାଗୁଛନ୍ତି ତାହାର ଏକ କଲ ଅଡିଓ ଏବେ ସାମାଜିକ ଗଣମାଧ୍ୟମରେ ଖୁବ ଜୋରରେ ଭାଇରାଲ ହେବାରେ ଲାଗିଛି। ଅନ୍ୟପଟେ ଠିକାଦାର ନାଏକକୁ ପଚାରିବାରୁ ମୁଁ କାହାକୁ ଲାଞ୍ଚ ମାଗୁନି ଯାହାକୁ କେସ ଦେବାର ଅଛି ଦିଅ ବୋଲି କହିଛନ୍ତି ।

ଜିଲ୍ଲାସ୍ତରୀୟ ରବି ଋତୁ ଧାନସଂଗ୍ରହ କମିଟି ବୈଠକ

କୋରାପୁଟ, (ସବ୍ୟୁ) : ସ୍ଥାନୀୟ ସଦଭାବନା ସଭାଗୃହଠାରେ କୋରାପୁଟ ଜିଲ୍ଲାସ୍ତରୀୟ ରବିଋତୁ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ଭାସନଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଲଗ୍ନଜିତ ରାଉତ,ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦେବାଶିଷ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ମେ’ ମାସ ୨୫ ତାରିଖରୁ ରବି ଋତୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ଜିଲ୍ଲାପାଳ ଭି କୀର୍ତ୍ତି ଭାସନ କହିଛନ୍ତି । ଜିଲ୍ଲାର ୭୩ ଟି ମଣ୍ଡିରେ ଧାନ ସଂଗ୍ରହ କରାଯିବ ବୋଲି ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଦୀପ କୁମାର ପଣ୍ଡା କହିଛନ୍ତି । ଜୟପୁର ଉପଖଣ୍ଡରେ ୬୫ ଓ କୋରାପୁଟ ଉପଖଣ୍ଡରେ ୮ ଟି ମଣ୍ଡି ଖୋଲାଯିବ ବୋଲି ସେ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ କୁମାର ମହାନ୍ତି,କୋରାପୁଟ କୃଷି ଜିଲ୍ଲା ଅଧିକାରୀ ବୈକୁଣ୍ଠନାଥ ବେହେରା, କୋରାପୁଟ ଆରଏମସି ସଂପାଦକ ଅରୁଣ କୁମାର ଜେନା ପ୍ରମୁଖଙ୍କ ସହ ଚାଷୀ ସଂଗଠନର ନେତାମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ କୋରାପୁଟ ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ଶମ୍ଭୁ ପ୍ରସାଦ ହରପାଲ ଯୋଗଦେଇ ଧନ୍ୟବାଦ ଅର୍ପଣ କରିଥିଲେ । ଚଳିତ ବର୍ଷ ଖରିଫ ଋତୁରେ ଜିଲ୍ଲାକୁ ୨୧୭୭୬୧ ମେଟ୍ରିକ ଟନ ଧାନ ସଂଗ୍ରହ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ୨୧୦୯୩୭ ମେଟ୍ରିକ ଟନ ଧାନ ସଂଗ୍ରହ କରାଯାଇଥିଲା ବୋଲି ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଦୀପ କୁମାର ପଣ୍ଡା କହିଛନ୍ତି । ଗତ ୨୦୨୨/୨୩ ବର୍ଷ ରବି ଋତୁରେ କୋରାପୁଟ ଜିଲ୍ଲାକୁ ୧୨୪୨୫୯ ମେଟ୍ରିକ ଟନ ଧାନ ସଂଗ୍ରହ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ୮୨୧୫୩ ମେଟ୍ରିକ ଟନ ଧାନ ସଂଗ୍ରହ କରାଯାଇଥିଲା ବୋଲି ସେ କହିଛନ୍ତି । ଏଥି ମଧ୍ୟରୁ ୭୬୬୦୧ ମେଟ୍ରିକ ଟନ ଧାନ କୋରାପୁଟ ମିଲରସ ଉଠାଇଥିବା ବେଳେ ୫୫୫୧ ମେଟ୍ରିକ ଟନ ଧାନ ରାୟଗଡା ମିଲରସ ଉଠାଇଥିଲେ ବୋଲି ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଦୀପ କୁମାର ପଣ୍ଡା କହିଛନ୍ତି ।

ଘର ଭୁଶୁଡି ଜଣେ ମୃତ

କୋକସରା, (ସବ୍ୟୁ): ସୋମବାର ବିଳମ୍ବିତ ରାତିରେ ମାଟି କୁଡ଼ିଆ ଘରେ ଶୋଇଥିବା ସମୟରେ ଘର ଭୁଶୁଡି ପଡିବାରୁ ଚାପି ହୋଇ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କୋକସରା ବ୍ଲକ ବରାଡ଼ଙ୍ଗା ପଞ୍ଚାୟତ ସାଗରପଡା ଗ୍ରାମର ଘାସିରାମ ହଂସ (୪୨) ବୋଲି ଜଣାପଡିଛି। ତାଙ୍କ ନିଜସ୍ୱ ଗାଁ ପୋଡ଼ାଗୁଡା ହୋଇଥିବା ବେଳେ ସେ ସିଉନି ସାଗରପଡା ଗ୍ରାମରେ ନିଜ ମାମୁଁ ଘରେ ଏକ ଦୋକାନ ଦେଇ ନିଜର ପରିବାର ଚଳାଉ ଥିଲେ। ହେଲେ ଗତକାଲି ରାତିରେ ଖାଇପିଇ ଶୋଇଥିବା ସମୟରେ ଘର ଭୁଶୁଡି ଚାପି ହୋଇ ତାଙ୍କର ମୃତ ହୋଇଥିବା ସୂଚନା ମିଳିଛି। ମଙ୍ଗଳବାର ସକାଳୁ ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ କୋକସରା ଡାକ୍ତର ଖାନାକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇ ପରେ ଶବକୁ ପରିବାର ବର୍ଗଙ୍କୁ ହସ୍ତାନ୍ତର କରି ଆମପାଣି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା ନେଇ ତଦନ୍ତକାରୀ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ଅନ୍ୟ ପଟେ ଘରର ଏକ ମାତ୍ର ରୋଜଗାରିଆ ସ୍ୱାମୀଙ୍କୁ ହରାଇ ସ୍ତ୍ରୀ ଓ ପରିବାର ଭାଙ୍ଗି ପଡିଛନ୍ତି। ସରକାରୀ ସ୍ତରରେ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ମାନେ ଦାବି କରିଛନ୍ତି ।

ବୋରିଗୁମ୍ମା ବ୍ଲକ୍‌ରେ ୧୮ଟି ମଡେଲ ପୋଲିଂ ଷ୍ଟେସନ ହେବ

ବୋରିଗୁମ୍ମା, (ସବ୍ୟୁ) : ଚଳିତ ୨୦୨୪ ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି, ପ୍ରଶାସନ ତତ୍ପରତା ସେତିକି ବୃଦ୍ଧି ପାଉଛି । ରାଜ୍ୟର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ମେ’ ମାସ ୧୩ ରେ ଅନୁଷ୍ଠିତ ହେଉଥିବା ବେଳେ ପ୍ରଶାସନିକ ଅଧିକାରୀ ମାନେ ପ୍ରତି ଟି ବୁଥ ବୁଲି ତଦାରଖ କରୁଥିବା ଦେଖାଦେଇଛି । ନିର୍ବାଚନ କମିଶନଙ୍କ କଡା ନିର୍ଦ୍ଦେଶ କ୍ରମେ ପ୍ରତି ବୁଥ ରେ ପାନୀୟ ଜଳର ସୁବିଧା ସହ ଶୌଚାଳୟ ବ୍ୟବସ୍ଥାକୁ ବାଧ କରାଯାଇଛି । ବୋରିଗୁମ୍ମା ଆସନ୍ତା ମାସ ୧୩ ତାରିଖରେ ନିର୍ବାଚନ ହେବାକୁ ଥିବା ବେଳେ ଏଥିପାଇଁ ୧୮ ଗୋଟି ମଡେଲ ପୋଲିଙ୍ଗ ଷ୍ଟେସନ କରିବା ପାଇଁ ବୁଥ ଚିହ୍ନଟ କରାଯାଇଛି । ଜୟପୁର ନିର୍ବାଚନ ମଣ୍ଡଳୀ ର ୧୨ ଗୋଟି ମଡେଲ ପୋଲିଙ୍ଗ ଷ୍ଟେସନ ରହିଛି । ସେଗୁଡିକ ହେଲା ଦୁଲ୍ଲାଗୁଡା, ବ୍ଲକ କଲୋନୀ ବୋରିଗୁମ୍ମା, ବୋରିଗୁମ୍ମା-୨,ବୋରିଗୁମ୍ମା-୪, ଖୁଡ଼ିଗୁଡା, ବେଣାଗାଁ, ମୁଣ୍ଡାଗୁଡା, ବୋଡିଗାଁ, ନାରୀ ଗାଁ, ଏମଇ ସ୍କୁଲ ବୋରିଗୁମ୍ମା, ଗୁମୁଡା ଓ ସାନ ପିଣ୍ଡାପଦର । ସେହିଭଳି କୋଟପାଡ଼ ନିର୍ବାଚନ ମଣ୍ଡଳୀର ୬ ଗୋଟି ମଡେଲ ପୋଲିଙ୍ଗ ଷ୍ଟେସନ କରିବା ପାଇଁ ବୁଥ ଗୁଡିକୁ ଚିହ୍ନଟ କରାଯାଇଛି । ସେଗୁଡିକ ହେଲା କାମରା, କୁହୁରାଗୁଡା, ବଣ୍ଡାଗୁଡା, ଭାଟିଗାଁ, କେରକେଣ୍ଡା ଓ ଅଂଚଳା । କୋଟପାଡ଼ ନିର୍ବାଚନ ମଣ୍ଡଳୀ ର ମୋଟ ୫୭ ଗୋଟି ବୁଥ ରହିଥିବା ବେଳେ ଜୟପୁର ନିର୍ବାଚନ ମଣ୍ଡଳୀ ର ୮୩ ଗୋଟି ବୁଥ ରହିଛି । ସେଥି ମଧ୍ୟରୁ ୧୧ ଗୋଟି ବୁଥ ଅତି ଉତ୍ତେଜନା ପ୍ରବଣ ହୋଇଥିବା ବେଳେ ୭୪ ଟି ଉତ୍ତେଜନା ପ୍ରବଣ ବୁଥ ଭାବେ ପ୍ରଶାସନ ପକ୍ଷରୁ ଚିହ୍ନଟ କରାଯାଇଛି ବୋଲି ବ୍ଲକ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି ।

ତରଭାରେ ବିଜେପିର ମିଶ୍ରଣ ପର୍ବ

ତରଭା, (ସବ୍ୟୁ) : ତରଭାରେ ବିଜେପିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏହି ମିଶ୍ରଣ ପର୍ବରେ ବିଜେଡିର ତୁଙ୍ଗ ଯୁବନେତା କୃପାନିଧି ମିଶ୍ର, ପୂର୍ବତନ ସମିତି ସଭ୍ୟ ବର୍ମେଶ ବାରିକ , ମଧୁ ଦେହୁରି ସମେତ ବ୍ଲକର ବିଭିନ୍ନ ଗ୍ରାମରୁ ଆସିଥିବା ବ୍ୟକ୍ତି ବିଶେଷ ତଥା ଅନ୍ୟଦଳର ସଦସ୍ୟମାନେ ବିଜେପି ପ୍ରତି ଆକୃଷ୍ଟ ହୋଇ ବିଜେପିରେ ସାମିଲ ହୋଇଥିଲେ । ମିଶ୍ରଣ ପର୍ବରେ ବଲାଙ୍ଗିର ଲୋକସଭା ପ୍ରାର୍ଥିନୀ ତଥା ସାଂସଦ ସଙ୍ଗିତା କୁମାରୀ ସିଂଦେଓ ଏବଂ ସୋନପୁର ବିଧାୟକ ପ୍ରାର୍ଥି ପ୍ରମୋଦ କୁମାର ମହାପାତ୍ରଙ୍କ ସମେତ ବରିଷ୍ଠ ବିଜେପି ନେତା ସୁରେଶ ମହଲା , ରାଜ କିଶୋର ମେଣ୍ଡଲି , ରାମ ନାରାୟଣ ବେଜ , ସନାତନ କର୍ମୀ , ସୁଦେଷ୍ଣା ନେଗୀ, ପ୍ରମୁଖ ମଞ୍ଚାସୀନ ଥିଲେ । ତରଭା ବ୍ଲକ ର ବିଭିନ୍ନ ପଂଚାୟତରୁ ଆସିଥିବା ବିଜେଡି , କଂଗ୍ରେସ ଓ ଅନ୍ୟାନ୍ୟ ଦଳର ୨୦୦ ରୁ ଉର୍ଦ୍ଧ ସଦସ୍ୟ ସାଂସଦ ସଙ୍ଗିତା କୁମାରୀ ସିଂଦେଓଙ୍କ ଠାରୁ ବିଜେପି ଉତ୍ତରୀୟ ଗ୍ରହଣ ପୂର୍ବକ ସମ୍ବର୍ଦ୍ଧିତ ହୋଇଥିଲେ । ଏହି ଅବସରରେ ସାଂସଦ ସଙ୍ଗିତା କୁମାରୀ ସିଂଦେଓ ସଦ୍ୟ ନୂତନ ଯୋଗଦେଇଥିବା ସଦସ୍ୟଙ୍କୁ ଉତ୍ସାହିତ କରିବା ସହ ମୋଦିଙ୍କ ଚାରିଶହ ପାର ମିଶନ ସଫଳ କରିବା ସହ ନିଜକୁ ଏବଂ ବିଧାୟକ ପ୍ରାର୍ଥୀ ପ୍ରମୋଦ କୁମାର ମହାପାତ୍ରଙ୍କୁ ବିଜୟ କରିବା ପାଇଁ ଅନୁରୋଧ କରିଥିଲେ । ପରିଶେଷରେ ବିଧାୟକ ପ୍ରାର୍ଥୀ ପ୍ରମୋଦ କୁମାର ମହାପାତ୍ର ମୋଦିଙ୍କ ଲୋକାଭିମୁଖି ଯୋଜନା ଏବଂ ଓଡିଶାରେ ବିଜେପି ସରକାର ଗଠନ ଏବଂ ସୋନପୁରରେ ବିଜେପିର ବିଜୟ କାମନା କରି ଉପସ୍ଥିତ କର୍ମୀଙ୍କ ଉଦ୍ଦେଶ୍ୟରେ ଉଦବୋଧନ ଦେଇଥିଲେ । ଏହି ମିଶ୍ରଣ ପର୍ବରେ ବ୍ଲକର ସମସ୍ତ ବରିଷ୍ଠ ବିଜେପି କାର୍ଯ୍ୟକର୍ତ୍ତା ସମେତ ଯୁବା ଓ ସକ୍ରିୟ ବିଜେପି କର୍ମି ଯୋଗ ଦେଇଥିଲେ ।

ତହଁକ୍ କୁଟୁମ୍ ପକ୍ଷରୁ ନିଆରା ସାହିତ୍ୟ କାର୍ଯ୍ୟକ୍ରମ

ବଲାଙ୍ଗିର,(ସବ୍ୟୁ): ଦିନକୁ ଦିନ କୋଶଲୀ ଭାଷାର ଶବ୍ଦ ଗୀତ ପାରମ୍ପରିକ ଜିନିଷ ର ଆଜିକାଲି ଖୁବ୍ କମ୍ ଦେଖିବାକୁ ମିଳୁଛି। ଆଜିର ଦିନରେ ସମସ୍ତେ ନିଜ ନିଜର ବ୍ୟସ୍ତତା ଭିତରେ ରହି ମାଁ ମାଟିର ଭାଷା ସାହିତ୍ୟକୁ ଭୁଲିଯିବାକୁ ବସିଲେଣି । ଏହି ପରିପ୍ରେକ୍ଷୀରେ ବଲାଙ୍ଗିର ଜିଲ୍ଲାର ଅନ୍ୟତମ ଅଗ୍ରଣୀ କୋଶଲୀ ସାହିତ୍ୟ ଅନୁଷ୍ଠାନ ତହଁକ୍ କୁଟୁମ୍ ପକ୍ଷରୁ ସ୍କୁଲ୍ ନୁ କଲେଜ୍ ଗାଁ ନୁ ସହର୍, ତହଁକ୍ ପୁହୁଁଚିଲା ଘର୍ କେ ଘର୍ କାର୍ଯ୍ୟକ୍ରମର ଶୁଭ ଉଦଘାଟନ ଜାମୁଟିଆ ଗ୍ରାମରେ ହୋଇଥିଲା । ଗାଁ ରେ ଏକ ପରିକ୍ରମା କରାଯିବା ପରେ କୋଶଲୀ ଭାଷା ଆଜିର ଏଇ ଚକଚକିଆ ବିଦେଶୀ ଭାଷାର ଚକତଳେ କେମିତି ଚାପି ହେବାକୁ ବସିଥିବା ବେଳେ ନିଜର ମାତୃଭାଷା କୋଶଳୀର କେମିତି ପୁନରୁଦ୍ଧାର କରି ଆଗାମୀ ପିଢୀକୁ ଜଣାଇ ଆମ ଭାଷାକୁ ବଞ୍ଚାଇ ରଖିବା ସେ ପ୍ରତି ଜନ ସାଧାରଣଙ୍କୁ କବିମାନେ ନିଜର ବକ୍ତବ୍ୟ ଏବଂ କବିତା ମାଧ୍ୟମରେ ଦର୍ଶାଇଥିଲେ। ବର୍ଷିଆନ୍ କବି ନିରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ସଭାରେ ତହଁକ୍ ସମ୍ପାଦକ ରାଜେଶ ଦଣ୍ଡସେନା, କବି ଅର୍ଜ୍ଜୁନ କୁମାର ସାହୁ, ଆଶୁକବି ଗରିବ ମଲ୍ଲିକ, କବୟିତ୍ରୀ ପ୍ରଭାସିନୀ ଭୋଇ, କବି ମିଲନ୍ ପଣ୍ଡା, କବି ପୂର୍ଣ୍ଣଚନ୍ଦ୍ର ଯୋଷୀ, କବି ମନୋରଞ୍ଜନ ସା ଯୋଗଦେଇ କୋଶଲୀ କବିତା ଜନସାଧାରଣଙ୍କୁ ଶୁଣାଇଥିଲେ। ଆଗକୁ ପ୍ରତି ମାସରେ ସ୍କୁଲ କଲେଜ କିମ୍ବା ଗାଁ ସ୍ତରରେ ମାସକୁ ଗୋଟିଏ ଦୁଇଟି କୋଶଲୀ ଭାଷା ଚର୍ଚ୍ଚା ଘର୍ ଘର୍ ତକ୍ ତହଁକ୍ କୁଟୁମ୍ ପହଞ୍ଚାଇବ ବୋଲି ସଂପାଦକ ରାଜେଶ ଦଣ୍ଡସେନା ନିଜ ବକ୍ତବ୍ୟରେ କହିଥିଲେ। କବି ଅର୍ଜ୍ଜୁନ କୁମାର ସାହୁ ଆମ ଭାଷାରେ ଚାଲିବା ଠୁ ନେଇ ଝିଅ ବିଦା ହେବା ଏବଂ ଜନ୍ମ ଠୁ ନେଇ ମରିବା ପର୍ଯ୍ୟନ୍ତ କେମିତି ଗୀତ ଅଛି ନିଜେ ଗାଇ ଶୁଣାଇଥିଲେ। ଗ୍ରାମର ଶହ ଶହ ଦର୍ଶକ ମନଭରି ଉପଭୋଗ କରିଥିଲେ। ଭୋଜରାଜ ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ।

ନିର୍ବାଚନ ସମୟରେ ଶିକ୍ଷକଙ୍କୁ ବାଣ୍ଟୁଛନ୍ତି ଟ୍ୟାବ

ଜିଲ୍ଲା ଶିକ୍ଷା ବିଭାଗ ପାଖରେ ଖବର ନାହିଁ

ରାୟଗଡା, (ସବ୍ୟୁ) : ରାୟଗଡା ଜିଲ୍ଲାରେ ଆଜି ନିର୍ବାଚନୀ ଆଚରଣ ବିଧି ଉଲଙ୍ଘନ ହୋଇଥିବା ଓ ଏହି କାର୍ଯ୍ୟରେ ରାଜ୍ୟ ସରକାରଙ୍କ ସମ୍ପୂର୍ଣ୍ଣ ହାତ ଥିବା ନେଇ ପୋଲିସ ନିକଟରେ ଫେରାଦ ହେଲା ଜିଲ୍ଲା କଂଗ୍ରେସ । ଭୁବନେଶ୍ୱର ସ୍ଥିତ ଓକାକ ନାମକ ସଂସ୍ଥା ଦ୍ୱାରା ରାୟଗଡା ରେଳ ଷ୍ଟେସନ ନିକଟରେ ଭୁବନେଶ୍ୱରରୁ ୮ଟି ଇନୋଭା ଗାଡ଼ି ସହ ଗୋଟିଏ କଣ୍ଟେନର ଗାଡ଼ିରେ ଏହି ଟ୍ୟାବ ଆଣି ବିଭିନ୍ନ ବ୍ଲକର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ପଠାଯାଉଥିବା ବେଳେ ଖବର ପାଇ କଂଗ୍ରେସ ରାଜ୍ୟ ସମ୍ପାଦକ ଦୁର୍ଗା ପ୍ରସାଦ ପଣ୍ଡାଙ୍କ ସହ ଅନ୍ୟ କଂଗ୍ରେସ କର୍ମୀ, ଗଣମାଧ୍ୟମର ପ୍ରତିନିଧି ମାନେ ପହଞ୍ଚି ଥିଲେ । ସେମାନଙ୍କ ସହ ଆଲୋଚନା କରିବା ପରେ ଜଣାପଡିଲା କୌଣସି ସରକାରୀ ଚିଠି ପତ୍ର ନାହିଁ । ଏନେଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଯୋଗାଯୋଗ ପଚାରିବାରୁ ସେ କହିଥିଲେ ଆମ କାର୍ଯ୍ୟାଳୟରେ ଏମିତି କିଛି ନିର୍ଦ୍ଦେଶ ନାହିଁ ବୋଲି ପରେ ଆଣିଥିବା ବିତରଣ ସଂସ୍ଥା ପଚାରିବାରୁ ସେ ସଠିକ କାଗଜପତ୍ର ଦେଖାଇ ପାରିଲେ ନାହିଁ । ଏହାକୁ ନେଇ ପ୍ରଥମେ କଂଗ୍ରେସ ପରେ ବିଜେପି ଏ ନେଇ ପ୍ରତିବାଦ କରିବା ପରେ ନିର୍ବାଚନ ଅଧିକାରୀ ତଥା ରାୟଗଡା ବିଡିଓ ଅମୂଲ୍ୟ ସାହୁ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ୬୦ଟି ପ୍ୟାକେଟ ଟ୍ୟାବ ଗୁଡ଼ିକ ରାୟଗଡା ଥାନାକୁ ଆଣି ଖୋଲିବା ପରେ ଜଣା ପଡ଼ିଥିଲା ଗୋଟିଏ ପ୍ୟାକେଟରେ ୧୦ଟି ଲେଖାଏଁ ଟ୍ୟାବ ରହିଥିଲା । ଆଉ ସେହି ଟ୍ୟାବକୁ ଖୋଲିବା ପରେ ନବୀନ ପଟ୍ଟନାୟକ ଫଟୋ ଏବଂ ୫ଟିର ସଙ୍କେତ ରହିଥିଲା । କାହାକୁ ଜିଲ୍ଲା କଂଗ୍ରେସ ନିନ୍ଦା କରିଛି । ଆଚରଣବିଧି ଉଲ୍ଲଂଘନ କରିବା ସହ ଟ୍ୟାବ ଜରିଆରେ ନିର୍ବାଚନ ପ୍ରଚାର ଏବଂ ଇଭିଏମ ମ୍ୟାସିନ ଟାମ୍ପରିଂ କରିବାକୁ ଶାସକଦଳ ଚକ୍ରାନ୍ତ ବୋଲି ରାଜ୍ୟ ସମ୍ପାଦକ ଦୁର୍ଗା ପ୍ରସାଦ ପଣ୍ଡା ଅଭିଯୋଗ କରିଛନ୍ତି । ଅପରପକ୍ଷରେ ନିର୍ବାଚନ ବହୁତ ପୂର୍ବର ଯୋଜନା । ଏହା ଶିକ୍ଷକମାନଙ୍କ ସକାଶେ ଯାଉଥିଲା । ତେବେ ଯୋଗାଇବାରେ ବିଳମ୍ବ ହେଇଥିବା ଯୋଗାଣ ଦାୟିତ୍ୱରେ ଥିବା କର୍ମଚାରୀ କହିଛନ୍ତି । ଏନେଇ ରାୟଗଡା ବିଡ଼ିଓ କ୍ୟାମେରା ଆଗରେ କୌଣସି ମତ ରଖିବାକୁ ମନା କରିଦେଇଛନ୍ତି । ଏନେଇ ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତ କହିଛନ୍ତି ଏହି ସମସ୍ତ ଟ୍ୟାବଗୁଡିକ ପ୍ରଶାସନ ହେପାଜତରେ ରହିବ ନିର୍ବାଚନଆଚରଣବିଧି ସମାପ୍ତ ହେଲା ପରେ ବିତରଣ ଏଜେନ୍ସିକୁ ହସ୍ତାନ୍ତର କରାଯିବ ବୋଲି ସୂଚନା ଦେଇଛନ୍ତି ।

ବିଜେପିର ବୁଥ ବିଜୟୀ ଅଭିଯାନ କାର୍ଯ୍ୟକ୍ରମ

ହରଭଙ୍ଗା, (ସବ୍ୟୁ) : ଆଗାମୀ ସାଧାରଣ ନିର୍ବାଚନ ୨୦୨୪କୁ ନେଇ ମଙ୍ଗଳ ବାର ଦିନ ଭାରତୀୟ ଜନତା ପାର୍ଟି ବୌଦ୍ଧ ନିର୍ବାଚନ ମଣ୍ଡଳୀ ବୁଥ ବିଜୟୀ ଅଭିଯାନ କାର୍ଯ୍ୟକ୍ରମ ହରଭଙ୍ଗା ବ୍ଲକ ବାମଣ୍ଡା ପଂଚାୟତ ନାଏକପଡା ହାଟପଦା ଠାରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ବିଜେପି ରାଜ୍ୟ ସାଧାରଣ ସମ୍ପାଦକ -ସାରଦା ଶତପଥି, କନ୍ଧମାଳ ଲୋକସଭା ପ୍ରାର୍ଥୀ -ସୁକାନ୍ତ ପାଣିଗ୍ରାହୀ, ବୌଦ୍ଧ ବିଧାନସଭା ପ୍ରାର୍ଥୀ -ସରୋଜ କୁମାର ପ୍ରଧାନ ଙ୍କ ସମେତ ଲୋକ ସଭା ପ୍ରଭାରୀ -ନିରଞ୍ଜନ ମିଶ୍ର, ଲୋକ ସଭା ବିସ୍ତାରକ -ଅଭିମନ୍ୟୁ ସାହୁ ବିଧାନସଭା ସଂଯୋଜକ -ଯୁଗୋଳ କିଶ୍ୱର ସାମଲ, ବିଧାନସଭା ପ୍ରଭାରୀ -ରାକେଶ ତ୍ରିପାଠୀ, ବୌଦ୍ଧ ଜିଲ୍ଲା ବିଜେପି ସଭାପତି -ବିପ୍ର ଚରଣ ମହାନ୍ତି ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ -ସୁଶାନ୍ତ କୁମାର ପ୍ରଧାନ ମଞ୍ଚାସୀନ ଥିଲେ । ମଞ୍ଚାସୀନ ଅତିଥି ଗଣ ବୌଦ୍ଧ ନିର୍ବାଚନମଣ୍ଡଳୀ ରେ ବିଧାନସଭା ପ୍ରାର୍ଥୀ ସରୋଜ କୁମାର ପ୍ରଧାନ ଓ ଲୋକସଭା ପ୍ରାର୍ଥୀ ସୁକାନ୍ତ ପାଣିଗ୍ରାହୀଙ୍କୁ ପ୍ରତି ବୁଥ ରେ ବିଜେପି ଦଳ ବା ପଦ୍ମଫୁଲ ଚିହ୍ନ ରେ ଅଧିକରୁ ଅଧିକ ଭୋଟ ପାଇ ବୁଥ ବିଜୟୀ ହେବା ସହିତ ଦୁଇ ପ୍ରାର୍ଥୀ ଙ୍କୁ ବିଜେତା କରିବା ପାଇଁ ଗୁରୁ ମନ୍ତ୍ର ଦେବା ସହିତ ସଂକଳ୍ପ ବଦ୍ଧ ନେଇଥିଲେ । ଏହି ବୁଥ ବିଜୟୀ କାର୍ଯ୍ୟକ୍ରମ ରେ ବୌଦ୍ଧ ନିର୍ବାଚନ ମଣ୍ଡଳୀର ହରଭଙ୍ଗା ବ୍ଲକ ର ୨୨ଗୋଟି ଓ ବୌଦ୍ଧ ବ୍ଲକ ର ୧୧ଗୋଟି ପଂଚାୟତ ର ସମୁଦାୟ ୧୯୪ ଗୋଟି ବୁଥ ର ବୁଥ ସଭାପତି, ମଣ୍ଡଳ ସଭାପତି, ପ୍ରଭାରୀ ଙ୍କ ସମେତ ସହ ସହ ଭାରତୀୟ ଜନତା ପାର୍ଟି ର କର୍ମ କର୍ତ୍ତା ଯୋଗ ଦାନ କରିଥିଲେ । ଉପସ୍ଥିତ ସମସ୍ତ କର୍ମ କର୍ତ୍ତା ଭାରତ ମାତା ନାରଝ ଦେଇ ୨୦୨୪ ସାଧାରଣ ନିର୍ବାଚନ ରେ ବିଜେପି କନ୍ଧମାଳ ଲୋକସଭା ଓ ବୌଦ୍ଧ ବିଧାନସଭା ପ୍ରାର୍ଥୀଙ୍କୁ ବିଜେତା କରିବା ପାଇଁ ସଂକଳ୍ପ ବଦ୍ଧ ହୋଇଥିଲେ ।

ଘଣ୍ଟାପଡ଼ରେ ହନୁମାନ ଜୟନ୍ତୀ ପାଳିତ

ଘଣ୍ଟାପଡ଼ା,(ସବ୍ୟୁ) : ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଅଞ୍ଚଳର ବିଭିନ୍ନ ସ୍ଥାନରେ ହନୁମାନ ଜୟନ୍ତୀ, ମହାବିଷୁବ ସଂକ୍ରାନ୍ତୀ ଓ ଓଡ଼ିଆ ନବ ବର୍ଷ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଘଣ୍ଟାପଡ଼ା ଶ୍ରୀରାମ ମଣ୍ଡପରେ ଗୀତା ଯଜ୍ଞ ସହ ୧୦୮ ହନୁମାନ ଚାଳିଶା ପଠନ ଓ ଘଣ୍ଟାପଡ଼ାସ୍ଥିତ ଶିବ ମନ୍ଦିରରେ ପଣା ସଂକ୍ରାନ୍ତୀ ସହ ଓଡ଼ିଆ ନବ ବର୍ଷ ପାଳିତ ହୋଇଯାଇଛି। ସେହିପରି ଆମ୍ବଗାଁରେ ଭଗତ ସିଂ ପ୍ରଭାତ ଶାଖା ଓ ବଜରଙ୍ଗ ଦଳ ତରଫରୁ ଏକ ବାଇକ ରାଲି ଅଞ୍ଚଳର ପ୍ରତ୍ୟେକ ହନୁମାନ ମନ୍ଦିରକୁ ଯାଇ ସଦଭାବନାର ବାର୍ତ୍ତା ପହଞ୍ଚାଇଥିଲା। ସେହିପରି ଖୁଣ୍ଟିଗୋରା ପଞ୍ଚାୟତର ମସିଣାଗୋରା ହନୁମାନ ମଣ୍ଡପରେ ଗୀତା ଯଜ୍ଞ ଓ ୧୦୮ ହନୁମାନ ଚାଳିଶା ପାଠ କରାଯାଇଥିଲା। ଉକ୍ତ ସ୍ଥାନ ପରି ସିଲେଟପଡା, କୋଡ଼ିବାହାଲ , କୁରୁକୁପା,ନୂଆଁପାଲି ଆଦି ସ୍ଥାନରେ ପଣା ସଂକ୍ରାନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି।

ରେଳ ମଣ୍ଡଳରେ ଆମ୍ବେଦକର ଜୟନ୍ତୀ ପାଳିତ

ସମ୍ବଲପୁର, (ସବ୍ୟୁ) : ସମ୍ବଲପୁର ରେଳ ମଣ୍ଡଳ କାର୍ଯ୍ୟାଳୟରେ ଭାରତ ରତ୍ନ ଡ. ବିଆର ଆମ୍ବେଦକରଙ୍କ ୧୩୩ତମ ଜୟନ୍ତୀ ପାଳିତ ହୋଇଯାଇଛି । ମଣ୍ଡଳ ରେଳ ପ୍ରବନ୍ଧକ ତୁଷାରକାନ୍ତ ପାଣ୍ଡେ ଯୋଗ ଦେଇ ଆମ୍ବେଦକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ଏଥିସହ ବାବା ସାହେବଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବାକୁ ମତବ୍ୟକ୍ତ କରିଥିଲେ । ଏଥିରେ ଅତିରିକ୍ତ ରେଳ ପ୍ରବନ୍ଧକ ଆନନ୍ଦ ସିଂ ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ବରିଷ୍ଠ କାର୍ମିକ ଅଧିକାରୀ ଜୁସୁଫ୍ କବୀର ଅଂସାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ମାରୱାଡି ସମାଜ ନୂତନ କମିଟି ଗଠିତ



କୋକସରା, (ସବ୍ୟୁ) : କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଅନ୍ତର୍ଗତ ଲଡୁଗାଁ ମାରୱାଡ଼ି ସମାଜ ପକ୍ଷରୁ ଲଡୁଗାଁ ସ୍ଥିତ ମାମୋଦେବୀ ସ୍ମୃତି ଭବନଠାରେ ସମାଜର ସମସ୍ତ ବରିଷ୍ଠ କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ମାରୱାଡି ସମାଜର ନୂତନ କମିଟି ଗଠନ କରାଯାଇଛି । ସର୍ବ ସମ୍ମତି କ୍ରମେ ଗଠିତ ହୋଇଥିବା ନୂତନ କମିଟିର ସଭାପତି ଭାବେ ଦୁର୍ଗା ପ୍ରସାଦ ଅଗ୍ରୱାଲ, ଉପସଭାପତି ଭାବେ ଅଶୋକ ଅଗ୍ରୱାଲ , ସାଧାରଣ ସମ୍ପାଦକବିଜୟ ଅଗ୍ରୱାଲ, ସହ ସମ୍ପାଦକ ଗୋପାଳ ଅଗ୍ରୱାଲ, କ୍ୟାସିୟର ମନୋଜ ଅଗ୍ରୱାଲଙ୍କୁ ମନୋନୀତ କରାଯାଇଥିବା ବେଳେ କମିଟି ସଦସ୍ୟ ଭାବେ ରମେଶ ଅଗ୍ରୱାଲ, ପବନ ସିଂଘଲ, ପ୍ରହ୍ଲାଦ ଅଗ୍ରୱାଲ, ବଜରଙ୍ଗ ଅଗ୍ରୱାଲ, ପ୍ରବୀଣ ଅଗ୍ରୱାଲ, ମନୋଜ ଶର୍ମା, ସୁରେଶ ଶର୍ମା, ମନୋଜ ଅଗ୍ରୱାଲ (ମଂଟୁଭାଇ), ବାଳମୁକୁନ୍ଦ ଅଗ୍ରୱାଲ, ମନୋନୀତ ହୋଇଥିଲେ । ଏହି ଅବସରରେ ସଭାପତି ଦୁର୍ଗା ପ୍ରସାଦ ଅଗ୍ରୱାଲ ଆଗାମୀ ଦିନରେ ସମାଜର ସମସ୍ତ ସାଂଗଠନିକ କାର୍ଯ୍ୟରେ ସମାଜର ସମସ୍ତ ସଦସ୍ୟ ନିଜ ନିଜର ଦାୟିତ୍ୱ ନିର୍ବାହ କରି ସୁଚାରୁରୂପେ ତୁଲାଇବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ନୂତନ କର୍ମକର୍ତ୍ତାମାନେ ଶପଥ ଗ୍ରହଣ କରି ସମାଜ ପ୍ରତି ସବୁବେଳେ ଅଙ୍ଗୀକାର ବଦ୍ଧ ଭାବରେ କାର୍ଯ୍ୟ କରିବା ପାଇଁ ସହମତି ପ୍ରକାଶ କରିଥିଲେ ।

ବରଗଡ଼ ଲୋକସଭାରେ ପ୍ରଚାର ଜୋରଦାର : ଦ୍ୱନ୍ଦ୍ୱରେ ଭୋଟର

ବରଗଡ଼,(ସବ୍ୟୁ): ଏଥରକ ବରଗଡ଼ ଲୋକସଭା ଆସନରେ ତିନି ପ୍ରମୁଖ ଦଳ ମଧ୍ୟରେ ଲଢ଼େଇ ହେବାର ସମ୍ଭାବନା ରହିଛି। ବିଜେଡି, ବିଜେପି ଓ କଂଗ୍ରେସ ତିନି ଦଳର ନେତା ପ୍ରଚାର ଆରମ୍ଭ କରି ଦେଇଛନ୍ତି । କିନ୍ତୁ କିଛି କ୍ଷେତ୍ରରେ ପ୍ରାର୍ଥିତ୍ୱକୁ ନେଇ ଆଶାୟୀମାନେ ଅସନ୍ତୋଷ ଜାହିର କରୁଛନ୍ତି। ଅସନ୍ତୋଷ ଭୋଟରଙ୍କ ମଧ୍ୟରେ ବି ରହିଛି । ବିଗତ ଲୋକସଭା ନିର୍ବାଚନଗୁଡ଼ିକରେ ସବୁଥର ନେତା ବଦଳାଉଥିବା ଜନତା ଏଥର କାହାକୁ ବାଛିବେ ତାକୁ ନେଇ ଚର୍ଚ୍ଚା ହୋଇଯାଇଛି। କିଛିଦିନ ତଳେ ବିଜେଡି ନେତା ତଥା ପୂର୍ବତନ ସାଂସଦ ଡ଼.ପ୍ରଭାସ ସିଂ ଲୋକସଭା ପ୍ରାର୍ଥୀ ଘୋଷଣାକୁ ନେଇ ଅସନ୍ତୋଷ ଜାହିର କରିଥିଲେ। ନବୀନ ନିବାସକୁ ଯାଇ ସେ ତାଙ୍କ ସଭ୍ୟ ପଦରୁ ଇସ୍ତଫା ଦେବା ସହ ଜିଲ୍ଲା ସଭାପତି ପଦ ଛାଡ଼ି ଥିଲେ। ଦଳ ତାଙ୍କ ପ୍ରତି ବିଶ୍ୱାସଘାତକତା କରିଥିବା କହିଥିଲେ। ସେହିପରି ବରିଷ୍ଠ କଂଗ୍ରେସ ନେତା ପାଣ୍ଡବ କର୍ଣ୍ଣ ମଧ ନିଜ ଅସନ୍ତୋଷ ଜାହିର କରି କଂଗ୍ରେସ ବିରୋଧରେ ଗର୍ଜିଥିଲେ। ଦଳର ତୁଙ୍ଗ ନେତାମାନେ ଟିକଟ ବିକ୍ରି କରୁଥିବା ଭଳି ସଂଗିନ ଅଭିଯୋଗ ଆଣିଥିଲେ। କ୍ରମାଗତ ଭାବରେ ୪ଦଶନ୍ଧୀରୁ ଉର୍ଦ୍ଧ କାମ କରିବା ପରେ ବି ଟିକଟରୁ ବଞ୍ଚିତ ଥିବାରୁ ଅସନ୍ତୋଷ ଜାହିର କରିଥିଲେ। ଅନ୍ୟ କେତେଜଣ ବରିଷ୍ଠ କଂଗ୍ରେସ ନେତା ମଧ୍ୟ ପ୍ରାର୍ଥିତ୍ୱକୁ ନେଇ ନାନା କଥା କହୁଛନ୍ତି। ଏସବୁ ଭିତରେ ଲୋକସଭା ପ୍ରାର୍ଥୀ ସଞ୍ଜୟ ଭୋଇଙ୍କ ନାମ ଗତ ଏପ୍ରିଲ ୨ ତାରିଖରୁ ଘୋଷଣା ହୋଇଥିଲେ ବି ବର୍ତ୍ତମାନ ଯାଏଁ ଅନେକ କର୍ମକର୍ତ୍ତା ଭେଟିନଥିବା କହିଛନ୍ତି। ଲୋକସଭା ପ୍ରାର୍ଥୀ ସଞ୍ଜୟ ନୃସିହନାଥରେ ପୂଜାର୍ଚ୍ଚନା ପରେ ଝାରବନ୍ଧରେ ପ୍ରଚାର ଆରମ୍ଭ କରିଛନ୍ତି ।

ଏସବୁ ଭିତରେ ବିଜେପି ପ୍ରାର୍ଥୀ ପ୍ରଦୀପ ପୁରୋହିତ ପ୍ରଚାର ଅଭିଯାନରେ ଆଗରେ ଅଛନ୍ତି । କିନ୍ତୁ ବିଜେପିରୁ ସଦ୍ୟ ବିଜେଡିକୁ ଯାଇଥିବା ସୁଶାନ୍ତ ମିଶ୍ରଙ୍କ ପତ୍ନୀ ପରିଣୀତା ମିଶ୍ର ଏଥର ଲୋକସଭାରୁ ବିଜେଡି ପ୍ରାର୍ଥୀ। ତେବେ ପୂର୍ବର ନିର୍ବାଚନ ଫଳାଫଳକୁ ଦେଖିଲେ, ଲୋକସଭାରେ ବରଗଡ଼ବାସୀ ନେତା ବଦଳାଇ ଆସିଛନ୍ତି। ୨୦୦୯ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ସଞ୍ଜୟ ଭୋଇ ଜିଣିଥିବା ବେଳେ ୨୦୧୪ରେ ବିଜେଡି ପ୍ରାର୍ଥୀ ପ୍ରଭାସ ସିଂହ ଜିଣିଥିଲେ। ଆଉ ୨୦୧୯ରେ ବିଜେପି ପ୍ରାର୍ଥୀ ସୁରେଶ ପୂଜାରୀ ଲୋକସଭାରୁ ଜିଣିଥିଲେ। ଏଣୁ ୨୦୨୪ ନିର୍ବାଚନରେ ଭୋଟର କାହାକୁ ବାଛିବେ ତାହା ସମୟ ହିଁ କହିବ। କିନ୍ତୁ ତିନି ପ୍ରମୁଖ ଦଳରେ ପ୍ରାର୍ଥିତ୍ୱକୁ ନେଇ କର୍ମ ଓ କର୍ମକର୍ତ୍ତାଙ୍କ ମଧ୍ୟରେ ଅସନ୍ତୋଷ ରହିଥିବା ଆଲୋଚନା ହେଉଛି ।

(ଶ୍ରୀମଭଗବଦ୍ ଗୀତା ୫/୦୮)
–କର୍ମ୍ମସନ୍ୟାସଯୋଗଃ–
(ଶ୍ରୀଭଗବାନୁବାଚ)

ନୈବ କିଞ୍ଚିତଥ କରୋମୀତି ଯୁକ୍ତୋ ମନ୍ୟୋତ ତତ୍ତ୍ୱବିତ୍ ।
ପଶ୍ୟନ୍ ଶୃଣ୍ୱନ୍ ସ୍ପୃଶନ୍ ଜିଘ୍ରନ୍ନଶ୍ନନ୍ ଗଚ୍ଛନ୍ ସ୍ୱପନ୍ ଶ୍ୱସନ୍ ।।୮।।

କର୍ମ ଯୋଗରେ ଯୁକ୍ତ ବ୍ୟକ୍ତି (କ୍ରମଶଃ) ତତ୍ତ୍ୱବତ୍ ହୋଇ ଦର୍ଶନ, ଶ୍ରବଣ, ସ୍ପର୍ଶନ, ପ୍ରାଣ, ଭୋଜନ, ଗମନ, ନିଦ୍ରା, ଶ୍ୱାସ, ଆଳାପ, ତ୍ୟାଗଗ୍ରହଣ, ଉନ୍ମେଷ ଓ ନିମେଷ– ଏହିସବୁ କାର୍ଯ୍ୟ କରି ମଧ୍ୟ ' ଇନ୍ଦ୍ରିୟମାନେ ନିଜ ନିଜ ବିଷୟରେ ବର୍ତ୍ତମାନ ରହି କାର୍ଯ୍ୟ କରୁଛନ୍ତି, ମୁଁ କିଛି କରୁନାହିଁ, ଏପରି ମନେ କରନ୍ତି ।।୮।।

ସମ୍ପାଦକୀୟ

କାହା ସ୍ୱାର୍ଥରେ ଯୁଦ୍ଧ ?

ଇସ୍ରାଏଲ ଉପରେ ଇରାନର ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ଆକ୍ରମଣକୁ ନେଇ ଅନେକ କଳ୍ପନାଜଳ୍ପନା ଚାଲିଥିବା ବେଳେ ବିବୃତ୍ତି ଏବଂ ବିଶ୍ଳେଷଣର ମଧ୍ୟ ଅଭାବ ନାହିଁ । ତେବେ, ମଧ୍ୟପ୍ରାଚ୍ୟ ଅଞ୍ଚଳରେ ବିବାଦ ବୃଦ୍ଧି ନେଇ ଅନେକ ଦିନ ହେବ, ଆଶଙ୍କା ପ୍ରକାଶ ପାଉଥିଲା ଯାହା ବାସ୍ତବ ରୂପ ନେଇଛି । ଇସ୍ରାଏଲ ଉପରେ ଇରାନର ଅପ୍ରତ୍ୟାଶିତ ଆକ୍ରମଣ ମଧ୍ୟ – ପୂର୍ବ ରେ ଚାଲିଆସୁଥିବା ବିବାଦକୁ ବଢ଼ାଇଦେଇଛି । ଇରାନ ସ୍ପଷ୍ଟ କରିଛି ଯେ' ଏହି ଆକ୍ରମଣ ଇସ୍ରାଏଲର ସିରିଆରେ ଥିବା କନସୁଲାର କାର୍ଯ୍ୟାଳୟରେ କରାଯାଇଥିବା ଏୟାର ଷ୍ଟ୍ରାଇକର ଜବାବରେ ଜରାଯାଇଛି । ଏପ୍ରିଲ ୧ରେ ଇସ୍ରାଏଲ ଦ୍ୱାରା ଡାମାସ୍କସରେ କରାଯାଇଥିବା ଆକ୍ରମଣରେ ଇରାନର ଦୁଇଜଣ ପାରାମିଲିଟାରି ରିଭୋଲ୍ୟୁସନରୀ ଗାର୍ଡର ଦୁଇଜଣ ଜେନେରାଲଙ୍କ ମୃତ୍ୟୁ ହେଇଥିଲା । ତେବେ ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ ଏବଂ ବ୍ରିଟେନର ପ୍ରଧାନମନ୍ତ୍ରୀ ରୁଷି ସୁନାକଙ୍କ ଭଳି ଅନେକ ବିଶ୍ୱ ନେତା ଇରାନର କାର୍ଯ୍ୟକୁ ନିନ୍ଦା କରିଛନ୍ତି । ଇସ୍ରାଏଲ୍ କହିଛି ଯେ ଶନିବାର ରାତିରେ ଇରାନ ଦ୍ୱାରା ୩୦୦ ରୁ ଅଧିକ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ଆକ୍ରମଣ କରାଯାଇଛି । କଥା ହେଉଛି ଏହି ବିବାଦ ଇରାନ –ଇସ୍ରାଏଲ ମଧ୍ୟରେ ସୀମିତ ହୋଇ ନ ରହିପାରେ, ଆହୁରି ଅନେକ ଦେଶ ଏହି ଯୁଦ୍ଧରେ ନିଜକୁ ସାମିଲ କରିବା ପାଇଁ ପ୍ରସ୍ତୁତ ହେଉଛନ୍ତି । ଇରାନ ଇସ୍ରାଏଲ ଏବଂ ଆମେରିକାକୁ ଚେତାବନୀ ଦେଇଛି ଯଦି ଇସ୍ରାଏଲ ଏହାର ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ଆକ୍ରମଣର ପ୍ରତିଶୋଧ ନିଏ, ତେବେ ଏହା ଆକ୍ରମଣକୁ ଜୋରଦାର କରିବ । ଏହି ଆକ୍ରମଣ ପରେ G7 ନେତାମାନେ ଇସ୍ରାଏଲ ପାଇଁ ସେମାନଙ୍କର ପୂର୍ଣ୍ଣ ସମର୍ଥନ ଘୋଷଣା କରିଛନ୍ତି । ତେଣୁ ଯୁଦ୍ଧର ମତିଗତି କଣ ହେବ ତାହା ଆକଳନ କରିବା ସହଜ ନୁହେଁ । କିନ୍ତୁ ଉଭୟ ଦେଶର ସମର୍ଥନରେ ଯୁଦ୍ଧ କରିବାପାଇଁ ଉଦ୍ୟତ ନ ହେଇ, ଦେଶସମୂହ ଶାନ୍ତିର ରାସ୍ତା ଉନ୍ମୋଚନ କରିବା ଦରକାର । ମାର୍ଚ୍ଚ ୨୫ରେ ମିଳିତ ଜାତିସଂଘ ସୁରକ୍ଷା ପରିଷଦ ସଂକଳ୍ପ ୨୭୨୮ରେ ଗାଜାରେ ତୁରନ୍ତ ଅସ୍ତ୍ରବିରତି ଉଲ୍ଲଂଘନ, ଇସ୍ରାଏଲ୍ ବନ୍ଧକମାନଙ୍କୁ ବିନାସର୍ତ୍ତରେ ମୁକ୍ତ କରିବା ଏବଂ ବିପର୍ଯ୍ୟସ୍ତ ହେଇପଡ଼ିଥିବା ପାଲେଷ୍ଟାଇନ ଏନକ୍ଲେଭକୁ ତୁରନ୍ତ ସହାୟତା ଯୋଗାଇଦେବାକୁ ଆହ୍ୱାନ ଦେଇଥିଲେ । ବିବାଦର ପରିସମାପ୍ତି ପାଇଁ ଏହା ବାସ୍ତବରେ ଉଚିତ ରାସ୍ତା ଥିଲା, କିନ୍ତୁ ଇସ୍ରାଏଲ୍ ସରକାରଙ୍କ ଚିନ୍ତା ଓ କାର୍ଯ୍ୟ ଘଟଣାକୁ ବଢ଼ାଇଦେଲା । ଇସ୍ରାଏଲ ଡାମାସ୍କସରେ ଇରାନର ଦୂତାବାସ ଉପରେ ଆକ୍ରମଣ କରି ଇରାନର ଏହି ହିଂସାତ୍ମକ ପ୍ରତିକ୍ରିୟାକୁ ନିଶ୍ଚିତ କରିଥିଲା । ଏହି ଆକ୍ରମଣ ପରେ ପରିସ୍ଥିତି ବଦଳିବାରେ ଲାଗିଛି । ୟେମେନ, ଲେବାନନ୍, ସିରିଆ, ଇରାକ, ପାଲେଷ୍ଟାଇନ ଏବଂ ଜୋର୍ଡାନ ପରି ଦେଶ ମଧ୍ୟ ଏହି ଯୁଦ୍ଧରେ ଛନ୍ଦି ହେବାକୁ ଯାଉଛନ୍ତି । ଅବଶ୍ୟ ଅତୀତରେ ଏହି ସମସ୍ତ ଦେଶ କ୍ଷେପଣାସ୍ତ୍ର କିମ୍ବା ଏୟାର ଷ୍ଟ୍ରାଇକ୍‌ର ଶିକାର ହେଇସାରିଛନ୍ତି । ଏହି ଅଞ୍ଚଳର ଲୋକମାନେ ବର୍ତ୍ତମାନ ଇରାନର ଇସଲାମିକ ରିଭୋଲ୍ୟୁସନରୀ ଗାର୍ଡ କର୍ପସର ଅସ୍ଥିର ଆନ୍ତର୍ଜାତୀୟ କୌଶଳ ଏବଂ ଇସ୍ରାଏଲ ଯୁଦ୍ଧ କ୍ୟାବିନେଟର ନିର୍ଦ୍ଦୟ କାର୍ଯ୍ୟ ମଧ୍ୟରେ ଛନ୍ଦି ହେବାକୁ ଯାଉଛନ୍ତି । ଏହି ଅଞ୍ଚଳ ବର୍ତ୍ତମାନ ଏକ ଅସୁରକ୍ଷିତ ଅବସ୍ଥା ମଧ୍ୟକୁ ଚାଲିଆସିଛି ଯେଉଁଥିରେ ଏହି ଦୁଇ ପ୍ରତିଦ୍ୱନ୍ଦ୍ୱୀ ଦେଶ ପରସ୍ପରକୁ ସିଧାସଳଖ ଏବଂ ପଡୋଶୀ ଦେଶର ଏୟାର ସ୍ପେସ ଦେଇ ଆକ୍ରମଣ କରିବାକୁ ପ୍ରସ୍ତୁତ ଅଛନ୍ତି । ଇରାନ ପ୍ରତିଶୋଧ ପରାୟଣ ହେଇ ୩୦୦ରୁ ଅଧିକ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ଆକ୍ରମଣ କରିସାରିଛି ଏବଂ ଇସ୍ରାଏଲ ଏହାକୁ ସଫଳ ହେବାକୁ ଦେଇନାହିଁ ବୋଲି ଦାବି କରିଛି । ଏହା ଆଉ ଅଧିକ ବିପଦଜନକ ଅବସ୍ଥାକୁ ନ ଯାଉ ଏବଂ ଏଇଠି ହିଁ ଏହି ବିବାଦର ସମାପ୍ତ ହେଉ, ଯାହା ଫଳରେ ପୁଣି ଗୋଟିଏ ବିଭୀଷିକାରୁ ମାନବ ସମାଜ ବର୍ତ୍ତିଯିବ । ଇରାନର ଏହି ଆକ୍ରମଣ ଖାଲି ଯେ' ଇରାନ, ଇସ୍ରାଏଲ, ଏବଂ ଇରାନର ଅନ୍ୟାନ୍ୟ ପଡୋଶୀ ଦେଶକୁ ପ୍ରଭାବିତ କରିବ ତାହା ନୁହେଁ, ଯୁଦ୍ଧ ଯୋଗୁଁ ବିପର୍ଯ୍ୟସ୍ତ ଅବସ୍ଥାରେ ଥିବା ଗାଜାବାସୀଙ୍କର ଦୁଃଖ ମଧ୍ୟ ଆହୁରି ବଢ଼ିଯିବ । ଗାଜାରେ ହଜାର ହଜାର ଲୋକଙ୍କ ମୃତ୍ୟୁ ହେଇସାରିଛି ଏବଂ ବହୁ ସାଧାରଣ ଜନତା ଆହତ ଅବସ୍ଥାରେ ଜୀବନ ସହ ସଂଗ୍ରାମ କରୁଛନ୍ତି । ଖାଦ୍ୟର ଅଭାବ, ସ୍ୱାସ୍ଥ୍ୟ ଓ ଚିକିତ୍ସାର ଅଭାବ ସାଧାରଣ ମଣିଷର ଜୀବନଯାତ୍ରାକୁ ଦୁର୍ବିସହ କରିଦେଇଥିବା ବେଳେ ପୁଣି ଏକ ଯୁଦ୍ଧ କି ପ୍ରକାର ବିପର୍ଯ୍ୟୟ ବା ଧ୍ୱଂସ ଲୀଳା ରଚନା କରିବ ତାହା କଳ୍ପନା କରିବା ବାହାରେ । ଇରାନ ସମର୍ଥନରେ କିଛି ଦେଶ ବାହାରିବାକୁ ଥିବାବେଳେ ଇସ୍ରାଏଲ ପାଇଁ ଆମେରିକା ପରି ଶକ୍ତିଶାଳୀ ଦେଶ ସମର୍ଥନ ଦେବେ, ଯାହା ଯୁଦ୍ଧର ଭୟାଭୟତାକୁ ନିଶ୍ଚୟ ବୃଦ୍ଧି କରିବ ଏବଂ ସେହି ଅନୁସାରେ ଧନଜନର କ୍ଷୟକ୍ଷତି ମଧ୍ୟ ହେବ । ଯଦି ଯୁଦ୍ଧ ବେଶିଦିନ ଲାଗିରହେ, ତା ହେଲେ ଏହା ତୃତୀୟ ବିଶ୍ୱଯୁଦ୍ଧର ରୂପ ମଧ୍ୟ ନେଇପାରେ । ବିଶ୍ୱ ସେଣ୍ଟ୍ରାଲ୍ କିଚେନ ସହାୟତା କର୍ମଚାରୀଙ୍କୁ ହତ୍ୟା କରିବା ପରେ ପ୍ରକୃତ ଚାପରେ ଥିବା ଇସ୍ରାଏଲ୍ କାହାଣୀର ପରିବର୍ତ୍ତନ କରିବାର ସୁଯୋଗ ନେଇଛି ଯେଉଁ ସମୟରେ ଫ୍ରାନ୍ସ, ନେଦରଲ୍ୟାଣ୍ଡ, ଜର୍ମାନୀ ଏବଂ ଡେନମାର୍କ ଭଳି ଅନେକ ୟୁରୋପୀୟ ଦେଶ ଇସ୍ରାଏଲକୁ ଅସ୍ତ୍ର ବିକ୍ରୟ ନେଇ କୋର୍ଟ କେଶ ସଂଖ୍ୟା ବଢ଼ିବାରେ ଲାଗିଛି । ଇଉରୋପରେ ଇସ୍ରାଏଲକୁ ଅସ୍ତ୍ରଶସ୍ତ୍ର ସାହାଯ୍ୟ କରିବା ବା ବିକ୍ରୟ କରିବାକୁ ନେଇ ସରକାରଙ୍କ ବିରୋଧରେ ବହୁ ସଂଖ୍ୟକ ମକଦ୍ଦମା ଦାୟର କରାଯାଇଛି ଏବଂ ଏହା ଗାଜାରେ ଯୁଦ୍ଧ ଅପରାଧ ଘଟାଉଛି ବୋଲି ଅଭିଯୋଗ ହେଉଛି । ଆଶା କରାଯାଉଥିଲା, ୟୁରୋପୀୟ ଦେଶଗୁଡିକ ଇସ୍ରାଏଲକୁ ସମର୍ଥନ ନ କରି ନିରବ ରହିବେ । କିନ୍ତୁ ବର୍ତ୍ତମାନ ଏହି ଘଟଣା ବା ବର୍ତ୍ତମାନ ଯଦି ଇରାନ ଓ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ବ୍ୟାପେ, ତାହେଲେ ପୁଣିଥରେ ୟୁରୋପୀୟ ଦେଶ ସମୂହ ସାମ୍ନାକୁ ଆସିବେ ଏବଂ ଇସ୍ରାଏଲକୁ ସମର୍ଥନ ଦେବେ, ଯାହା ଯୁଦ୍ଧକୁ ବଢାଇବାରେ ସହାୟକ ହେବ । ଲେବାନନ୍ ଏବଂ ଇରାକ ପରି ଅସ୍ଥିର ଦେଶଗୁଡିକରେ ଇରାନ ସମର୍ଥିତ ପ୍ରକ୍ସିଙ୍କ ପାଇଁ ଏହି ବିବାଦକୁ ଘନୀଭୂତ କରିପାରେ । ଯଦିଓ ଯୁଦ୍ଧ ଘୋଷଣା ହେଇନାହିଁ, କିନ୍ତୁ ଏହାଭିତରେ ଇରାନର ହର୍ମୁଜ୍ ଷ୍ଟ୍ରେଟରେ ଏକ ଇସ୍ରାଏଲ୍ ଜାହାଜ ଜବରଦଖଲ, ତେହେରାନର ଆକ୍ରମଣ ଯୁଦ୍ଧ କରିବାକୁ ଦୁଇ ଦେଶକୁ ଉତ୍ସାହିତ କରିପାରେ । ଯୁଦ୍ଧ ହେଲେ, ଧନଜନର କ୍ଷୟକ୍ଷତି ସହିତ ତୈଳ ମୂଲ୍ୟ ବୃଦ୍ଧି ଅନ୍ତର୍ଜାତୀୟ ଅର୍ଥନୈତିକ ଅସ୍ଥିରତାକୁ ବଢ଼ାଇପାରେ ଯାହା ପ୍ରତ୍ୟକ୍ଷ ଭାବରେ ସାଧାରଣ ଜନତାଙ୍କ ଦୁଃଖକୁ ବଢାଇବାରେ ସହାୟକ ହେବ । କୋଭିଡ ମହାମାରୀ ଓ ରୁଷିଆ-ୟୁକ୍ରେନ ଯୁଦ୍ଧର ପ୍ରଭାବରେ ସାରା ବିଶ୍ୱର ଅର୍ଥନୀତି ପ୍ରଭାବିତ ହେଇଥିବା ବେଳେ ପୁଣି ଏକ ଯୁଦ୍ଧ ବିଶ୍ୱ ଅର୍ଥନୀତି କୁ ଯେ' ତଳମୁହାଁ କରିବ, ଏହା ଅସ୍ୱୀକାର କରାଯାଇ ପାରିବ ନାହିଁ । ତେଣୁ ଇରାନ-ଇସ୍ରାଏଲ ବିବାଦ କିପରି ସମାଧାନ ହେଇପାରିବ ଏବଂ ଯୁଦ୍ଧର ରୂପ ନ ନେବ, ସେ ନେଇ ସମସ୍ତେ ବିଶେଷ ଭାବରେ କ୍ଷମତାଶାଳୀ ଦେଶଗୁଡିକ ଚେଷ୍ଟା କରିବା ଆବଶ୍ୟକ । ପାଶ୍ଚାତ୍ୟ ଜଗତରେ ଇସ୍ରାଏଲର ସହଯୋଗୀମାନେ ଆମେରିକା ଠାରୁ ଆରମ୍ଭ କରି ଅନ୍ୟ ଦେଶଗୁଡିକ ଗାଜା ଆକ୍ରମଣରେ ଅସ୍ତ୍ରବିରତି କରିବାପାଇଁ ନେତାନ୍ୟାହୁଙ୍କ ଉପରେ ଚାପ ସୃଷ୍ଟି କରିଥିଲେ ମଧ୍ୟ ସଫଳ ହେଇନାହାନ୍ତି ବା ଦୃଢ ଭାବରେ ଚାପ ସୃଷ୍ଟି କରିନାହାନ୍ତି । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଗାଜାରେ ସାଧାରଣ ନାଗରିକଙ୍କୁ ହତ୍ୟା କରି ଇସ୍ରାଏଲର 'ରକ୍ଷା କରିବାର ଅଧିକାର' ଉପରେ ନେତାନ୍ୟାହୁଙ୍କ ବର୍ତ୍ତମାନର ଉତ୍ସାହର ସୃଷ୍ଟି ହେଇଛି ଯାହା ୩୨ ହଜାର ଲୋକଙ୍କ ଜୀବନ ବଦଳରେ ସମ୍ଭବ ହେଇଛି । ଗାଜା ଓ ଇସ୍ରାଏଲ ଯୁଦ୍ଧ ଠାରୁ ଇରାନ-ଇସ୍ରାଏଲ ଯୁଦ୍ଧ ଆହୁରି ଭୟଙ୍କର ହେଇପାରେ ଯାହା ସାରା ବିଶ୍ୱକୁ ଯୁଦ୍ଧରେ ସାମିଲ କରିଦେବାର ସମ୍ଭାବନା ରହିଛି । ତେଣୁ ଏହି ଯୁଦ୍ଧ ନ ହେବା ଏ ମାନବ ସମାଜ ଏବଂ ବିଶ୍ୱ ପାଇଁ ଶତପ୍ରତିଶତ ମଙ୍ଗଳଦାୟୀ ହେବ ଯାହା ଆମେରିକା ପରି ଦେଶ ହିଁ ସମ୍ଭବ କରିପାରିବ । କଥାବାର୍ତ୍ତା, ଆଚରଣରେ ଶାଳୀନତା, ପରସ୍ପର ପରସ୍ପରକୁ ଗ୍ରହଣ କରିବାର କ୍ଷମତା ଏବଂ ଇଚ୍ଛାଶକ୍ତି ହିଁ ବିପର୍ଯ୍ୟୟରୁ ମାନବ ସମାଜକୁ ସୁରକ୍ଷା ଦେଇପାରିବ । ଆଶା କରିବା ବିଶ୍ୱସମୂହ ଏକାଠି ହେଇ, ଏହି ବିବାଦର ସମାଧାନ ପାଇଁ ପ୍ରଚେଷ୍ଟା କରିବେ, ଯାହା ସମ୍ପୃକ୍ତ ଅଞ୍ଚଳରେ ଶାନ୍ତି ଫେରାଇ ଆଣିବାରେ ସହାୟକ ହେବ ।

ସତ୍ୟ, ନ୍ୟାୟ ଓ ଧର୍ମର ପ୍ରତୀକ ପ୍ରଭୁ ଶ୍ରୀରାମ

ଡକ୍ଟର ଲକ୍ଷ୍ମଣ ସାହୁ

ପ୍ରତିବର୍ଷ ରାମନବମୀ ପର୍ବ ଅର୍ଥାତ୍ ଭଗବାନ ଶ୍ରୀରାମଙ୍କ ଜନ୍ମଦିନ ଭାବରେ ଚୈତ୍ର ମାସର ଶୁକ୍ଳପକ୍ଷ ନବମୀ ଦିନ, ଅତୁଳନୀୟ ଭକ୍ତି ଓ ଗୌରବର ସହିତ ସର୍ବତ୍ର ପାଳନ କରାଯାଏ । ଏହି ଦିନ ଶ୍ରୀରାମଙ୍କ ଜନ୍ମସ୍ଥାନ ଅଯୋଧ୍ୟାରେ ସ୍ୱତନ୍ତ୍ର ପର୍ବ ଆୟୋଜନ କରାଯାଇଥାଏ । ଯେଉଁଥିରେ ଦେଶର ବିଭିନ୍ନ ସ୍ଥାନରୁ ଭକ୍ତମାନେ ଅଯୋଧ୍ୟାରେ ପହଞ୍ଚି ସରଜୁ ନଦୀରେ ବୁଡ଼ ପକାନ୍ତି । ଏହି ଦିନ ସମଗ୍ର ଅଯୋଧ୍ୟା ସହର ସମ୍ପୂର୍ଣ୍ଣ ରୂପେ ରାମମୟ ହୋଇଯାଇଥାଏ । ଶ୍ରଦ୍ଧାପୂର୍ଣ୍ଣ ଭାବେ ରାମଭକ୍ତ ଶ୍ରଦ୍ଧାଳୁମାନଙ୍କ ଭଜନ–କୀର୍ତ୍ତନମାନଙ୍କର ପ୍ରତିଧ୍ୱନୀ ଓ ଅଖଣ୍ଡ ରାମାୟଣର ପାଠ ସବୁଠାରେ ଶୁଣାଯାଏ । ଦେଶର ବିଭିନ୍ନ ଧାର୍ମିକ ଅନୁଷ୍ଠାନଗୁଡ଼ିକରେ ରୀତିନୀତି ଅନୁସାରେ ଏହି ଦିନ ଭକ୍ତି ସହିତ ବ୍ରତ, ଉପବାସ, ଯଜ୍ଞ, ଦାନ ପୁଣ୍ୟ ଇତ୍ୟାଦିର ଆୟୋଜିତ ହୋଇଥାଏ ।

ବିଭିନ୍ନ ହିନ୍ଦୁ ଶାସ୍ତ୍ରରେ କୁହାଯାଇଛି ଯେ ନବରାତ୍ରି ଅବସରରେ ନବଦୁର୍ଗା ପାଠ ଶେଷ ହେବା ପରେ ପ୍ରଭୁ ଶ୍ରୀରାମ ଜନ୍ମ ହୋଇଥିଲେ । ତାଙ୍କ ଶରୀରରେ ମା' ଦୁର୍ଗାଙ୍କ ନବମ ଶକ୍ତି ଜାଗ୍ରତ ହୋଇଥିଲା । ବିଶ୍ୱାସ କରାଯାଏ ଯେ ଏହି ଦିନ ତ୍ରେତୟା ଯୁଗରେ ମର୍ଯ୍ୟାଦା ପୁରୁଷ ପୁରୁଷୋତ୍ତମ ଶ୍ରୀରାମ ଅଯୋଧ୍ୟାରେ ଜନ୍ମଗ୍ରହଣ କରିଥିଲେ । ହିନ୍ଦୁ ଧର୍ମରେ ଭଗବାନ ରାମଙ୍କୁ ଭଗବାନ ବିଷ୍ଣୁଙ୍କ ସପ୍ତମ ଅବତାର ଭାବରେ ବିବେଚନା କରାଯାଏ, ଯାହାଙ୍କର ବିଶେଷ କାର୍ଯ୍ୟ ହେତୁ ସେ ଶତାବ୍ଦୀ ଶତାବ୍ଦୀ ଧରି ମର୍ଯ୍ୟାଦା ପୁରୁଷୋତ୍ତମ ଭାବରେ ପରିଚିତ ହୋଇଆସିଛନ୍ତି । ରାମାୟଣ ଓ ଅନ୍ୟାନ୍ୟ ପୁରାଣ ଅନୁଯାୟୀ ପ୍ରଭୁ ଶ୍ରୀରାମଙ୍କ ଜନ୍ମ ୫୧୧୪ ଖ୍ରୀଷ୍ଟପୂର୍ବ ତ୍ରେତୟା ଯୁଗରେ ଘଟିଥିଲା । ଅର୍ଥାତ୍ ଶ୍ରୀରାମଚନ୍ଦ୍ରଙ୍କୁ ମର୍ଯ୍ୟାଦା ପୁରୁଷୋତ୍ତମ ଭାବେ ଅଭିହିତ କରାଯାଇ ତାଙ୍କ ସମୟକୁ ତ୍ରେତୟା ଯୁଗ ଭାବେ ନାମିତ କରାଯାଇଛି ।

ତ୍ରେତୟା ଯୁଗରେ ଅଯୋଧ୍ୟା ମହାରାଜା ଦଶରଥଙ୍କ ପାଟରାଣୀ କୌଶଲ୍ୟା ଭଗବାନ ଶ୍ରୀରାମଙ୍କୁ ଜନ୍ମ ଦେଇଥିଲେ । ବାଲ୍ମିକୀ ରାମାୟଣଙ୍କ ଅନୁଯାୟୀ, 'ଭଗବାନ ଶ୍ରୀରାମ ଚନ୍ଦ୍ର ପରି ସୁନ୍ଦର, ସମୁଦ୍ର ପରି ଗଭୀର ଓ ପୃଥିବୀ ପରି ଧୈର୍ଯ୍ୟବାନ ଥିଲେ । ଏତେ ଗୁଣବାନ ଥିଲେ ଯେ ଦୁଃଖ ଉତ୍ତାପରେ ବଞ୍ଚିବା ସତ୍ତ୍ୱେ ସେ କାହାକୁ କଠୋର କଟୁ ବଚନ ପଦେ କହି ନଥିଲେ । ସେ ତାଙ୍କ ପିତାମାତା, ଗୁରୁଜନ, ଭାଇ, ସେବକ, ଗୁରୁ ସମସ୍ତଙ୍କ ପ୍ରତି ତାଙ୍କର ସ୍ନେହପୂର୍ଣ୍ଣ ଦାୟିତ୍ୱ ପୂରଣ କରୁଥିଲେ । ସେ ନିଜ କର୍ତ୍ତବ୍ୟ ଓ ପିତାମାତାଙ୍କ ପ୍ରତି ଆଜ୍ଞା ପାଳନ, କଠୋର ଆଦେଶ ମଧ୍ୟ ପାଳନ କରିବାକୁ ସର୍ବଦା ପ୍ରସ୍ତୁତ ଥିଲେ । ପିତା ଦଶରଥଙ୍କ ଆଦେଶକୁ ଶିରୋଧାର୍ଯ୍ୟ କରିନେଇଥିଲେ ।

ଶ୍ରୀରାମଙ୍କ ଜୀବନ ଧୈର୍ଯ୍ୟର ଏକ ଉତ୍ତମ ଉଦାହରଣ । ରାତି ପାହିଲେ ହୋଇଥାନ୍ତେ ରାଜା, ହେଲେ ମାତା କୈକେୟୀ ଶ୍ରୀରାମଙ୍କୁ ୧୪ ବର୍ଷ ବନବାସର ଆଦେଶ ଦେଲେ । ତାହାକୁ ସେ ଧୈର୍ଯ୍ୟର ସହ ସ୍ୱୀକାର କରିଥିଲେ । ଏଣୁ ବିପରୀତ ପରିସ୍ଥିତିରେ ମଧ୍ୟ ସେ କେବେ ଧୈର୍ଯ୍ୟ କି ସଂଯମ ହରାଇ ନାହାନ୍ତି । ଏପରିକି କ୍ରୋଧିତ ହୋଇ କୌଣସି ବିକଳ୍ପ ନିର୍ଣ୍ଣୟ ନେଇ ନାହାନ୍ତି । ବରଂ କଠିନ ସମୟରେ ସେ ପ୍ରତ୍ୟେକ ସ୍ଥାନରେ ସଂଯମ, ସଂକଳ୍ପ, ଧୈର୍ଯ୍ୟ ଓ ସାହସରୁ ଜୀବନ ଜୀଇଁବାର ମହାମନ୍ତ୍ରର ଉଦାହରଣ ସୃଷ୍ଟି କରିଛନ୍ତି ।

ସୃଷ୍ଟି ପୂର୍ବରୁ ଭଗବାନ ଶ୍ରୀରାମ ଏପରି ଏକ ଆଦର୍ଶ ଉଦାହରଣ ଉପସ୍ଥାପନ କରିଥିଲେ । ଯେଉଁଥିପାଇଁ ତାଙ୍କୁ 'ମର୍ଯ୍ୟାଦା ପୁରୁଷ ପୁରୁଷୋତ୍ତମ' କୁହାଯାଉଥିଲା । ସେ ଦୟା, କ୍ଷମା, ସତ୍ୟ, ନ୍ୟାୟ ଓ ଧର୍ମର ପଥ ଅନୁସରଣ କରି ଅଯୋଧ୍ୟାକୁ ଶାସନ କରିଥିଲେ । ପ୍ରଜାମାନଙ୍କ ପ୍ରତି ଦୟା, ସହିଷ୍ଣୁତା, ଧୈର୍ଯ୍ୟ ପ୍ରଦର୍ଶନ ସହ ଆଦର୍ଶ ପୁଅ, ଆଦର୍ଶ ସ୍ୱାମୀ, ଆଦର୍ଶ ଭାଇ, ଆଦର୍ଶ ଶାସକ ଇତ୍ୟାଦି ସମସ୍ତ ଗୁଣରେ ପରିପୂର୍ଣ୍ଣ ଥିଲେ । ଯେଉଁଥିପାଇଁ ତାଙ୍କୁ ଜଣେ ଆଦର୍ଶ ପୁରୁଷ ଓ ମର୍ଯ୍ୟାଦା ପୁରୁଷୋତ୍ତମ କୁହାଯାଏ । ଶ୍ରୀରାମଙ୍କର କୈବର୍ତ୍ତ, ସୁଗ୍ରୀବ, ନିଷାଦରାଜ, ବିଭୀଷଣ ପ୍ରଭୃତି ଅନେକ ବନ୍ଧୁ ଥିଲେ । ରାମ ସମସ୍ତଙ୍କ ସହ ସମାନ ମିତ୍ରତା ଅନୁଭବ କରିଥିଲେ ଓ ତାଙ୍କ ବନ୍ଧୁମାନଙ୍କ ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥିଲେ ।

ସେଥିପାଇଁ କୁହାଯାଏ ଯେ ପ୍ରଭୁ ରାମଙ୍କ ପରି ବନ୍ଧୁତା ବଜାୟ ରଖିବାରେ ସମସ୍ତଙ୍କର ଗୁଣ ରହିବା ଉଚିତ । କର୍ତ୍ତବ୍ୟ ସମ୍ପାଦନରେ ସେ ସର୍ବଦା ସହନଶୀଳ ଓ ଧୈର୍ଯ୍ୟବାନ ଥିଲେ । ଆଦର୍ଶ ଭାଇ ଓ ବନ୍ଧୁର ଉତ୍ତମ ଉଦାହରଣ ଥିଲେ । ଅର୍ଥାତ୍ ବନବାସ ସମୟରେ ଶ୍ରୀରାମଙ୍କ ଭାଇ ଭରତ ତାଙ୍କୁ ଅଯୋଧ୍ୟା ଫେରାଇ ଆଣିବାକୁ ଆସିଥିଲେ । ମାତ୍ର ସେ ମାତା ପିତାଙ୍କ ଆଜ୍ଞାଙ୍କୁ ଅବଜ୍ଞା ନକରି ବରଂ ପିତୃସତ୍ୟ ପାଳନ କରି ଅଯୋଧ୍ୟା ରାଜସିଂହାସନ ଭରତଙ୍କୁ ସମର୍ପି ଦେଇଥିଲେ । ସେହି ଭଳି ମିତ୍ରତା ପାଳନରେ ଶ୍ରୀରାମ ଆଗଭର ଥିଲେ । ସୁଗ୍ରୀବ, ବିଭୀଷଣ ଆଦିଙ୍କୁ ପରମ ମିତ୍ର ଭାବରେ ଗ୍ରହଣ କରି ସେମାନଙ୍କ ସମସ୍ୟାକୁ ମଧ୍ୟ ସାମ୍ନା କରିଛନ୍ତି । ବିନା କୌଣସି ଭେଦଭାବରେ ସେ ସମସ୍ତଙ୍କ ସହ ବନ୍ଧୁତା ସ୍ଥାପନ କରିଥିଲେ । ସେହିପରି ସେ ତାଙ୍କ ଜୀବନରେ ସମସ୍ତଙ୍କୁ ସମ୍ମାନ କରି ପ୍ରତ୍ୟେକ ସମ୍ପର୍କ ଓ ଦାୟିତ୍ୱକୁ ସୁଚାରୁରୂପେ ନିର୍ବାହ କରୁଥିଲେ । ବିଶ୍ୱାସ କରାଯାଏ ଯେ ଏଭଳି ସ୍ଥିତି କେବଳ ସେତେବେଳେ ଅଯୋଧ୍ୟାରେ ଘଟିଥିଲା ।

ଅଯୋଧ୍ୟାକୁ ଆଦର୍ଶ ରାଜ୍ୟ କରିବା ପାଇଁ ସେ ରାଜ୍ୟକୁ ଉନ୍ନତ ରୂପେ ପରିଚାଳନା କରିଥିଲେ । ଆଜି ବି ତାଙ୍କ ନାମ ଜଣେ ଆଦର୍ଶ ଭାଇ ଭାବରେ ସମ୍ମାନର ସହ ନିଆଯାଏ ଓ କୁହାଯାଏ ଯେ ଯଦି ତୁମର ଭାଇ ଅଛି ତେବେ ସେ ରାମଙ୍କ ପରି ହେବା ଉଚିତ । ପ୍ରଜାପାଳନ ପାଇଁ ମାତା ସୀତାଙ୍କୁ ବାଲ୍ମିକୀଙ୍କ ଆଶ୍ରମକୁ ପରିତ୍ୟାଗ କରିବା ପରେ ସେ ନିଜେ ଅଯୋଧ୍ୟାଙ୍କର ରାଜା ହେଲେ । ରାଜା ହୋଇ କୌଣସି ବିଳାସ ବ୍ୟସନରେ ନରହି ମୁନି, ଋଷି, ସାଧୁ, ସନ୍ୟାସୀ, ସନ୍ଥମାନଙ୍କ ଭଳି ନିରଳସ ଜୀବନ ବିତାଇଲେ । ଏକପତ୍ନୀ ବ୍ରତ ପାଳନ କରିଛନ୍ତି । ମାତା ସୀତାଙ୍କ ପ୍ରତି ପ୍ରଭୁ ଶ୍ରୀରାମଙ୍କର ଥିଲା ଅପାର ଭଲପାଇବା । ତାଙ୍କ ଜୀବନରେ ମାତା ସୀତାଙ୍କ ବ୍ୟତୀତ ସେ କେବେ ବି ଅନ୍ୟ ମହିଳାଙ୍କ ବାବଦରେ ଭାବି ନଥିଲେ ।

ଶ୍ରୀରାମଙ୍କ ଚରିତ୍ର ଅତ୍ୟନ୍ତ ଉଦାର ପ୍ରକୃତିର ଥିଲା । ଭଗବାନ ଶ୍ରୀରାମ ଅହଲ୍ୟାଙ୍କୁ ତାଙ୍କର ସୁରକ୍ଷା ପ୍ରଦାନ କରିଥିଲେ, ଯାହାକୁ କେହି ନିର୍ଦ୍ଦୋଷ ବୋଲି ଭାବି କେହି ଗ୍ରହଣ କରିନଥିଲେ । ସେ ନିଜର ଛତ୍ରଛାୟାରେ ରଖି ଆଶ୍ରୟ ଦେଇ ଉଦ୍ଧାର କରିଥିଲେ । ଲୋକମାନଙ୍କୁ ଗଙ୍ଗା ନଦୀ ପାର କରିବାରେ ସାହାଯ୍ୟ କରୁଥିବା ସାଧାରଣ ଏକ କୈବର୍ତ୍ତର ଅପାର ବିଶ୍ୱାସ ଓ ଭକ୍ତିରେ ପ୍ରଭାବିତ ହୋଇ ଭଗବାନ ଶ୍ରୀରାମ ତାକୁ ତାଙ୍କ ସାନଭାଇର ମାନ୍ୟତା ଦେଇଥିଲେ ଓ ଅନ୍ତିମ ସମୟରେ ମୋକ୍ଷ (ପରିତ୍ରାଣ) ପାଇବାର ବର ପ୍ରଦାନ କରିଥିଲେ । ତାଙ୍କର ଏପରି ଗୁଣବତ୍ତା ଥିଲା, ଯେଉଁଥିପାଇଁ ସେ ଜୀବଜଗତର ସମସ୍ତଙ୍କୁ ମଣିଷ, ରାକ୍ଷସ ଓ ପଶୁ, ପକ୍ଷୀମାନଙ୍କୁ ଆଗକୁ ବଢିବାର ସୁଯୋଗ ଦେଇଥିଲେ । ଅଯୋଧ୍ୟାର ଆଦର୍ଶ ରାଜା ହେବା ବ୍ୟତୀତ ସେ ସେଠାରେ ମଧ୍ୟ ଜଣେ ଦକ୍ଷ ସୁଶାସକ ଥିଲେ । ସମସ୍ତଙ୍କୁ ସାଙ୍ଗରେ ନେଇଯିବାର ବିଶେଷ ଗୁଣ ତାଙ୍କର ଥିଲା । ସେହି ଗୁଣ ହେତୁ କମ୍ ସୈନିକ ଓ ସମ୍ବଳ ଥାଇ ମଧ୍ୟ ସେ ନିଜ ସୈନ୍ୟମାନଙ୍କ ସାହାଯ୍ୟରେ ଲଙ୍କା ଯିବାକୁ ସମୁଦ୍ରରେ ଏକ ବିରାଟ ସେତୁ ନିର୍ମାଣ କରିଥିଲେ । ଲଙ୍କାଗଡ଼ରେ ଦକ୍ଷତାର ସହ ଦଶାନନ ସହିତ ଯୁଦ୍ଧ କରି ସୀତାଙ୍କୁ ଉଦ୍ଧାର କରି ନିଜର ପରାକାଷ୍ଠା ଦର୍ଶାଇଥିଲେ । ତାଙ୍କର ସୈନ୍ୟବାହିନୀରେ ମଣିଷ, ପଶୁ ଓ ରାକ୍ଷସ, ପକ୍ଷୀମାନେ ସାମିଲ ହୋଇଥିଲେ । ସେ ହନୁମାନ, ଜାମ୍ବବାନ ଓ ଅଙ୍ଗଦଙ୍କୁ ନିଜର ସେନାବାହିନୀରେ ସୁଯୋଗ ଦେଇଥିଲେ ।

ଭଗବାନ ବିଷ୍ଣୁଙ୍କ ସପ୍ତମ ଅବତାର ଶ୍ରୀରାମ ୧୬ ଗୁଣ ଓ ୧୨ ଟି କଳାର ଗୁରୁ ଥିଲେ । ଶ୍ରୀରାମ ସୂର୍ଯ୍ୟବଂଶୀ ଥିଲେ । ସୂର୍ଯ୍ୟଙ୍କର କେବଳ ୧୨ଟି ପର୍ଯ୍ୟାୟ ଅଛି । ସେଥିପାଇଁ ବିଶ୍ୱାସ କରାଯାଏ ଯେ ସୂର୍ଯ୍ୟଙ୍କର ସମସ୍ତ ୧୨ଟି ପର୍ଯ୍ୟାୟ ଶ୍ରୀରାମଙ୍କ ଠାରେ ପରିଲକ୍ଷିତ ହୁଏ । ଶାସ୍ତ୍ରରେ କଳାଗୁଡ଼ିକ କିଛି ଅବତାର ଶକ୍ତିର ଏକକକୁ ସୂଚିତ କରେ । ଏହି କଳାଗୁଡ଼ିକ ସୂର୍ଯ୍ୟ ଓ ଚନ୍ଦ୍ରର ପରିବର୍ତ୍ତିତ ରୂପକୁ ମଧ୍ୟ ପ୍ରତିଫଳିତ କରେ । ପ୍ରସ୍ତର ଓ ବୃକ୍ଷରେ ୧– ୨ କଳା ଥିବାବେଳେ ପଶୁ ଓ ପକ୍ଷୀମାନଙ୍କର ୨ରୁ ୪ କଳା ଥାଏ ।

ଜଣେ ସାଧାରଣ ମଣିଷର ପାଞ୍ଚଟି କଳା ଓ ଜଣେ ସଂସ୍କୃତି ସଂପନ୍ନ ମଣିଷର ୬ଟି କଳା ଅଛି । ମୁନି ସାଧୁ ଓ ସନ୍ଥଙ୍କ ପରି ସ୍ୱତନ୍ତ୍ର ମହାନ ବ୍ୟକ୍ତିଙ୍କର ସାତରୁ ଆଠଟି କଳା ଅଛି, ଯାହା ସେମାନଙ୍କ ଚେତନାକୁ ଜାଗ୍ରତ ରହିବା ଶିଖାଇଥାଏ । ଏପରିକି ସେମାନଙ୍କୁ ଉନ୍ନତ ଓ ଉପାସକ, ପୂଜନୀୟ କରିଥାଏ । ସେଠାରେ ସାତଟି, ମନୁ, ଦେବତା, ପ୍ରଜାପତି ଓ ଲୋକପାଳଙ୍କର ନଅ କଳା ଅଛି । ଦଶ ଓ ଅଧିକ କଳା କେବଳ ବରାହ, ନୃସିଂହ, କୂର୍ମ, ମତ୍ସ୍ୟ, ବାବନ ଅବତାର ଇତ୍ୟାଦି ଈଶ୍ୱରୀୟ ଅବତାରରେ ଉପସ୍ଥିତ । ପର୍ଶୁରାମ ମଧ୍ୟ ଭଗବାନଙ୍କ ଅବତାର ବୋଲି ବିବେଚନା କରାଯାଏ ।

ବାର କଳାରେ ପରିପୂର୍ଣ୍ଣ ଶ୍ରୀରାମଙ୍କର ମଧ୍ୟ ୧୬ ଗୁଣ ଥିଲା । ଏହି ୧୬ ନିର୍ଦ୍ଦିଷ୍ଟ ଗୁଣଗୁଡ଼ିକ ହେଲା, ଗୁଣବାନ୍ (ଯୋଗ୍ୟ ଓ କୁଶଳ), ନିନ୍ଦନୀୟ (ପ୍ରଶଂସକ, ସକରାତ୍ମକ), ଧର୍ମଜ୍ଞ (ଧର୍ମ ବିଷୟରେ ଜ୍ଞାନ ଥିବା), କୃତଜ୍ଞ (ଧନ୍ୟବାଦ, ନମ୍ରତା), ସତ୍ୟ (ସତ୍ୟ କହିବା) । ତାଙ୍କ ପ୍ରତିଶ୍ରୁତିରେ (ଅବିସ୍ମରଣୀୟ, ସଂକଳ୍ପବଦ୍ଧ), ଗୁଣବତ୍ତା (ଧାର୍ମିକ, ଗୁଣବତ୍ତା ଓ ଉତ୍ତମ ଆଚରଣ, ଆଦର୍ଶ ଚରିତ୍ର) । ସମସ୍ତ ଜୀବଜନ୍ତୁଙ୍କ ସୁରକ୍ଷାକାରୀ (ସହଯୋଗୀ), ଶିକ୍ଷିତ (ବୁଦ୍ଧିମାନ ଓ ଭେଦଭାବକାରୀ), ଶକ୍ତିଶାଳୀ (ସମସ୍ତଙ୍କ ପ୍ରତି ବିଶ୍ୱସ୍ତ ଓ ଯିଏ ସମର୍ଥନ ପାଏ), ପ୍ରିୟଦର୍ଶନ (ସୁନ୍ଦର ଚେହେରା), ଯିଏ ମନ ଉପରେ ନିୟନ୍ତ୍ରଣ ରଖିଛି (ଜିତେନ୍ଦ୍ରିୟ), ଯିଏ କ୍ରୋଧ (ଶାନ୍ତ ଓ ସହଜ), ଜ୍ୟୋତି (ଉଜ୍ଜ୍ୱଳ ଶରୀର ଓ ଉତ୍ତମ ବ୍ୟକ୍ତିତ୍ୱ ସହିତ), ବୀର୍ଯ୍ୟବାନ (ସୁସ୍ଥ, ସଂଯମ ଓ ଶକ୍ତିଶାଳୀ)) ଓ ଯୁଦ୍ଧରେ ଯାହାର କ୍ରୋଧ ଦେବତାମାନଙ୍କୁ ମଧ୍ୟ ଭୟଭୀତ କରେ (ସାହସୀ, ଧନୁର୍ଦ୍ଧର, ଅସତ୍ୟର ବିରୋଧୀ) ଏସବୁ ବୁଝାଇଥାଏ । ଦୃଷ୍ଟାନ୍ତ ସ୍ୱରୂପ –

'ସର୍ବତଃ ପାଣି ପାଦଂ, ତତ
ସର୍ବୋତ୍ତଅକ୍ଷିଶୀରୋ ମୁଖମ !, ସର୍ବୋତଃ
ସୃତିମଲକେ ସର୍ବମାବୃତ୍ୟ ତିଷ୍ଠିତ ।'

ଅର୍ଥାତ୍ ପ୍ରଭୁଙ୍କର (ସର୍ବବ୍ୟାପକ) ରୂପ, ଯଥା ସକଳ ଦିଗରେ ହସ୍ତ, ପାଦ ରହିଛି । ସେହିଭଳି ସକଳ ଦିଗକୁ ଶିର, ମୁଖ ଇତ୍ୟାଦି ରହିଛି । ଏହିଭଳି ଭାବରେ ଶ୍ରୀଜଗନ୍ନାଥ ସର୍ବ ବ୍ୟାପକ ଭାବରେ ପ୍ରତିପାଦନ ହୋଇଛି । ସାଧାରଣତଃ ଲୋକ ମୁଖରେ ଶୁଣାଯାଏ ଯେ ରାମ, ସେ କୃଷ୍ଣ ଓ ସେ ମଧ୍ୟ ଜଗନ୍ନାଥ । କିନ୍ତୁ ବ୍ରହ୍ମତତ୍ତ୍ୱ ଅନୁସାରେ ଦେଖିଲେ ଜଣେ ଜୀବନ କାଳ ମଧ୍ୟରେ କେବେବି ବ୍ରହ୍ମସହସ୍ର ନିଜକୁ ପ୍ରକାଶିତ ନକରି ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ରୂପେ ବିଦିତ ହୋଇଛନ୍ତି । ଜନ୍ମ ହେବା ମାତ୍ରେ ଉଗ୍ରସେନଙ୍କୁ ଶଙ୍ଖ, ଚକ୍ର, ଚିହ୍ନ ଦର୍ଶନ କରାଇ, ବାଲ୍ୟ କାଳରୁ ଯଶୋଦାଙ୍କୁ ପାଟି ମଧ୍ୟରେ ବିଶ୍ୱ ଦର୍ଶନ ସହ କୁରୁକ୍ଷେତ୍ରରେ ଅର୍ଜୁନଙ୍କୁ ବିଶ୍ୱରୂପ ଦର୍ଶନ କରାଇ ନିଜକୁ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ବୋଲି ପ୍ରତିପାଦିତ କରିଛନ୍ତି । କିନ୍ତୁ ଦେବାଧିଦେବ ଜଗନ୍ନାଥ ଷୋଳକଳାର ଅଧିକାରୀ ହୋଇ ପରଂବ୍ରହ୍ମ ରୂପେ ଶ୍ରୀକ୍ଷେତ୍ରେ ବିରାଜିତ ହୋଇଛନ୍ତି । କେବଳ ମାତ୍ର ଶ୍ରୀରାମ ତ୍ରେତୟାରେ ମର୍ଯ୍ୟାଦା ପୁରୁଷୋତ୍ତମ ନାମରେ ନାମିତ ହୋଇଛନ୍ତି । ବାସ୍ତବରେ ମର୍ଯ୍ୟାଦା ପୁରୁଷ ପୁରୁଷୋତ୍ତମ ଶ୍ରୀରାମ ସମସ୍ତଙ୍କ ପ୍ରତି ପ୍ରେମର ଗଭୀର ଭାବନାରେ ପରିପୂର୍ଣ୍ଣ ହୋଇଥିଲେ । ନିଜର ପ୍ରଜାମାନଙ୍କ ପ୍ରତି ତାଙ୍କର ଭଲପାଇବା, ନ୍ୟାୟ ଓ ସତ୍ୟତା ହେତୁ ତାଙ୍କ ଶାସନକୁ 'ଆଦର୍ଶ' ରାଜ୍ୟ ପାଳନ ଶାସକ ସଂଜ୍ଞା କୁହାଯାଏ । ଆଜି ମଧ୍ୟ ଉତ୍ତମ ଶାସନକୁ 'ରାମରାଜ୍ୟ' ଭାବରେ ପରିଭାଷିତ କରାଯାଉଛି । 'ରାମରାଜ' ଅର୍ଥ ସୁଖ, ଶାନ୍ତି ଓ ନ୍ୟାୟର ରାଜ୍ୟ । ସେହି ଦୃଷ୍ଟିରୁ ଭଗବାନ ଶ୍ରୀରାମ ସତ୍ୟ, ନ୍ୟାୟ ଓ ଧର୍ମର ପ୍ରତୀକ ...!!!

ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ –୪
ମୋ–୯୦୪୦ ୧୫୧୪୭୫

କଳିଙ୍ଗର କୀର୍ତ୍ତିମାନ ଜନନାୟକ ବିଜୁବାବୁ

ହିମାଂଶୁ ଶେଖର ଆଚାର୍ଯ୍ୟ

ଅତୀତର ଏକ ସ୍ମରଣୀୟ ଘଟଣା। ସେତେବେଳେ ବ୍ରାହ୍ମଣୀ ନଦୀ ବନ୍ୟାରେ ଆଳି–କନିକା ଅଞ୍ଚଳର ଲୋକମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିଲେ । ବନ୍ୟାପ୍ଲାବିତ ଅଞ୍ଚଳରେ ଚୂଡ଼ା–ଚାଉଳ ବାଣ୍ଟିବା ପାଇଁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ କେତେକ ଛାତ୍ରଙ୍କ ସହ ଏକ ଡଙ୍ଗାରେ ଯାଉଥିଲେ । ହଠାତ୍ ପବନରେ ଗୋପବନ୍ଧୁଙ୍କ ଛତାଟି ନଦୀରେ ପଡ଼ିଗଲା। ତତ୍‌କ୍ଷଣାତ କିଶୋରଟିଏ ନଦୀ ଭିତରକୁ ଲମ୍ଫ ଦେଇ ଛତାଟି ଧରି ପକାଇଲେ । କାତ ସାହାଯ୍ୟରେ ଡଙ୍ଗା ଉପରକୁ ଉଠି ଗୋପବନ୍ଧୁଙ୍କ ହାତରେ ଦେଲେ ।

ଏକଥା ଦେଖି ଗୋପବନ୍ଧୁ ତାଙ୍କ ପିଠିରେ ହାତମାରି କହିଲେ– ଆରେ ! ବାବୁ ତୁମେ ଏ କ'ଣ କଲ ? ତୁମ ଜୀବନଟା ବଡ଼ ନା ମୋ ଛତାଟା ବଡ଼ ? ସଙ୍ଗେ ସଙ୍ଗେ ସେ ଉତ୍ତର ଦେଲେ– ଆପଣ ନିଜ ଜୀବନକୁ ପାଣି ଛଡ଼ାଇ କେତେ ଲୋକଙ୍କ ସେବା କରୁଛନ୍ତି, ଆପଣଙ୍କ ଛତା ମୋ ଜୀବନଠାରୁ କିଛି କମ୍ ମୂଲ୍ୟବାନ ନୁହେଁ । ଗୋପବନ୍ଧୁ ତାଙ୍କୁ ଆଶୀର୍ବାଦ କରି କହିଲେ ଦିନେ ସେ ଖୁବ୍ ବଡ଼ ହେବେ । ତାଙ୍କ କଥା ଅକ୍ଷରେ ଅକ୍ଷରେ ସତ ହେଲା । ସେ ହେଉଛନ୍ତି ବିଜୟାନନ୍ଦ ପଟ୍ଟନାୟକ – ସବୁରି ପ୍ରିୟ ବିଜୁ ପଟ୍ଟନାୟକ ।

ବିଜୁ ପଟ୍ଟନାୟକ– କାହିଁ କେହିତ କୁହନ୍ତି ନାହିଁ ବିଜୟାନନ୍ଦ ପଟ୍ଟନାୟକ । ଏତେ ଲୋକପ୍ରିୟତା କାହିଁକି ଏହି ନାଁରେ । ନାଁଟିକୁ କହିଦେଲେ ମନରେ ହୃତ୍‌କମ୍ପ ସୃଷ୍ଟି ହୁଏ । ବଙ୍କିମ୍ ଚନ୍ଦ୍ରଙ୍କ 'ବନ୍ଦେମାତରଂ', ସୁଭାଷ ବୋଷଙ୍କ 'ଜୟହିନ୍ଦ', କହିବା ପରି ଏକ ସ୍ୱରରେ ବିଜୁ ପଟ୍ଟନାୟକ ନାଁଟି କହିଦେଲେ ମନରେ କାହିଁକି ଉନ୍ମାଦନା ଆସେ । ସତେ ଯେମିତି ଓଡ଼ିଆ ସହିତ ବିଜୁ ପଟ୍ଟନାୟକ ଓ ବିଜୁ ପଟ୍ଟନାୟକଙ୍କ ସହିତ ଓଡ଼ିଆ ଏକାକାର ହୋଇଯାଇଛନ୍ତି । ଖାଲି ସେତିକି ନୁହେଁ, କେହି କେହି ତାଙ୍କୁ ପ୍ରବାଦ ପୁରୁଷ, ମାଟିର ମୂର୍ତ୍ତିକାର, କଳିଙ୍ଗ ବୀର ଓ ଝଡ଼ର ଇଗଲ ବୋଲି କହିଥାନ୍ତି । ବିଜୁ ପଟ୍ଟନାୟକ ଏକାଧାରରେ ଥିଲେ ଜଣେ ବିଶିଷ୍ଟ ରାଜନୀତିଜ୍ଞ, ଦୁଃସାହସିକ ବୈମାନିକ, ଦୂରଦର୍ଶୀ ଶିଳ୍ପପତି, ଉଚ୍ଚକୋଟୀର କ୍ରୀଡାବିତ୍, ଦକ୍ଷକ୍ରୀଡା ସଙ୍ଗଠକ, ଦେଶଭକ୍ତ ସଂଗ୍ରାମୀ, ଓଡିଶା ଏବଂ ଭାରତର ଜଣେ ଅଦ୍ୱିତୀୟ ନେତା । ଜୀବନ ସଂଗ୍ରାମରେ ସେ କେବେ ଭାଙ୍ଗିପଡୁ ନଥିଲେ । ଜୟ–ପରାଜୟ ଭିତରେ ସବୁକୁ ଖେଳୁଆଡ ମନୋଭାବରେ ଗ୍ରହଣ କରୁଥିଲେ । ସେ କଦାପି ଏଣୁ ତେଣୁ କଥା କହୁନଥିଲେ । ଯାହା ସେ ଥରେ ଚିନ୍ତା କରୁଥିଲେ, ତାକୁ କାମରେ କରି ଦେଖାଉଥିଲେ । ଏହାହିଁ ଥିଲା ତାଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ ।

ରାଜନୀତି କ୍ଷେତ୍ରରେ ବିଜୁ ପଟ୍ଟନାୟକ ଉତ୍ତୁଙ୍ଗ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ୧୯୪୭ ରୁ ୧୯୯୭ ପର୍ଯ୍ୟନ୍ତ ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି ସେ ଓଡିଶାର ତଥା ବିଭିନ୍ନ ସମୟରେ ଜାତୀୟ ରାଜନୀତିକୁ ପ୍ରଭାବିତ କରିଥିଲେ । ୧୯୬୧ରୁ ୧୯୬୩ ମସିହା ପର୍ଯ୍ୟନ୍ତ ସେ ଓଡିଶାର ମୁଖ୍ୟମନ୍ତ୍ରୀ ପଦ ଅଳଙ୍କୃତ କରି ଆରମ୍ଭ କରିଥିଲେ ନିର୍ମାଣ ଯୁଗ । ପାରାଦ୍ୱୀପ ବନ୍ଦର ଏକ୍ସପ୍ରେସ୍ ହାଇୱେ, ସୁନାବେଡା ମିଗ୍ ବିମାନ କାରଖାନା, ବାଲିମେଳା ଡ୍ୟାମ ଓ ବରଗଡ ସିମେଣ୍ଟ କାରଖାନା ନିର୍ମାଣ କରି ସେ ନବ ଓଡ଼ିଶାର ଗଠନ ପ୍ରକ୍ରିୟା ଆରମ୍ଭ କରିଥିଲେ । ପରବର୍ତ୍ତୀ ସମୟରେ ତାଙ୍କ ସହଯୋଗରେ ସମ୍ବଲପୁର ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ରାଉରକେଲା ଇଞ୍ଜିନିୟରିଂ କଲେଜ, ସୈନିକ ସ୍କୁଲ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଓ ଓଡିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇ ଓଡ଼ିଶାରେ ବୈଷୟିକ ଓ ଯାନ୍ତ୍ରିକଶିକ୍ଷା କ୍ଷେତ୍ରରେ ଏକ ନୂତନ ଯୁଗର ଆରମ୍ଭ ହୋଇଥିଲା । ୧୯୯୦ ରୁ ୧୯୯୫ ମସିହା ପର୍ଯ୍ୟନ୍ତ ଦ୍ୱିତୀୟ ଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିବା ବେଳେ ସେ ଆରମ୍ଭ କରିଥିଲେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ।

ପ୍ରଶାସନକୁ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ସେ ୧୩ଟି ଜିଲ୍ଲାକୁ ୩୦ଟି ଜିଲ୍ଲାରେ ପରିଣତ କରିଥିଲେ । ଏହା ତାଙ୍କ ପାରିବାପଣିଆର ଏକ ନମୁନା ଥିଲା। ଏପରିକି ମୁଖ୍ୟମନ୍ତ୍ରୀ ଥିବାବେଳେ ଏକ ଟଙ୍କା ଦରମା ନେଇ ସେ ନିଆରା ବ୍ୟକ୍ତିତ୍ୱର ପ୍ରମାଣ ଦେଇଥିଲେ । ପୁଣି ରିକ୍ସାରେ ବସି ବା କେବେ ସାଇକେଲ ଚଢ଼ି ସେ ସଚିବାଳୟକୁ ଆସି ଭିନ୍ନ ଏକ ଉଦାହରଣ ସୃଷ୍ଟି କରିଥିଲେ ।

ବିଜୁ ପଟ୍ଟନାୟକ ଜଣେ ଦକ୍ଷ ଓ ଦୁଃସାହସିକ ବୈମାନିକ ଥିଲେ । ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଅନୁରୋଧ କ୍ରମେ ନିଜ ଜୀବନକୁ ପାଣି ଛଡାଇ ଡଚ୍ ସେନାବାହିନୀ ଦ୍ୱାରା କବଳିତ ଇଣ୍ଡୋନେସିଆର ତତ୍କାଳୀନ ରାଷ୍ଟ୍ରପତି ସୁକର୍ଣ୍ଣ, ପ୍ରଧାନମନ୍ତ୍ରୀ ଶାହାରିଆର ଓ ଉପ–ରାଷ୍ଟ୍ରପତି ମହମ୍ମଦ ହଟ୍ଟାଙ୍କୁ ଦିଲ୍ଲୀକୁ ବିମାନ ଯୋଗେ ନେଇ ଆସିଥିଲେ । ନିଜର କୃତଜ୍ଞତା ଜଣାଇବାକୁ ଯାଇ ରାଷ୍ଟ୍ରପତି ସୁକର୍ଣ୍ଣ ତାଙ୍କୁ ପ୍ରାୟ ୫୦୦କୋଟି ଟଙ୍କାର ଉପହାର ପ୍ରଦାନ କରିଥିଲେ । ଇଣ୍ଡୋନେସିଆର ସର୍ବୋଚ୍ଚ ସମ୍ମାନ 'ଭୂମିପୁତ୍ର' ଉପାଧି ମଧ୍ୟ ତାଙ୍କୁ ମିଳିଥିଲା । ମାତ୍ର ସେହି ସବୁ ଉପହାର ଫେରାଇ ଦେଇଥିଲେ ସେ ଏବଂ କହିଥିଲେ ଭାରତୀୟ କିଛି ନିଏ ନାହିଁ । ସତରେ ଏପରି ବଦାନ୍ୟତା ମାନସିକତାର ବ୍ୟକ୍ତି ପୃଥିବୀ ଇତିହାସରେ ବିରଳ । ତାଙ୍କର ଏହି କାମ ପାଇଁ ଇଣ୍ଡୋନେସିଆ ନିକଟରେ ଭାରତ ମହାନ ହୋଇ ରହିଲା ।

ଛାତ୍ର ଅବସ୍ଥାରେ କଟକରୁ ପେଶାୱାର ସାଇକେଲରେ ଯିବା, ପୋଲିସ୍ କର୍ଡନ୍ ଭାଙ୍ଗି ଗାନ୍ଧିଙ୍କୁ ଦେଖିବାପାଇଁ ଯିବାବେଳେ ପୋଲିସ ଏସ୍.ପି.ହାରଗ୍ରୀଭ୍‌ଙ୍କଠାରୁ ଲାଠିମାଡ ଖାଇବା ଘଟଣା ତାଙ୍କ ଦୁଃସାହସିକତାର ନମୁନା ମାତ୍ର । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବଡଲାଟ୍ ୱାଭେଲ୍‌ଙ୍କ ପାଇଲଟ୍ ଥାଇ ସୁଦ୍ଧା ପୋଲିସ ଆଖିରେ ଧୂଳି ଦେଇ ଜୟପ୍ରକାଶ ନାରାୟଣ, ଅରୁଣା ଆଶଫ୍ ଅଲ୍ଲୀ ଓ ରାମ ମନୋହର ଲୋହିଆଙ୍କୁ ନିରାପଦ ସ୍ଥାନରେ ପହଞ୍ଚାଇବା ତାଙ୍କ ଦୁଃସାହସିକତାର ଆଉ ଏକ ପରିଚୟ । ଏଥିପାଇଁ ତାଙ୍କୁ କାରାବରଣ କରିବାକୁ ପଡିଛି ସତ ମାତ୍ର ଦେଶପାଇଁ ହସି ହସି କାରବରଣ କରିଛନ୍ତି ସେ । ସେହିପରି ୧୯୬୨ରେ ଚୀନ୍ ଭାରତ ଆକ୍ରମଣ କରିବା ସମୟରେ ଭାରତୀୟ ସେନାଙ୍କୁ ସହାୟତା କରିବାରେ ତାଙ୍କର ଅବଦାନକୁ ଅସ୍ୱୀକାର କରାଯାଇନପାରେ ।

ଜଣେ ଓଡିଆ ଭାବେ ନିଜକୁ ପରିଚୟ ଦେଇ ସେ ଗର୍ବ ଅନୁଭବ କରିଥିଲେ । ସେ ଜାଣିଥିଲେ –କଳିଙ୍ଗାଃ ସାହସିକାଃ। ସେଥିପାଇଁ ସେ କଳିଙ୍ଗ ଏୟାରଲାଇନ୍‌ସ, କଳିଙ୍ଗ ଟାଇଲ୍‌ସ ଓ କଳିଙ୍ଗ ପୁରସ୍କାର ଆଦି ପ୍ରତିଷ୍ଠା କରିଥିଲେ । ଏହି କଳିଙ୍ଗ ପୁରସ୍କାର ଓଡିଶାକୁ ବିଶ୍ୱସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥିଲା । ବାସ୍ତବିକ୍ ମଧୁବାବୁଙ୍କ ପରେ ଓଡିଆର ଟେକ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠିତ କରିବାରେ ସେ ହିଁ ଥିଲେ ଦ୍ୱିତୀୟ ବ୍ୟକ୍ତି । ଜୀବନ ପ୍ରଦୀପ ନିର୍ବାପିତ ପର୍ଯ୍ୟନ୍ତ ବିଜୁ ପଟ୍ଟନାୟକ କେବଳ ଓଡିଆଙ୍କ କଥା ଚିନ୍ତା କରୁଥିଲେ । ଯୁବପିଢିଙ୍କୁ ସେ ସର୍ବଦା କହୁଥିଲେ– ଗୋଲାମୀ ନକରି ସ୍ୱାଧୀନ ହୁଅ । ନିଜ ଗୋଡରେ ନିଜେ ଛିଡା ହୁଅ, ଅନ୍ୟପାଖରେ ହାତ ପତାଅ ନାହିଁ । ଓଡିଆ ପୁଅର ବୀରତ୍ୱ ବଜାୟ ରଖ, ଓଡିଆର ସୁନାମ ରଖ, ଅଯଥାରେ ସମୟ ନଷ୍ଟ କରନା, ଦେଶ କଥା ଭାବ, ଦେଶ ପାଇଁ କାମ କରିବାକୁ ଆଗେଇ ଆସ ।

ଏତଦ୍ ବ୍ୟତୀତ ବିଜୁ ପଟ୍ଟନାୟକ ଥିଲେ ଜଣେ ଉଚ୍ଚକୋଟୀର କ୍ରୀଡାବିତ୍ ଓ ଦକ୍ଷ ସଂଗଠକ । ତାଙ୍କ ବଳିଷ୍ଠ ଓ ସୁଠାମ ଚେହେରା ଥିଲା ଈଶ୍ୱର ଦତ୍ତ । ୧୯୩୦ ଦଶକରେ ସେ ଓଡିଶାର ଖ୍ୟାତନାମା ଫୁଟବଲ ଖେଳାଳି ମଧ୍ୟରେ ଜଣେ ଥିଲେ । ଯାହାଫଳରେ ସେ ରେଭେନ୍‌ସା–ବ୍ଲୁ ଦୁଇ ଥର ପାଇବାରେ ସକ୍ଷମ ହୋଇଥିଲେ । ଏପରିକି ପୋଲଭୋଲ୍ଟରେ ସେ ସମୟରେ ସର୍ବଶ୍ରେଷ୍ଠ କ୍ରୀଡାବିତ୍ ଥିଲେ । ଫୁଟବଲ ଖେଳପ୍ରତି ତାଙ୍କର ଅତିଶୟ ମୋହର ଅନ୍ୟ ଏକ ଉଦାହରଣ ୧୯୬୧–୬୨ ରେ କଟକରେ ପ୍ରଥମ ସର୍ବଭାରତୀୟ କଳିଙ୍ଗ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ସେ ଆରମ୍ଭ କରିଥିଲେ । କେବଳ ସେତିକି ନୁହେଁ ଓଡିଶାରୁ ପ୍ରଥମ ବ୍ୟକ୍ତି ଭାବେ ୧୯୬୪ ମସିହାରେ ବିଜୁ ପଟ୍ଟନାୟକ ଭାରତର ବାସ୍କେଟବଲ୍ ସଂଘର ସଭାପତି ପଦ ମଣ୍ଡନ କରିଥିଲେ । ଏଥିସହିତ ଆଜି ରାଜ୍ୟ ମହିଳା ଫୁଟବଲ ଦଳ ସଫଳତାର ଯେଉଁ ଶୀର୍ଷରେ ପହଞ୍ଚିଛି ତାହା ପଛରେ ରହିଛି ତାଙ୍କ ପ୍ରଚେଷ୍ଟାର ଫଳଶ୍ରୁତି ।

ବିଜୁ ପଟ୍ଟନାୟକଙ୍କ ଜନ୍ମ ୧୯୧୬ ମସିହା ମାର୍ଚ୍ଚ ୫ ତାରିଖ ଓ ମୃତ୍ୟୁ ୧୯୯୭ ମସିହା ଏପ୍ରିଲ ୧୭ ତାରିଖ । ଦୀର୍ଘ ୮୧ ବର୍ଷର ଜୀବନ ଯାତ୍ରା ତାଙ୍କର । ସେ ଜୀବନ ଆରମ୍ଭ ହୋଇଥିଲା କଟକସ୍ଥ ତୁଳସୀପୁର ଅନନ୍ଦ ଭବନରେ । ଆଉ ଶେଷ ହୋଇଥିଲା ପୁରୀର ସ୍ୱର୍ଗ ଦ୍ୱାରରେ । କେବଳ ଆମ ରାଜ୍ୟ ନୁହେଁ, 'ଇଣ୍ଡିଆ ଟୁ ଇଣ୍ଡୋନେସିଆ' ପର୍ଯ୍ୟନ୍ତ ତାଙ୍କ କାର୍ଯ୍ୟ କୁଶଳତା ପରିବ୍ୟାପ୍ତ ଥିଲା ।

ସଭାପତି ସାରସ୍ୱତ ପରିଷଦ
ଜଗତସିଂହପୁର, ମୋ–୯୯୩୭୧୫୧୦୫୨

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଆତ୍ମସମର୍ପଣ...

ଆତ୍ମସମର୍ପଣ ପାଇଁ ସ୍ଥାନୀୟ ପୋଲିସ ଆହ୍ୱାନ ଦେଇ ଶାନ୍ତି ପୂର୍ଣ୍ଣ ଜୀବନ ଯାପନ ଲାଗି ସଚେତନତା କରିଛି । ଏଣୁ ଏହି କଥାରେ ପ୍ରଭାବିତ ହୋଇ ୨୬ ଜଣ ମାଓବାଦୀ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ତନ୍ମଧ୍ୟରୁ ୨୦ ଜଣ ପୁରୁଷ ଓ ୬ ଜଣ ମହିଳା ମାଓବାଦୀ ରହିଥିବା ଜଣା ପଡ଼ିଛି।

ଆଇଏଏସ୍...

(୫୨), ଅଭିମନ୍ୟୁ ମଲ୍ଲିକ (୬୦), ଅମ୍ରିତାଂଶୁ ନାୟକ (୧୧୦), ଯଶୋବନ୍ତ ମଲ୍ଲିକ (୧୧୫), ପଦ୍ମନାଭ ମିଶ୍ର (୧୭୬) ସ୍ଥାନରେ ଅଛନ୍ତି । ଏମାନଙ୍କ ବ୍ୟତୀତ ବିଶ୍ୱଜିତ ପଣ୍ଡା (୩୪୩), ପ୍ରିୟଙ୍କା ପ୍ରିୟଦର୍ଶିନୀ (୩୮୭), ସନ୍ତୋଷ କୁମାର ପାତ୍ର (୪୦୯), ସୌରଭ ଦାସ (୪୬୬), ରାକେଶ କୁମାର ସାହୁ (୫୭୫), ନୟନ ରଞ୍ଜନ ଦାସ (୫୮୧), ହେମନ୍ତ କୁମାର ସାହୁ (୭୨୨), ବିଭାଂଶୁ ରାୟ (୭୭୨), ସିଦ୍ଧାନ୍ତ ବେସ୍ରା (୮୦୦), ରଶ୍ମି ପାଇକରାୟ (୮୮୧), ସୌରଭ ଦାସ (୯୮୨), ଅନୁପ ନାୟକ (୧,୦୦୧) ସ୍ଥାନ ଅଳଙ୍କୃତ କରିଛନ୍ତି ।

ଆହତଙ୍କୁ...

ଚିକିତ୍ସା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଶ୍ରୀ ପାଣ୍ଡିଆନ କହିବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ ।

ତତଲା...

ହଠାତ ୪.୧ ଡିଗ୍ରୀ ତାପମାତ୍ରା ବୃଦ୍ଧି ପାଇଁ ଏହା ୪୧.୯ ଡିଗ୍ରୀରେ ପହଞ୍ଚିଛି । ସେହିପରି ମାଲକାନଗିରିରେ ୪୧.୯, ନୟାଗଡ଼ ଓ ଅନୁଗୁଳରେ ୪୧.୭, ଚାନ୍ଦବାଲିରେ ୪୧.୬, ଖୋର୍ଦ୍ଧା ଓ ଟିଟିଲାଗଡ଼ରେ ୪୧.୫, ଝାରସୁଗୁଡ଼ାରେ ୪୧.୪, ବାଲେଶ୍ୱରରେ ୪୧.୧, କେନ୍ଦ୍ରାପଡ଼ା, ଢେଙ୍କାନାଳ ଓ ଭଦ୍ରକରେ ୪୧ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି ।

ବର୍ତ୍ତମାନ ବାୟୁମଣ୍ଡଳର ନିମ୍ନ ଭାଗରେ ରାଜ୍ୟକୁ ପଶ୍ଚିମ ତଥା ଉତ୍ତରପଶ୍ଚିମ ଦିଗରୁ ଶୁଷ୍କ ବାୟୁ ପ୍ରବେଶ କରୁଛି ତଥା ସୂର୍ଯ୍ୟ କିରଣର ତୀବ୍ରତା ବୃଦ୍ଧି ପାଉଥିବାରୁ ଆଗାମୀ ୪ରୁ ୫ ଦିନ ମଧ୍ୟରେ ରାଜ୍ୟରେ ଅନେକ ସ୍ଥାନରେ ଦିନ ତାପମାତ୍ରା ଧୀରେ ଧୀରେ ୨ରୁ ୪ ଡ଼ିଗ୍ରୀ ଯାଇଁ ବୃଦ୍ଧି ହେବାର ସମ୍ଭାବନା ରହିଛି । ଉପକୂଳ ଓଡ଼ିଶାର ସମସ୍ତ ଜିଲ୍ଲାଗୁଡିକରେ ଉଚ୍ଚ ତାପମାତ୍ରା ତଥା ଏବଂ ଉଚ୍ଚ ଆର୍ଦ୍ରତା ପ୍ରଭାବ ଲାଗି ରହିବ । ଏହାସହ ଆଗାମୀ ୪ରୁ ୫ ଦିନ ଯାଏଁ ଉଷ୍ମ-ଆର୍ଦ୍ର ପାଣିପାଗ ସ୍ଥିତି ରହିବାର ସମ୍ଭାବନା ରହିଛି ।

ସାଧାରଣ ଜନତାଙ୍କ ପାଇଁ ଉତ୍ତାପ ସହନଶୀଳ। କିନ୍ତୁ ସମ୍ବେଦନଶୀଳ ଲୋକଙ୍କ ପାଇଁ ସାମାନ୍ୟ ସ୍ୱାସ୍ଥ୍ୟ ଚିନ୍ତା ଯଥା: ଶିଶୁ, ବୃଦ୍ଧ, ଗର୍ଭବତୀ ମହିଳା ଏବଂ ଅସୁସ୍ଥ ବ୍ୟକ୍ତି । ଦିନର ଶିଖର ସମୟ (ପ୍ରାୟ ଦିନ ୧୧ ଟାରୁ ଅପରାହ୍ନ ୩ଟା) ପର୍ଯ୍ୟନ୍ତ ବାହାରକୁ ଯିବାବେଳେ ଗରମ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି । ପୂର୍ବାହ୍ନ ୧୧ ଟାରୁ ଅପରାହ୍ନ ୩ଟା ମଧ୍ୟରେ ନିର୍ବାଚନ ସମାବେଶକୁ ନ୍ୟାୟପୂର୍ଣ୍ଣ ଭାବରେ ନଜର ରଖିବା ଆବଶ୍ୟକ । ଆହୁରି ମଧ ଉଚ୍ଚ ଆର୍ଦ୍ରତା ଏବଂ ତାପମାତ୍ରା ଅଞ୍ଚଳରେ ଦୀର୍ଘ ସମୟ ଧରି ଏକ୍ସପୋଜର ନହେବା ସହିତ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି । ଗୃହ ପାଳିତ ପଶୁ ଏବଂ ପକ୍ଷୀମାନଙ୍କୁ ଶୀତଳ ଏବଂ ଛାଇ ସ୍ଥାନରେ ରଖନ୍ତୁ ଏବଂ ସେମାନଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା କରନ୍ତୁ ।

ଆସନ୍ତାକାଲି(ବୁଧବାର) ହିଟ୍ ୱେଭ୍ ନେଇ ମାଲକାନଗିରି, କୋରାପୁଟ, କନ୍ଧମାଳ, ଅନୁଗୋଳ, ନୟାଗଡ଼, ଖୋର୍ଦ୍ଧା, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଓ କଟକ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଭୁବନେଶ୍ୱର, କଟକ ଓ ଝାରସୁଗୁଡ଼ାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୪ ଡିଗ୍ରୀ ଛୁଇଁପାରେ । ମାଲକାନଗିରି, ପାରଳାଖେମୁଣ୍ଡି, ଟିଟିଲାଗଡ଼, ବଲାଙ୍ଗିର, ବୌଦ୍ଧ, ରାଉରକେଲା, ବାରିପଦା, ନୟାଗଡ଼, ଅନୁଗୋଳ ଓ ଭବାନୀପାଟଣାରେ ତାପମାତ୍ରା ୪୩ ଡିଗ୍ରୀ ରହିପାରେ। ନୂଆପଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ବାଲେଶ୍ୱର, କେନ୍ଦ୍ରାପଡ଼ା,ଜଗତସିଂହପୁର, ସୋନପୁର ଓ କେନ୍ଦୁଝରଗଡ଼ରେ ତାପମାତ୍ରା ୪୨ ଡିଗ୍ରୀ ରହିପାରେ ।

ଗ୍ରୀଷ୍ମ ଲହରୀ ନେଇ ୧୮ ତାରିଖ ପାଇଁ ମାଲକାନଗିରି, କୋରାପୁଟ, କନ୍ଧମାଳ, ବୌଦ୍ଧ, ଅନୁଗୋଳ, ନୟାଗଡ଼, ଢେଙ୍କାନାଳ, କଟକ, ଖୋର୍ଦ୍ଧା, ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଆଦି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଟିଟିଲାଗଡ଼ ଓ ବଲାଙ୍ଗିରର ତାପମାତ୍ରା ୪୫ ଡିଗ୍ରୀ ଛୁଇଁପାରେ । ଏହାସହିତ ଭୁବନେଶ୍ୱର, କଟକ, ବୌଦ୍ଧ, ଭବାନୀପାଟଣା, ଅନୁଗୋଳ ଓ ଝାରସୁଗୁଡ଼ାରେ ତାପମାତ୍ରା ୪୪ ଡିଗ୍ରୀ ରହିପାରେ । ମାଲକାନଗିରି, ପାରଳାଖେମୁଣ୍ଡି, ନୂଆପଡ଼ା, ସୋନପୁର, ସମ୍ବଲପୁର, ସୁନ୍ଦରଗଡ଼, ରାଉରକେଲା, ନୟାଗଡ଼, ବାରିପଦା, ଯାଜପୁର ଓ କେନ୍ଦ୍ରାପଡ଼ାରେ ତାପମାତ୍ରା ୪୩ ଡିଗ୍ରୀ ରହିପାରେ ।

ଡ୍ରାଇଭର...

ସ୍ଥିତିପ୍ରତି ଆଚାର୍ଯ୍ୟ, ଢେଙ୍କାନାଳ ଜିଲ୍ଲା ମହାଦିଆ ଗ୍ରାମର ଅବନୀ ରାଉତ, କଟକ ରୁ ଧରିତ୍ରୀ ସ୍ୱାଇଁ ଗୁରୁତର ଅବସ୍ଥାରେ ସମସ୍ତଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇ ଚିକିତ୍ସିତ କରାଯାଉଛି । ହାଇୱେ ହିପ୍ନୋସିସ୍ ଯୋଗୁଁ ଏଇ ଦୁର୍ଘଟଣା ଘଟି ଥାଇ ପାରେ ବୋଲି ସନ୍ଦେହ କରାଯାଉଛି । ଜରପଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

ରାଉରକେଲାରୁ...

ବିଜେପି ତାଙ୍କୁ ଲକ୍ଷ୍ମୀପୁର ଆସନରୁ ପ୍ରାର୍ଥୀ କରିଛି ।କୈଳାଶ କୁଲେସିକା କଂଗ୍ରେସ ଛାଡ଼ି ବିଜେଡିରେ ମିଶିଥିଲେ । କିନ୍ତୁ ଟିକେଟ ନ ମିଳିବାରୁ ସେ ବିଜେଡିରୁ ଇସ୍ତଫା ଦେଇଥିଲେ । ୨୦୧୪ରେ ସେ କଂଗ୍ରେସ ଟିକେଟରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ୨୦୧୯ରେ ସେ ହାରିଯାଇଥିଲେ । ଡମ୍ବରୁ ଶିଶାଙ୍କୁ ମଧ ବିଜେପି ଟିକେଟ ଦେଇଛ । ଗତ ମାସରେ ସେ ବିଜେଡି ଛାଡ଼ି ବିଜେପିରେ ଯୋଗ ଦେଇଥିଲେ । ୨୦୧୪ରେ ଡମ୍ବରୁ ଚିତ୍ରକୋଣ୍ଡା ଆସନରୁ ବିଜେଡି ଟିକେଟରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ୨୦୧୯ରେ ତାଙ୍କୁ ଦଳ ଟିକେଟ ଦେଇ ନଥିଲା । ବିଜେପି ତାଙ୍କୁ ଚିତ୍ରକୋଣ୍ଡା ଆସନରୁ ପ୍ରାର୍ଥୀ କରିଛି । ସେହିପରି ପାଟଣାରୁ ବିଜେପି ଅଖିଳ ଚନ୍ଦ୍ର ନାୟକଙ୍କୁ ପ୍ରାର୍ଥୀ କରିଥିବା ବେଳେ ସାରସକଣାରୁ ଭାଦବ ହାଁସଦା, ରାଇରଙ୍ଗପୁରରୁ ଜୋଲେନ ବାରଦା, ବାଙ୍ଗିରିପୋଷିରୁ ସଞ୍ଜଳି ମୁର୍ମୁ, କରଞ୍ଜିଆରୁ ପଦ୍ମଚରଣ ହାଇବ୍ରୁ, ଝରିଗାଁରୁ ନରସିଂହ ଭତ୍ରା, ଡାବୁଗାଁରୁ ସୋମନାଥ ପୂଜାରୀ, ରାଜନଗରରୁ ଲଳିତ ବେହେରା, ବାଲିକୁଦା ଏରସମାରୁ ସତ୍ୟସାରଥି ମହାନ୍ତି, ଜଗତସିଂହପୁରରୁ ଅମରେନ୍ଦ୍ର ଦାଶ, କାକଟପୁରରୁ ବାଇଧର ମଲ୍ଲିକ, ସାନଖେମୁଣ୍ଡିରୁ ଉତ୍ତମ ପାଣିଗ୍ରାହୀ, ମୋହନାରୁ ପ୍ରଶାନ୍ତ ମଲ୍ଲିକ, ବିଷମକଟକରୁ ଜଗନ୍ନାଥ ନୁଣ୍ଡୁକା, ରାୟଗଡ଼ାରୁ ବସନ୍ତ ଉଲାକା ଓ କୋଟପାଡ଼ରୁ ରୁପୁ ଭତ୍ରାଙ୍କୁ ପ୍ରାର୍ଥୀ କରିଛି । ଦୁଇଟି ପର୍ଯ୍ୟାୟରେ ବିଜେପି ମୋଟ ୧୩୧ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି । ଆହୁରି ୧୬ଟି ଆସନ ପାଇଁ ବିଜେପି ନାଁ ଘୋଷଣା କରି ନାହିଁ ।ଅନ୍ୟପକ୍ଷରେ ରାଜ୍ୟର ସମସ୍ତ ୨୧ଟି ଲୋକସଭା ଆସନ ପାଇଁ ଦଳ ପ୍ରାର୍ଥୀ ଘୋଷଣା କରିସାରିଛି ।

ବେଆଇନ୍...

କରିଥିଲା । ସେମାନଙ୍କୁ ପଚରାଉଚରା ବେଳେ ଜମନକିରା ଥାନା ବାସୁପାଲି ଗ୍ରାମର ବିଦ୍ୟାଧର ପ୍ରଧାନ(୫୬)ଙ୍କ ବନ୍ଧୁକ କାରଖାନା ସମ୍ପର୍କରେ ପୋଲିସ ସୂଚନା ପାଇଥିଲା । ସୂଚନା ଆଧାରରେ ପୋଲିସ ଚଢଉ କରିବା ସହ ଦେଶୀ ବନ୍ଧୁକ କାରଖାନା ଠାବ କରିଥିଲା । ଚଢଉ ବେଳେ ଗୋଟିଏ ଡବଲ ବ୍ୟାରେଲ ଓ ୨୧ଟି ସିଙ୍ଗଲ ବ୍ୟାରେଲ ବନ୍ଧୁକ ଜବତ ହୋଇଥିଲା । ଏଥିସହ ୨ଟି ମୋବାଇଲ ଫୋନ୍, ୩ଟି କାଠ ବଟ୍ , ୪ଟି ବ୍ୟାରେଲ , ମେସିନ୍ , ୩୦୦ଟି ଛରା ସହ ବନ୍ଧୁକ ତିଆରି ପାଇଁ ଆବଶ୍ୟକ ସାମଗ୍ରୀ ଜବତ ହୋଇଛି । ଅଭିଯୁକ୍ତ ବିଦ୍ୟାଧର ୨୦୧୬ମସିହାରେ ବେଆଇନ ବନ୍ଧୁକ ନିର୍ମାଣରେ ଗିରଫ ହୋଇଥିଲା । ସେହିପରି ଅନ୍ୟ ଅଭିଯୁକ୍ତ ଗଣେଷ ଓ ଅରୁଣଙ୍କ ନାମରେ ଜମନକିରା ଥାନାରେ ମାମଲା ରହିଛି । ତେବେ ବେଆଇନ ବନ୍ଧୁକ କାରବାର ଜିଲ୍ଲା ଭିତରେ ଚାଲିଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍ପି ହରେଶ ପାଣ୍ଡେ, କୁଚିଣ୍ଡା ଏସ୍ଡିପିଓ ଅମିତାଭ ପଣ୍ଡା, ସଦର ଏସ୍ଡିପିଓ ତୋଫାନ ବାଗ ଓ ଜମନକିରା ଥାନା ଅଧିକାରୀ ପଦ୍ମାଳୟା ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ଟ୍ରକ ଧକ୍କାରେ ୨ ମୃତ, ଜଣେ ଗୁରୁତର

କେନ୍ଦୁଝର, (ସ୍ୱପ୍ର) : କେନ୍ଦୁଝର ଟାଉନ ଥାନ ଧୂର୍ପଦା ନିକଟରେ ୨୦ ନଂ ଜାତୀୟ ରାଜପଥରେ ଟ୍ରକ ଧକାରେ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି।୨ ଜଣ ବ୍ୟକ୍ତି ଏକ ଦୋକାନ ନିକଟରେ ଛିଡା ହୋଇଥିବା ସମୟରେ ଭାରସାମ୍ୟ ହରାଇ ଏକ ଟ୍ରକ ମାଡ଼ିଯିବାରୁ ଦୁର୍ଘଟଣା ଘଟିଥିଲା।ଟ୍ରକଟି ଏକ ବାଇକକୁ ଧକ୍କା ଦେବାରୁ ବାଇକଟି ଜଳିପୋଡ଼ି ନଷ୍ଟ ହୋଇଯାଇଛି । ପୁଲିସର କହିବା ଅନୁଯାୟୀ ଗାଡ଼ିଟି ପ୍ରଥମେ ତାପସ ନାଏକ ନାମକ ଜଣେ କିନ୍ନରକୁ ଧକା ଦେଇ ପଳାଇ ଯାଉଥିବା ସମୟରେ ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିବା ଏକ ବାଇକ ଉପରେ ମାଡି ଯାଇଥିଲା। ଏଥିରେ ବାଇକରେ ଥିବା ଲାଲମୋହନ ବେହେରାଙ୍କ ସମେତ ତାପସ ନାଏକଙ୍କ ମୃତ୍ୟୁ ହୋଇଥିଲା। ବାଇକରେ ଥିବା ଅନ୍ୟ ଜଣେ ଆରୋହୀ ବାପି ବେହେରା ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇଛନ୍ତି। ସନ୍ଧ୍ୟା ହେବା ପରେ ବିଭିନ୍ନ ରାଜପଥରେ କିନ୍ନର ମାନଙ୍କ ପାଦୁର୍ଭାବ ଦିନକୁ ଦିନ ବଢ଼ିଚାଲିଥିବା ବେଳେ ସେମାନେ ବିଭିନ୍ନ ଗାଡ଼ି ମୋଟରକୁ ଅଟକାଉ ଥିବାବେଳେ ଏହି ଦୁର୍ଘଟଣା ମଧ ସେହି କାରଣରୁ ହୋଇଥିବା ଅନୁମାନ କରାଯାଉଛି।

ଧୀରେନ ନାୟକ ରାଜ୍ୟ ବିଜୁ ଯୁବ ଜନତା ଦଳ ସାଧାରଣ ସମ୍ପାଦକ

ବାଲେଶ୍ୱର, (ସବ୍ୟୁ) : ବିଜୁ ଜନତାଦଳ ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ବାଲେଶ୍ୱର ଜିଲ୍ଲାର ଜଣାଶୁଣା ଯୁବନେତା ଧିରେନ ନାୟକଙ୍କୁ ରାଜ୍ୟ ବିଜୁ ଯୁବ ଜନତା ଦଳର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦେଇଛନ୍ତି । ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏ ସମ୍ପର୍କରେ ଏକ ପ୍ରେସ୍ ବିବୃତ୍ତି ଜାରି କରି ଏହି ନିଯୁକ୍ତି କାର୍ଯ୍ୟକାରୀ ହେଲାବୋଲି ସୂଚନା ଦେଇଛନ୍ତି । ଶ୍ରୀ ନାୟକ ଏହାପୂର୍ବରୁ ବିଜୁ ଯୁବ ଜନତା ଦଳ ଓ ଜିଲ୍ଲାସ୍ତରରେ ବିଭିନ୍ନ ଦାୟିତ୍ୱ ସଫଳତାର ସହ ତୁଲାଇ ଆସୁଛନ୍ତି । ତାଙ୍କର ନୂତନ ନିଯୁକ୍ତିପରେ ଶ୍ରୀ ନାୟକ ରାଜ୍ୟ ସଭାପତି ନବୀନ ପଟ୍ଟନାୟକ, ୫ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିୟାନ, ବିଜୁ ଜନତାଦଳ ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବାଲେଶ୍ୱର ଜିଲ୍ଲା ପର୍ଯ୍ୟବେକ୍ଷକ ତଥା ମନ୍ତ୍ରୀ ପ୍ରତାପ କେଶରୀ ଦେବ, ଜିଲ୍ଲା ବିଜେଡ଼ି ସଭାପତି ତଥା ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ରାଜ୍ୟ ସଭା ସାଂସଦ ମାନସ ରଂଜନ ମଙ୍ଗରାଜ, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତ ରାୟ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସଙ୍କୁ ଧନ୍ୟବାଦ ଜଣାଇବା ସହ କୃତଜ୍ଞତା ପ୍ରଦାନ କରିଛନ୍ତି । ଦଳ ତାଙ୍କୁ ଯେଉଁ ଗୁରୁଦାୟିତ୍ୱ ଦେଇଛି ତାକୁ ସେ ସୂଚାରୁ ରୂପେ ପାଳନ କରିବେ ବୋଲି କହିଛନ୍ତି । ଶ୍ରୀ ନାୟକଙ୍କୁ ନୂତନ ଦାୟିତ୍ୱ ମିଳିବା ପରେ ଦଳର ଯୁବନେତା, କର୍ମୀମାନେ ତାଙ୍କୁ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ ।

ବେପରୁଆ ଗାଡି ଚାଳନା ହିଁ ବାରବାଟୀ ବସ ଦୁର୍ଘଟଣାର ମୁଖ୍ୟ କାରଣ

ଚଣ୍ଡିଖୋଲ,(ସବ୍ୟୁ) : ଯାଜପୁର ଜିଲ୍ଲାର ବାରବାଟି ଠାରେ ସୋମବାର ରାତିରେ ଘଟିଥିବା ମର୍ମନ୍ତୁଦ ବସ ଦୁର୍ଘଟଣାର ପ୍ରକୃତ କାରଣ ଏବେ ସ୍ପଷ୍ଟ ହୋଇଛି । ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଉଚ୍ଚସ୍ତରୀୟ ଅନୁଧ୍ୟାନ ପରେ ବସ ଡ୍ରାଇଭରର ବେପରୁଆ ଓ ତ୍ରୁଟିପୂର୍ଣ୍ଣ ଗାଡି ଚାଳନା ପାଇଁ ଏହି ହୃଦୟ ବିଦାରକ ଦୁର୍ଘଟଣା ଘଟିଥିବା ଜଣାପଡିଛି । ରାଜ୍ୟ ପରିବହନ ବିଭାଗ ଅତିରିକ୍ତ କମିଶନର ଲାଲମୋହନ ସେଠୀ ସିଧା ସଳଖ ଏହି ସୂଚନା ଦେଇଛନ୍ତି । ଶ୍ରୀ ସେଠୀଙ୍କ ସୂଚନା ଅନୁଯାଇ ଦୁର୍ଘଟଣା ଗ୍ରସ୍ତ କାଳିଆ ନନା ବସର ଆରସି, ପରମିଟ,ଫିଟନେସ ସହ ସମସ୍ତ କାଗଜପତ୍ର ଠିକଥିଲା । ଏପରିକି ୧୦ ଜଣ ସ୍ଲିପିଂ ଓ ଜଣେ ଡ୍ରାଇଭରକୁ ମିଶାଇ ମୋଟ ୫୧ ଜଣ ଯାତ୍ରା କରିବାକୁ ପରମିଟ ରହିଥିଲା ବେଳେ ତା'ଠାରୁ ୭ରୁ୮ଜଣ ଅଧିକ ଯାତ୍ରା

୪୯ ଆହତଙ୍କ ମଧ୍ୟରୁ, ୩୧ ଡିସ୍ଚାର୍ଜ

ଦୁର୍ଘଟଣା ସମୟରେ ବସର କୌଣସି ଯାନ୍ତ୍ରିକ ତ୍ରୁଟି କିମ୍ବା ରାସ୍ତାର ବୈଷୟିକ ତ୍ରୁଟି ପରିଲକ୍ଷିତ ହୋଇନଥିବା ଅନୁଧ୍ୟାନ ସମୟରେ ଦେଖାଯାଇଥିଲା ବୋଲି ଶ୍ରୀ ସେଠୀ ସ୍ପଷ୍ଟ କରିଛନ୍ତି । ତେବେ ଏହି ବସରେ ୪୦ଜଣ ସିଟିଂ, କରୁଥିବା ନେଇ ପରିବହନ ବିଭାଗର ପ୍ରାଥମିକ ଅନୁସଂନ୍ଧାନରୁ ଜଣାପଡିଛି । ଉକ୍ତ ବସଟି ଦ୍ରୁତଗତୀରେ ଯାତ୍ରା କରୁଥିଲାବେଳେ ଜାରକା ନିକଟ ବ୍ରାହ୍ମଣୀ ପୋଲ ଅତିକ୍ରମକରିବା ପରେ ବାରବାଟି ଛକ ନିକଟରେ ଅନ୍ୟ ଏକ ଗାଡିକୁ ଓଭରଟେକ କରିବା ସମୟରେ ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା । ରାସ୍ତା କଡ ବାଡାରେ ପିଟିହୋଇ ଓଭରବ୍ରିଜର ପ୍ରାୟ ୨୫ ଫୁଟତଳକୁ ଖସିପଡି ଚୁରମାର ହୋଇଯିବା ଫଳରେ ଘଟଣା ସ୍ଥଳରେ ୩ଜଣ ଓ ଧର୍ମଶାଳା ଡାକ୍ତରଖାନାରେ ଆଉ ଦୁଇ ଜଣ ଏପରି ମୋଟ ୫ଜଣଙ୍କର ମୃତ୍ୟୁ ଘଟିଥିଲା । ଏଥିସହ ମୋଟ ୪୯ଜଣ ଆହତ ହୋଇଥିଲେ । ଆହତଙ୍କ ମଧ୍ୟରୁ ୨୮ଜଣ ପୁରୁଷ,୧୬ଜଣ ମହିଳା ଓ ୫ଜଣ ଛୋଟପିଲା ରହିଥିବା ଜଣାପଡିଛି । ଏମାନଙ୍କ ମଧ୍ୟରୁ ୩ଜଣ ପ୍ରାଥମିକ ଚିକିତ୍ସା ପରେ ଧର୍ମଶାଳା ଡାକ୍ତରଖାନାରୁ ଘରକୁ ଫେରିଥିଲା ବେଳେ ଅନ୍ୟ ୪୬ ଜଣ ଆହତଙ୍କୁ ସୋମବାର ରାତିରେ ୧୬ଟି ଆମ୍ବୁଲାନ୍ସ ଯୋଗେ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ଆବସକୀୟ ଚିକିତ୍ସା ପରେ ସୁସ୍ଥତା ଅନୁଭବ କରିବାରୁ ୨୮ ଜଣଙ୍କୁ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ଡିସ୍ଚାର୍ଜ କରାଯାଇଛି! ଅବଶିଷ୍ଟ ୨୮ ଜଣ ଯାତ୍ରୀ ଏବେ ଗୁରୁଥର ଅବସ୍ଥାରେ କଟକ ମେଡିକାଲରେ ଚିକିତ୍ସାଧିନ ଲହିଛନ୍ତି ।

ବୃନ୍ଦାବତୀ ବିହାର ବିକାଶ ପରିଷଦ ଚଇତି ପର୍ବ ଉଦ୍ୟାପିତ

ବାଲେଶ୍ୱର,(ସବ୍ୟୁ) : ବାଲିଆ ସ୍ଥିତ ବୃନ୍ଦାବତୀ ବିହାର ବିକାଶ ପରିଷଦ ତରଫରୁ ମା ମଙ୍ଗଳାଙ୍କ ୧୬ତମ ବାର୍ଷିକ ଉତ୍ସବ ଓ ଚଇତି ପର୍ବ ପାଳିତ ହୋଇଯାଇଛି। ଏହି ଅବସରରେ ସହସ୍ରାଧିକ ଶ୍ରଦ୍ଧାଳୁ ପ୍ରସାଦସେବନ କରିଥିଲେ। ସନ୍ଧ୍ୟାରେ ପରିଷଦର ବାର୍ଷିକ ସାଧାରଣ ସଭା ହୋଇଥିଲାବେଳେ ଡ. ଉପେନ୍ଦ୍ର ନାଥ ପାତ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ କବି କାଳିପଦ ପଣ୍ଡା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସ୍ଥାନୀୟ ଅଧିବାସୀଙ୍କ ଏକତା ଓ ଭାଇଚାରାକୁ ସେ ପ୍ରଶଂସା କରିଥିଲେ। ସାଧାରଣ ସଂପାଦକ ଶ୍ୟାମସୁନ୍ଦର ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ଚିତ୍ରାଙ୍କନ ଓ ନୃତ୍ୟ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ତତ୍ସହିତ ସ୍ଥାନୀୟ ଶିଶୁ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଆନନ୍ଦ କୁମାର ଗିରି ଓ ମାନସ କୁମାର ଜେନା ମଞ୍ଚ ପରିଚାଳନା କରିଥିଲେ। ହରେକୃଷ୍ଣ ଗିରି ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦିବସବ୍ୟାପୀ କାର୍ଯ୍ୟକ୍ରମ ପରିଚାଳନାରେ ସୁସନ୍ଧ୍ୟା ସ୍ୱାଇଁ, ସ୍ୱପ୍ନା ଦାସ, କନକ ପାତ୍ର, ଚୁମ୍କି ଦାସ, ଅନୁ ପାଲ୍, ତ୍ରିଲୋଚନ ମହାନ୍ତି, ଶ୍ରୀମତୀ ମହାନ୍ତି, କାଞ୍ଚନବାଳା ପାତ୍ର, ମମତା ବିନ୍ଧାଣୀଙ୍କ ସମେତ ନିହାର ଦାସମହାପାତ୍ର, ବିଜୟ ମହାନ୍ତି, ଗିରିଜା ଶଙ୍କର ଆଚାର୍ଯ୍ୟ, ଅଞ୍ଜନ ଦାସ, ମନୋଜ ସାହୁ ପ୍ରଭୃତି ଅଂଶଗ୍ରହଣ କରିଥିଲେ। ସମାଜସେବୀ ଗୌରାଙ୍ଗ ପାଣିଗ୍ରାହୀ ଓ ସୁବଳ ଦାସ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। କୋଷାଧ୍ୟକ୍ଷ ଇଂ. ଡ. ଯଶୋବନ୍ତ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଆସନ୍ତା ସାଧାରଣ ନିର୍ବାଚନ

୨୪/୭ କଣ୍ଟ୍ରୋଲ ରୁମ୍ ଉପରେ ଗୁରୁତ୍ୱ

ବାଲେଶ୍ୱର,(ସବ୍ୟୁ) :ନିର୍ବାଚନ ପ୍ରକ୍ରିୟାର ଅଖଣ୍ଡତା ଓ ସ୍ୱଚ୍ଛତାକୁ ସୁନିଶ୍ଚିତ କରିବା ଓ ଭାରତୀୟ ନିର୍ବାଚନ ଆୟୋଗ ତଥା ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ୨୪/୭ ଇଣ୍ଟିଗ୍ରେଟେଡ କଣ୍ଟ୍ରୋଲ ରୁମ୍ ସ୍ଥାପନ କରାଯାଇଛି । ଆଗାମୀ ଏକକାଳୀନ ସାଧାରଣ ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଉଲଘଂନ ଉପରେ ନଜର ରଖିବା ପାଇଁ ଏହି ସମନ୍ୱିତ କକ୍ଷକୁ କାର୍ଯ୍ୟକାରୀ କରାଯାଉଛି । ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଆଶିଷ ଠାକେରରେ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କଣ୍ଟ୍ରୋଲ ରୁମ୍ଟି କାର୍ଯ୍ୟକାରୀ ହେଉଅଛି । ତାଲିମ ପ୍ରାପ୍ତ ଅଧିକାରୀଙ୍କ ଏକ ଦଳ ଦ୍ୱାରା ପରିଚାଳିତ ଏହି ନିୟନ୍ତ୍ରଣ କକ୍ଷ ନିର୍ବାଚନ ସମ୍ବନ୍ଧୀୟ ମାମଲାର ଏବଂ ତ୍ୱରିତ ଏବଂ ଦକ୍ଷ ସମାଧାନ ସୁନିଶ୍ଚିତ କରିବା ପାଇଁ ୨୪ ଘଣ୍ଟିଆ କଣ୍ଟୋଲ ରୁମ୍ କାର୍ଯ୍ୟ ତଦାରଖ ପାଇଁ ନିୟୋଜିତ କରାଯାଇଛି । ଏଥି ସହିତ ନିର୍ବାଚନ ସମ୍ବନ୍ଧୀୟ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ସୁଗମ ସମାଧାନ ପାଇଁ ଏକ ଟୋଲଫ୍ରି ହେଲ୍ପ ଲାଇନ୍ ୧୯୫୦ କାର୍ଯ୍ୟକାରୀ କରାଯାଉଛି । ଜନସାଧାରଣ ଏହି ନମ୍ବରକୁ ଯେକୌଣସି ସମୟରେ ଫୋନ କରି ନିଜର ଅଭିଯୋଗ, ସ୍ପଷ୍ଟୀକରଣ, ନିର୍ବାଚନ ସମ୍ବନ୍ଧୀୟ ପ୍ରକ୍ରିୟା ଏବଂ ଆବଶ୍ୟକତା ସମ୍ପର୍କରେ ମାର୍ଗଦର୍ଶନ ପାଇପାରିବେ । ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବା ପାଇଁ ଜନସାଧାରଣ ଏହି ଟୋଲଫ୍ରି ନମ୍ବରକୁ ବ୍ୟବହାର କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହି କଣ୍ଟ୍ରୋଲରୁମ୍ ଓ ଟୋଲଫ୍ରି ହେଲ୍ପ ଲାଇନ ନିର୍ବାଚନ ଅବଧି ସାରା କାର୍ଯ୍ୟକ୍ଷମ ରହିବ ବୋଲି ଜଣାପଡ଼ିଛି ।

କାହାଣୀକାର ନଟବର ରାଉଳଙ୍କ 'କାହାଣୀ କୁସୁମ' ଉନ୍ମୋଚିତ

ଭଣ୍ଡାରିପୋଖରୀ,(ସବ୍ୟୁ):ରସଦା ଭାଗବତ ଟୁଙ୍ଗୀ ପରିସରରେ କାହାଣୀକାର ନଟବର ରାଉଳଙ୍କ 'କାହାଣୀ କୁସୁମ' ଗୁରୁବାର ପାଠକାର୍ପିତ ହୋଇଯାଇଛି। ପବିତ୍ର ପାରାୟଣ ଉତ୍ସବ ଅବସରରେ ଶିକ୍ଷାବିତ ହରମୋହନ କୁଅଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଶିକ୍ଷାବିତ ଶ୍ରୀବତ୍ସ କରଶର୍ମା ମୁଖ୍ୟଅତିଥି, ମୁଖ୍ୟବକ୍ତା ଇଂ ଅଭୟ ସୂତାର, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସମୀକ୍ଷକ ପ୍ରାଧ୍ୟାପକ କ୍ଷୀରୋଦ କୁମାର ସାମଲ, ପ୍ରାଧ୍ୟାପିକା ପ୍ରଭାତ ନଳିନୀ ମହାପାତ୍ର, କବୟତ୍ରୀ ଗୀତାରାଣୀ ଆଇଚ, ଅବସରପ୍ରାପ୍ତ ଅଧ୍ୟକ୍ଷ ଡଃ ଅବନୀ ପ୍ରଧାନ, ସାହିତ୍ୟିକ କରୁଣାକର ବେହୁରିଆ, ଡା କିରଣ ଚନ୍ଦ୍ର ଗୁଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରୀ ରାଉଳଙ୍କ ସାରସ୍ୱତ ସାଧନା, ପୁସ୍ତକ ରଚନା ଓ ଆଧୁନିକତାବାଦ କାର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ତାଙ୍କର ନିରାମୟ ଜୀବନ କାମନା କରିଥିଲେ। ମୁଖ୍ୟଅତିଥି ଶ୍ରୀ କରଶର୍ମା ରାଉଳଙ୍କ ରଚିତ 'କାହାଣୀ କୁସୁମ' ପାଠକାର୍ପଣ କରିଥିବା ବେଳେ ସମୀକ୍ଷକ ଶ୍ରୀ ସାମଲ ପୁସ୍ତକର ସମୀକ୍ଷା କରିଥିଲେ। ଚରୟିତା ଶ୍ରୀ ରାଉଳ ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରି ସାହିତ୍ୟ ସର୍ଜନା ଜାରି ରଖିବେ ବୋଲି କହିଥିଲେ। ଏଠାରେ ପ୍ରକାଶ ଯୋଗ୍ୟ ଯେ ଶ୍ରୀ ରାଉଳ ହିନ୍ଦୀ ଶିକ୍ଷକରୁ ସେବା ନିବୃତ୍ତ ହେବା ପରେ ଏଯାବତ୍ ଗଳ୍ପ, କବିତା ଓ ହିନ୍ଦୀ ଆଦି ମୋଟ ୧୩ ଖଣ୍ଡ ପୁସ୍ତକ ରଚନା କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କବି ପୁରୁଷୋତ୍ତମ ଧଳ, କବି ରମାକାନ୍ତ ବେହେରା, ଶିକ୍ଷାବିତ ଅନାଦି ଚରଣ ବାରିକ ଉତ୍ସବରେ ଅଂଶଗ୍ରହଣ କରିଥିଲେ। କବି ଦାମୋଦର ନାୟକ ପ୍ରାରମ୍ଭିକ ସୂଚନା, ଅଧାପିକା ଯୋଗ୍ୟଶ୍ରୀ ସାମଲ ଅତିଥି ପରିଚୟ ଓ କବି ଜଗନ୍ନାଥ ସାମଲ ଧନ୍ୟବାଦ ଦେଇଥିଲେ।

ବିଶ୍ୱରେ ଶାନ୍ତିବାର୍ତ୍ତା ପ୍ରଚାର କରିବାକୁ ବାହାରିଲେ ପପୁ

ବାଲେଶ୍ୱର,(ସବ୍ୟୁ) : ପପୁ ଓରଫ କୃଷ୍ଣଚନ୍ଦ୍ର ଶତପଥୀ ନିଜ ଷ୍ଟାଇଲିଜ ବାଇକରେ ବିଶ୍ୱ ଭ୍ରମଣ କରିବାର ସିଦ୍ଧାନ୍ତ ନେଇଛନ୍ତି । ଅଦମ୍ୟ ସାହସ ଓ କିଛି ଗୋଟାଏ ନୂଆକରି ଦେଖାଇବାର ପ୍ରବଳ ଆଗ୍ରହ ତାଙ୍କୁ ବିଶ୍ୱରେ ଶାନ୍ତିର ବାର୍ତ୍ତା ପ୍ରଚାର କରିବାକୁ ପ୍ରୋତ୍ସାହନ ଦେଉଛି । ପ୍ରଥମେ ସାରା ଭାରତ, ପରେ ବାଲେଶ୍ୱରରୁ ପୂର୍ବ ଏସୀୟ ରାଷ୍ଟ୍ରକୁ ସେ ବାଇକରେ ପରିଭ୍ରମଣ କରିଥିଲେ । ଏଥର ସେ ନିଜ ବିଏମ୍ଡବ୍ଲ୍ୟୁ ବାଇକ ଧରି ବାହାରି ଯାଇଛନ୍ତି ୟୁନାଇଟେଡ୍ କିଙ୍ଗଡମ୍ର ରାଜଧାନୀ ଲଣ୍ଡନକୁ । ଭାରତରୁ ଚୀନ, ରାଜକାସ୍ଥାନ, ଆଜାରବୈଜାନ,ତୁରସ୍କ, ଇରାନ, ଇଟାଲୀ, ଜର୍ମାନୀ, ସ୍ପେନ୍, ନେଦରଲାଣ୍ଡ, ବୁଲଗେରିଆ ଭଳି ୩୦ଟି ରାଷ୍ଟ୍ର ବୁଲିବୁଲି ଶାନ୍ତିରବାର୍ତ୍ତା ପ୍ରଚାର କରିବେ ଏଥିଲାଗି ତାଙ୍କୁ ୧୦୦ଦିନରେ ୨୫ହଜାର କି.ମି. ରାସ୍ତା ଅତିକ୍ରମ କରିବାକୁ ପଡ଼ିବ । ମଙ୍ଗଳବାର ଦିନ ପପୁଙ୍କୁ ବିଦାୟ ଦେବା ଲାଗି ବାଲେଶ୍ୱର ସହରରେ ସଦର ବିଧାୟକ ସ୍ୱରୂପ କୁମାର ଦାସଙ୍କ ସମେତ ବହୁ ବାଇକ୍ ଆରୋହୀ, ବୁଲେଟ ରାଇଡର ସପ୍, ରୋଟାରୀ ଓ ଲାୟନ୍ସ କ୍ଲବର ସଦସ୍ୟମାନେ ଉପସ୍ଥିତ ଥିଲେ ।

ବିଭିନ୍ନ ଶକ୍ତିପୀଠ ଓ ପୂଜା ମଣ୍ଡପରେ ଚାଲିଛି ବାସନ୍ତୀକ ଦୁର୍ଗୋତ୍ସବ

ବାଲେଶ୍ୱର, (ସବ୍ୟୁ) :ପବିତ୍ର ବାସନ୍ତୀକ ଦୁର୍ଗୋତ୍ସବ ପାଇଁ ସହର ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳ ଉତ୍ସବ ମୁଖର ହୋଇଉଠିଛି । ବିଲ୍ୱାଥିବାସ ପରେ ବିଧି ପୂର୍ବକ ମହାସପ୍ତମୀରେ ସବୁଠି ଚାଲିଥିଲା ମାଙ୍କର ଆରାଧନା । ଜଗତଜନନୀ ମା ଦୁର୍ଗାଙ୍କର ଏହି ବାସନ୍ତୀକ ପୂଜାପାଇଁ ଜିଲ୍ଲାର ବିଭିନ୍ନ ଶକ୍ତିପୀଠ ଓ ସାର୍ବଜନୀନ ପୂଜାମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିବା ଦେଖିବାକୁ ମିଳିଛି । ମାଙ୍କ ମୃଣ୍ମୟ ମୂର୍ତ୍ତି ସାଙ୍ଗକୁ ସୁଦୃଶ୍ୟ ତୋରଣ ଓ ଆଲୋକମେଳା ପୂଜାମଣ୍ଡପକୁ ଝଲସାଇ ଦେଉଛି । ଶୁକ୍ରବାର ଦିନ ମାଙ୍କର ଘଟୋତ୍ତଳନ ପରେ ପୂଜାମଣ୍ଡପରେ ବିଧିବଦ୍ଧ ଭାବେ ମହା ସପ୍ତମୀ ପୂଜା ଆରମ୍ଭ ହୋଇଥିଲା। ବାଲେଶ୍ୱର ସହରର ନିଉମାର୍କେଟ କମ୍ପ୍ଲେକ୍ସ, ମାକଲପୁର, ଆଜିମାବାଦ, ନୂଆସାହି, ସହର ଉପକଣ୍ଠ ଇଶାଣୀ ପ୍ରଭୃତି ଅଞ୍ଚଳ ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ମାଙ୍କର ପୂଜା ଆରାଧନା ଚାଲିଛି । ତେବେ ସହରର ବିଭିନ୍ନ ସ୍ଥାନରେ ବାସନ୍ତୀ ପୂଜା କରାଯାଉଥିବା ବେଳେ ଫାଣ୍ଡିଛକ ସ୍ଥିତ ନିଉ ମାର୍କେଟ କମ୍ପ୍ଲେକ୍ସ ସାର୍ବଜନୀନ ବାସନ୍ତୀ ପୂଜା କମିଟି ପକ୍ଷରୁ ମଧ କରାଯାଉଛି । ସୋମବାର ଦିନ ଝାଡ଼େଶ୍ୱର ମନ୍ଦିର ପ୍ରାଙ୍ଗଣ ପୁଷ୍କରିଣୀରୁ ଘଟଉତ୍ତୋଳନ କରାଯାଇ ପୂଜା ମଣ୍ଡପକୁ ଅଣାଯିବା ପରେ ମହାସପ୍ତମୀ ପୂଜା କରାଯାଇଥିଲା। ମଙ୍ଗଳବାର ଦିନ ମାଙ୍କର ମହାଷ୍ଟମୀ ପୂଜା ସହିତ ସନ୍ଧି ପୂଜା କରାଯାଇଥିଲା । ଚଳିତ ବର୍ଷ ନିର୍ବାଚନ ପରିପ୍ରେକ୍ଷୀରେ ବିଭିନ୍ନ ଦଳର ପ୍ରାର୍ଥୀମାନେ ପୂଜା ମଣ୍ଡପ ବୁଲିବା ସହିତ ମାଙ୍କ ନିକଟରେ ପୂଜାର୍ଚ୍ଚନା କରି ମାଙ୍କ ଆଶିଷ ଭିକ୍ଷା କରିଥିଲେ । ବିଜୁ ଜନତା ଦଳର ସାଂସଦ ପ୍ରାର୍ଥୀନୀ ଲେଖାଶ୍ରୀ ସାମନ୍ତ ସିଂହାର, ସଦର ବିଧାୟକ ପ୍ରାର୍ଥୀ ସ୍ୱରୂପ କୁମାର ଦାସ, ବିଜେପି ସଦର ବିଧାୟକ ପ୍ରାର୍ଥୀ ମାନସ କୁମାର ଦତ୍ତ ପ୍ରମୁଖ ମାଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ । ବୁଧବାର ଦିନ ମାଙ୍କର ମହାନବମୀ ପୂଜା ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି । ଏଠାରେ ଉଲ୍ଲେଖଯୋଗ୍ୟ ନିଉମାର୍କେଟ କମ୍ପ୍ଲେକ୍ସର ବ୍ୟବସାୟୀମାନେ ପରସ୍ପର ମଧ୍ୟରେ ଭାଇଚାରା ଭାବ ବଜାୟ ରଖି ବାସନ୍ତୀକ ବାର୍ଷିକ ପୂଜା ଦୀର୍ଘ ୩୫ ବର୍ଷ ହେବ ପାଳନ କରି ଆସୁଛନ୍ତି ।

ମେ ୧୯ରୁ ଗଡ଼ଗଡ଼ିଆ ସାର୍ବଜନୀନ ଚନ୍ଦନ ଉତ୍ସବ

ବାଲେଶ୍ୱର (ସବ୍ୟୁ) : ପ୍ରୁଫରୋଡ୍ ଧାରରେ ଥିବା ଗଡ଼ଗଡ଼ିଆ ପୋଖରୀରେ ଚଳିତବର୍ଷ ୪୫ତମ ଚନ୍ଦନ ଉତ୍ସବ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ କମିଟିର ଆବାହକ ସୁବ୍ରତ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଏହି ଉତ୍ସବ ୪୫ ବର୍ଷରେ ପଦାର୍ପଣ କରୁଥିବାରୁ କମିଟି ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ କରାଯିବା ସହ ଚନ୍ଦନ ଉତ୍ସବକୁ ମହା ସମାରୋହରେ ପାଳନ କରାଯିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି । ଚଳିତବର୍ଷ ମେ ମାସ ୧୯ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ଏହି ଉତ୍ସବ ପାଳନ କରାଯିବା ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ୫ଦିନ ବ୍ୟାପୀ ଭଜନ ସମାରୋହ, ମେଲୋଡ଼ି ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ପରିପ୍ରେକ୍ଷୀରେ କମିଟିର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ସର୍ବସମ୍ମତି କ୍ରମେ ସୁଧାସିନ୍ଧୁ ପଣ୍ଡା ସଭାପତି, ବିଦ୍ୟାଧର ପଣ୍ଡା ସମ୍ପାଦକ, ହିମାଂଶୁ ଶେଖର ଦାସ କାର୍ଯ୍ୟକାରୀ ସଭାପତି, ଅମର କୁମାର ସେନ୍ କୋଷାଧ୍ୟକ୍ଷ, ପ୍ରଶାନ୍ତ କୁମାର ଦାସ ଯୁଗ୍ମ ସମ୍ପାଦକ ଭାବେ ମନୋନୀତ ହୋଇଥିଲେ । ବରିଷ୍ଠ ସଭ୍ୟ ଅନୁପ କୁମାର ଦାସ, ଗଜେନ୍ଦ୍ର ଦାସ, ଦୀପକ କୁମାର ଦାସ, ଅମୂଲ୍ୟ କୁମାର ସେଠୀ, ଶଶୀଭୂଷଣ ବେହେରା ଓ ଶ୍ରୀମନ୍ତ ମାଝୀଙ୍କୁ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ରୂପେ ଚୟନ କରାଯାଇଛି । ଆସନ୍ତା ରବିବାର ୨୧ ତାରିଖ ଦିନ ପରବର୍ତ୍ତୀ ବୈଠକ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି ।

ସାର୍ଟିଫିକେଟ ଓ ମାର୍କସିଟ୍

ମୁଁ କ୍ଷଣ ପ୍ରଭା ସାମଲ, ମାତା-ସୁଚିତ୍ରା ସାମଲ, ପିତା- ବସନ୍ତ କୁମାର ସାମଲ, ସା-ବାହାଦଲପୁର, ପ୍ଲଟ ନଂ.୨୪୨/୯୦୫, ପୋ-ସରକନ୍ତରା, ଥାନା-ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୧୦୧୯ର ବାସିନ୍ଦା ଅଟେ । ମୋର ମୂଳ ସାର୍ଟିଫିକେଟ ଏବଂ ମାର୍କସିଟ୍ ୨୫.୦୩.୨୦୨୪ ତାରିଖ ଦିନ ଭୁବନେଶ୍ୱରସ୍ଥିତ ଡୁମୁଡୁମାଠାରେ ହଜିଯାଇଛି । ବହୁ ଚେଷ୍ଟା ସତ୍ତ୍ୱେ ସେଗୁଡିକ ମିଳିପାରି ନାହିଁ । କୌଣସି ସହୃଦୟ ବ୍ୟକ୍ତି ଏହାର ସନ୍ଧାନ ପାଇଲେ ମୋବାଇଲ୍ ନଂ. ୯୬୭୮୭୮୨୭୮୦ରେ ଯୋଗାଯୋଗ କରିବାକୁ ଅନୁରୋଧ ।

ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧ ।

ଶ୍ରୀ ଲିଙ୍ଗରାଜଙ୍କ ରୁକୁଣା ରଥ ଗଡ଼ିଲା

ତାତି ସତ୍ତ୍ୱେ ରଥ ଟାଣିଲେ ଶ୍ରଦ୍ଧାଳୁ

ଭୁବନେଶ୍ୱର(ସବ୍ୟୁ): ପବିତ୍ର ଅଶୋକାଷ୍ଟମୀରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପ୍ରସିଦ୍ଧ ରୁକୁଣା ରଥଯାତ୍ରା । ଏଥପାଇଁ ଚଳଚଞ୍ଚଳ ପୂରା ଭୁବନେଶ୍ୱର । ମଙ୍ଗଳବାର ନିର୍ଦ୍ଧାରିତ ସମୟ ଅନୁଯାୟୀ ଭୋର ୫ଟାରୁ ମନ୍ଦିର ଦ୍ୱାର ଖୋଲାଯାଇ ନୀତିକାନ୍ତି କରାଯାଇଥିଲା । ଅନ୍ୟପକ୍ଷରେ ରୁକୁଣା ରଥ ପୂର୍ବରୁ ସୋମବାର ବିଳମ୍ବିତ ରାତିରେ ମରିଚିକୁଣ୍ଡ ଜଳ ନିଲାମ ହୋଇଛି । ମରିଚିକୁଣ୍ଡ ଜଳରେ ଆଜି ରଥ ପ୍ରତିଷ୍ଠା ହୋଇଛି । ତେବେ ପ୍ରବଳ ଗ୍ରୀଷ୍ମ ସତ୍ତ୍ୱେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ଲାଗିଥିଲା ଏବଂ ସେମାନେ ହର୍ଷ ଉଲ୍ଲାସ ସହିତ ରୁକୁଣା ରଥ ଟାଣିଥିଲେ ।

ଶୃଙ୍ଖଳିତ ରଥଟଣା ପାଇଁ କମିସନରେଟ ପୁଲିସ୍ ଓ ମନ୍ଦିର ପ୍ରଶାସନ ପକ୍ଷରୁ ସବୁପ୍ରକାର ପ୍ରସ୍ତୁତି କରାଯାଇଥିଲା । ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ୧୨ ପ୍ଲାଟୁନ ଫୋର୍ସ, ୨ ଜଣ ଅତିରିକ୍ତ ଡିସିପି, ୬ ଜଣ ଏସପି, ୧୫ ଜଣ ଇନିସପେକ୍ଟର ମୁତୟନ ହୋଇଥିଲେ । ଏହାସହ ୫୦ରୁ ଅଧିକ ସବଇନିସପେକ୍ଟର ଓ ଏଏସଆଇ ଏବଂ ଟ୍ରାଫିକ୍ ଅଧିକାର ନିୟୋଜିତ ଅଛନ୍ତି । ସେପଟେ ଖରା ଓ ହିଟୱେଭକୁ ଆଖିରେ ରଖି ଭକ୍ତଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା । ସମସ୍ତଙ୍କ ପାଇଁ ଆବଶ୍ୟକ ପିଇବା ପାଣି ବ୍ୟବସ୍ଥା ହୋଇଥିଲା । ଭକ୍ତଙ୍କ ଉପରେ ପାଣି ସ୍ପ୍ରେ କରିବା ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଥିଲା । ଶ୍ରୀ ଲିଙ୍ଗରାଜଙ୍କ ରଥଯାତ୍ରା ଦେଖିବାକୁ ଦୂର ଦୂରାନ୍ତରୁ ଆସିଥିଲେ ଭକ୍ତ । ରୁକୁଣା ରଥଯାତ୍ରା ଶ୍ରୀଲିଙ୍ଗରାଜଙ୍କର ଏକ ପ୍ରମୁଖ ବାର୍ଷିକ ଉତ୍ସବ ଯାହା ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରରେ ପାଳନ କରାଯାଇଥାଏ । ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଚୈତ୍ର ମାସ ଶୁକ୍ଳ ଅଷ୍ଟମୀ (ଅଶୋକାଷ୍ଟମୀ) ତିଥିରେ ଅନୁଷ୍ଠିତ ହୁଏ । ପ୍ରଭୁ ଲିଙ୍ଗରାଜଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର, ରୁକ୍ମଣୀ ଓ ବାସୁଦେବ ରଥ ଉପରେ ବିଜେ ହୁଅନ୍ତି । ରଥକୁ ଲିଙ୍ଗରାଜ ମନ୍ଦିରଠାରୁ ରାମେଶ୍ୱର (ମାଉସୀ ମା' ମନ୍ଦିର) ମନ୍ଦିର ପର୍ଯ୍ୟନ୍ତ ଟଣାଯାଏ । ଏହି ରଥଯାତ୍ରା ୫ ଦିନ ବ୍ୟାପୀ ଚାଲେ । ଏହି ରଥର ଉଚ୍ଚତା ୫୦ ଫୁଟ ଓ ୪ ଚକ, ୨ ଓରା, ୧୬ ନାହାକା, ୫ ଦଣ୍ଡା ବିଶିଷ୍ଟ । ରଥର ନାମ ରୁକ୍ମଣୀ ବା ରୁକୁଣା ରଥ । ଏହି ରଥଟିର ବିଶେଷତ୍ୱ ହେଉଛି ରଥଟି ଅଣଲେଉଟା । ଯେଉଁଭଳି ଭାବେ ରଥଟି ରାମେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଯାଇଥାଏ ଠିକ୍ ସେହିଭଳି ପୁନର୍ବାର ପଛକୁ ଫେରିଥାଏ । ଜଗନ୍ନାଥ ମହାପ୍ରଭୁଙ୍କ ପରି ରଥ ଦକ୍ଷିଣ ମୋଡ ବୁଲିନଥାଏ । ସେଥିପାଇଁ ଏହାକୁ ଅଣଲେଉଟା ବୋଲି କୁହାଯାଏ । ବାହୁଡ଼ା ଦିନ ରଥର ଆଗପାଖର ସାଜସଜ୍ଜାକୁ ବିପରୀତ ଦିଗରେ ଉପବେସନ କରାଯାଏ ।

ରୁକୁଣା ରଥର ସାରଥୀଙ୍କୁ କୁହାଯାଏ 'ବ୍ରହ୍ମା' । ରଥଖଳାରେ ରଥର ସମସ୍ତ କାର୍ଯ୍ୟ ମହାରଣାମାନେ କରିଥାନ୍ତି । ରଥଯାତ୍ରା ଭୋର ୪ଟାରୁ ମଙ୍ଗଳା ଆଳତୀ ଆରମ୍ଭ ହୋଇ ଅବକାଶ ନୀତି, ରୋଷପାକ, ସାହାଣ ମେଳା ଦର୍ଶନ, ମହାସ୍ନାନ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ବଲ୍ଲଭ ପୂଜା, ମା ଭୁବନେଶ୍ୱରୀଙ୍କ ପୂଜା, ସକାଳ ଧୂପ, ଭୋଗ ମଣ୍ଡପ, ବେଶ ସଜ୍ଜା ଓ ଦିନ ୨ଟା ସୁଦ୍ଧା ମହାପ୍ରଭୁ ଲିଙ୍ଗରାଜ, ବାସୁଦେବ ଓ ମା ଭୁବନେଶ୍ୱରୀ ବା ରୁକୁଣାଙ୍କ ପହଣ୍ଡି ହୋଇଥାଏ । ଏହାପରେ ରଥ ଉପରେ ଚକ ପୂଜା, ଅଖ ପୂଜା, ଦ୍ୱାରପୂଜା, ଅଶ୍ୱପୂଜା, ଧ୍ୱଜାପୂଜା, ବ୍ରହ୍ମାପୂଜା ଓ ଛେରାପହଁରା ପ୍ରଭୃତି ପ୍ରାୟ ୧୨ପ୍ରକାରର ପୂଜା କରାଯାଇଥିଲା ।

ପୌରାଣିକ କିମ୍ବଦନ୍ତୀ ଅନୁସାରେ ରାମଚନ୍ଦ୍ର ରାବଣକୁ ହତ୍ୟାକରି ମା' ସୀତାଙ୍କୁ ଉଦ୍ଧାର କରିଥିଲେ । ରାବଣ ବ୍ରାହ୍ମଣ ହୋଇଥିବାରୁ ରାମଚନ୍ଦ୍ରଙ୍କୁ ବ୍ରହ୍ମ ହତ୍ୟା ଦୋଷ ଲାଗିଥିଲା । ଏହି ପାପରୁ ମୁକ୍ତି ପାଇବା ପାଇଁ ଗୁରୁ ବଶିଷ୍ଠଙ୍କ କଥା ଅନୁସାରେ ପ୍ରଭୁ ଶ୍ରୀରାମଚନ୍ଦ୍ର ଏକାମ୍ର କ୍ଷେତ୍ରକୁ ଆସି ରାମେଶ୍ୱରଠାରେ ଶ୍ରୀଲିଙ୍ଗରାଜଙ୍କୁ ପୂଜାର୍ଚ୍ଚନା କରିଥିଲେ । ଏହି ଉପାସନାରେ ପ୍ରଭୁ ଲିଙ୍ଗରାଜ ସନ୍ତୁଷ୍ଟ ହେବା ପରେ ଲିଙ୍ଗରାଜଙ୍କୁ ରାମେଶ୍ୱର ମନ୍ଦିର ଆସିବାକୁ ରାମଚନ୍ଦ୍ର ବର ମାଗିଥିଲେ ।

ଶେଷରେ ଚୈତ୍ର ମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ତାଙ୍କୁ ଦର୍ଶନ ଦେବା ଲାଗି ଲିଙ୍ଗରାଜ ମହାପ୍ରଭୁ ରାମେଶ୍ୱର ମନ୍ଦିରକୁ ପାଞ୍ଚଦିନ ପାଇଁ ରଥଯାତ୍ରାରେ ଆସିଥାନ୍ତି । ରଥଯାତ୍ରାର ଆଉ ଏକ ବିଶେଷତ୍ୱ ମଧ୍ୟ ରହିଛି ଯେ, ମା ଭୁବନେଶ୍ୱରୀ ଏହିଦିନ ରଥରେ ମହାପ୍ରଭୁ ଲିଙ୍ଗରାଜଙ୍କ ସହ ସୁରାସରକୁ ବଧ କରିବା ପାଇଁ ଯାତ୍ରା କରିଥାନ୍ତି । ଉକ୍ତ ପ୍ରଥା ଓ ପରମ୍ପରା ଅନୁସାରେ ଏହି ରୁକୁଣା ରଥଯାତ୍ରା ହୋଇ ଆସୁଛି ।

ବସ୍ ଦୁର୍ଘଟଣାଗ୍ରସ୍ତ ପୀଡ଼ିତଙ୍କୁ ଏସସିବି ରେ ଭେଟିଲେ ସନ୍ତୃପ୍ତ

କଟକ (ସବ୍ୟୁ) ସୋମବାର ରାତିରେ କୁଆଖିଆ ବାରବାଟୀରେ ଘଟିଥିବା ବସ୍ ଦୁର୍ଘଟଣାଗ୍ରସ୍ତ ପୀଡ଼ିତଙ୍କୁ ମଙ୍ଗଳବାର କଟକ ବିଜେଡ଼ିର ଲୋକସଭା ପ୍ରାର୍ଥୀ ସନ୍ତୃପ୍ତ ମିଶ୍ର ଭେଟି ସେମାନଙ୍କୁ ସମବେଦନା ଜଣାଇଛନ୍ତି । ପୀଡିତ ମାନେ କିଭଳି ଉତ୍ତମ ଚିକିତ୍ସା ପାଇପାରିବେ ସେ ସଂକ୍ରାନ୍ତ ରେ ବିଭାଗୀୟ ଡାକ୍ତର ମାନଙ୍କୁ ପଚାରିଥିଲେ । ତାଙ୍କ ସହ ବିଧାୟକ ସୌଭିକ ବିଶ୍ୱାଳ, ସମାଜ ସେବୀ ତଥା ବିଜେଡି ନେତା ଶୋଭନ ମହାନ୍ତି ମଧ୍ୟ ସାମିଲ ଥିଲେ ।

ତିନି ଦଳ ପକ୍ଷରୁ ପ୍ରାର୍ଥୀ ଘୋଷଣା : ମଇଦାନକୁ ଓହ୍ଲାଇବା ରହିଛି ବାକି

ତାଳଚେର (ସବ୍ୟୁ) : ବହୁ ପୂର୍ବରୁ ବିଜେପିର ଢ଼େଙ୍କାନାଳ ସଂଶୋଦୀୟ କ୍ଷେତ୍ରର ପ୍ରାର୍ଥି ରୁଦ୍ରନାରାୟଣ ପାଣି ଓ ତାଳଚେର ବିଧାନସଭା କ୍ଷେତ୍ରର କାଳନ୍ଦୀ ସାମଲଙ୍କ ନାମ ଘୋଷଣା ପରେ ସେହିଭଳି ବିଜେଡ଼ି ପକ୍ଷରୁ ଢ଼େଙ୍କାନାଳ ସଂଶୋଦୀୟ କ୍ଷେତ୍ରର ପ୍ରାର୍ଥି ଅବିନାଶ ସାମଲ ଓ ତାଳଚେର ବିଧାନସଭା କ୍ଷେତ୍ରର ବିଧାୟକ ପ୍ରାର୍ଥି ବ୍ରଜ ପ୍ରଧାନ ଘୋଷଣା ହେବାପରେ ତାଳଚେର ରାଜନୀତିରେ କିଛି ମାତ୍ରାରେ କର୍ମୀଙ୍କ ଉତ୍ସାହ ବୃଦ୍ଧି ପାଇଥିଲା। ଏହାପରେ ଗତକାଲି କଂଗ୍ରେସ୍ ପକ୍ଷରୁ ଢ଼େଙ୍କାନାଳ ଲୋକସଭା ପ୍ରାର୍ଥିନୀ ଭାବେ ସସ୍ମିତା ବେହେରା ଓ ତାଳଚେର ବିଧାନସଭା କ୍ଷେତ୍ରର ପ୍ରାର୍ଥି ଭାବେ ପ୍ରଫୁଲ ଚନ୍ଦ୍ର ଦାସଙ୍କୁ ଦଳପକ୍ଷରୁ ଘୋଷଣା କରାଯିବାପରେ ଏବେ ତିନିଦଳ ମଧ୍ୟରେ କସରତ ଆରମ୍ଭ ହୋଇଗଲାଣି। ସବୁ ଦଳର ପ୍ରାର୍ଥି ପ୍ରାର୍ଥିନୀମାନେ ମା'ହିଙ୍ଗୁଳା ଦର୍ଶନ ପରେ ବିଭିନ୍ନ ଦେବାଳୟ ସ୍ଥାନ ଗୁଡ଼ିକୁ ଯାଇ ଆଶିର୍ବାଦ ଭିକ୍ଷା କରୁଥିବା ଦେଖିବାକୁ ମିଳିଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରାଙ୍କ ସୁପୁତ୍ରୀ କଂଗ୍ରେସ ପକ୍ଷରୁ ନୂତନଭାବେ ଢ଼େଙ୍କାନାଳ ସାଂସଦ ପ୍ରାର୍ଥିନୀ ନିର୍ବାଚନକୁ ଓହ୍ଲାଇଛନ୍ତି। ଏବଂ ପୂର୍ବରୁ ସେ ତାଳଚେର ବ୍ଲକ ଅଧକ୍ଷା ପରେ ଅନୁଗୋଳ ଜିଲ୍ଲାପରିଷଦ ଅଧକ୍ଷା ଭାବେ ରହି ରାଜନୈତିକ ଅଭିଜ୍ଞତା ହାସଲ କରିଥିଲେ। ସେହି ପରି ତାଳଚେର ବିଧାନସଭା କ୍ଷେତ୍ରର ପ୍ରଫୁଲ ଦାସ ନୂତନଭାବେ ନିର୍ବାଚନକୁ ଏଥର ଓହ୍ଲାଉଛନ୍ତି। ଏବଂ ସେ ପୂର୍ବରୁ ତାଳଚେରର ବିଭିନ୍ନ ସମସ୍ୟାକୁ ନେଇ ସ୍ୱର ଉତୋଳନ କରି ନିଜର ପରିଚୟ ସୃଷ୍ଟି କରିପାରି ଓ ଏହାକୁ ପାଥେୟକରି ରାଜନୀତି ମଇଦାନକୁ ଓହ୍ଲାଇଥିବା କୁହାଯାଉଛି। ସେହିପରି ବିଜେଡ଼ି ପକ୍ଷରୁ ନୂତନଭାବେ ଏଥର ଢ଼େଙ୍କାନାଳ ବିଧାନସଭା କ୍ଷେତ୍ରର ବିଧାୟକ ନିଧି ସାମଲଙ୍କ ପୁତୁରା ଉଦ୍ୟୋଗ ପତିରୁ ସିଧାସଳଖ ଭାବେ ରାଜନୀତି ମଇଦାନକୁ ଓହ୍ଲାଇଛନ୍ତି। ସେହିଭଳି ତାଳଚେର ତିନିଥର ବିଧାୟକ ଭାବେ ରହି ବ୍ରଜ ନିଜର ପରିଚୟ ସୃଷ୍ଟି କରିପାରି ଏଥର ମଧ୍ୟ ନିର୍ବାଚନକୁ ଓହ୍ଲାଇଛନ୍ତି।

ଲିଙ୍ଗରାଜ ମହୋତ୍ସବରେ ତ୍ରିଧାରା ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ଓଡ଼ିଶୀ ବନ୍ଦନା

ଡକ୍ଟର ଦୋଳଗୋବିନ୍ଦ ଶାସ୍ତ୍ରୀ ସାରସ୍ୱତ ସନ୍ଧ୍ୟା

ପ୍ରେମାନନ୍ଦଙ୍କୁ ଦୋଳଗୋବିନ୍ଦ ଶାସ୍ତ୍ରୀ ସାରସ୍ୱତ ସମ୍ମାନ

କଟକ, (ସ୍ୱପ୍ର): କଟକ ବିଜୁ ପଟ୍ଟନାୟକ ଛକ ସ୍ଥିତ ସାରଳା ଭବନଠାରେ ଡକ୍ଟର ଦୋଳଗୋବିନ୍ଦ ଶାସ୍ତ୍ରୀ ଫାଉଣ୍ଡେସନ ପକ୍ଷରୁ ଖ୍ୟାତନାମା ସାରସ୍ୱତ ସାଧକ ପ୍ରଫେସର ଦୋଳଗୋବିନ୍ଦ ଶାସ୍ତ୍ରୀଙ୍କ ସ୍ମୃତିରେ ଏକ ସାରସ୍ୱତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ବିଶିଷ୍ଟ ଶିକ୍ଷାବିତ୍ ଓ ଓଡ଼ିଶା ଲୋକସେବା ଆୟୋଗର ପ୍ରାକ୍ତନ ଅଧକ୍ଷ ପ୍ରଫେସର ଡକ୍ଟର ସତ୍ୟକାମ ମିଶ୍ର ଉଦ୍‌ଘାଟନ କରିଥିଲେ। ଫାଉଣ୍ଡେସନର ସଭାପତି ଡ. (ଇଂ) ପ୍ରଭାକର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ ଡକ୍ଟର ମଞ୍ଜୁଶ୍ରୀ ପଟ୍ଟନାୟକ, ବିଶିଷ୍ଟ ସାହିତ୍ୟିକ ଡକ୍ଟର ଧରଣୀଧର ନାଥ ସମ୍ମାନିତ ଅତିଥି ଓ ସାହିତ୍ୟିକ ଡକ୍ଟର ବିରଞ୍ଚି କୁମାର ସାହୁ ସମ୍ମାନିତ ବକ୍ତା ଭାବରେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଡକ୍ଟର ମିଶ୍ର କହିଲେ ଯେ ଓଡ଼ିଆ ସାରସ୍ୱତ ଜଗତକୁ ଡକ୍ଟର ଶାସ୍ତ୍ରୀଙ୍କର ଅବଦାନ ଅତୁଳନୀୟ। ନାଥ ସାହିତ୍ୟ ଉପରେ ତାଙ୍କର ଉଚ୍ଚାଙ୍ଗ ଗବେଷଣା ଆଗାମୀ ପିଢ଼ିପାଇଁ ଦିଗଦର୍ଶନ ହୋଇ ରହିବ। ସମ୍ମାନିତ ଅତିଥି ଡକ୍ଟର ମଂଜୁଶ୍ରୀ ପଟ୍ଟନାୟକ କହିଲେ ଦୋଳଗୋବିନ୍ଦ ବାବୁ ଜଣେ ମହାନ

ବିଦ୍ୱାନ ଥିଲେ। ଦୀର୍ଘ ଅର୍ଦ୍ଧଶତାବ୍ଦୀରୁ ଉର୍ଦ୍ଧ୍ୱକାଳ ଧରି ସାହିତ୍ୟ ମାଧ୍ୟମରେ ଓଡ଼ିଆ ଜାତୀୟ ଜୀବନକୁ ସମୃଦ୍ଧ କରିବାରେ ତାଙ୍କର ପ୍ରମୁଖ ଭୂମିକା ରହିଛି। ଅନ୍ୟତମ ସମ୍ମାନିତ ଅତିଥି ଡକ୍ଟର ନାଥ ଶାସ୍ତ୍ରୀଙ୍କ ଜୀବନୀ ଓ ସାହିତ୍ୟ କୃତି ଉପରେ ଆଲୋକପାତ କରିଥିଲେ। ସଭାପତି ଡକ୍ଟର ସ୍ୱାଇଁ ତାଙ୍କର ଅଭିଭାଷଣରେ କହିଲେ ଯେ ଡକ୍ଟର ଶାସ୍ତ୍ରୀ ଏକାଧାରରେ ଜଣେ ଉଚ୍ଚକୋଟିର ଗବେଷକ, ସାହିତ୍ୟ ସାଧକ, ସଂପାଦକ ଓ ସଂଗଠକ ଥିଲେ। ସମ୍ମାନିତ ବକ୍ତା ଡକ୍ଟର ସାହୁ କହିଲେ ଓଡ଼ିଆ ଓ ବଙ୍ଗଳା ଭାଷାରେ ଶାସ୍ତ୍ରୀଙ୍କର ଅସାଧାରଣ ପାଣ୍ଡିତ୍ୟ ଥିଲା। ଫାଉଣ୍ଡେସନର ସଂପାଦକ ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର ଚୌଧୁରୀ ସତ୍ୟ ଦାସ ସଂପାଦକୀୟ ବିବରଣୀ ପ୍ରଦାନ କରିଥିବା ବେଳେ ଉପସଭାପତି ନାଟ୍ୟକାର ସଂଜିତ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ବର୍ଦ୍ଧିତ ପ୍ରତିଭାଙ୍କ ଉଦ୍ଦେଶ୍ୟରେ ଡକ୍ଟର ମଂଜୁଶ୍ରୀ ଶାସ୍ତ୍ରୀ ମାନପତ୍ର ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ବର୍ଷାରାଣୀ ପୃଷ୍ଟି ଓ ମହାବିଦ୍ୟା ଚୌଧୁରୀ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ ।

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ନୂତନ କ୍ଷେତ୍ରୀୟ ମୁଖ୍ୟ

ଭୁବନେଶ୍ୱର (ସବ୍ୟୁ): ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆ, ଭୁବନେଶ୍ୱର କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ଶ୍ରୀଶ କୁମାର ଶର୍ମା କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ଶ୍ରୀ ଶର୍ମା ୧୯୯୨ ମସିହାରେ ନିଜର ବ୍ୟାଙ୍କିଙ୍ଗ୍ କ୍ୟାରିୟର ଆରମ୍ଭ କରିଥିଲେ। ସେ ଏହା ପୂର୍ବରୁ ୨୦୨୨-୨୩ ରେ ବିହାରର ଧାନବାଦ କ୍ଷେତ୍ରୀୟ କାର୍ଯ୍ୟାଳୟରେ କ୍ଷେତ୍ରୀୟ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ଶ୍ରୀ ଶର୍ମା ୨୦୨୩-୨୪ ରେ ପଶ୍ଚିମବଙ୍ଗ, କୋଲକାତା ଆଞ୍ଚଳିକ କାର୍ଯ୍ୟାଳୟରେ ସିଆଇଏ ରୂପେ କାର୍ଯ୍ୟ କରିବା ସହ ବିହାର, ରାଞ୍ଚି ଓ ଚଣ୍ଡିଗଡ ଆଦି ବିଭିନ୍ନ ସ୍ଥାନରେ ବିଭିନ୍ନ ପଦପଦବୀରେ

କାର୍ଯ୍ୟ କରି ବ୍ୟାପକ ଅଭିଜ୍ଞତା ହାସଲ କରିଛନ୍ତି । ତାଙ୍କର ୩୦ ବର୍ଷ କାର୍ଯ୍ୟକାଳ ମଧ୍ୟରେ ସେ ଗ୍ରାହକମାନଙ୍କ ସହ ପ୍ରତ୍ୟକ୍ଷ ସଂପର୍କ ସ୍ଥାପନ କରିପାରିଛନ୍ତି । କ୍ଷେତ୍ରୀୟ ମୁଖ୍ୟ ଭାବେ ସେ ତୃଣମୂଳ ସ୍ତରର ବିକାଶ ନିମନ୍ତେ ଏମ୍‌ଏସ୍‌ଏମ୍‌ଇ, ରିଟେଲ୍, ସ୍ୱୟଂ ସହାୟକ ଗୋଷ୍ଠୀ, ସିଡି ଅନୁପାତ, କାସା, ସାମାଜିକ ସୁରକ୍ଷା ଯୋଜନା, ସେ ୟୁପିଆଇ ଓ କେନ୍ଦ୍ର ଏବଂ ରାଜ୍ୟ ଅନୁମୋଦିତ ବିଭିନ୍ନ ସରକାରୀ ଯୋଜନାଗୁଡ଼ିକର ସଫଳ ରୂପାୟନ ଉପରେ ବିଶେଷ ଧ୍ୟାନ ଦେବେ ବୋଲି ପ୍ରକାଶ କରିଛନ୍ତି ।

ଏସ୍‌ସିବିରୁ ଫେରାର କଏଦୀର ଆତ୍ମହତ୍ୟା

କଟକ(ସବ୍ୟୁ): ଏସ୍‌ସିବି ମେଡିକାଲରୁ ଫେରାର ହୋଇଥିବା କଏଦୀ ଶୁକ୍ରା ମୁଣ୍ଡା ଯାଜପୁରରେ ଆତ୍ମହତ୍ୟା କରିଛି। ଯକ୍ଷ୍ମା ଓ ଛାତିରୋଗ ବିଭାଗରେ ଚିକିତ୍ସିତ ହେଉଥିବା ଶୁକ୍ରା ସୋମବାର ରାତିରେ ମେଡିକାଲରୁ ଫେରାର ହୋଇଥିଲା। ମଙ୍ଗଳବାର ସକାଳେ ଘଟଣା ଜଣା ପଡ଼ିବା ପରେ ତନାଘନା ହୋଇଥିଲା। କିନ୍ତୁ ଯାଜପୁର ଅଞ୍ଚଳରେ ଶୁକ୍ରାର ମୃତଦେହ ଝୁଲନ୍ତା ଅବସ୍ଥାରେ ମିଳିଥିଲା ବୋଲି ଏସ୍‌ସିବି ମେଡିକାଲ ଫାଣ୍ଡି ଅଧିକାରୀ ମାନେଶ୍ୱର ପ୍ରଧାନ ସୂଚନା ଦେଇଛନ୍ତି। ପାରିପାର୍ଶ୍ୱିକ ପରିସ୍ଥିତିରୁ ସେ ଆତ୍ମହତ୍ୟା କରିଛନ୍ତି ବୋଲି ଅନୁମାନ କରାଯାଉଛି। ତେବେ ଆତ୍ମହତ୍ୟାର କାରଣ ଜଣାପଡିନାହିଁ। ତାଙ୍କ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବଡ ମେଡିକାଲ ଅଣାଯାଇ ନାହିଁ ବୋଲି ଫାଣ୍ଡି ଅଧିକାରୀ ଜଣାଇଛନ୍ତି। ପ୍ରକାଶଯୋଗ୍ୟ, ଆଠଗଡ ରାଧାରମଣପୁର ସ୍ଥିତ ମଡେଲ କନଭିକ୍ଟ ଜେଲ୍‌ରେ ଶୁକ୍ରା ସଜା କାଟୁଥିଲା। ଗତବର୍ଷ ମଧ୍ୟ ତାର ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟିବାରୁ ବଡ ମେଡିକାଲ ଅଣାଯାଇଥିଲା। ସେତେବେଳେ ମଧ୍ୟ ସେ ଫେରାର ହୋଇ ଯାଇଥିଲା। ତେବେ ପୁଲିସ ତାକୁ ଧରିବାରେ ସଫଳ ହୋଇଥିଲା। ଗତ ଦୁଇ ମାସ ପୂର୍ବେ ପୁଣି ଥରେ ଅସୁସ୍ଥ ହୋଇ ପଡ଼ିଥିବା ଶୁକ୍ରାକୁ ବଡ ମେଡିକାଲ ଅଣାଯାଇଥିଲା।

ଜୀ-ସାର୍ଥକର 'ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ' ଡବଲ୍ସ ଲିଗ୍ ଗ୍ରାଣ୍ଡ ଫିନାଲେ ୨୮ରେ

ଭୁବନେଶ୍ୱର (ସବ୍ୟୁ): ଜୀ-ସାର୍ଥକ ସବୁବେଳେ ନୂଆ ନୂଆ ପ୍ରକାରରେ ରିୟାଲିଟି ଶୋ ମାଧ୍ୟମରେ ଓଡ଼ିଶାର ଦର୍ଶକମାନଙ୍କ ମନୋରଞ୍ଜନ କରିଆସିଛି । ପାରିବାରିକ ମେଗା ଧାରାବାହିକ ହେଉ କି ରିଆଲିଟି ଶୋ , ସବୁବେଳେ ଜୀ-ସାର୍ଥକ ଆଗରେ ରହିଛି । ଏଥର ମଧ୍ୟ କିଛି ନୂଆ କରିବା ଲକ୍ଷ୍ୟରେ ଦର୍ଶକଙ୍କର ଢେର ଭଲ ପାଇବା ସାଉଁଟିଥିବା 'ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ, ଡବଲ୍ସ ଲିଗ୍', ରୋମାଞ୍ଚକର ରିଆଲିଟି ଡ୍ୟାନ୍ସ ଶୋ ଗ୍ରାଣ୍ଡ ଫିନାଲେ ପର୍ଯ୍ୟାୟରେ ପହଁଚିଛି । ଯାହା ଆସନ୍ତା ଏପ୍ରିଲ ୨୮ ତାରିଖ ରବିବାର ସନ୍ଧ୍ୟା ୬:୩୦ ଟା ରେ ପ୍ରସାରଣ ହେବ । ଏହି ରୋମାଞ୍ଚକର ପ୍ରତିଯୋଗିତାରେ କଳାକାର ମାନଙ୍କୁ ଏବଂ ସେମାନଙ୍କର ପ୍ରଦର୍ଶନକୁ ଦର୍ଶକ ଯେଉଁ ଭଲପାଇବା ଦେଇଛନ୍ତି, ଆଜି ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ ୧ ନମ୍ବର ରିୟାଲିଟି ଶୋ ହୋଇପାରିଛି । ଜୀ-ସାର୍ଥକର ବିଭିନ୍ନ ମେଗା ଧାରାବାହିକରୁ ଲୋକପ୍ରିୟ ସେଲିବ୍ରେଟି ୧୨ଟି ଯୋଡି ପ୍ରତିସପ୍ତାହରେ ବିଭିନ୍ନ ନୃତ୍ୟ ଓ ମନୋରଞ୍ଜନ ପୂର୍ଣ୍ଣ ଖେଳ ମାଧ୍ୟମରେ ପରସ୍ପର ପ୍ରତିଦ୍ୱନ୍ଦ୍ୱିତା କରିଆସୁଛନ୍ତି । ସୁଜିତ ଓ ଚାନ୍ଦିନୀଙ୍କ ସଂଯୋଜନାରେ ପ୍ରସାରିତ ହେଉଥିବା ଏହି ଡ୍ୟାନ୍ସ ଲିଗରେ ଅଭିନେତା ଦେବାଶିଷ ପାତ୍ର ଏବଂ ଡ୍ୟାନ୍ସର ହରିହର ଦାଶ ଜୁରୀର ଆସନ ଅଳଙ୍କୃତ କରିଥିଲେ । କେବଳ ନୃତ୍ୟ ନୁହେଁ ବରଂ ବିଭିନ୍ନ ମନୋରଞ୍ଜନ ପୂର୍ଣ୍ଣ ଖେଳ ମଧ୍ୟ ଏହି ପ୍ରତିଯୋଗିତାର ଆକର୍ଷଣ ହୋଇଛି ।

ସରସ୍ୱତୀ ନାଏକଙ୍କ ପରଲୋକରେ ଶୋକସଭା

କଟକ, (ସ୍ୱପ୍ର) : ସ୍ଥାନୀୟ ୫୩ନଂ ୱାର୍ଡ ଅନ୍ଦରପୁରର ବାସିନ୍ଦା ନରେନ୍ଦ୍ର ନାଏକଙ୍କ ପତ୍ନୀ ସରସ୍ୱତୀ ନାଏକଙ୍କ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୭୭ ବର୍ଷ ବୟସ ହୋଇଥିଲା । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଥିଲା । ସୋମବାର ତାଙ୍କ ଦ୍ୱାଦଶାହରେ ବହୁ ବିଶିଷ୍ଟ ବ୍ୟକ୍ତି ସ୍ୱର୍ଗତାଃ ନାଏକଙ୍କ ଅନ୍ଦରପୁର ସ୍ଥିତ ବାସଭବନରେ ଉପସ୍ଥିତ ହୋଇ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସ୍ମୃତି ଚାରଣ କରିଥିଲେ । ଏହି ସ୍ମୃତି ଚାରଣ ସଭାରେ ସ୍ଥାନୀୟ ବିଧାୟକ ସୌଭିକ୍ ବିଶ୍ୱାଳ, ୱାର୍ଡ କର୍ପୋରେଟର ଅରବିନ୍ଦ ଜେନା ପ୍ରମୁଖ ସ୍ୱର୍ଗତାଃ ନାଏକଙ୍କ ସ୍ମୃତି

ଚାରଣ କରି ତାଙ୍କ ଗୁଣଗାନ କରିଥିଲେ । ଏହି ସ୍ମୃତି ଚାରଣ ସଭାରେ ସ୍ୱର୍ଗତାଃ ନାଏକଙ୍କ ପୁତ୍ର ଚନ୍ଦ୍ର ଶେଖର ନାଏକ, ରାଜ କିଶୋର ନାଏକ, ବ୍ରଜ କିଶୋର ନାଏକ, ବିଷ୍ଣୁ ଚରଣ ନାଏକ, ଚିତ୍ତ ରଞ୍ଜନ ନାଏକ, ମହେଶ୍ୱର ନାଏକଙ୍କ ସମେତ ପୁତ୍ରବଧୂ, ନାତି-ନାତୁଣୀ ଓ ଆତ୍ମୀୟ ସ୍ୱଜନମାନେ ଉପସ୍ଥିତ ଥିଲେ ।

ରୁନ୍ୟା ପକ୍ଷରୁ ଝାରସୁଗୁଡ଼ାରେ ଅତ୍ୟାଧୁନିକ କ୍ୟାଲସିୟମ ଆଲୁମିନେଟ ପ୍ଲାଣ୍ଟ

ଭୁବନେଶ୍ୱର (ସବ୍ୟୁ): ରୁନ୍ୟା ଆଜି ଝାରସୁଗୁଡାରେ ଏହାର ଅତ୍ୟାଧୁନିକ କ୍ୟାଲସିୟମ୍ ଆଲୁମିନେଟ ପ୍ଲାଂଟର ଉଦଘାଟନ ଘୋଷଣା କରିଛି । ଶିଳ୍ପାଂଚଳରେ ପରିବେଶ ନେତୃତ୍ୱ ତଥା ବୈଷୟିକ ପ୍ରଗତି ଦିଗରେ ରୁନ୍ୟାର ଯାତ୍ରାରେ ଏହି ଉନ୍ମୋଚନ ଏକ ପ୍ରମୁଖ ମୁହୂର୍ତ୍ତ ଅଟେ । ଏହାର ମୂଳରେ ସ୍ଥିରତା ବଜାୟ ରଖିବା ଓ ରୁନ୍ୟାର ସବୁଜ ଆଲୁମିନିୟମ୍ ପୁନରୁଦ୍ଧାର କାରଖାନା ଟେକ୍ନୋଲୋଜି-ସକ୍ଷମ ନବସୃଜନ କେନ୍ଦ୍ରରେ ଅବସ୍ଥାପିତ। ବାର୍ଷିକ ୧୨,୦୦୦ ମେଟ୍ରିକ୍ ଟନ୍ କ୍ଷମତା ସହିତ ଏହି ସୁବିଧା ଇସ୍ପାତ ଶିଳ୍ପରେ ଗ୍ରାହକଙ୍କୁ ସବୁଜ ପ୍ରିମିୟମ୍ ଉତ୍ପାଦ ବିତରଣ କରିବାକୁ ସକ୍ଷମ ହେବ। ସବୁଜ କଞ୍ଚାମାଲ ବିନିଯୋଗରେ ଏକ ବୃତାକାର ଅର୍ଥନୀତି ଆଡ଼କୁ ଅଗ୍ରସର ହେବା ସହିତ କାର୍ବନ ଫୁଟ ପ୍ରିଂଟକୁ କମ କରିବ। କ୍ୟାଲସିୟମ ଆଲୁମିନିୟମ ପ୍ଲାଣ୍ଟ ରୁନ୍ୟାର ଗ୍ରୀନ ଆଲୁମିନିୟମ ପୋର୍ଟଫୋଲିଓର ଏକ ରଣନୀତିକ ବିସ୍ତାରକୁ ପ୍ରତିପାଦିତ କରେ। ଆର୍ଥିକ ବର୍ଷ ୨୫ରେ ୧୦୦ ପ୍ରତିଶତ ସବୁଜ ଏବଂ ଅକ୍ଷୟ ଶକ୍ତି ଉତ୍ସ ଉପରେ କାର୍ଯ୍ୟ କରିବାକୁ, ଏହି ସୁବିଧା ଶିଳ୍ପ ମଧ୍ୟରେ ସ୍ଥିରତା ପାଇଁ ଏକ ନୂତନ ମାନଦଣ୍ଡ ସ୍ଥିର କରିଛି । ଅନନ୍ୟା ଅଗ୍ରୱାଲ, ସିଇଓ ତଥା ରୁନ୍ୟାର ସହପ୍ରତିଷ୍ଠାତା କହିଛନ୍ତି ଯେ ରୁନ୍ୟାରେ ଆମେ ସବୁବେଳେ ନୂତନତା ଓ ସ୍ଥିରତା ଉପରେ ଗୁରୁତ୍ୱ ଦେଇଥାଉ। ଆମର କ୍ୟାଲସିୟମ ଆଲୁମିନେଟ ପ୍ଲାଂଟ ଶୁଭାରମ୍ଭ ହେଉଛି ଧାତୁ ଶିଳ୍ପରେ ପରିବେଶ ଅନୁକୂଳ ସମାଧାନ ଲାଗି ଆମ ପ୍ରତିବଦ୍ଧତାର ପ୍ରମାଣ।

ଇକ୍ୱିଟି ସେୟାର ଆବଣ୍ଟନ କରିଛି ବିକାଶ ଲାଇଫ୍‌କେୟାର

ଭୁବନେଶ୍ୱର (ସବ୍ୟୁ): ଏପ୍ରିଲ ୫ ତାରିଖରେ ଆୟୋଜିତ ବିକାଶ ଲାଇଫ୍‌କେୟାର ଲିମିଟେଡ (ଭିଏଲ୍‌ଏଲ୍)ର ବୋର୍ଡ ବୈଠକରେ କମ୍ପାନୀ ଶ୍ରେଷ୍ଠା ଫିନ୍‌ଭେଷ୍ଟ ଲିମିଟେଡକୁ ୱାରେଂଟ୍ର କନ୍‌ଭର୍ସନ ବିରୋଧରେ ଇକ୍ୱିଟି ସେୟାର ଆବଂଟନ କରିଛି। ବିକାଶ ଲାଇଫକେୟାର ଲିମିଟେଡ ୫୨୦,୦୦,୦୦୦ ୱାରେଂଟ କନ୍‌ଭର୍ଟ କରିଥିବା ବେଳେ ସମାନ ସଂଖ୍ୟକ ଇକ୍ୱିଟି ସେୟାର ଆବଂଟନ କରିଛି। ନିକଟରେ ବିକାଶ ଲାଇଫ୍‌କେୟାର ଲିଃ ଘୋଷଣା କରିଥିଲା ଯେ, କମ୍ପାନୀ ବେଂଚ୍‌ମାର୍କ ନ୍ୟୁଜ ଲ୍ୟାବ ପ୍ରାଇଭେଟ ଲିମିଟେଡରେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଅଧିଗ୍ରହଣ କରିଛି।

VIKAS LIFECARE LIMITED

କମ୍ପାନୀ ଲୋକପ୍ରିୟ ନ୍ୟୁଜ୍ ଚ୍ୟାନେଲ ଭାରତ ଏକ୍ସପ୍ରେସ ନ୍ୟୁଜ୍‌ରେ ୭.୫% ଇକ୍ୱିଟି ଅଧିଗ୍ରହଣ କରିବା ପାଇଁ ମୋଟ ୧୫୦ ମିଲିୟନ ଟଙ୍କା ନିବେଶ କରିଛି। କମ୍ପାନୀ ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ଭେଂଚର ଓ ସମ୍ବନ୍ଧିତ ଶିଳ୍ପରେ ନିଜର ଅଂଶ ବୃଦ୍ଧି କରିପାରେ । ସମ୍ପ୍ରସାରଣ ଯୋଜନାକୁ ଅନୁସରଣ କରି ଓ ନିଜର ବ୍ୟବସାୟିକ ଆଗ୍ରହକୁ ବ୍ୟାପକ କରିବା ପାଇଁ ବିକାଶ ଲାଇଫ୍‌କେୟାର ନିକଟରେ ମିଡିଆ ଓ ମନୋରଞ୍ଜନ ବ୍ୟବସାୟ ଶିଳ୍ପରେ ପ୍ରବେଶ କରିଥିଲା ଏବଂ ଏହା ଅଧିଗ୍ରହଣ ଓ ମିଶ୍ରଣ ମାଧ୍ୟମରେ ଶିଳ୍ପରେ ନିଜର ମଜଭୁତ ଉପସ୍ଥିତି ପାଇଁ ବିଭିନ୍ନ ବିକଳ୍ପର ଅନ୍ୱେଷଣ କରୁଛି ।

‘କଂଗ୍ରେସ ଚାହେଁ ବିଜେପି ବିଜୟୀ ହେଉ’ : ଗୁଲାମ ନବୀ



ନୂଆଦିଲ୍ଲୀ: ‘ବେଳେ ବେଳେ ମୋତେ ଲାଗେ କଂଗ୍ରେସ ଚାହେଁ ବିଜେପି ବିଜୟୀ ହେଉ’ ଜମ୍ମୁ ଓ କଶ୍ମୀରର ଡୋଡାରେ ଏକ ସାଧାରଣ ସଭାରେ ଏ କଥା କହିଛନ୍ତି ପୂର୍ବତନ କଂଗ୍ରେସ ନେତା ତଥା ଡେମୋକ୍ରାଟିକ୍ ପ୍ରୋଗ୍ରେସିଭ୍ ଆଜାଦ ପାର୍ଟି ସଭାପତି ଗୁଲାମ ନବୀ ଆଜାଦ ।

ସେ କହିଛନ୍ତି, ବେଳେ ବେଳେ ମୁଁ ସନ୍ଦେହ କରେ ଯେ ବିଜେପି ସହିତ କଂଗ୍ରେସ ମିଶି ଯାଇଛି । କଂଗ୍ରେସରେ ଥିବା ବ୍ୟବସ୍ଥାକୁ ପରିବର୍ତ୍ତନ କରିବାକୁ ୨୩ ଜଣ ନେତା ଲଢ଼େଇ କରିଥିଲେ । କିନ୍ତୁ ଦଳର ନେତୃତ୍ୱ ସେମାନଙ୍କ କଥା ଶୁଣି ନଥିଲେ । ଯେତେବେଳେ ପ୍ରସଙ୍ଗଗୁଡ଼ିକୁ ଉଠାଗଲା, ସେତେବେଳେ ସେମାନେ (କଂଗ୍ରେସ ନେତୃତ୍ୱ) କହିଲେ ଯେ ସେମାନେ (୨୩ ନେତା) ବିଜେପିର ଭାଷା କହୁଛନ୍ତି । ବେଳେ ବେଳେ ମୁଁ ଅନୁଭବ କରେ ସେମାନେ (କଂଗ୍ରେସ) ଚାହାଁନ୍ତି ଯେ ବିଜେପି ବିଜୟୀ ହେଉ ।

ଗୁଲାମ ନବୀ ଆଜାଦ ଆହୁରି କହିଛନ୍ତି, ଏହି ଅଞ୍ଚଳ ପାଇଁ ତଥା ସାରା ଦେଶ ପାଇଁ ଗରିବୀ, ବେକାରୀ ଓ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ହେଉଛି ପ୍ରସଙ୍ଗ । ଯେ କୌଣସି ଦଳ କ୍ଷମତାକୁ ଆସନ୍ତୁ ସେମାନଙ୍କ ପାଇଁ ଗରିବୀ ଓ ବେକାରୀ ଦୂର କରିବା ସବୁଠୁ ବଡ଼ ପ୍ରସଙ୍ଗ । ତା’ସହିତ ମୁଦ୍ରାସ୍ଫୀତି ହ୍ରାସ କରିବା ସେମାନଙ୍କ ପାଇଁ ବଡ଼ ପ୍ରସଙ୍ଗ । ଧର୍ମ ଆଧାରରେ ନୁହେଁ, ବିକାଶ ଆଧାରରେ ନିର୍ବାଚନ ଲଢ଼ାଯାଏ ।

ବିଚ୍ଛିନ୍ନତାବାଦୀଙ୍କ ସମେତ ସମସ୍ତ ରାଜନୀତିକ ଦଳକୁ ସମାଲୋଚନା କରି ଗୁଲାମ ନବୀ ଆଜାଦ କହିଛନ୍ତି ଯେ ଏହି ରାଜନେତାମାନଙ୍କ ଯୋଗୁ ଜମ୍ମୁ ଓ କଶ୍ମୀରରେ ଏକ ଲକ୍ଷ ଲୋକଙ୍କୁ ହତ୍ୟା କରାଯାଇଛି । ଏହା ସହିତ ସେ ମୁଖ୍ୟମନ୍ତ୍ରୀ ଥିବା ସମୟରେ ଜମ୍ମୁ ଓ କଶ୍ମୀରରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକୁ ଲୋକେ ମନେ ରଖିବା ଉଚିତ ବୋଲି ସେ କହିଛନ୍ତି ।

ଦେଶର ଅନ୍ୟ ସବୁ ଅଞ୍ଚଳ ପରି ଜମ୍ମୁ ଓ କଶ୍ମୀରରେ ମଧ୍ୟ ଏଥର ଲୋକସଭା ନିର୍ବାଚନ ଅନୁଷ୍ଠିତ ହେବ । ଉଧମପୁର ଆସନ ପାଇଁ ଏପ୍ରିଲ ୧୯ରେ ଭୋଟ୍ ଗ୍ରହଣ ହେବାକୁ ଥିବା ବେଳେ ଜମ୍ମୁ ପାଇଁ ଏପ୍ରିଲ ୨୬, ଅନନ୍ତନାଗ-ରଜୌରୀ ପାଇଁ ମେ’ ୭, ଶ୍ରୀନଗର ପାଇଁ ମେ’ ୧୩ ଓ ବାରାମୂଲା ପାଇଁ ମେ’ ୨୦ରେ ଭୋଟ୍ ଗ୍ରହଣ ହେବ ।

ଏପ୍ରିଲ ୧୯ରେ ୧୦୨ ଲୋକସଭା ଆସନରେ ହେବ ନିର୍ବାଚନ

ନୂଆଦିଲ୍ଲୀ : ଲୋକସଭା ନିର୍ବାଚନ ଆରମ୍ଭ ହେବାକୁ ଆଉ ମାତ୍ର ୨ ଦିନ ବାକି ରହିଛି । ସାରା ଦେଶରେ ପ୍ରଥମ ପର୍ଯ୍ୟାୟରେ ୧୦୨ ଲୋକସଭା ଆସନ ପାଇଁ ଏପ୍ରିଲ ୧୯ ତାରିଖରେ ଭୋଟ ଗ୍ରହଣ ହେବ । ଏହାକୁ ନେଇ ଏବେ ରାଜନୀତି ବେଶ୍ ସରଗରମ ରହିଛି । ସମସ୍ତ ରାଜନୈତିକ ଦଳ ନିର୍ବାଚନ ପ୍ରଚାର ନେଇ ପୁରା ଶକ୍ତି ପ୍ରଦର୍ଶନ କରିବାରେ ଲାଗିଛନ୍ତି ।

ଚଳିତ ଥର ଲୋକସଭା ନିର୍ବାଚନ ୭ ଟି ପର୍ଯ୍ୟାୟରେ ହେବାକୁ ଯାଉଛି । ପ୍ରଥମ ପର୍ଯ୍ୟାୟରେ ୨୧ ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୧୦୨ ଟି ଲୋକସଭା ଆସନ ପାଇଁ ଭୋଟ ଗ୍ରହଣ ହେବ । ଦ୍ୱିତୀୟ ପର୍ଯ୍ୟାୟ ଏପ୍ରିଲ ୨୬ ତାରିଖ, ତୃତୀୟ ପର୍ଯ୍ୟାୟ ମେ’୭ ତାରିଖ, ଚତୁର୍ଥ ପର୍ଯ୍ୟାୟ ମେ’୧୩ ତାରିଖ, ପଞ୍ଚମ ପର୍ଯ୍ୟାୟ ମେ’୨୦ ତାରିଖ, ଷଷ୍ଠ ପର୍ଯ୍ୟାୟ ମେ’ ୨୫ ତାରିଖ ଓ ଶେଷ ପର୍ଯ୍ୟାୟ ଜୁନ ପହିଲାରେ ଭୋଟ ଗ୍ରହଣ ହେବ ।

ପ୍ରଥମ ପର୍ଯ୍ୟାୟରେ ଆଣ୍ଡାମାନ ଓ ନିକୋବର ଦୀପ ସମୁହ, ଲକ୍ଷ୍ୟଦୀପ, ଜମ୍ମୁ-କାଶ୍ମୀର, ଛତିଶଗଡ, ମିଜୋରମ, ନାଗାଲାଣ୍ଡ, ପୁଡୁଚେରୀ ଓ ସିକ୍କିମରେ ଭୋଟ ଗ୍ରହଣ ହେବ । ଉପରଲିଖିତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଗୋଟିଏ ଗୋଟିଏ ଲୋକସଭା ଆସନ ପାଇଁ ଭୋଟ ଗ୍ରହଣ କରାଯିବ । ଯଦି ରାଜ୍ୟ କଥା ବିଚାରକୁ ନିଆଯିବ ତେବେ ପ୍ରଥମ ପର୍ଯ୍ୟାୟରେ ବିହାରର ୪ଟି ଆସନ, ମଧ୍ୟପ୍ରଦେଶର ୬ଟି ଆସନ, ରାଜସ୍ଥାନର ୧୧ଟି ଆସନ, ଉତ୍ତରାଖଣ୍ଡର ୫ଟି ଲୋକସଭା ଆସନ ପାଇଁ ଭୋଟ ଗ୍ରହଣ ହେବ । ପଶ୍ଚିମବଙ୍ଗର ୩ ଆସନ, ତ୍ରିପୁରାର ଗୋଟିଏ ଆସନ ଓ ଉତ୍ତର ପ୍ରଦେଶର ୮ଟି ଆସନ ପାଇଁ ଭୋଟ ଗ୍ରହଣ ହେବ । ଅନ୍ୟପଟେ ତାମିଲନାଡୁର ୩୯ଟି ଆସନ ପାଇଁ ମଧ୍ୟ ପ୍ରଥମ ପର୍ଯ୍ୟାୟରେ ଭୋଟ ଗ୍ରହଣ ହେବ ।

ପ୍ରଥମ ପର୍ଯ୍ୟାରେ ଏହିସବୁ ବରିଷ୍ଠ ନେତାଙ୍କ ଭାଗ୍ୟ ପରୀକ୍ଷା ହେବାକୁ ଯାଉଛି । ଯାହା ମଧ୍ୟରେ ରହିଛନ୍ତି ଲୋକ ଜନଶକ୍ତି ପାର୍ଟିର ଚିରାଗ ପାସୱାନ, କମଲନାଥଙ୍କ ପୁଅ ନକୁଲ ନାଥ, ତାମିଲନାଡୁ ବିଜେପି ମୁଖ୍ୟ ଆନ୍ନାମଲାଇ, ତେଲେଙ୍ଗାନାର ପୂର୍ବ ରାଜ୍ୟପାଳ ତାମିଲସାଇ ସୁନ୍ଦରରାଜନ, କାନିମୋଝୀ, ଜିତିନ ପ୍ରସାଦ ନିସିଥ୍ ପରମାଣିକ ।

ସବୁଠାରୁ ବଡ଼ ଦୁର୍ନୀତିର ଓକିଲାତି କରୁଛନ୍ତି ପ୍ରଧାନମନ୍ତ୍ରୀ: ରାହୁଲ

ନୂଆଦିଲ୍ଲୀ: ନିର୍ବାଚନୀ ବଣ୍ଡ ପ୍ରସଙ୍ଗରେ ପୁଣିଥରେ ସିଧାସଳଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରିଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧି । ସବୁଠାରୁ ବଡ଼ ଦୁର୍ନୀତି କାଣ୍ଡକୁ ଠିକ ବୋଲି ପ୍ରମାଣିତ କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦି ଚେଷ୍ଟା କରୁଛନ୍ତି ବୋଲି ରାହୁଲ କହଛନ୍ତି ।

କୋଝିକୋଡରେ ଗୋଟିଏ ନିର୍ବାଚନ ରାଲିକୁ ସମ୍ବୋଧନ କରି ରାହୁଲ କହିଛନ୍ତି, ଆପଣମାନେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଇଣ୍ଟରଭ୍ୟୁ ଏଏନ୍ଆଇରେ ଦେଖିଛନ୍ତି କି ନାହିଁ, ଜାଣିନି । ଆପଣମାନେ ତାଙ୍କ ଆଖି, ମୁହଁକୁ ମାର୍କ କରିଛନ୍ତି କି ନାହିଁ, ସେକଥା ମଧ୍ୟ ଜାଣିନି ।

କିନ୍ତୁ ସେ ସବୁଠାରୁ ବଡ଼ ଦୁର୍ନୀତିକୁ ଠିକ ବୋଲି ପ୍ରମାଣିତ କରିବାକୁ ଚେଷ୍ଟା କରିଛନ୍ତି । ପୃଥିବୀର ସବୁଠାରୁ ବଡ଼ ଦୁର୍ନୀତି ଜରିଆରେ ବିଜେପି ଭାରତୀୟ ବ୍ୟବସାୟୀଙ୍କ ଠାରୁ ହଜାର ହଜାର କୋଟି ଟଙ୍କା ଲୁଟ କରିଛି ।

ଗତକାଲି ଏଏନ୍ଆଇକୁ ମୋଦି କହିଥିଲେ ଯେ ନିର୍ବାଚନରେ କଳା ଟଙ୍କାର ବ୍ୟବହାରକୁ ରୋକିବା ପାଇଁ ନିର୍ବାଚନୀ ବଣ୍ଡ ଆସିଥିଲା । ଏଥିରେ ସ୍ୱଚ୍ଛତା ଥିଲା । ଦିନେ ସମସ୍ତେ ଏଥିପାଇଁ ଅନୁତାପ କରିବେ ବୋଲି କହିଥିଲେ । ଏହାକୁ ନେଇ ମୋଦିଙ୍କୁ ରାହୁଲ ଟାର୍ଗେଟ କରିଛନ୍ତି ।

ତେବେ ରାହୁଲଙ୍କ ଏପରି ସମାଲୋଚନାକୁ ବିଜେପି ସହଜରେ ହଜମ କରିନାହିଁ । ବିଜେପିର ଥିରୁଅନନ୍ତପୁରମ ପ୍ରାର୍ଥୀ ତଥା କେନ୍ଦ୍ରମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର କହିଛନ୍ତି, ପାଣ୍ଠି ଯୋଗାଣ ଓ ସନ୍ଦେହଜନକ ଅବସ୍ଥାରେ ଆସିଥିବା ଟଙ୍କା ସମ୍ପର୍କରେ ମତ ରଖିବାରେ ରାହୁଲ ଗାନ୍ଧି ଶେଷ ବ୍ୟକ୍ତି । ଆମେ ବୋଫୋର୍ସ ବିଷୟରେ ଜାଣିଛୁ । ତାଙ୍କ ପରିବାର ଯେଉଁ ସବୁ ଦୁର୍ନୀତିର ଲିଜେଣ୍ଡାରୀ, ସେସବୁ ବିଷୟରେ ଆମେ ସମସ୍ତେ ଜାଣିଛେ ।

୨୦୧୭ରେ ମୋଦି ସରକାର ଆଣିଥିବା ନିର୍ବାଚନୀ ବଣ୍ଡକୁ ସୁପ୍ରିମକୋର୍ଟ ଅସାମ୍ବିଧାନିକ କହିବା ସହ ଏହାକୁ ରଦ୍ଦ କରି ଦେଇଥିଲେ । ଏହାପରେ ବଣ୍ଡ ତଥ୍ୟ ସାର୍ବଜନୀନ କରିବାକୁ କହିଥିଲେ । ବଣ୍ଡ ଦ୍ୱାରା ଏକାଧିକ କମ୍ପାନୀ ବିଜେପିକୁ ସର୍ବାଧିକ ଚାନ୍ଦା ଦେଇଥିବାରୁ ଏହାକୁ ବିରୋଧୀ ମୁଖ୍ୟ ପ୍ରସଙ୍ଗ କରିଛନ୍ତି ।

ରାହୁଲ ଗାନ୍ଧି ଆହୁରି ଅଭିଯୋଗ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୁଖ୍ୟ ପ୍ରସଙ୍ଗକୁ ଲୋକଙ୍କୁ ଧ୍ୟାନଚ୍ୟୁତ କରିବାକୁ ଚେଷ୍ଟା କରୁଛନ୍ତି । ସେ କହିଛନ୍ତି, ମୁଖ୍ୟ ପ୍ରସଙ୍ଗକୁ ବିଭ୍ରାନ୍ତ ଓ ଦୃଷ୍ଟି ଆଢୁଆଳରେ ରଖିବା ପାଇଁ ସେ କେତେବେଳେ ସମୁଦ୍ର ଭିତରକୁ ଯାଇ ପୂଜା କରୁଛନ୍ତି ତ ଆଉ କେତେବେଳେ ସେ ଦେଶବାସୀଙ୍କୁ ଭାରତରେ ଅଲିମ୍ପିକ୍ସ ହେବ ବୋଲି କହୁଛନ୍ତି ।

ଆଉ କେତେବେଳେ ସେ କହୁଛନ୍ତି ଯେ ଜଣେ ବ୍ୟକ୍ତିଙ୍କୁ ଚନ୍ଦ୍ରକୁ ପଠାଇବେ । କିନ୍ତୁ ସେ କେବେ ହେଲେ ବେକାରୀ କିମ୍ବା ଦର ବୃଦ୍ଧି କଥା କହୁ ନାହାନ୍ତି । ସେ ଦେଶର ଧନୀ ଲୋକଙ୍କୁ ସୁରକ୍ଷା ଦେଉଛନ୍ତି ଓ ସେମାନଙ୍କ ବ୍ୟାଙ୍କ ଋଣ ଛାଡ଼ କରିଛନ୍ତି ।

ଆରଏସଏସ୍ ଓ ବିଜେପି ଭାରତର ସମ୍ବିଧାନ ଧ୍ୱଂସ ଓ ବଦଳାଇବାକୁ ଚେଷ୍ଟା କରୁଛନ୍ତି । କଂଗ୍ରେସ ଓ ଇଣ୍ଡିଆ ମେଣ୍ଟ ସମ୍ବିଧାନର ସୁରକ୍ଷା ପାଇଁ ଲଢୁଛନ୍ତି । ସେହିପରି ଅଗ୍ନିପଥ ଯୋଜନା ଭାରତୀୟ ସେନାକୁ ଅପମାନ ଓ ଇଣ୍ଡିଆ ବ୍ଲକ କ୍ଷମତାକୁ ଆସିଲେ, ଏହାକୁ ଉଚ୍ଛେଦ କରାଯିବ ବୋଲି ସେ କହିଛନ୍ତି ।

ଆମେରିକାରେ ଷଡ଼ଯନ୍ତ୍ର, ମୁମ୍ବାଇରେ ଫାୟରିଂ!

ନୂଆଦିଲ୍ଲୀ: ଅଭିନେତା ସଲମାନ ଖାନଙ୍କ ମୁମ୍ବାଇ ଘର ଗାଲାକ୍ସି ବାହାରେ ହୋଇଥିବା ଗୁଳିମାଡ଼ ଘଟଣାରେ ନୂଆ ତଥା ଚାଞ୍ଚଲ୍ୟକର ଖୁଲାସା ସାମ୍ନାକୁ ଆସୁଛି । ମୁମ୍ବାଇ କ୍ରାଇମବ୍ରାଞ୍ଚ ଦାବି କରିଛି ଯେ ଗୁଳିମାଡ଼ ପାଇଁ ଆମେରିକାରେ ରଚାଯାଇଥିଲା ଷଡ଼ଯନ୍ତ୍ର । ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋୟୀ ଭାଇ ଅନମୋଲ ଓ ସହଯୋଗୀ ରୋହିତ ଗୋଦରା ଆମେରିକାରେ ଦେଇଥିବା ନିର୍ଦ୍ଦେଶକ୍ରମେ ସାର୍ପ ସୁଟର ଗୁଳିମାଡ଼ କରିଥିଲେ ।

ତେବେ ସୋସିଆଲ ମିଡିଆରୁ କ୍ରାଇମବ୍ରାଞ୍ଚକୁ ମିଳିଛି ବଡ଼ ସୁରାକ । ଫେସବୁକ ପୋଷ୍ଟରେ ଗୁଳିମାଡ଼ ଘଟଣା ପାଇଁ ନିଜକୁ ଦାୟୀ କରି ଏକ ପୋଷ୍ଟ ଲେଖିଥିଲା ଅନମୋଲ ବିଷ୍ଣୋୟୀ । ଏହି ପୋଷ୍ଟର ଆଇପି ଠିକଣା, ଭିପିଏନରୁ ଫେସବୁକ ଲଗଇନ ଆମେରିକା ଓ ପର୍ତ୍ତୁଗାଲରୁ କରାଯାଇଥିବା ସୂଚନା ମିଳିଛି । ଏହି ସୁରାକ ଆଧାରରେ ଅଧିକ ଛାନଭିନ କରୁଛି କ୍ରାଇମବ୍ରାଞ୍ଚ ଟିମ ।

୧୪ ତାରିଖ ଭୋରୁ ଗୁଳିମାଡ଼ କରି ଦୁଇ ସାର୍ପ ସୁଟର ଭିକି ଗୁପ୍ତା ଓ ସାଗର ପାଲ ଫେରାର ହୋଇଥିଲେ । ତେବେ ଘଟଣାର ୨୪ ଘଣ୍ଟା ଭିତରେ ଏମାନଙ୍କୁ ଭୁଜରୁ ଗିରଫ କରିଛି ମୁମ୍ବାଇ କ୍ରାଇମବ୍ରାଞ୍ଚ ଟିମ । ମୁମ୍ବାଇକୁ ଅଣାଯିବା ପରେ କିଲ୍ଲା କୋର୍ଟରେ ହାଜର କରାଯିବା ପରେ କୋର୍ଟ ତାଙ୍କୁ ୧୦ଦିନିଆ ରିମାଣ୍ଡରେ ପଠାଇଛନ୍ତି । ଜେରା ସମୟରେ ଅଭିଯୁକ୍ତ କହିଛନ୍ତି ଯେ ଗୁଳିମାଡ଼ କରିବା ପୂର୍ବରୁ ସଲମାନଙ୍କ ଘର ଓ ପନଭେଲ ଫାର୍ମହାଉସ ନିକଟରେ ଘୁରିବୁଲୁଥିଲେ ସୁଟର । ସୋମବାର ଭୋର ୫ଟାରେ ଗାଲାକ୍ସି ଆପାର୍ଟମେଣ୍ଟ ନିକଟରେ ପହଞ୍ଚିଥିଲେ ଓ ୫ରାଉଣ୍ଡ ଗୁଳିମାଡ଼ କରିଥିଲେ । ମୁମ୍ବାଇରୁ ଗୁଜରାଟ ଫେରାର ପରେ ସୁଟରମାନେ ସୁରଟର ଏକ ନଦୀରେ ବନ୍ଧୁକକୁ ଫିଙ୍ଗିଥିଲେ । ଅପରାଧୀ ଦୁଇଜଣ ଅର୍ନ୍ତଜାତୀୟ ସାର୍ପ ସୁଟର । ବିଭିନ୍ନ ରାଜ୍ୟରେ ଏମାନଙ୍କ ରାକେଟ ରହିଛି ।

ଗାଲାକ୍ସି ଆପାର୍ଟମେଣ୍ଟକୁ କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯାଇଛି । ସେପଟେ ଘଟଣା ବାବଦରେ ଅଧିକ ତଥ୍ୟ ଯୋଗାଡିବାକୁ ୭ ରାଜ୍ୟରେ ପହଞ୍ଚିଛି ମୁମ୍ବାଇ କ୍ରାଇମବ୍ରାଞ୍ଚ ଟିମ । ଗୁଳିମାଡ଼ ପଛରେ ଅନମୋଲ ବିଷ୍ଣୋୟୀ ଓ ରୋହିତ ଗୋଦରାଙ୍କ ହାତ କେତେ ଦୂର ରହିଛି? ଗୁଳିମାଡ଼ ପଛର ପ୍ରକୃତ କାରଣ କ’ଣ? ଅପରାଧୀଙ୍କ ଆଉ କି ଯୋଜନା ରହିଛି? ସେହି ସବୁରୁ ଚେର ଖୋଜୁଛି ମୁମ୍ବାଇ ପୁଲିସ । ସେପଟେ ଘର ବାହାରେ ପ୍ରଶଂସକଙ୍କୁ ଭିଡ ନକରିବାକୁ ଓ କୌଣସି କଳାକାର ଏବଂ ସାଙ୍ଗସାଥୀ ଗାଲାକ୍ସି ଆପାର୍ଟମେଣ୍ଟକୁ ନଆସିବାକୁ ସଲମାନ ଅନୁରୋଧ କରିଛନ୍ତି ।

ମମତାଙ୍କ ଗଡ଼ରେ ମୋଦୀ ଗର୍ଜନ

କୋଲକାତା: ମମତାଙ୍କ ଗଡ଼ରେ ମୋଦୀଙ୍କ ଗର୍ଜନ । ପଶ୍ଚିମବଙ୍ଗରେ ଜନସଭା କରି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାର୍ନାର୍ଜୀଙ୍କ ଉପରେ ବର୍ଷିଛନ୍ତି ପ୍ରଧାନମନ୍ତ୍ରୀ । ମୋଦୀ କହିଛନ୍ତି ମମତା ଭୋଟ ବ୍ୟାଙ୍କ ରାଜନୀତି ପାଇଁ ରାଜ୍ୟରେ ଅନୁପ୍ରବେଶଙ୍କୁ ଆସିବାକୁ ଅନୁମତି ଦେଉଛନ୍ତି । ଆଇନଶୃଙ୍ଖଳା ପରିସ୍ଥିତିକୁ ବିଗାଡି ସବୁବେଳେ ଗୁଣ୍ଡାଗର୍ଦ୍ଦି କରୁଛନ୍ତି । ଦୁର୍ନୀତି ମାମଲାର ତଦନ୍ତ କରିବା ପାଇଁ ଇଡି, ସିବିଆଇ, ଆଇଟି ଅଧିକାରୀ ଆସିଲେ ତାଙ୍କ ଉପରକୁ ଆକ୍ରମଣ କରାଯାଉଛି । ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି ରାଜ୍ୟରେ ଗରିବ, ଦଳିତ ଓ ଆଦିବାସୀ ଭୟରେ ରହିଛନ୍ତି । ରାଜ୍ୟବାସୀଙ୍କୁ କେନ୍ଦ୍ରର ଯୋଜନା ଓ ସୁବିଧାରୁ ଜାଣିଶୁଣି ଦୂରରେ ରଖୁଛନ୍ତି ମମତା । ମୋଦୀ ଗ୍ୟାରେଣ୍ଟିକୁ ଡରୁଛନ୍ତି ମମତା । ପ୍ରତିବର୍ଷ ପରି ଏଥରକ ମଧ୍ୟ ରାମନବମୀ ଉତ୍ସବ ରୋକିବାକୁ ଟିଏମସି ଯେତେ ଷଡ଼ଯନ୍ତ୍ର କରାଯାଇଛି ।

ଚଳନ୍ତା କାରରେ ଭ୍ରୁଣ ପରୀକ୍ଷା, ଧରାପଡ଼ିଲା ରାକେଟ୍

ନୂଆଦିଲ୍ଲୀ: ଦୁର୍ବୃତ୍ତମାନେ କାର୍ ଭିତରେ ପୋର୍ଟେବୁଲ ଅଲ୍ଟ୍ରାସାଉଣ୍ଡ ମେସିନ୍ ଲଗାଇ ଭ୍ରୁଣ ପରୀକ୍ଷା କରୁଥିଲେ । ଏହି ମାମଲାରେ ପୁଲିସ ତିନି ଜଣଙ୍କୁ ଗିରଫ କରିଛି ।

ଚଳନ୍ତା କାରରେ ହେଉଥିଲା ଗର୍ଭବତୀଙ୍କ ଭ୍ରୁଣ ପରୀକ୍ଷା । ଏହି ଲିଙ୍ଗ ପରୀକ୍ଷା ବଦଳରେ ଗ୍ରହକଙ୍କ ଠାରୁ ଲୁଟୁଥିଲେ ପୁଳ ପୁଳା । କାର୍ ଭିତରେ ପୋର୍ଟେବୁଲ ଅଲ୍ଟ୍ରାସାଉଣ୍ଡ ମେସିନ୍ ଲଗାଇ ଗର୍ଭବତୀଙ୍କ କରୁଥିଲେ ଯାଞ୍ଚ । ଏଭଳି ଏକ ଭ୍ରୁଣ ପରୀକ୍ଷା ରାକେଟର ପର୍ଦ୍ଦାଫାଶ ହୋଇଛି । ଏହି ମାମଲାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି । ଉତ୍ତରପ୍ରଦେଶର ମେରଠରୁ ସାମ୍ନାକୁ ଆସିଛି ଏଭଳି କିଛି ଘଟଣା ।

ଉତ୍ତରପ୍ରଦେଶର ମେରଠରେ କିଛି ଦୁର୍ବୃତ୍ତ କାର୍ ଭିତରେ ପୋର୍ଟେବୁଲ ଅଲ୍ଟ୍ରାସାଉଣ୍ଡ ମେସିନ୍ ଲଗାଇ ଭ୍ରୁଣ ପରୀକ୍ଷା କରୁଥିଲେ । ଏଥିପାଇଁ ଗ୍ରାହକଙ୍କ ଠାରୁ ସେମାନେ ପୁଳାପୁଳା ଟଙ୍କା ମଧ୍ୟ ନେଉଥିଲେ । କାର୍ ଭିତରେ ଚାଲିଥିବା ସମସ୍ତ କାରବାର । ଯେପରି ଧରା ନ ପଡିବେ ସେଥିପାଇଁ ଚଳନ୍ତା କାରରେ ଭିତରେ ଗର୍ଭବତୀଙ୍କ ପରୀକ୍ଷା କରାଯାଉଥିଲା । ଯାଞ୍ଚ ବେଳେ ଏହି କଥା ସାମ୍ନାକୁ ଆସିଛି ।

ସୂଚନାଯୋଗ୍ୟ ଯେ, ହରିଆଣାରେ ହ୍ରାସ ପାଉଥିବା ଲିଙ୍ଗାନୁପାତରେ ବୃଦ୍ଧିକୁ ନେଇ ଏଠାକାର ବିଭାଗ କ୍ରମାଗତ ଭାବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି । ଏହି କ୍ରମରେ ସୋନିପତ ପିଏନ୍ଡିଟି ଟିମ୍ ଉତ୍ତରପ୍ରଦେଶର ମେରଠରୁ ଲିଙ୍ଗ ପରୀକ୍ଷା କରୁଥିବା ଏକ ରାକେଟର ପର୍ଦ୍ଦାଫାଶ କରିଛି ।

ମିଳିଥିବା ସୂଚନା ଅନୁଯାୟୀ, ସୋନିପାତ ବାସିନ୍ଦା ସୌକିନ୍ ଉତ୍ତରପ୍ରଦେଶରେ ନିଜ ସହଯୋଗୀମାନଙ୍କ ମିଶି ସହ ଭ୍ରୁଣ ପରୀକ୍ଷା ରାକେଟ ଚଳାଉଥିବା ନେଇ ପିଏନଡିଟି ଟିମ୍ କୁ ଦୀର୍ଘ ଦିନ ଧରି ଗୁପ୍ତ ସୂଚନା ମିଳିଥିଲା । ଏଥିପାଇଁ ସେ ଏକ ପୋର୍ଟେବୁଲ୍ ଅଲଟ୍ରାସାଉଣ୍ଡ ମେସିନ୍ ବ୍ୟବହାର କରୁଥିବା ମଧ୍ୟ ଟିମ୍ ଜାଣିବାକୁ ପାଇଥିଲା ।

ଏମାନଙ୍କୁ ରାକେଟରେ ପର୍ଦ୍ଦାଫାଶ କରିବା ପାଇ ଟିମ୍ ପୋଲିସ ସହ ମିଶି ଏକ ଜାଲ ବିଛାଇଥିଲା । ଜଣେ ଗର୍ଭବତୀ ମହିଳାଙ୍କୁ ଜାଣିଶୁଣି ଏମାନଙ୍କ ନିକଟକୁ ପଠାଯାଇଥିଲା । ଏହାପରେ ଯେତେବେଳେ ଅଭିଯୁକ୍ତମାନେ ଗର୍ଭବତୀଙ୍କ ଅଲ୍ଟ୍ରାସାଉଣ୍ଡ କରିବା ପାଇଁ କାର୍ ଭିତରକୁ ନେଇଥିଲେ ସେତେବେଳେ ଟିମ୍ ଚଢ଼ାଉ କରି ଏହି ଗ୍ୟାଙ୍ଗର ତିନି ଜଣଙ୍କୁ ଗିରଫ କରିଥିବା ଜଣାପଡିଛି । ଅନ୍ୟ ଦୁଇ ଜଣ ଘଟଣାସ୍ଥଳରୁ ଫେରାର ହୋଯାଇଛନ୍ତି । ସେମାନଙ୍କୁ ଧରିବା ପାଇଁ ପୋଲିସ ତଲାସି ଜାରି ରଖିଛି ।

‘ଆପ୍’ର ଷ୍ଟାର ପ୍ରଚାରକ ଲିଷ୍ଟରେ କେଜ୍ରିୱାଲ, ସିସୋଦିଆ, ସତେନ୍ଦ୍ର ଜୈନ

ନୂଆଦିଲ୍ଲୀ: ଲୋକସଭା ନିର୍ବାଚନକୁ ଆଖି ଆଗରେ ରଖି ଷ୍ଟାର ପ୍ରଚାରକ ତାଲିକା ଘୋଷଣା କରିଛି ଆମ୍ ଆଦମୀ ପାର୍ଟି । ଗୁଜରାଟ ପାଇଁ ଦଳ ଏହି ୪୦ ଜଣିଆ ଲିଷ୍ଟ ଘୋଷଣା କରିଛି । ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଦଳ ଘୋଷଣା କରିଥିବା ଏହି ୪୦ ଜଣିଆ ଷ୍ଟାର ପ୍ରଚାରକ ତାଲିକାରେ ଜେଲରେ ଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ, ମନୀଷ ସିସୋଦିଆ ଏବଂ ସତ୍ୟେନ୍ଦ୍ର ଜୈନଙ୍କ ନାମ ରହିଛି । ଏହି ତିନି ନେତା ଦିଲ୍ଲୀ ଅବକାରୀ ନୀତି ମାମଲାରେ ଏବେ ତିହାର ଜେଲରେ ଅଛନ୍ତି । ଖାଲି ସେତିକି ନୁହେଁ ଏହି ଷ୍ଟାର ପ୍ରଚାରକ ଲିଷ୍ଟରେ କେଜ୍ରିୱାଲଙ୍କ ପତ୍ନୀ ସୁନୀତା କେଜ୍ରିୱାଲଙ୍କ ନାମ ମଧ୍ୟ ରହିଛି । ତା ସହିତ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍, ରାଘବ ଚଢା, ଦିଲ୍ଲୀ ସରକାରରେ ମନ୍ତ୍ରୀ ଥିବା ଅତିଶୀଙ୍କ ନାମ ରହିଛି ।

କାହିଁକି ଇସ୍ରାଏଲକୁ ସାହାଯ୍ୟ କରୁଛି ଜୋର୍ଡାନ



ନୂଆଦିଲ୍ଲୀ: ଗାଜାରେ ଇସ୍ରାଏଲର ଯୁଦ୍ଧ ପାଇଁ ଜୋର୍ଡାନର ରାଜା ଅବଦୁଲ୍ଲା ନେତାନ୍ୟାହୁ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ । କିନ୍ତୁ ଇରାନ ଯେତେବେଳେ ୩୦୦ ରୁ ଅଧିକ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ଇସ୍ରାଏଲ ଉପରକୁ ନିକ୍ଷେପ କଲା, ସେତେବେଳେ ଜୋର୍ଡାନ ଇସ୍ରାଏଲର ସହଯୋଗୀମାନଙ୍କ ସହ ମିଶି ସେଗୁଡିକୁ ଆକାଶମାର୍ଗରେ ମାରି ଖସେଇଦେଲା । ଏହା ଇସ୍ରାଏଲ ଉପରେ ଇରାନର ପ୍ରଥମ ପ୍ରତ୍ୟକ୍ଷ ଆକ୍ରମଣ ଭଳି ଏକ ଆଶ୍ଚର୍ଯ୍ୟଜନକ ଘଟଣା ।

ଇସ୍ରାଏଲ ଉପରେ ଇରାନର ହଠାତ୍ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ଆକ୍ରମଣ ପରେ ଆମେରିକା, ବ୍ରିଟେନ ଏବଂ ଫ୍ରାନ୍ସ ପରି ପାଶ୍ଚାତ୍ୟ ଦେଶଗୁଡିକ ଇସ୍ରାଏଲ୍ ସମର୍ଥନରେ ଠିଆ ହୋଇଥିବା ଦେଖାଯାଉଛି । ତେବେ ଏହି ସମୟ ମଧ୍ୟରେ ଏକ ମୁସଲମାନ ଦେଶ ମଧ୍ୟ ଇସ୍ରାଏଲକୁ ସାହାଯ୍ୟ କରିବାକୁ ଆଗେଇ ଆସିଛି । ଏହି ଦେଶ ହେଉଛି ଇସ୍ରାଏଲର ପଡ଼ୋଶୀ ଜୋର୍ଡାନ । ସୂଚନାନୁସାରେ, ଜୋର୍ଡାନ ଦଶହଜାର ଇରାନ ଡ୍ରୋନକୁ ଗୁଳି କରି ନଷ୍ଟ କରିଛି । ଏଥି ସହିତ ଇସ୍ରାଏଲ ଜୋର୍ଡାନରୁ ଇରାନ ଉପରେ ଆକ୍ରମଣ କରିବାକୁ ନିଜର ବାୟୁସେନା ବ୍ୟବହାର କରିବାକୁ ଦାବି କରୁଛି ।

ତେବେ ଗାଜାରେ ଇସ୍ରାଏଲର ଯୁଦ୍ଧ ପାଇଁ ଜୋର୍ଡାନର ରାଜା ଅବଦୁଲ୍ଲା ନେତାନ୍ୟାହୁ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ । କିନ୍ତୁ ଇରାନ ଯେତେବେଳେ ଇସ୍ରାଏଲ ଉପରେ ୩୦୦ ରୁ ଅଧିକ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ମାଡ଼ କଲା ସେତେବେଳେ ଜୋର୍ଡାନ ଇସ୍ରାଏଲ୍ ସହିତ ଛିଡା ହେଲା । ଇସ୍ରାଏଲ ଉପରେ ଇରାନର ପ୍ରଥମ ପ୍ରତ୍ୟକ୍ଷ ଆକ୍ରମଣ ଭଳି ଏହା ନିଶ୍ଚିତ ଭାବେ ଆଶ୍ଚର୍ଯ୍ୟଜନକ ଘଟଣା । ବାସ୍ତବରେ, ସାମରିକ ଦୁର୍ବଳ ଏବଂ ଗରିବ ଦେଶ ପଡୋଶୀ ଦେଶ ସହିତ ଯୁଦ୍ଧ କରିପାରିବ ନାହିଁ । ଏହାର ସରକାରୀ ବିବୃତ୍ତିରେ ଜୋର୍ଡାନ କହିଛି ଯେ ଇସ୍ରାଏଲକୁ ସାହାଯ୍ୟ କରିବା ପାଇଁ ନୁହେଁ ବରଂ ଆତ୍ମରକ୍ଷା ପାଇଁ ଏହା ଇରାନର ଡ୍ରୋନକୁ ତଳକୁ ଖସାଇ ଦେଇଛି ।

ପାଲେଷ୍ଟାଇନ ଅଞ୍ଚଳରେ ଆକ୍ରମଣ

୧୯୪୮ ମସିହାରେ ମିଳିତ ଜାତିସଂଘର ସାଧାରଣ ସଭାର ସଂକଳ୍ପ ପରେ ଜୋର୍ଡାନ ଆରବ ଲିଗ୍ ଦେଶମାନଙ୍କ ମଧ୍ୟରୁ ଅନ୍ୟତମ । ଯେଉଁଥିରେ ଏହି ଅଞ୍ଚଳକୁ ଗୋଟିଏ ଆରବ, ଗୋଟିଏ ୟିହୁଦୀ ଏବଂ ଜେରୁଜେଲମ ସହରରେ ବିଭକ୍ତ କରିବାର ଯୋଜନା ସୁପାରିଶ କରାଯାଇଥିଲା । ଏହି ଯୁଦ୍ଧ ପରେ ଜୋର୍ଡାନ ୱେଷ୍ଟବ୍ୟାଙ୍କ ଏବଂ ପୂର୍ବ ଜେରୁଜେଲମକୁ ନିୟନ୍ତ୍ରଣ କରି ୧୯୫୦ ମସିହାରେ ଆନୁଷ୍ଠାନିକ ଭାବରେ କବଜା କରିଥିଲା ।

ଇସ୍ରାଏଲ ସହିତ ଶାନ୍ତି ଚୁକ୍ତି

ଏହାର ପ୍ରାୟ ୨୦ ବର୍ଷ ପରେ ଅର୍ଥାତ ୧୯୬୭ ମସିହାରେ, ଜୋର୍ଡାନ ଏବଂ ଇସ୍ରାଏଲ ପୁଣିଥରେ ଛଅ ଦିନିଆ ଯୁଦ୍ଧରେ ମୁହାଁମୁହିଁ ହୋଇଥିଲେ ଏବଂ ଆମମାନ ଉପରେ ନିୟନ୍ତ୍ରଣ ହରାଇଥିଲେ । ପରିଶେଷରେ, ଏହା ୧୯୯୪ ରେ ଇସ୍ରାଏଲ ସହିତ ଏକ ଶାନ୍ତି ଚୁକ୍ତିନାମା ସ୍ୱାକ୍ଷର କଲା । ଇଜିପ୍ଟ ପରେ ଏହା ଦ୍ୱିତୀୟ ଆରବ ଦେଶ ଥିଲା । ୧୯୯୩ ର ଓସଲୋ ଚୁକ୍ତିନାମା ପରେ ଏହା ଘଟିଥିଲା । ଏକ ଶାନ୍ତି ଚୁକ୍ତି ପରେ ଇସ୍ରାଏଲ ଏବଂ ଜୋର୍ଡାନ ସେମାନଙ୍କର ସୀମା ଖୋଲିଥିଲେ । ଜୋର୍ଡାନ ସହିତ ଇସ୍ରାଏଲର ୩୦୯ କିଲୋମିଟର ସୀମା ସବୁଠାରୁ ଶାନ୍ତିପୂର୍ଣ୍ଣ ଅଟେ । ଇସ୍ରାଏଲ୍ ସେନା ଏହି ସୀମାରେ କେବଳ ତିନୋଟି ବାଟାଲିୟନ ନିୟୋଜିତ କରିଛି ।

ଇସ୍ରାଏଲ ଉପରେ ଆକ୍ରମଣ

ସିରିଆର ରାଜଧାନୀ ଦମ୍ମେସକରେ ଏହାର କୂଟନୈତିକ କମ୍ପାଉଣ୍ଡ ଉପରେ ଏପ୍ରିଲ ୧ ରେ ହୋଇଥିବା ଆକ୍ରମଣରେ ଇସ୍ରାଏଲର ସମ୍ପୃକ୍ତି ନେଇ ଇରାନ ସନ୍ଦେହ କରିଥିଲା । ଯେଉଁଥିରେ ଜଣେ ବରିଷ୍ଠ ଜେନେରାଲଙ୍କ ସମେତ ଇରାନର ଇସଲାମିକ ବିପ୍ଳବୀ ଗାର୍ଡର ସାତ ଜଣ ସଦସ୍ୟ ନିହତ ହୋଇଥିଲେ । ଏହି ଆକ୍ରମଣର ଜବାବରେ ଇରାନ ପ୍ରଥମ ଥର ପାଇଁ ନିଜ ମାଟିରୁ ଇସ୍ରାଏଲ ଉପରେ ଆକ୍ରମଣ କରିଛି ।

ସୂର୍ଯ୍ୟେବାଲାଙ୍କ ଉପରେ ଲାଗିଲା ୪୮ ଘଣ୍ଟିଆ ବ୍ୟାନ୍

ନୂଆଦିଲ୍ଲୀ: ନିର୍ବାଚନ ଆୟୋଗଙ୍କ ବଡ ଆକ୍ସନ । ୪୮ ଘଣ୍ଟା ପାଇଁ ବ୍ୟାନ୍ ହେଲେ କଂଗ୍ରେସ ନେତା ରଣଦୀପ ସୁର୍ଯ୍ୟେବାଲା । ସାଂସଦ ହେମାମାଳିନୀଙ୍କୁ ନେଇ ସେ ଦେଇଥିବା ଅଭଦ୍ର ଟିପ୍ପଣୀ ଉପେର ନିର୍ବାଚନ ଆୟୋଗ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଆଗାମୀ ୪୮ ଘଣ୍ଟା ପାଇ ସୂର୍ଯ୍ୟେବାଲା କୌଣସି ପ୍ରକାର ନିର୍ବାଚନୀ ଗତିବିଧରେ ସାମିଲ ହେଇପାରିବେ କିମ୍ବା ନିର୍ବାଚନୀ ପ୍ରଚାର କରିପାରିବେ ନାହିଁ । ଏହି ସମୟ ମଧ୍ୟରେ ସେ ମିଡିଆ ସହ କଥାବାର୍ତ୍ତା ମଧ୍ୟ କରିପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦେଇଛନ୍ତି ନିର୍ବାଚନ କମିଶନ ।

ତେବେ ଲୋକସଭା ନିର୍ବାଚନ ସମୟରେ ରଣଦୀପ ସୂର୍ଯ୍ୟେବାଲା ହେଉଛନ୍ତି ପ୍ରଥମ ନେତା, ଯାହାଙ୍କ ବିରୋଧରେ ନିର୍ବାଚନ ଆୟୋଗ ଏପରି ଆକ୍ସନ ନେଇଛନ୍ତି । ୨୦୧୯ରେ ମଧ୍ୟ ଇସି ଏହିଭଳି ଅନେକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ ।

ସୂଚନାଯୋଗ୍ୟ ଯେ, କଂଗ୍ରେସର ଏହି ବରିଷ୍ଠ ନେତା ତଥା ରାଜ୍ୟସଭା ସାଂସଦ ହରିୟାଣାର ଏକ ଗାଁରେ ଏକ ଜନସଭାକୁ ସମ୍ବୋଧିତ କରି କହିଥିଲେ ଯେ, ଆମେ ବିଧାୟକ, ସାଂସଦ କାହିଁକି ବନୋଉଛୁ? ପରେ ସୂର୍ଯ୍ୟେବାଲା ଏହି ମାମଲାରେ ନିଜର ସ୍ପଷ୍ଟୀକରଣ ରଖିଥିଲେ ହେଲେ ବିଜେପି କିନ୍ତୁ ଏହାକୁ ନେଇ ଇସିଙ୍କ ଦ୍ୱାରସ୍ଥ ହେଇଥିଲା । ତେବେ ସୂର୍ଯ୍ୟେବାଲା କହିଥିଲେ, ବିଜେପି ଆଇଟି ସେଲର କାଣ୍ଟ ଛାଟ୍,ଯୋଗୁ ମିଛ କଥା ଖେଳୁଛି । ତେବେ ପୂରା ଭିଡିଓରେ ଶୁଣିବାକୁ କହିଥିଲେ ।

ରାଉରକେଲାର ଇଣ୍ଡୋର୍ ଷ୍ଟାଡ଼ିୟମ୍ ସାଜିଛି ଖେଳାଳି ଗଢ଼ା କାରଖାନା

ଭୁବନେଶ୍ୱର, ୧୬।୪ (ସବ୍ୟ) : ରାଉରକେଲା ସହରର ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟାଡ଼ିୟମ୍‌ରେ ଚାଲିଛି ଏକାଧିକ କ୍ରୀଡ଼ାଭ୍ୟାସ ସହ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର । ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା କ୍ରୀଡ଼ା ପ୍ରୋତ୍ସାହନ ଯୋଜନା ଅନ୍ତର୍ଗତ ରାଉରକେଲା ସହରର ଛେଣ୍ଡ୍ କଲୋନୀରେ ଥିବା ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର୍ ଷ୍ଟାଡିୟମ୍‌ରେ ଜିମ୍ନାଷ୍ଟିକ୍ ସହିତ ଭାରୋତ୍ତୋଳନ ଭଳି କ୍ରୀଡ଼ା ନିମନ୍ତେ ଗ୍ରୀଷ୍ମକାଳୀନ ଶିବିର ଜାରି ରହିଛି । ଏହି ଶିବିର ମାଧ୍ୟମରେ ଜିମ୍ନାଷ୍ଟିକ୍‌ରେ ୫ରୁ ୧୦ ବର୍ଷ ବୟସର ୫୦ରୁ ଅଧିକ ପିଲାଙ୍କୁ ପ୍ରଶିକ୍ଷଣ ଦିଆଯାଉଛି । ଏହି ପ୍ରଶିକ୍ଷଣ ଶିବିର ଚଳିତମାସ ୧ ତାରିଖରୁ ଆରମ୍ଭ ହୋଇ ମେ' ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ । ସେହିଭଳି ଭାରୋତ୍ତୋଳନ ଶିବିର ଚଳିତମାସ ୧୫ରୁ ଆରମ୍ଭ ହୋଇଥିବାବେଳେ ୨୯ରେ ଶେଷ ହେବ । ଏହି ଗ୍ରୀଷ୍ମକାଳୀନ ଶିବିର ମାଧ୍ୟମରେ କୁନି କୁନି ପିଲା ବେଶ୍ ଆଗ୍ରହ ସହକାରେ କୌଣସି ଦେୟ ନଦେଇ କେନ୍ଦ୍ରୀୟ ବାତାନୁକୂଳିତ ବ୍ୟବସ୍ଥାରେ ଶିକ୍ଷା ବ୍ୟବସ୍ଥାରେ ବିଶେଷ ଆକର୍ଷଣ ସାଜିଛି । ଏହି ଶିବିର ଛୋଟ ପିଲାଙ୍କୁ କ୍ରୀଡ଼ା ପ୍ରତି ଆଗ୍ରହ ଜନ୍ମାଇବ ବୋଲି ଅଭିଭାବକ ଆଶାୟୀ ଅଛନ୍ତି । ସେହିଭଳି ଭାରୋତ୍ତୋଳନ ଶିବିର ମାଧ୍ୟମରେ ୨୫ରୁ ଅଧିକ ବିଭିନ୍ନ ବୟସର ଛାତ୍ରଛାତ୍ରୀ ପ୍ରଶିକ୍ଷକଙ୍କ ଠାରୁ ପ୍ରଶିକ୍ଷଣ ନେଉଛନ୍ତି ।

ହକିର ଗଡ଼ ଭାବେ ପରିଚିତ ସୁନ୍ଦରଗଡ଼ ଜିଲ୍ଲାରେ ଜିମ୍ନାଷ୍ଟିକ୍ ପ୍ରତି ଆଗ୍ରହ ରଖିଥିବା ଖେଳାଳିମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ବୋଲି ଶ୍ରୀ ବେହେରା କହିଛନ୍ତି । ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟାଡ଼ିୟମ୍‌ରେ ସମ୍ପ୍ରତି ବିନା ଦେୟରେ ଯୋଗାଭ୍ୟାସ ଜିମ୍, ଯୋଗାଭ୍ୟାସ ଓ ଅନ୍ୟାନ୍ୟ କ୍ରୀଡ଼ାର ତାଲିମ ଦିଆଯାଉଛି ।

ମ୍ୟାଚ୍ ଛଡ଼ାଇନେଲେ ବଟ୍‌ଲର୍

କୋଲକାତା, ୧୬।୪ (ଏଜେନ୍ସି) : ଐତିହାସିକ ଇଡେନ୍‌ଗାର୍ଡେନ୍‌ରେ ଘରୋଇ କୋଲ୍‌କାତା ନାଇଟ୍ ରାଇଡର୍ସଙ୍କୁ ଧରାଶାୟୀ କରିଛି ରାଜସ୍ଥାନ ରୟାଲ୍ସ । ଏକାକୀ ଜୋସ୍ ବଟଲର୍ ଶତକୀୟ ଇନିଂସ୍ ଖେଳି ସଂକଟ ସମୟରେ ଦଳକୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇଥିଲେ । ସୁନୀଲ ନାରିନ୍‌ଙ୍କ ୧୦୯ରନ୍‌ର ବିସ୍ଫୋରକ ଇନିଂସ୍ ବଳରେ କୋଲ୍‌କାତା ୨୦ ଓଭରରେ ୨୨୩/୬ ରନ୍ ସଂଗ୍ରହ କରିଥିଲା । ଜବାବରେ ରାଜସ୍ଥାନ ୨୦ ଓଭରରେ ୮ ୱିକେଟ୍ ହରାଇ ୨୨୪ ରନ୍ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲା ।

ଟସ୍ ଜିତି ରାଜସ୍ଥାନ ରୟାଲ୍ସ ସଞ୍ଜୁ ସାମ୍‌ସନ୍ କୋଲ୍‌କାତା ନାଇଟ୍ ରାଇଡର୍ସଙ୍କୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ । ଇଣ୍ଡିଜ୍ ସ୍ପିନ୍ ଅଲ୍‌ରାଉଣ୍ଡର୍

ଆଇପିଏଲ୍ ମହାସମର

ସୁନୀଲ ନାରିନ୍‌ଙ୍କ ସହ ଫିଲ୍ ସଲ୍ଟ ପାଳି ଆରମ୍ଭ କରିଥିଲେ । ଭଲ ଲୟରେ ଥିବା ନାରିନ୍ ବିସ୍ଫୋରକ ଇନିଂସ୍ ଖେଳିବାକୁ ସଫଳ ହୋଇଥିବାବେଳେ ଫିଲ୍ ସଲ୍ଟ ସଞ୍ଜମତା ହରାଇ ଆଭେସ୍ ଖାନ୍‌ଙ୍କ ଶିକାର ହୋଇଥିଲେ । ଦଳୀୟ ସ୍କୋର ୨୧ ବେଳେ ପ୍ରଥମ ୱିକେଟ୍ ଝଡ଼ିଥିଲା । ଦ୍ୱିତୀୟ ୱିକେଟ୍ ପାଇଁ ନାରିନ୍ ଓ ଅଙ୍ଗକ୍ରିସ ରଘୁବଂଶୀ ୮୫ ରନ୍ ଯୋଡ଼ିଥିଲେ । ରଘୁବଂଶୀ ୧୮ ବଲ୍‌ରୁ ୩୦ ରନ୍ କରି କୁଲଦୀପ ସେନ୍‌ଙ୍କ ଶିକାର ହୋଇଥିଲେ । ପରେ ପରେ ଶ୍ରେୟାସ୍ ଆୟର୍ ୭ ବଲ୍‌ରୁ ୧୧ ରନ୍, ଆନ୍ଦ୍ରେ ରସେଲ୍ ୧୩ ରନ୍ ଓ ଭେଙ୍କଟେସ୍ ଆୟର ୮ ରନ୍ କରିଥିଲେ । ମଧ୍ୟମ ଭାଗ ଖେଳାଳିଙ୍କ ପ୍ରଦର୍ଶନ ସନ୍ତୋଷଜନକ ନଥିଲେ ବି ସୁନୀଲ ନାରିନ୍ ଚୌକା, ଛକା ବର୍ଷା କରି ଦଳୀୟ ସ୍କୋରକୁ ୨୦୦ ପାର୍ କରାଇଥିଲେ । ନାରିନ୍ ୫୬ ବଲ୍‌ର ସମ୍ମୁଖୀନ ହୋଇ ୧୩ଟି ଚୌକା ଓ ୬ଟି ଛକା ସହାୟତାରେ ୧୦୯ ରନ୍ କରିଥିଲେ । ଚର୍ଚ୍ଚିତ ଯୁବ ଖେଳାଳି ରିଙ୍କୁ ସିଂ ୯ ବଲରୁ ଗୋଟିଏ ଚୌକା ଓ ଦୁଇଟି ଛକା ସହାୟତାରେ ଅପରାଜିତ ୨୦ ରନ୍ କରିଥିଲେ । ତେଣୁ କୋଲକାତା ୨୦ ଓଭରରେ ୬ ୱିକେଟ୍ ହରାଇ ୨୨୩ ରନ୍ ସଂଗ୍ରହ କରିଥିଲା । ରାଜସ୍ଥାନର ଆଭେଶ ଖାନ୍ ଓ କୁଲ୍‌ଦୀପ ସେନ୍ ୨ଟି କରି ୱିକେଟ୍ ସଫଳତା ହାସଲ କରିଥିଲେ ।

୨୨୪ ରନ୍‌ର ବିଜୟ ଲକ୍ଷ୍ୟ ରାଜସ୍ଥାନ ପାଇଁ ସହଜସାଧ୍ୟ ନଥିଲା । ଅବଶ୍ୟ ଦଳକୁ ଭଲ ଆରମ୍ଭ ମିଳିଥିଲା । ମଧ୍ୟମ ଏବଂ ଶେଷ ଭାଗ ଖେଳାଳିଙ୍କ ଚରମ ବିଫଳତା ପାଇଁ ରାଜସ୍ଥାନ ଲକ୍ଷ୍ୟସ୍ଥଳରେ ପହଞ୍ଚ ପାରିନଥିଲା । ଓପ୍‌ନର ଜଶସ୍ୱୀ ଜୟସ୍ୱାଲ ପୁଣିଥରେ ବେପରୁଆ ଇନିଂସ୍ ଖେଳି ୧୯ ରନ୍ ସ୍କୋରରେ ଆଉଟ୍ ହୋଇଥିଲେ । ତାଙ୍କ ପଛକୁ ସଞ୍ଜୁ ସାମସନ୍ ୧୨, ରିଆନ୍ ପରାଗ ୩୪, ଧ୍ରୁବ ଜୁରେଲ ୨, ଅଶ୍ୱିନ୍ ୮ ତଥା ହେଟ୍‌ମେୟାର ବିନା ସ୍କୋରରେ ଆଉଟ୍ ହୋଇଥିଲେ । କ୍ରମାଗତ ୱିକେଟ୍ ପତନ ସତ୍ତ୍ୱେ ଜୋସ୍ ବଟଲର୍ ଦଳକୁ ବିଜୟୀ ଆଡ଼େ ଅଗ୍ରସର କରାଇଥିଲେ । ଆବଶ୍ୟକ ରନ୍ ହାରକୁ ବଜାୟ ରଖି ବ୍ୟକ୍ତିଗତ ଶତକ ଓ ପରେ ଦଳକୁ ଜିତାଇଥିଲେ । ଚଳିତ ଆଇପିଏଲ୍‌ର ଏହା ରାଜସ୍ଥାନ ରୟାଲ୍ସର ଷଷ୍ଠ ବିଜୟ । ବଟଲର୍ ୬୦ ବଲ୍‌ର ସମ୍ମୁଖୀନ ହୋଇ ୯ଟି ଚୌକା ୬ଟି ଛକା ସହାୟତାରେ ୧୦୭ ରନ୍ କରିଥିବାବେଳେ ରୋଭମ୍ୟାନ୍ ପାୱେଲ ୨୬ ରନ୍ କରିଥିଲେ । ଲଢୁଆ ବିଜୟ ସହ ରାଜସ୍ଥାନ ୧୨ ପଏଣ୍ଟ ଲାଭ କରି ଶୀର୍ଷ ସ୍ଥାନ ବଜାୟ ରଖିଛି । କୋଲକାତା ନାଇଟ୍ ରାଇଡର୍ସ ୬ ମ୍ୟାଚ୍‌ରୁ ୮ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି ।

ଆଜିର ମ୍ୟାଚ

ଗୁଜରାଟ–ଦିଲ୍ଲୀ
ସମୟ: ରାତି ୭.୩୦
ସ୍ଥାନ: ଅହମ୍ମଦାବାଦ
ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ସିନେମା

ପଏଣ୍ଟ ଟେବୁଲ

ଦଳ	ମ୍ୟାଚ	ବିଜୟ	ପରାଜୟ	ପଏଣ୍ଟ
ରାଜସ୍ଥାନ	୭	୬	୧	୧୨
କୋଲକାତା	୬	୪	୨	୮
ଚେନ୍ନାଇ	୬	୪	୨	୮
ସନ୍‌ରାଇଜର୍ସ	୬	୪	୨	୮
ଲକ୍ଷ୍ନୌ	୬	୩	୩	୬
ଗୁଜରାଟ	୬	୩	୩	୬
ପଞ୍ଜାବ	୬	୨	୪	୪
ମୁମ୍ବାଇ	୬	୨	୪	୪
ଦିଲ୍ଲୀ	୬	୨	୪	୪
ବେଙ୍ଗାଲୁରୁ	୭	୧	୬	୨

ଭୁବନେଶ୍ୱର–ଏ, ଅନୁଗୁଳ, ଝାରସୁଗୁଡ଼ା ବିଜୟୀ

୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍

ଭୁବନେଶ୍ୱର, ୧୬।୪ (ସବ୍ୟ) : ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା ପ୍ରିଲିମିନାରୀ ଲିଗ୍ ପର୍ଯ୍ୟାୟରେ ମଙ୍ଗଳବାର ଭୁବନେଶ୍ୱର–ଏ, ଅନୁଗୁଳ ଓ ଝାରସୁଗୁଡ଼ା ବିଜୟୀ ହୋଇଛନ୍ତି । ଅଡ଼ଶପୁର ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଭୁବନେଶ୍ୱର–ଏ ୮ ୱିକେଟ୍‌ରେ କୋରାପୁଟ୍‌କୁ ହରାଇଛି । ଏହି ମ୍ୟାଚ୍‌ରେ କୋରାପୁଟ ୨୩.୪ ଓଭରରେ ୯୩ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ଜବାବରେ ଭୁବନେଶ୍ୱର–ଏ ୧୧.୨ ଓଭରରେ ୨ ୱିକେଟ୍ ହରାଇ ୯୪ ରନ୍ ସଂଗ୍ରହ କରିଥିଲା । କଟକର ସନ୍‌ସାଇନ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଅନୁଗୁଳ ୮ ୱିକେଟ୍‌ରେ ଜଗତସିଂହପୁରକୁ ହରାଇଛି । ଏହି ମ୍ୟାଚ୍‌ରେ ଜଗତସିଂହପୁର ୨୭.୧ ଓଭରରେ ୭୭ ରନ୍ କରି ସମସ୍ତ ୱିକେଟ୍ ହରାଇଥିଲା । ଜବାବରେ ଅନୁଗୁଳ ୧୭ ଓଭରରେ ୨ ୱିକେଟ୍ ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲା । ରେଭେନ୍ସା ୨ ନମ୍ବର ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଝାରସୁଗୁଡ଼ା ୨୦୦ ରନ୍ ବ୍ୟବଧାନରେ ସୋନପୁରକୁ ହରାଇଛି । ଏହି ମ୍ୟାଚ୍‌ରେ ଝାରସୁଗୁଡ଼ା ୪୬.୧ ଓଭରରେ ୩୦୭ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ପିଏ କୁମାର ସର୍ବାଧିକ ୫୮ ରନ୍ କରିଥିଲେ । ଜବାବରେ ସୋନପୁର ୨୮.୨ ଓଭରରେ ୧୦୭ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ଝାରସୁଗୁଡ଼ା ଭିଶାଲ ପ୍ରସାଦ ସର୍ବାଧିକ ୫ ୱିକେଟ୍ ସଫଳତା ହାସଲ କରି ମ୍ୟାନ୍ ଅଫ୍ ଦ ମ୍ୟାଚ୍ ହୋଇଥିଲେ ।

SALE SALE SALE
Flex Printing Machine (10 feet)
As on Where Basis.
Company Name:
"MONOTECH"
Systems PVT.LTD.
For Contact : 8917518606

ଆର୍‌ସିବିକୁ ବିକ୍ରି କରିଦେବାକୁ ଦାବି

ନୂଆଦିଲ୍ଲୀ, ୧୬।୪ (ଏଜେନ୍ସି) : ଆଇପିଏଲ୍‌ର ୧୭ଟି ସଂସ୍କରଣ ଖେଳାଗଲାଣି । କିନ୍ତୁ ହତଭାଗା ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଥରେ ବି ଟାଇଟଲ ହାସଲ କରିପାରିନି । ମୁମ୍ବାଇ ଓ ଚେନ୍ନାଇ ୫ଥର ଲେଖାଏଁ ଟାଇଟଲ ହାତେଇଛନ୍ତି । ବେଙ୍ଗାଲୁରୁ ଉପବିଜେତା ହୋଇଛି କିନ୍ତୁ ବିଜେତା ହୋଇପାରିନି । ଏଥର ଦଳର ପ୍ରଦର୍ଶନ ପ୍ରଶଂସକଙ୍କୁ ବ୍ୟଥିତ କରିଛି । ଟେନିସ୍ ଷ୍ଟାର୍ ମହେଶ ଭୂପତି ଆର୍‌ସିବିର ପ୍ରଶଂସକ ଅଟନ୍ତି । ସେ ମଧ୍ୟ ଭାଙ୍ଗିପଡ଼ିଛନ୍ତି । ଭୂପତି ସୋସିଆଲ୍ ମିଡ଼ିଆରେ ଲେଖିଛନ୍ତି ବିସିସିଆଇ ବେଙ୍ଗାଲୁରୁକୁ ନୂଆ ଫ୍ରାଞ୍ଚାଇଜ୍‌କୁ ବିକ୍ରି କରିଦେବା ଉଚିତ୍ । ନୂଆ ଫ୍ରାଞ୍ଚାଇଜ୍ ଦଳର ଭଲ ପ୍ରଦର୍ଶନ ନେଇ ଉଦ୍ୟମ କରିବ । ଖେଳାଳି ଓ ପ୍ରଶଂସକଙ୍କ ପାଇଁ ବିସିସିଆଇ ଏହି ପଦକ୍ଷେପ ନେଉ ବୋଲି ମହେଶ ଭୂପତି କହିଛନ୍ତି । ଅନ୍ୟ ଫ୍ରାଞ୍ଚାଇଜ୍ ପରି ଆର୍‌ସିବିକୁ ନୂଆ ମାଲିକ ଦରକାର । ଚଳିତ ସଂସ୍କରଣରେ ଆର୍‌ସିବି ୭ଟି ମ୍ୟାଚ୍‌ରୁ ୬ଟି ହାରିଛି । ତେଣୁ ଦଳର ପ୍ଲେଅଫ୍ ଆଶା କ୍ଷୀଣ ହୋଇଛି । ସମସ୍ତ ଆଇପିଏଲ୍ ସଂସ୍କରଣରେ ଅଂଶଗ୍ରହଣ କରିବା ସତ୍ତ୍ୱେ ଦଳ ଟାଇଟଲ୍ ହାସଲ କରିପାରିନାହିଁ । ୩ ଥର ଫାଇନାଲରେ ପ୍ରବେଶ କରିଥିବାବେଳେ ୫ଥର ପ୍ଲେଅଫ୍‌କୁ ଉନ୍ନୀତ ହୋଇଛି । ୧୬ଟି ସିଜିନ୍‌ରୁ ୭ଥର ଗ୍ରୁପ୍ ପର୍ଯ୍ୟାୟରୁ ବେଙ୍ଗାଲୁରୁ ବିଦାୟ ନେଇଥିଲା ।

ଆଇପିଏଲ୍‌ରେ ଭାଙ୍ଗିଲା ଏକାଧିକ ରେକର୍ଡ଼

ନୂଆଦିଲ୍ଲୀ, ୧୬।୪ (ଏଜେନ୍ସି) : ଚଳିତ ଆଇପିଏଲ୍‌ରେ ଏକାଧିକ ନୂଆ ରେକର୍ଡ଼ ହୋଇଛି, ବହୁ ପୁରୁଣା ରେକର୍ଡ଼ ଭାଙ୍ଗିଛି । ଗତ ସନ୍‌ରାଇଜର୍ସ ହାଇଦ୍ରାବାଦ ଓ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ମ୍ୟାଚ୍‌ରେ ଦର୍ଶକ କେବଳ ଚୌକା, ଛକାର ବର୍ଷା ଦେଖିଥିଲେ । ହାଇଦ୍ରାବାଦ ଦଳ ଆଇପିଏଲ୍ ଇତିହାସରେ ସର୍ବାଧିକ ଦଳଗତ ସ୍କୋର୍ ୨୮୭ ରନ୍ କରିଥିବାବେଳେ ଆର୍‌ସିବି ମାତ୍ର ୨୫ ରନ୍ ପାଇଁ ହାରିଯାଇଥିଲା । ଉଭୟ ଟିମ୍ ମିଳିତ ଭାବେ ୪୦ ଓଭରରେ ୫୪୯ ରନ୍ କରି ଏକାଧିକ ରେକର୍ଡ଼ ଭାଙ୍ଗି ଦେଇଛନ୍ତି ।

କୌଣସି ଟି–୨୦ ମ୍ୟାଚ୍‌ରେ ସର୍ବାଧିକ ବାଉଣ୍ଡାରୀ ହାଇଦ୍ରାବାଦ ଓ ଆର୍‌ସିବି ମ୍ୟାଚ୍‌ରେ ଦେଖିବାକୁ ମିଳିଛି । ମ୍ୟାଚ୍‌ରେ ଉଭୟ ଦଳ ପକ୍ଷରୁ ୪୩ଟି ଚୌକା ଓ ୩୮ ଛକା ମରାଯାଇଥିଲା । ଅର୍ଥାତ୍ ଏହି ମ୍ୟାଚ୍‌ରେ ୮୧ଟି ବାଉଣ୍ଡାରୀ ହୋଇଛି । କୌଣସି ଟି–୨୦ ମ୍ୟାଚ୍‌ରେ ପୂର୍ବରୁ ଏତେ ସଂଖ୍ୟାରେ ବାଉଣ୍ଡାରୀ ହୋଇନଥିଲା । ୨୦୨୩ରେ ସେଞ୍ଚୁରିଅନ୍‌ରେ ଖେଳାଯାଇଥିବା ଇଣ୍ଡିଜ୍–ଦ.ଆଫ୍ରିକା ମ୍ୟାଚ୍‌ରେ ସମାନସଂଖ୍ୟକ ବାଉଣ୍ଡାରୀ ହୋଇଥିଲା । ଉଭୟ ଦଳ ୪୬ଟି ଚୌକା, ୩୫ଟି ଛକା ମାରିଥିଲେ । ଏହି ରେକର୍ଡ଼ର ତୃତୀୟ ସ୍ଥାନରେ ରହିଛି ମୁଲତାନ ସୁଲତାନ୍ – କ୍ୱେଟା ଗ୍ଲାଡିୟର୍ସ । ଏହି ମ୍ୟାଚ୍‌ରେ ୭୮ଟି ବାଉଣ୍ଡାରୀ ହୋଇଥିଲା ।

ହାଇଦ୍ରାବାଦ–ବେଙ୍ଗାଲୁରୁ ମ୍ୟାଚ୍‌ରେ ଉଭୟ ଟିମ୍ ୨୫୦ରୁ ଅଧିକ ରନ୍ କରିଛନ୍ତି । ଏହା ମଧ୍ୟ ଟି–୨୦ କ୍ରିକେଟ୍‌ରେ ପ୍ରଥମ । ପୂର୍ବରୁ ମୁମ୍ବାଇ ଓ ହାଇଦ୍ରାବାଦ ମ୍ୟାଚ୍‌ରେ ଉଭୟ ଦଳ ୫୨୩ ରନ୍ କରିଥିଲେ । ଇଣ୍ଡିଜ୍–ଦ.ଆଫ୍ରିକା ମ୍ୟାଚ୍‌ରେ ୫୧୭ ରନ୍ ଓ ମୁଲତାନ–ଗ୍ଲାଡ଼ିୟର୍ସ ମ୍ୟାଚ୍‌ରେ ୫୧୫ ରନ୍ ହୋଇଥିଲା ।

ବେଙ୍ଗାଲୁରୁ ବିପକ୍ଷରେ ଆଇପିଏଲ୍‌ରେ ସର୍ବାଧିକ ରନ୍ କରିଥିବା ନିଜର ପୂର୍ବ ରେକର୍ଡ଼କୁ ଭାଙ୍ଗିଛି ହାଇଦ୍ରାବାଦ । ପୂର୍ବରୁ ହାଇଦ୍ରାବାଦ ୨୭୭ ରନ୍ ସଂଗ୍ରହ କରିଥିଲା । ଏହି ଇନିଂସ୍‌ରେ ହାଇଦ୍ରାବାଦ ବ୍ୟାଟର ୨୦ଟି ଛକା ମାରିଥିଲେ । ତେବେ ବେଙ୍ଗାଲୁରୁ ବିପକ୍ଷ ମ୍ୟାଚ୍‌ରେ ହାଇଦ୍ରାବାଦ ବ୍ୟାଟର ୨୨ଟି ଛକା ମାରି ଆଉ ଏକ ରେକର୍ଡ଼ କରିଛନ୍ତି । ପୂର୍ବରୁ ସର୍ବାଧିକ ଛକା ମାରିବା ରେକର୍ଡ଼ ଆର୍‌ସିବି ନାଁରେ ଥିଲା । ୨୦୧୩ରେ ବେଙ୍ଗାଲୁରୁ ଦଳ ପୁଣେ ୱାରିୟର୍ସ ବିପକ୍ଷରେ ୨୧ଟି ଛକା ମାରିଥିଲା । ସେହିଭଳି ୨୦୧୬ରେ ଗୁଜୁରାଟ ଲାୟନ୍ସ ବିପକ୍ଷରେ ଦଳ ୨୦ଟି ଛକା ମାରି ତୃତୀୟ ସ୍ଥାନରେ ରହିଥିଲା । ଏବେ ହାଇଦ୍ରାବାଦ ୨୨ଟି ଛକା ସହ ସବୁ ରେକର୍ଡ଼କୁ ପଛରେ ପକାଇଛି ।

ଗୋଟିଏ ମ୍ୟାଚ୍‌ରେ ସର୍ବାଧିକ ରନ୍ ହାସଲକାରୀ ଦଳ ବନିଯାଇଛି ହାଇଦ୍ରାବାଦ । ଚଳିତ ଆଇପିଏଲ୍‌ରେ ହାଇଦ୍ରାବାଦ ଦ୍ୱିତୀୟ ଥର ପାଇଁ ଏପରି ରେକର୍ଡ଼ କରିଛି । ବେଙ୍ଗାଲୁରୁ ବିପକ୍ଷରେ ୨୦ ଓଭରରେ ୩ ୱିକେଟ୍ ହରାଇ ୨୮୭ ରନ୍ କରିଥିଲା । ପୂର୍ବରୁ ମୁମ୍ବାଇ ବିପକ୍ଷରେ ୨୭୭ ରନ୍ କରିଥିଲା ହାଇଦ୍ରାବାଦ । ଚଳିତ ଆଇପିଏଲ୍‌ରେ ଦୁଇଥର ହାଇଦ୍ରାବାଦ ଏତେସଂଖ୍ୟାରେ ରନ୍ କରି ଚହଳ ପକାଇଛି । ଆଇପିଏଲ୍ ଇତିହାସ ଉପରେ ନଜର ପକାଇଲେ ବେଙ୍ଗାଲୁରୁ ୨୦୧୩ରେ ପୁଣେ ବିପକ୍ଷରେ ୨୬୩, ୨୦୨୩ରେ ଲକ୍ଷ୍ନୌ ଦଳ ପଞ୍ଜାବ ବିପକ୍ଷରେ ୨୫୭, ୨୦୧୬ରେ ବେଙ୍ଗାଲୁରୁ ଦଳ ଗୁଜୁରାଟ ବିପକ୍ଷରେ ୨୪୮ ଏବଂ ୨୦୧୦ରେ ଚେନ୍ନାଇ ଦଳ ରାଜସ୍ଥାନ ବିପକ୍ଷରେ ୨୪୬ ରନ୍ କରିଥିଲା ।

କଟକରେ ଟେବୁଲ୍ ଟେନିସ୍ ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର, ୧୬।୪ (ସବ୍ୟ) : ସିଡ଼ିଏ ସେକ୍ଟର–୭ ସ୍ଥିତ କଟକ ଟିଟି ଏକାଡ଼େମୀରେ ଅନ୍ତର୍ଜାତୀୟ ପ୍ରଶିକ୍ଷକଙ୍କ ଦ୍ୱାରା ଟେବୁଲ ଟେନିସ୍ ପ୍ରଶିକ୍ଷଣ ଶିବିର ଚାଲିଛି । ଗତ ୯ ତାରିଖରୁ ଆରମ୍ଭ ହୋଇଥିବା ଏହି ଶିବିର ୨୯ରେ ଶେଷ ହେବ । ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ସହାୟତାରେ ଏ ଶିବିରକୁ ଆୟୋଜନ କରିଛି ଓଡ଼ିଶା ରାଜ୍ୟ ଟେବୁଲ୍ ଟେନିସ୍ ସଂଘ । ଏକାଧିକ ଅନ୍ତର୍ଜାତୀୟ ଓ ଜାତୀୟ ପଦକ ବିଜେତା ତଥା ଦେଶର ସୁନାମଧନ୍ୟ ଖେଳାଳି ଓ ପ୍ରଶିକ୍ଷକ ଆର୍.ରାଜେଶ୍ ଏହି ଶିବିର ପରିଚାଳନା କରୁଛନ୍ତି । ତାଙ୍କ ସହ ଭାରତୀୟ ଦଳର ପୂର୍ବତନ ପ୍ରଶିକ୍ଷକ ଓଡ଼ିଶାର ରାଜ୍ ସୁବ୍ରମଣ୍ୟମ ଏହି ଶିବିରରେ ଖେଳାଳିଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି । ଏକାଧିକ ଥରେ ସେ ଭାରତୀୟ ଜୁନିଅର ଟିଟି ଦଳର ପ୍ରଶିକ୍ଷଣ ଦାୟିତ୍ୱ ନେଇ ସଫଳତା ପାଇଛନ୍ତି । ତାଙ୍କ ପାଖରେ ପ୍ରଶିକ୍ଷଣ ନେଉଥିବା ଜାତୀୟ ତଥା ଅନ୍ତର୍ଜାତୀୟ ପଦକ ବିଜେତାଙ୍କ ମଧ୍ୟରୁ ୧୦ ଜଣ ଏହି ଶିବିରରେ ଯୋଗ ଦେଇଛନ୍ତି । ଜେନିଫର୍ ଭର୍ଗିଜ, ଶଶାଙ୍କ ଶେଖର ରାଓ, ସମ୍ପନ୍ନ ବଂଶଲ, ଆନନ୍ଦ ଅଚିନ୍ତ୍ୟ, ଆର୍ ଇନିଆ, ଆରୋନ୍ ଫାରିଅସ୍, ବିରାଟ ବସ୍ତିଆ, ଏସ୍ଏସ୍ ସିଗ୍ନେଶ ଓ ହରକୁଁଅର ସିଂ ଏହି ଶିବିରରେ ଯୋଗ ଦେଇଛନ୍ତି । ସେହିପରି ଓଡ଼ିଶାରୁ ୨୦ ଜଣ ଖେଳାଳି ଅଂଶଗ୍ରହଣ କରିଛନ୍ତି । ୨୯ ତାରିଖରେ ଶିବିର ଶେଷ ହେବା ପରେ ମଧ୍ୟ ଏକାଡେମୀର ୨ ପ୍ରଶିକ୍ଷକ ରାଜ୍ ସୁବ୍ରମଣ୍ୟମ୍ ଓ ସମ୍ବିତ୍ ଦାସଙ୍କ ତତ୍ତ୍ୱାବଧାନରେ କଟକରେ ବର୍ଷ ସାରା ପ୍ରଶିକ୍ଷଣ ଜାରି ରହିବ ।

କଳାହାଣ୍ଡି କପ୍

ଭଦ୍ରକ୍, ବରଗଡ଼, ବୌଦ୍ଧ ବିଜୟୀ

ଭୁବନେଶ୍ୱର, ୧୬।୪ (ସବ୍ୟ): ଓଡ଼ିଶା କ୍ରିକେଟ୍ ଆସୋସିଏସନ୍‌ର ଘରୋଇ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍ ସିନିଅର୍ ପୁରୁଷ ଆନ୍ତଃଜିଲ୍ଲା କ୍ରିକେଟ୍ ପ୍ରିଲିମିନାରୀ ଲିଗ୍ ଚତୁର୍ଥ ପର୍ଯ୍ୟାୟରେ ମଙ୍ଗଳବାର ଭଦ୍ରକ, ବରଗଡ଼, ବୌଦ୍ଧ ବିଜୟୀ ହୋଇଛନ୍ତି ।

ବାରବାଟୀ ଷ୍ଟାଡ଼ିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ଭଦ୍ରକ ୧୮୬ ରନ୍ ବ୍ୟବଧାନରେ ଅନୁଗୁଳକୁ ହରାଇଛି । ଏହି ମ୍ୟାଚ୍‌ରେ ଭଦ୍ରକ ୫୦ ଓଭରରେ ୯ ୱିକେଟ୍ ହରାଇ ୩୦୬ ରନ୍ କରିଥିଲା । କ୍ଷମାସାଗର ବଳ ସର୍ବାଧିକ ୧୨୦ ରନ୍ ଓ ଆକାଶ ମହାପାତ୍ର ୮୧ ରନ୍‌ର ଇନିଂସ୍ ଖେଳିଥିଲେ । ଜବାବରେ ଅନୁଗୁଳ ୩୦.୫ ଓଭରରେ ୧୨୦ ରନ୍ କରି ସମସ୍ତ ୱିକେଟ୍ ହରାଇଥିଲା । ଶତକୀୟ ଇନିଂସ୍ ସହ ୫ ୱିକେଟ୍ ଦଖଲ କରିଥିବା ଭଦ୍ରକର କ୍ଷମାସାଗର ବଳଙ୍କୁ ପ୍ଲେୟାର୍ ଅଫ୍ ଦ ମ୍ୟାଚ୍ ବିବେଚିତ କରାଯାଇଥିଲା । ରେଭେନ୍ସା ୧ ନମ୍ବର ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ବରଗଡ଼ ୭୫ ରନ୍ ବ୍ୟବଧାନରେ କିଟ୍‌କୁ ଧରାଶାୟୀ କରିଛି । ଏହି ମ୍ୟାଚ୍‌ରେ ବରଗଡ଼ ୪୭ ଓଭରରେ ୨୩୨ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ପ୍ରବୀଣ କୁମାର ଲୁହା ସର୍ବାଧିକ ୯୭ ରନ୍ କରିଥିଲେ । ଜବାବରେ ୨୮.୫ ଓଭରରେ ୧୫୭ ରନ୍ କରିବାକୁ ସକ୍ଷମ ହୋଇଥିଲା ।

ଡ୍ରିମ୍ସ ଷ୍ଟାଡ଼ିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ବୌଦ୍ଧ ୬ ୱିକେଟ୍‌ରେ ପାରାଦୀପକୁ ହରାଇଛି । ପ୍ରଥମେ ବ୍ୟାଟିଂ କରି ପାରାଦୀପ ୨୪ ଓଭରରେ ୧୧୨ ରନ୍ କରି ସମସ୍ତ ୱିକେଟ୍ ହରାଇଥିଲା । ଜବାବରେ ବୌଦ୍ଧ ୨୨.୫ ଓଭରରେ ୪ ୱିକେଟ୍ ହରାଇ ୧୧୩ ରନ୍ କରିବା ସହ ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲା ।

ସୂଚନା
ସମୟ
BHIM
BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541